
Spreading Knowledge Amongst Mankind.....

ଫେବୃୟାରୀ - ୨୦୧୮ FEBRUARY - 2018



Painting by Shri Debashis Raut
President, ROSA, Riyadh

# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ହନୁମାମୁଁ ରେପୋର୍ଟିଙ୍ଗ୍



ମମତା ଦାସ

ପ୍ରିୟ ପାଠକ ବନ୍ଧୁ, ଆଶା, ମୋର କଲମ ସହିତ ଆପଣମାନେ ନଶ୍ଚୟ ପରିଚତ ଥିବେ । ସାମାଜିକ ଜୀବନର ଭିନ୍ନ ଭିନ୍ନ ସମୟ, ଭିନ୍ନ ଭିନ୍ନ ପରିସ୍ଥିତିର ସାହିତ୍ୟରେ ମନୁଷ୍ୟ ସର୍ବଦୈବ ଧ୍ଵଗଦୌଡର ସମୟ ଭିତରେ ନଜକୁ ଖାପ୍ ଖୁଆଇ ନଜ ସମାଜର ଛାପ ଛାଡିବାକୁ ଚେଷ୍ଟା କରିଥାଏ ।ବେଳେବେଳେ ଏମିତି ସମୟ ଆସେ, ସମାଜର ବ୍ୟାପକସ୍ତରରେ ଲକ୍ଷ ଲକ୍ଷ ଲୋକ କୌଣସି ମହାଧେୟରେ ଅନୁପ୍ରାଣିତ ହେବାକୁ ଲାଗନ୍ତି ବା ପସନ୍ଦ କରନ୍ତି । କୌଣସି ନୂଆ ଉମଙ୍ଗ ହୃଦୟରେ ଲହଡି ମାରେ ।ସେତେବେଳେ ବାୟୁମଣ୍ଡଳର ପ୍ରତ୍ୟେକ ହୃଦୟରେ ଲହଡିର ଅନୁଗୁଞ୍ଜ ଶୁଣିବାକୁ ମିଳେ । ଯେତେବେଳେ ଦୃଷ୍ଟି କ୍ଷେତ୍ରରେ ଜୀବନର ବ୍ୟାପକ ପ୍ରସାର ଖୋଲିଯାଏ, ସେତେବେଳେ ଲାଗେ କଛି ବି ଅସମ୍ଭବ ନୁହେଁ । ଆମ ଦେଶର ଆଜାଦୀ ପୂର୍ବରୁ କୁ-ରୀତି, ଭ୍ରଷ୍ଟାଚାର, ଏମିତି କହିପାରନ୍ତି ପ୍ରତ୍ୟେକ କ୍ଷେତ୍ରରେ ଜୀବନରେ ବିସଙ୍ଗତି ଦେଖାଯାଉଥିଲା । ବିସଙ୍ଗତି ସେତେବେଳେ ବି ଥିଲା ଆଉ ଏବେ ବି ଅଛି । ଯେତେବେଳେ ସମାଜର ବିକାଶ ସ୍ତରରେ ଗତିରୋଧ ଦେଖାଯାଏ, ସ୍ଵାର୍ଥବାଦୀ, ଧନଲୋଲୁପତା, କୁର୍ସୀର ମୋହ, ଚର୍ତୁଃପାଶରେ ଲୋଟପୋଟ ହୋଇ ଗଡନ୍ତି, ସେହି ସମୟର କଛି ସମ୍ବେଦନଶୀଳ ଲେଖକ ବ୍ୟଙ୍ଗର ସ୍ଵର ନେଇଆସନ୍ତି । ବ୍ୟଙ୍ଗ ସମାଜ ଓ ଜୀବନର ବିସଙ୍ଗତି ଏବଂ ଅନ୍ତଃବିରୋଧ ଉପରେ କଲମର ବିଷୟ ବନବାକୁ ଲାଗେ । ଦର୍ଶନକୁ ଚନ୍ତନରେ ଯୋଡିବା ନତ୍ୟାନ୍ତ ଆବଶ୍ୟକ । ଅନୁଭବ ସେତେବେଳେ ବେକାର ହୋଇଯାଏ ଯେତେବେଳେ ତାର ପ୍ରକୃତ ଅର୍ଥ ଖୋଜା ନ ଯାଏ ବା ବିଶ୍ଳେଷଣ କରା ନଯାଏ କମ୍ବା ତାର୍କିକ ନଷ୍କର୍ଷରେ ପହଞ୍ଚା ନଯାଏ । ଏହା ବ୍ୟତିତ ଅନୁଭବ କେବଳ ଘଟଣାରେ ଘଟିତ ରହିଯାଏ । କନ୍ତୁ କୌଣସି ରଚନାତ୍ମକ ଚେତନାର ପ୍ରମୁଖ ଅଙ୍ଗ ବନବାରେ ବିଶେଷତା ନଥାଏ । ନଶ୍ଚୟ, ବ୍ୟଙ୍ଗ ଲେଖକମାନଙ୍କର ଧ୍ୟାନ ସମାଜର ନକରାତ୍ମକ ପକ୍ଷ ଉପରେ ଅଧିକ ଥାଏ । କନ୍ତୁଭଣ୍ଡ, ପାଖଣ୍ଡ, ସ୍ଵାର୍ଥୀ, ଧନଲୋଲୁପତା, ପରଶ୍ରୀକାତରତା ଲୋକମାନଙ୍କ ଉପରେ ଲେଖକମାନଙ୍କର ଦୃଷ୍ଟି ଅଧିକ ଯାଏ । ସଂଘର୍ଷରତ ଲୋକମାନଙ୍କର ସକରାତ୍ମକ ଜୀବନର ପକ୍ଷ ଲେଖକର ପ୍ରମୁଖ ବିଷୟ ବନ ନଥାଏ । କନ୍ତୁ ଜୀବନର ସକରାତ୍ମକ ପକ୍ଷ ଯାହା

ବଳରେ ଦେଶ ଆଗକୁ ବଢିବାରେ ସହାୟତା କରେ, ଏବଂ ରାଷ୍ଟ୍ରୀୟ ଜୀବନ ବ୍ୟକ୍ତିଗତ ଜୀବନରେ ସାର୍ଥକତା ଆସେ । କିନ୍ତୁ ମନୁଷ୍ୟ ନକରାତ୍ମକ ପକ୍ଷକୁ ତ୍ୟାଗ କରି ରହି ମଧ୍ୟ ପାରେନ । ମନୁଷ୍ୟ ଜୀବନର ସକରାତ୍ମକ ପକ୍ଷବୋଧରେ ବ୍ୟଙ୍ଗର ଗତି ତୀବ୍ର ଅନୁଭବ ହୁଏ ଏବଂ ସଫଳତା ମଧ୍ୟ ମିଳେ । ସମାଜର ରୁଗ୍ଣ, ଜୀର୍ଣ୍ଣ ତତ୍ତ୍ୱ ଉପରେ ଭଣ୍ଡାଫୋଡ କରିବାର ସୁଯୋଗ ମଧ୍ୟ ମିଳେ । ଦକ୍ଷତା ଆଶେ । ସମାଜର ବିସଙ୍ଗତି ଉପରେ ଫୋକସ୍ କରିବାକୁ ହେଲେ, ମଣିଷ କୁକୁର ଭାବରେ ଆଚରଣ କରେ କମ୍ପା କଥା କହେ । ଏହା ଏକ ସାମାଜିକ ବିସଙ୍ଗତି । କୌଣସି ବନମହୋତ୍ସବ ଆୟୋଜନ କରିବାକୁ ଯାଇ ସେଠାକାର ଗଛବୃକ୍ଷକୁ କାଟି, ସଫାକରି ମନ୍ତ୍ରୀ ମହୋଦୟ ଯଦି ସେଠି ଗୋଲାପ ଗଛକୁ ରୋପଣ କରନ୍ତି, ଏହା ଏକ ବିସଙ୍ଗତି ମଧ୍ୟ । ଏହା ଶୁଣି କମ୍ପା ପଢି ହସିଲାଗେ । ଦେଶବାସୀଙ୍କୁ ସାମାଜିକ ଜୀବନର ବିସଙ୍ଗତି ପ୍ରତି ସଚେତନ କରାଇବା ବଡ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ, ଏହା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚତ ।

ଆଜିର ଦିନ ପ୍ରତିଦିନ ଚଳଣୀ, ବ୍ୟବସାୟ, ଅଧବସାୟର ରାଜନୈତିକ ପରିଣାମ ଉପରେ ଆଜିର ସମାଜ ନିଷ୍ଟୟ ଚର୍ଚ୍ଚା ଖୋଜୁଛି । ବ୍ୟବସାୟରେ ଅଧବସାୟ ଅବା ଅଧବସାୟରେ ବ୍ୟବସାୟର ପ୍ରଭାବ ରାଜନୈତିକ ପରିଣାମରେ ଜଡିତ ସମାଜରେ ମନୁଷ୍ୟର ମନସ୍ତାତ୍ତ୍ୱିକ ଜୀବନ ଉପରେ ପ୍ରଭାବ ଏବଂ ପ୍ରକାଶର ପରିକାଷ୍ଠାରେ ଓତୋପ୍ରତୋ ସହିତ ଅନୁଭୂତି ଭାବଧାରାରେ ଧାରାବାହିକ ଭାବରେ ବୋହିବୋହି ମୂର୍ଖତାସୂଚକ ଏବଂ ଶିକ୍ଷାର ଅଭାବରେ ଅଭାବନୀୟ ଅନୁଭୂତିର ପରିକ୍ରମା କରି ଅଶିକ୍ଷା, ଅଶିକ୍ଷିତ ସମାଜରେ କଳୁଷିତ ଲୋକଙ୍କ ଗହଣରେ ଶିକ୍ଷାର ମୂଲ୍ୟହୀନତାକୁ ବ୍ୟଙ୍ଗଶୈଳୀରେ ରାଜନୈତିକ ବ୍ୟବସାୟରେ ପରିପୂର୍ଣ୍ଣ ବିତ୍ତୀୟ ଯୋଜନାର ପରିଭାଷାକୁ ସମ୍ମୁଖରେ ରଖି କ୍ୟାରିୟର ପରିକ୍ରମା ଅନୁରୂପେ ଅନୁପ୍ରାଣିତ କିଛିଟା ସରକାରୀ, ବେସରକାରୀ ଭ୍ରଷ୍ଟାଚାରୀ ମୁଖା ପିନ୍ଧିଥିବା ବାବୁ ନିଜକୁ ବ୍ରହ୍ମଚାରୀ କୁହାଉଥିବା ମୂର୍ଖତାର ଶୈଳୀରେ ପାରମ୍ପାରିକ ଭାଷଣ ଦେଇ ନିଜକୁ ସାଂସ୍କୃତିକ ଧରୋହରେ ମାନୁଥିବା ଭ୍ରଷ୍ଟ ଅଧବସାୟୀ ବ୍ୟକ୍ତି ସମାଜକୁ କିପରିଭାବରେ କଳୁଷିତ କରୁଛନ୍ତି, ଏହିପରି କିଛି କର୍ମଷ୍ଠ ବାବୁଙ୍କ ଜୀବନଶୈଳୀ ଉପରେ ଫୋକସ୍ କରିବା ।

ଆଜ୍ଞା ବଡ ବାବୁ ଭାରି କର୍ମଠ । ସବୁ ଲୋକମାନେ ଜାଣନ୍ତି କର୍ମ କହିଲେ ରାତିରେ ନିଦ ଆସେନ ତାଙ୍କୁ । କର୍ମ ହିଁ ପୂଜା ଭାବନ୍ତି । ରାତିରେ ଅଫିସରୁ ଆସିଲେ ଖାଲି ଭାବି ଭାବି

ଭାବନାର ଭାବଧାରାରେ କୁଳୁକୁଳୁ ହୋଇ ସ୍ରୋତସ୍ୱିନୀ ନଦୀ ପରି ବୋହିଯାଆନ୍ତି। ତାଙ୍କୁ ସମସ୍ତେ ଖାନଦାନ ବୋଲି ଜାଣନ୍ତି । ମନ, ବୟଷ ଆଉ ବୁଦ୍ଧି ଉପରେ କାହାର ବା କଣ୍ଟ୍ରୋଲ୍ ଅଛି । ମନପବନ ପବନର ଗତି ସହିତ ସମାନ । ଆଜି ଏଠି ତ କାଲି ସେଠି । ଯୌବନ ଓ ଜବାନୀ ସଙ୍ଗମରେ ତୁହାକୁ ତୁହା ଗର୍ଜନ କରି ପ୍ରେମର ରାଇଜରେ ଦିବାସ୍ୱପ୍ନର ସଙ୍ଗିନୀ ରୂପରେ ରାତ୍ରିର ସ୍ୱପ୍ନକୁ ଭାବଦ୍ୱେଳତ କରୁଥାଏ । ଠିକ୍ ପ୍ରଳୟକାରୀ ବର୍ଷା ରାତ୍ରିରେ ମେଘ ଆଉ ଘଡଘଡିର ସଙ୍ଗମରେ ଯେଉଁ ଗର୍ଜନ ଉତ୍ପନ୍ନ ହୁଏ, ତୁହାକୁ ତୁହା ଭିଜାଭିଜା ରତୁ ରାଇଜରେ ପ୍ରେମକେଳି କରି ଜବାନୀ ଏବଂ ଯୌବନର ସଂଘର୍ଷ । ପାରମ୍ପାରିକ ଭାବପ୍ରବଣତାର ଭାବବୋଧରେ ପୂରା ଅଧ୍ୟବସାୟରେ ପରିମାର୍ଜିତ ବ୍ୟବସାୟ ପାଇଁ ତତ୍ପର ତତପରାକାଷ୍ଠା ରାମରାଜ୍ୟ କୁହାଉଥିବା ବ୍ୟକ୍ତିଙ୍କ ଆଦର୍ଶ ପାରମ୍ପାରିକ, ସାଂସ୍କୃତିକ ରାଜନୈତିକ ପ୍ରଦର୍ଶନୀରେ ଓତୋପ୍ରୋତ ବ୍ୟକ୍ତିତ୍ୱର ପରିସୀମାର ପରିଭାଷାର ପରିଧି ବର୍ଣ୍ଣନା ଅସମ୍ଭବ । ଶିକ୍ଷିତ ଜନମୂଖେ ରାଜନୈତିକ ପ୍ରଭାବର ପରାକାଷ୍ଠା ଠିକ୍ ବିପରୀତ । ନିଜର ନିଜସ୍ୱ ଭାବଧାରା ମନୁଷ୍ୟ ନିଜ ବ୍ୟକ୍ତିତ୍ୱ ଶୈଳୀର ପ୍ରକାଶରେ ସମାଜ ଓ ଜଗତର ମଙ୍ଗଳହେତୁ କାହାପାଇଁ କେତେ ହିତକାରୀ, କାହାପାଇଁ ଅହିତକାରୀ, ନିଜ ବ୍ୟକ୍ତିତ୍ୱର ବିକାଶରେ ନିଜକୁ ନିଜର ଜନ୍ମଗତ ପାରମ୍ପାରିକ ଶୈଳୀ ଓ ଢଙ୍ଗରେ ଭବିଷ୍ୟଦ୍ରଷ୍ଟା ବ୍ୟକ୍ତି ବିଶେଷ କୁହାଉଥିବା ମୂର୍ଖ, ଶିକ୍ଷିତ ଲୋକଙ୍କ ଅନୁଭବ ଓ ଅନୁଭୂତି ବଖାଣିବାର ବାକ୍ ଚାତୁରିକୁ ରୀତିସମ୍ପନ୍ନ, ସୁ- ରୀତିପୂର୍ଣ୍ଣ ମିଶ୍ରଣରେ ମିଶ୍ରିତ କରି ନିଜକୁ କୌଶଳୀ ଅଧ୍ୟବ୍ୟସାୟୀ କୁହାଉଥିବା ଭଣ୍ଡ ବ୍ୟକ୍ତିତ୍ୱକୁ ଭଣ୍ଡ କହିବା କଣ ଖରାପ ।

ବୁଦ୍ଧି କହି ଆମେ ଯାହାକୁ ଅକଲ୍ କହୁ, ବୁଦ୍ଧି ନପାଇଲେ ଅକଲ୍ ଗୁଡୁମ୍ ହୋଇଯିବା ଏହିଭଳି ବୁଦ୍ଧିବିହୀନ ମୂର୍ଖ ଲୋକମାନଙ୍କର ଅଗଲ୍ ଗୁଡୁମ୍ ହୋଇଯିବା ସ୍ୱାଭାବିକ । ବଡବାବୁ ଆମର ଯୌବନର ପାଦଦେଶରେ ପଦାର୍ପଣ କରି ପାଞ୍ଚ- ଦଶର ପାଞ୍ଚି ପିନ୍ଧି ପାଞ୍ଚିଆରେ ଦି ଟା କେରାଣ୍ଡି ଧରି ଆସୁଥିବାର ନବଯୌବନର ସୁନ୍ଦର ଦୃଶ୍ୟ ଆଜ୍ଞା ଅତି ମନୋରମ, କହିଲେ ନସରେ । ଆହା, କି ଯୌବନ ଲୋଭ । ଖାଲି ଭାବନ୍ତି ମୁଁ ଜବାନ । କିନ୍ତୁ ଦେଶପାଇଁ ପ୍ରାଣ ଉତ୍ସର୍ଗ କରିବାପାଇଁ ନାରାଜ । ଦେଶକୁ ଜଗୁଥିବା ଲୋକମାନଙ୍କ ପୁଞ୍ଜି ଖାଇ କହନ୍ତି, ମୁଁ ପରା ଜବାନ୍, "ଜୟ ଜବାନ୍, ଜୟ କିଷାନ୍"। ଆଜ୍ଞା ଗରିବ ଅସହାୟ ଲୋକମାନଙ୍କ ପାଇଁ ତାଙ୍କ ମୃର୍ଦ୍ଧନବେଦନା ଫାଟି ପଡୁଥିବାର ଅସହାୟ ଲୋକ ଅଙ୍ଗେ

ଲିଭାଇବା ସ୍ୱାଭାବିକ । ବିଲରେ ହଳ କରୁଥିବାର ଦୃଶ୍ୟ ଦେଖିବାର ଅଛି । କ ପରିବା ଆଜ୍ଞା, ଖାଲି ବସ୍ତା ବସ୍ତା ଅମଳ କରିପକାନ୍ତି । ପରିବାର, ପରିବେଶ, ଧାର୍ମିକ ଆଉ ସାଂସ୍କୃତିକ ପରମ୍ପରା କହିଲେ ନସରେ ।

ମଙ୍ଗଳ ହେଉ ବା ବୁଧ, ସବୁବେଳେ ମନ ସୁଦ୍ଧ ।

ଗୁଣ କଣ ବଖାଣିବି, ଗୁଣର ପ୍ରକୋପ ।

ସାରୁ, ଆଳୁ ବାଇଗଣ ଏବଂ ବିଦେଶୀ ଆଳୁର ପ୍ରଭାବ ମନଟା ମନପବନ ।

ଜହ୍ନମାମୁଁର ଦିବା ସ୍ୱପ୍ନ । ଶନ ରବିର ପରିଶ୍ରମ, ଦେହରୁ ବୁହେ ଝାଳ ଗମଗମ୍ ।

ଅତିଥି ସତ୍କାର ଓ ପରମ୍ପରାର ପରିଭାଷା, ଦେଶୀବିଦେଶୀ ପଞ୍ଚ୍ ର ପରାକାଷ୍ଠା ।

କ ବଖାଣି କାହାକୁ କହିବ, ପାରମ୍ପାରିକ ପରିଶ୍ରମର, କୁହେଳିକା ଭେଦି ପ୍ରିତୀର ।

ମଧୁଭରା ରାତି ପ୍ରୀତିଭରା ଜହ୍ନ, ଆଜ୍ଞା "ମଧୁ" ଆଉ "ପ୍ରୀତି" । ଓଠରୁ ମଧୁ ଝରେ ଆଉ ପ୍ରୀତି ରୁ ପ୍ରେମ ।

ସରକାରୀ ଅର୍ଥନୀତି ର ବିକାଶ ପାଇଁ ବଡବାବୁ ଆମର ସର୍ବଦା ତତ୍ପର । ଚୌକିରେ ବସି ତାଳି ମାରିଦେଲେ ପ୍ରସାଦ ହାଜିର୍ । ଆରେ, ଜୁସ୍ ଆଣେ ରେ....କୁଆଡେ ଗଲୁ...ଲୁଣ ମିଶା କାଜୁବାଦାମ ଭଜାଟା ଟିକେ ଆଣିଦେଲୁ, ପାଟିରେ ପକାଇ ଦେବା । ମଝିରେ ମଝିରେ ପାଟିଟା କାଇଁକି ଆମ୍ବିଳ ମାରି ଯାଉଛି । ଆରେ କୁଆଡେ ଗଲୁ, ଘରୁ ଯେଉଁ ଫ୍ରୁଟସ୍ ଡବାଟା ମାଡମ୍ ଦେଇଥିଲେ କୋଉଠି ରଖିଲୁ? ବର୍ ସମ୍ବର ଟିକେ ମଗା! ଏତେବାଟ ଆସୁଆସୁ ମାଡମ୍ ଯେଉଁ ଜଳଖିଆ ଖୁଆଇ ଥିଲେ, ଝଡିଗଲାଣି । ଆଜ୍ଞା ଏଇଟା ହେଉଛି ଆଜିର ବିଳାସୀୟ ବ୍ୟସନକାରୀ ସରକାରୀ ବେସରକାରୀ ଯୋଜନାର ଦିନ ପ୍ରତିଦିନର କର୍ମକ୍ଷେତ୍ରର କଛିଟା ଦୃଶ୍ୟ । ଦି ଟା ଲେଟର୍ ଫ୍ୟାକ୍ସ ପରେ ଆଜ୍ଞା ଲଞ୍ଚ୍ ଟାଇମ୍ । ବାତାନୁକୂଳତ ବାତାବରଣରେ ଚକ୍ରିଚଳତ ଚୌକି ଉପରେ ବସି କାମ କରିବାର ପରିଶ୍ରମ ର ମଜା, କଣ କହିବେ ଆଜ୍ଞା! ଦେହରୁ ଝାଳ ଗମ୍ ଗମ୍ ବୋହିପଡୁଛି, ଦେଖୁନାହାନ୍ତି! ଆଜ୍ଞା ଛୋଟବାବୁ ଆଉ ବଡବାବୁ ନଆରା ଚରିତ୍ର । ବେଳେବେଳେ ଛୋଟ ବଡ ତ ବେଳେବେଳେ ବଡ- ଛୋଟ । ବଡବାବୁ ଟୁର୍ ରେ ଗଲେ ଛୋଟବାବୁଙ୍କ ବଡଦିନ । ମଜା

କହିଲେ ନ ସରେ । ଆଜିର ବିତ୍ତୀୟ ବଜାରରେ ନିଜକୁ କୁଶଳୀ ପରିଶ୍ରମୀ କୁହାଉଥିବା ଏହିପରି ଅଧିବସାୟୀ କର୍ମଚାରୀଙ୍କୁ ଆପଣମାନେ କଣ କହିବେ? ଏମାନଙ୍କର ପେଶାକୁ ପୋଷକତତ୍ତ୍ୱ ଯୋଗାଉଥିବା ଝାଳବୁହା ପରିଶ୍ରମୀମାନଙ୍କୁ କଣ କୁହାଯିବ? ଆଜିର ସରକାରୀ, ବେସରକାରୀ ଶାସନତନ୍ତ୍ରର କଳାବଜାରୀ, ଭ୍ରଷ୍ଟାଚାରୀ, ସ୍ୱାର୍ଥପରତା, ପରଶ୍ରୀକାତରତା ଆଜିର ମଣିଷର ସ୍ୱଭାବକୁ ଅର୍ଥନୀତିର ପରିପାଟିରେ ଆଙ୍କିବାର କୌଶଳପୂର୍ଣ୍ଣ ଚରିତ୍ରଧାରଣର ଭ୍ରମ ଧାରଣା ଆଜିର ଆଧୁନିକ ମଣିଷ ମନରେ ଘର କରିସାରିଛି । ଚରିତ୍ରର ଘୋର ଅଭାବ ଅନାଟନରେ ଅତ୍ୟାଧୁନିକ ମଣିଷ ସଂଘର୍ଷ କରୁଛି ।

ମନୁଷ୍ୟ ଜୀବନରେ "ଭାବନା" ବଡ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭାବନାର ସମ୍ବନ୍ଧ ମନୁଷ୍ୟର କର୍ମ ସହିତ ଜଡିତ । ଯେମିତି ମନୁଷ୍ୟର ଭାବନା ଏବଂ ସଂସ୍କାର ସେହିପରି ତାର କର୍ମ ମଧ୍ୟ ହୋଇଥାଏ । ମନୁଷ୍ୟର ସଜୀବତା, ମନୋବେଗ କମ୍ବା ପ୍ରବୃତ୍ତି ଭାବନାର ତତ୍ପରତାରେ ନିହିତ ଥାଏ । ସାହିତ୍ୟର ଅନୁଭୂତି ଭାବନାର ଅନୁଭୂତି । ଭାବନାର ଅନୁଭୂତିରେ ମନୁଷ୍ୟ ମନରେ ରସ ଉତ୍ପନ୍ନ ହୁଏ- ହାସ୍ୟ, କରୁଣ ବ୍ୟଙ୍ଗ ଆଦି । ମନୁଷ୍ୟର କାଳ୍ପନିକ ଅନୁଭୂତି ଉପରେ ବାହ୍ୟ ଜଗତର ପ୍ରତିଛବି ସର୍ବଦୈବ ପ୍ରକାଶମାନ ରହିଥାଏ ।କାରଣ ମନୁଷ୍ୟ ହେଉଛି ଲୋକବଦ୍ଧ ପ୍ରାଣୀ । ଚିନ୍ତନର "ଭାବ"ର ସତ୍ତା ସର୍ବଦା ଅନୁଭୂତି ଉପରେ ନିର୍ଭର କରିଥାଏ । ଏବଂ ଅନୁଭୂତି କୌଣସି ବାହ୍ୟ ଜଗତର ବିଷୟବସ୍ତୁ ବିନା ପୂର୍ଣ୍ଣ ହେବା ଅସମ୍ଭବ । ମନୁଷ୍ୟ ହୃଦୟରେ ଚିନ୍ତନ ଶକ୍ତି କହିଁକି ଉତ୍ପନ୍ନ ହୁଏ? ମନୁଷ୍ୟର ସାମାଜିକ ବ୍ୟବହାର ଭୌତିକ ଜୀବନର ସଂସାର ସାଗରର ରୂପ ତରଙ୍ଗରେ ମନୁଷ୍ୟର କଳ୍ପନା ଶକ୍ତିର ନିର୍ମାଣ ଏବଂ ତାହାରି ରୂପ ଗତିରେ ମନ ଭିତରେ ବିବିଧ ଭାବ ଏବଂ ମନୋବିକାରର ଉତ୍ପନ୍ନ ହୋଇଥାଏ । ଅନୁଭୂତିର ବିଷୟଭେଦ ଅନୁସାରେ ମନରେ ନୂଆ ନୂଆ ଭାବ, ଚିନ୍ତନ, ମନନ ଉତ୍ପନ୍ନ ହୋଇଥାଏ । ଆତ୍ମଗତ ଏବଂ ବସ୍ତୁଗତ କାରଣ ଦ୍ୱାରା ଏହାର ବିକାଶ ହୋଇଥାଏ । ଯଦି ଆତ୍ମଗତ କାରଣ ନଥାଏ, ତେବେ ମନୁଷ୍ୟ ଦର୍ପଣ ଭଳି ଯାନ୍ତ୍ରିକ ଢଙ୍ଗରେ ବସ୍ତୁଗତ ବ୍ୟାପାରକୁ ପ୍ରତିବିମ୍ବିତ କରିଥାଏ । ମନୁଷ୍ୟର ଭାବ ତାର ସାମାଜିକ ଜଗତରୁ ହିଁ ଉତ୍ପନ୍ନ ହୋଇଥାଏ । "ଇର୍ଷା" ସାମାଜିକ ଜୀବନର କୃତ୍ରିମତାରୁ ଉତ୍ପନ୍ନ ବିଷ ସଦୃଶ । ସେହିଭଳି "ଉତ୍ସାହ"ସାହାସପୂର୍ଣ୍ଣ ଆନନ୍ଦ ଏବଂ

ଉମଙ୍ଗର ନାମ ହେଉଛି ଉତ୍ସାହ । କର୍ମ ସୌନ୍ଦର୍ଯ୍ୟର ଉପାସକ ପ୍ରକୃତ ଉତ୍ସାହୀ ଅଟନ୍ତି । ଉତ୍ସାହର ସମ୍ବନ୍ଧ ମନୁଷ୍ୟର ବ୍ୟବହାରରେ ଦେଖାଯାଏ ।

ମନୋଭାବର ସମ୍ବନ୍ଧ କୌଣସି ଶାଶ୍ୱତ ଆତ୍ମା ସହିତ ଜଡିତ ନୁହେଁ । ଏହାର କାରଣ ବିଭିନ୍ନ ମନୁଷ୍ୟବର୍ଗରେ ଭିନ୍ନ ଭିନ୍ନ ରୁଚିର ଭିନ୍ନତା ଦେଖାଯାଏ । ସାମାଜିକ ଜୀବନର ବିଷମତାରୁ ରୁଚିରେ ବିଷମତା ମଧ୍ୟ ଉତ୍ପନ୍ନ ହୋଇଥାଏ । ଲୋକ ଦେଖାଣିଆ ବ୍ୟକ୍ତି ସଦାଗ୍ଭର, ଢୋଙ୍ଗ୍ ରଚନା କରିଥାଏ । ଆବାହମାନ କାଳରୁ ସମାଜର ଉଚ୍ଚ- ନିଚ୍ଚ ବର୍ଗରେ ଭେଦ ଦେଖାଯାଇଛି । ସମାଜର ଯେଉଁବ୍ୟକ୍ତି ସମ୍ମାନ ପାଇବାର ଯୋଗ୍ୟ, ସେମାନେ ସମ୍ମାନ ପାଇବା ଆବଶ୍ୟକ । କିନ୍ତୁ ଜନତାକୁ ଡରାଇ, ଧମକେଇ କୌଣସି ବ୍ୟକ୍ତି ଆଦର ପାଏନି । ସେଠି ଆଦର "ପେଶା" ବନିଯିବାର ଲକ୍ଷ୍ୟ କରାଯାଇଥାଏ । ସେହି ସମାଜ ବ୍ୟବସ୍ଥାକୁ ଜୀର୍ଣ୍ଣଶୀର୍ଣ୍ଣ ଭାବିନେବା ଦରକାର ।

ଯେପରି ଦୁଇଟି ନଦୀ ସ୍ରୋତର ମିଳନରେ ନବୀନ ତରଙ୍ଗ ଭଙ୍ଗୀମା ସୃଷ୍ଟି ହୁଏ, ସେହିପରି ଦେଶ- ବିଦେଶର ସାହିତ୍ୟପାଇଁ ମଧ୍ୟ, ଏମିତି କହିପାରନ୍ତି, ପ୍ରତ୍ୟେକ ଯୁଗର ସାହିତ୍ୟ ପାଇଁ ତରଙ୍ଗକୂଳତା ମୂଳ ସାହିତ୍ୟର ପ୍ରବାହିନୀକୁ ବିଚ୍ଛିନ୍ନ କରିନଥାଏ । ବରଂ ନବୀନ ତରଙ୍ଗଭଙ୍ଗୀମାର ଅନନ୍ତ ଆବୃତି କାରଣ ଯୋଗୁ ମୂଳ ପ୍ରବାହିନୀକୁ ନିଜ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇବାପାଇଁ ଶକ୍ତି ମିଳିଥାଏ । ପିଡିତ ମାନଙ୍କ ପ୍ରତି ମମତା, ଉପେକ୍ଷିତଙ୍କ ପ୍ରତି ଉଦାରତା, ଶୋଷିତ ମାନଙ୍କ ପ୍ରତି ସହାନୁଭୂତି, ମାନବୀୟ ଦୁର୍ବଳତାପ୍ରତି ସୁଝାବ ସହିତ କ୍ଷମା ଆଦିର ଅନୁପମ ମିଶ୍ରଣରେ ଯେଉଁ ସାହିତ୍ୟ - ସରିତାର ଉଦଗମ ହୁଏ, ଯୁଗ ଯୁଗ ଧରି ସାହିତ୍ୟ ଶୀତଳତାରେ ଜୀବନର ଥକା- ସଂତପ୍ତ ହୃଦୟ ସିଂଚନ କରୁଥିବ, ଏଥିରେ ସଂଦେହ ନାହିଁ ।

ମମତା ଦାଶ

# ଭିତର ପୃଷ୍ଠାରେ....


| | | |
|---|---|---|
| ଜାତୀୟ ପତାକା | କାଳକଙ୍କର | ୧୧ |
| ଇଏ ତ ଜୀବନ | ସୁଲୋଚନା ପଟ୍ଟନାୟକ | ୧୩ |
| କବି | ଅନୁସୂୟା ମିଶ୍ର | ୨୧ |
| ପଥହରା | କମଳା ଶତପଥୀ | ୨୪ |
| ସଭକ୍ତି ପ୍ରଣାମ | ଶାନ୍ତିଲତା ମିଶ୍ର | ୩୮ |
| ବେଦନାର ଅଶ୍ରୁ | ଭାସ୍କର ଚନ୍ଦ୍ର ଖଣ୍ଡା | ୪୦ |
| ରାଜର୍ଷି ଜନକ ଓ ମହର୍ଷି ଅଷ୍ଟବକ୍ର | ପ୍ରତିଭା ପ୍ରିୟଦର୍ଶିନୀ | ୪୧ |
| ପୁନଶ୍ଚ ନବବର୍ଷ | ସୁସ୍ମିତା ମହାପାତ୍ର | ୪୬ |
| ବିଦ୍ୟାଦାତ୍ରୀ ଭଗବତୀ | ହିମାଂଶୁ ଶେଖର ବାରିକ୍ | ୪୯ |
| କୃତ୍ରିମ ବର୍ଷା | ରୁଦ୍ରପ୍ରସନ୍ନ ମିଶ୍ର | ୫୧ |
| ଜୀବନ ରେ କେବେ ଯଦି | ପ୍ରକାଶ ସାହୁ | ୫୫ |
| ରିକ୍ସାବାଲାର ଝିଅ | ସୁବଳ ମହାପାତ୍ର | ୫୬ |
| ତୁମେ... | ସୁବଳ ମହାପାତ୍ର | ୫୯ |
| ଦୃଷ୍ଟି ପରିଧୀ | ବିନୟ ମହାପାତ୍ର | ୬୦ |
| କୁହୁଡି | ଆଶା ସାହୁ | ୬୨ |
| ଝିଅ ଘିଅ | ଶଶଧର ମହାପାତ୍ର | ୬୮ |
| ସହିଦ ଶୁଭେନ୍ଦୁ | ପ୍ରକାଶ ସାହୁ | ୬୯ |
| ମୁନ୍ନୀ | ସୁଧାଂଶୁ ଦ୍ୱିବେଦୀ | ୭୧ |
| ମୋ ଜୀବନ କାହାଣୀ.... | ଦେବସ୍ମିତା ବେହେରା | ୭୬ |
| ଭାରତ ସନ୍ତାନ | ଭାଗୀରଥି ବେହେରା | ୭୮ |
| ଜୀବନ ସାଥୀ | ଡ. ବିଜ୍ଞାନୀ ଦାସ | ୭୯ |
| ନେତାଜୀ..ଆସ ତୁମେ ଫେରିଆସ | ବଳବନ୍ତ ସାହୁ (ବବଲୁ) | ୮୯ |
| କାହାଣୀ ସେଦିନ ରାତିର.. | ସରସୀ ଆଚାର୍ଯ୍ୟ | ୯୧ |
| ଏକ ଆତ୍ମକଥା | କାର୍ତ୍ତିକ ପାଣିଗ୍ରାହୀ | ୯୩ |
| ଆମୁର ଫାଲକନର ବିଶ୍ୱ ରାଜଧାନୀ | ଅଶୋକ ବିଶ୍ୱାଳ | ୯୪ |

| | | |
|---|---|---|
| ଧାଁ ଦଉଡ | ସତ୍ୟନାରାୟଣ ଗନ୍ତାୟତ | ୧୦୨ |
| ମହା ଶିବରାତ୍ରି | ସତ୍ୟବ୍ରତ ସାହୁ | ୧୦୩ |
| ବଡବଡୁଆଙ୍କୁ ଚିଠି | ନିର୍ମଳ କୁମାର ଦଳାଇ | ୧୦୬ |
| ପ୍ରୟାସ ଆତ୍ମହତ୍ୟାର | ମଧୁସ୍ମିତା ପଟ୍ଟନାୟକ | ୧୦୭ |
| ଆସ....ହାତ ଧରି ଯିବା ପୁଣି ଥରେ | ସିପ୍ରା ନାମତା | ୧୧୫ |
| ଗହୀର ମଥାର କଥା | ଡ.ସୌମ୍ୟ ରଞ୍ଜନ ମିଶ୍ର | ୧୧୭ |
| ସ୍ମୃତି – ପାଉଁଶତଳର ନିଆଁ | ନୃସିଂହ ଚରଣ ବେହେରା | ୧୧୮ |
| ଶିଖ୍ ଆଏଁଖ୍ ମେଲି | ଆଶୁତୋଷ ମେହେର | ୧୨୬ |
| ଭ୍ରମଣ ସାହିତ୍ୟ ପରିଭ୍ରମଣ | ପ୍ରିୟବ୍ରତ ପାତ୍ର | ୧୨୭ |
| ମନେ ପଡ଼େ ଯେବେ ପିଲା ଦିନ କଥା | ସୁଦାମ ଗୌଡ଼ | ୧୩୬ |
| ବିହଙ୍ଗ ପକ୍ଷ | ବନ୍ଦନା ପଣ୍ଡା | ୧୩୭ |
| ଏ ମନ ମାନେନାଁ? | ପର୍ଶୁରାମ ଶଗରିଆ | ୧୪୧ |
| ସୀମରନ୍ | ପୁଷ୍ପିତା ଭୂୟାଁ | ୧୪୨ |
| ମୁଁ ମହାନଦୀ କାନ୍ଦୁଛି | ମାନସ କୁମାର ପାତ୍ର | ୧୪୮ |
| ଓଡିଆ ଚମ୍ପୂ ସାହିତ୍ୟର ଏକ ବିସ୍ମୟ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ" | ଦିପୁନ ପୁହାଣ | ୧୫୦ |
| ତୁମେ ମୋର ମୁଁ ତୁମର | ଦୟାନନ୍ଦ ଶବର | ୧୫୫ |
| ହସ ଲୁଚଗଲା ଆଖି ଲୁହରେ | ପ୍ରଶାନ୍ତ କୁମାର ନାଥ | ୧୫୬ |
| ଅମ୍ଳାନ ବ୍ୟକ୍ତିତ୍ୱ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୫୮ |
| ଶାଶୁଘରକୁ ଯାଉପଛେ ଝିଅ ଜନମ ହେଉ | ଆନନ୍ଦ ପ୍ରଧାନ | ୧୬୧ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୬୫ |
| ସମୁଦ୍ରରୁ ମୋତି | ପ୍ରଫେସର ଅନିତା ପଣ୍ଡା | ୧୬୬ |
| ମୋର୍ ଗାଁ | ହେମକାନ୍ତ ସାହୁ | ୧୭୩ |
| ମୁ ତୁମ ଅପେକ୍ଷ୍ୟାରେ | ଉମେଶ କୁମାର ବେହେରା | ୧୭୪ |
| ବିଜ୍ଞାନ କ୍ଷେତ୍ରରେ ଭାରତ ପଛୁଆ କାହିଁକି? | ବାଲ୍ମୀକି ନାୟକ | ୧୭୫ |
| ଗୁଲାପ୍ ଫୁଲ୍ | ଶୁଭମ ନାୟକ | ୧୮୦ |

| | | |
|---|---|---|
| ବୃହତ୍ ସ୍ୱାର୍ଥୀ | ଶୁଭକାନ୍ତ ସାହୁ | ୧୮୧ |
| ତଥାପି କାହିଁକି? ? ? | ଶୁଭକାନ୍ତ ସାହୁ | ୧୮୨ |
| ରାଜା କିଏ ? | ଶ୍ରୀ ଅଖଣ୍ଡ | ୧୮୪ |
| ତୁ ପାଗେଳୀ ନା ମୁଁ ପାଗଳ | ଫିରୋଜ କୁମାର ପଟେଲ | ୧୮୫ |
| ମୋ ପ୍ରେମ କାହାଣୀ | ଅନୁପମ ବେହେରା | ୧୮୬ |
| ତୁମର ସୁରତା ଥି | ଅନନ୍ତ ବାଗ | ୧୮୮ |
| ଈଶ୍ୱର | ଏମ୍. ବିଜୟ କୁମାର | ୧୮୯ |
| ଛୁଟି | ରୁଦ୍ରମାଧବ ସାହୁ | ୧୯୨ |
| ସେଇ ସ୍ୱପ୍ନ | ଲିନା ରାଣୀ ଧଳ | ୧୯୩ |
| ଜୁହାର୍ | ସୁଧିର୍ ପ୍ରଧାନ (ଟିଙ୍କୁ) | ୧୯୫ |
| ତତେ ଫଗୁନର କରିଆ | ବିନୋଦ ବିଶି | ୧୯୬ |
| **ଶିଶୁ ବିଭାଗ** | | |
| ଜାନୁଆରୀ ଛବିଶି | ପ୍ରକାଶ ସାହୁ | ୧୯୯ |
| ମହାଦେବ ପାଦେ କର ଭକତି | ସତ୍ୟବ୍ରତ ସାହୁ | ୨୦୧ |
| ଚିତ୍ର | ମଧୁସ୍ମିତା ସାମଲ | ୨୦୨ |
| ଚିତ୍ର | ପ୍ରକାଶ ସାହୁ | ୨୦୩ |
| ଚିତ୍ର | ସିମ୍ରନ ମଲ୍ଲିକ (ମାମା) | ୨୦୪ |
| ଚିତ୍ର | ଅନ୍ୱେଶିଖା ଅଭିଲିପ୍ସା ଆଗ୍ରାର୍ଯ୍ୟ | ୨୦୫ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୦୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୨୦୭ |

# ଜାତୀୟ ପତାକା



କାଳକଙ୍କର

ଗଛସବୁ ନିର୍ବଂଶ ହେବାକୁ ବାକିଅଛି ଅନେକ ସମୟ
ପଛକୁ ଗ୍ଲହିଁଲେ ଶୁଭୁଛି ଗାନ୍ଧିବୁଢାଙ୍କ କରୁଣା ବିଳାପ
ହଜିଯାଇଛି ଅଯୋଧ୍ୟାର ଭବ୍ୟ ମନ୍ଦିରର ସ୍ୱପ୍ନ
ଭ୍ାରତବର୍ଷରେ ଗଣି ହେଉନାହିଁ ଜୀବନ
ଅସୀମ ଅତଳ ସାଗରର ଛାତି ଉପରେ ଉଡୁଛି
ତିନିରଂଗର ଦୁଇମନର ଜାତୀୟ ପତାକା ।।

ଧସି ପଡିଛି ସୁଉଚ୍ଚ ପାହାଡ ପର୍ବତ କେତେକାଳୁ
ମାଙ୍କଡଙ୍କୁ ହନୁମାନ କହି ଲ୍ଭ କଣ ଭ୍ଇ
ବିଦୁର ହୁଅନ୍ତୁ କ ବିଭୀଷଣ ଅଥବା ଉଗ୍ରସେନ
ଭୟରେ କଂପୁଛି ସମଗ୍ର ସଂସାରର ଜୀବନ
କେତେବେଳେ କେଉଁଠି ଚଡକ ପଡିବ ଯେ
ଡାକ୍ତର ନ ଥିବେ କ ନ ଥିବେ ଡାକ୍ତରଖାନାର ଚିହ୍ନ
ସବୁଠାରେ ଶୁଭୁଥିବ ସତ୍ୟର୍‌ମ ନାମ
କୁନୁ ହାତରେ ତଥାପି ପତାକାର ହେବ ଯେ ଉଡାଣ ।।

ସୀମାରେ ଛିଣ୍ଡି ଯିବକ ଡ୍ରଇଂର ସଫେଦ କାଗଜ

କାନଭ୍ସ୍ କଣ କହିବନାହିଁ କେଉଁ ଆଡେ ଅଛି ଶାଳଗ୍ରାମ

ଅୟୁତ ଶତାବ୍ଦି ଧରି ମଣିଷର ଏଇ ଗଢା ଯେତେ ଘର ବାଡି

କେଉଁ ବନ୍ୟା କେଉଁ ବାତ୍ୟା କେଉଁ ଭୂମିକଂପେ

ବଦଳାଇଦେବ ସଂଜ୍ଞା ଅବା ନଜନାମ

ସମସ୍ତ ଅନଶ୍ଚିତତା ଭିତରେ ବଂଚରହିବ ଭ୍ରତ

କ୍ସ ସୁନ୍ଦର ଏ ଆମ ଭୁବନ ଅଣୁ ପରମାଣୁ ଅବା ଯେତେ ଅହଂ

ସବୁକୁ ଏ ଜାତୀୟପତାକା ଦେବ ଏକଇ ଆହ୍ୱାନ

ବସୁଧୈବ କୁଟୁମ୍ବକମ୍, ସତ୍ୟମେବ ଜୟତେର ବର୍ଣ୍ଣେ ।।

ସୌଭଗିନୀ, ରଟିଲ୍ଲେ, ରେଂଚ, ପୁରୀ



# ଇଏ ତ ଜୀବନ



ସୁଲୋଚନା ପଟ୍ଟନାୟକ

ଉମାର ସତେକ କାମ ନାହିଁ । ସକାଳୁ କଫି ମଗ୍‌ଟା ଧରି ବାହାର ପୋର୍ଟିକୋ ତଳେ ବସି ଯାଇଛି । କଫି ଠାରୁ ବେଶୀ ମନ ଯାଉଛି ବଗିଚ୍ଚର ଫୁଲ ଗଛ ଉପରେ । ବାଁ ପଟ ପାଚେରୀ କଡକୁ ଲାଗିଛି ଧାଡିଏ ଜିନଆ ଗଛ । ଏଇ ଅଳ୍ପ ଦିନ ତଳେ ଲଗାଇଥିଲା । ଦେଖୁ ଦେଖୁ ଛଅ ଇଞ୍ଚ ଖେଣ୍ଡେ ବଢି ଗଲେଣି । ପତ୍ରମାନେ ପରସ୍ପର ଠାରୁ ଅଲଗା ହେବା ଉଦ୍ଦେଶ୍ୟରେ ବୋଧେ ନିଜ ନିଜର ବିପରିତ ଦିଗକୁ ଡେଣା ମେଲାଇ ବଢିବାରେ ଲାଗିଛନ୍ତି । ଚେହେରା ବେଶ ହୃଷ୍ଟ ପୁଷ୍ଟ । ଫୁଲମାନେ ନିଶ୍ଚୟ ବଡ ବଡ ହୋଇ ଫୁଟିବେ । କୁଣ୍ଡରେ ଲାଗିଥିବା ତରାଟ ଓ ନାଲି ମନ୍ଦାର ଗଛ ଖରା ପାଇ ସବୁଜ ପତ୍ରରେ ଭରି ହୋଇଛନ୍ତି । ଗୋଟିଏ ହେଲେ କଢ ଆସିନି ଏ ଯାଏଁ । ସୋମବାରିଆ ଅକ୍ଟୋବର ମାସର ଏକ ନୀରବ ଉଜ୍ଜ୍ୱଳ ସକାଳ । ଏକୁଟିଆ ବସି ବସି ଉପଭୋଗ କରୁଛି ନୂଆ କରି ହାତରେ ଗଢିଥିବା ବଗିଚ୍ଚକୁ । ସାମନା ଭଡିରୁ ଦୁଇ ଚାରିଟା କାକୁଡି ଏବଂ ଗୋଟିଏ ଛୋଟ କଖାରୁ କଷିଟିଏ ଦିଶି ଯାଉଛି । ଗଛ ଦେଖୁ ଦେଖୁ ଉମାର କଫି ଥଣ୍ଡା ହୋଇ ଗଲାଣି । ଭିତରକୁ ଯାଇ ମାଇକ୍ରୋୱେଭ୍ ରେ ଦୁଇ ମିନଟ ଗରମ କରି ପୁଣି ଆସି ବସିଗଲା । ଏ ଭିତରେ ବୋହୁ ବୋଧେ ଉଠି ସାରିଛି । ତା ରୁମ୍ ଭିତରୁ ଟିଭିର ଶବ୍ଦ ଆସୁଛି । ସିଏ ନିଶ୍ଚୟ କାମକୁ ବାହାରୁଥିବ । ଉମା ବଡ ପାଟିରେ ବୋହୁକୁ ଡାକ ପଚାରିଲା, ଯଦି ସିଏ କଫି ପିଇବ । ଅନତା ଉତ୍ତର ଦେଲା, "ଯଦି ତୁମେ ଚାହଁ" । ପ୍ରଥମେ ପ୍ରଥମେ ଉମା ବୁଝି ପାରୁ ନଥିଲା ଏ ଆମେରିକାନ୍ ଢଙ୍ଗରେ ଉତ୍ତର । ଏବେ ଜାଣିଗଲାଣି । ଉମା ଖୁସି ହୋଇ କଫି ଦୁଇ କପ୍ ବସାଇଲା । କଫି କରିବାରେ ପରିଶ୍ରମ ନାହିଁ । କଫି ମେକର୍‌ର ଫିଲ୍‌ଟର ବଦଳାଇ ଚାରି ଚାମୁଚ କଫି ଗୁ ଆଉ ଦୁଇ କପ୍ ପାଣି ଦେଲେ ହେଲା । ଦଶ ମିନଟରେ କଫି ବୃ ହୋଇ

ପ୍ରସ୍ତୁତ ହୋଇଯିବ । ଗ୍ଲୁମୁଚେ ଚଟ ଆଉ ଦୁଇ ଗ୍ଲୁମୁଚ ହାଫ୍ ଆଣ୍ଡ ହାଫ୍ ମିଶାଇ ଦେଲେ କଫି ପ୍ରସ୍ତୁତ ।

ସକାଳୁ କଫି କପ୍ ଦେଇ ଜଣଙ୍କୁ ଯଦି ଖୁସି କରାଇହେବ, ସେଥିରେ ଅସୁବିଧା କଅଣ ? ଅନତା ତଳକୁ ଡ୍ରେସ ହୋଇ ଆସିଲା ବେଳକୁ ବ୍ରେକ୍‌ଫାଷ୍ଟ ଆଉ କଫି ପ୍ରସ୍ତୁତ ହୋଇଥିଲେ ସିଏ ଖୁସି ହୁଏ । କଫି ସହ ସିଏ ବାଗେଲ୍ ଖାଇବ ଅବା ଦୁଇଟା ଟୋଷ୍ଟ ଖାଇବ, ଯଦି ଉମା ଏ କଥା ଆଗରୁ ଯାଣନ୍ତା ତାହେଲେ ତା ବି ସିଏ କରି ରଖି ଦିଅନ୍ତା । ସବୁ ପ୍ରକାର ରନ୍ଧାଘର ଦରକାରି ମେସିନ୍ ଏଠି ହାତ ପାହାନ୍ତାରେ ରଖିଥାନ୍ତି । ଟୋଷ୍ଟରଟିଏ ଷ୍ଟୋଭର ବାଁ କଡକୁ ଆଉ ମାଇକ୍ରୋୱେଭ୍ ଟି ସିଙ୍କର ଡାହାଣକୁ ରହିଥାଏ । ବାଗେଲ୍ ବି ଏଠି ସ୍ଲାଇସ୍ ହୋଇ ମିଳେ । ଖାଇବା ଜିନଷ ପ୍ରାୟ ଏଠି ଅଧା ପ୍ରସ୍ତୁତ ଥାଏ । କହିବାକୁ ଗଲେ ହାତ ହଲାଇ ଦେଲେ କାମ ଶେଷ । ଲୋକମାନଙ୍କୁ ଅଳସୁଆ କରିଦେବା ଏଠି ଭାରି ସହଜ, ଅପର ପକ୍ଷରେ କହିଲେ, ବ୍ୟସ୍ତ ବହୁଳ ଜୀବନକୁ ଏ ଭଳ ସବୁ ସୁବିଧା ଦେଇଥାଏ । ଅନତା ସକାଳୁ ତଳକୁ ଆସିଲା ବେଳକୁ ଶାଶୁ ଉମା ସବୁଦିନ କଫି କରି ଅପେକ୍ଷାରେ ଥାଆନ୍ତି ବୋହୁ ପାଟିରୁ କଥା ସରୁ ସରୁ ସିଏ ଆମଲେଟ୍, ଟୋଷ୍ଟ ଅବା ବାଗେଲ କରି ବଢାଇ ଦିଅନ୍ତି । ବୋହୁ ଖଣ୍ଡେ ଅଧେ ଖାଇ କଫି କପ୍‌ଟା ହାତରେ ଧରି କାମକୁ ବାହାରିଯାଏ । ଦିନେ ଦିନେ ଟିକଏ ଡେରି ହୋଇଗଲେ ମୁହଁ ଫଣ ଫଣ କରି ସେମିତି ଅଖିଆ ଅପିଆ ବାହାରି ଯାଏ । ଉମା ମନ ଖରାପରେ ନଜକୁ ଦୋଷି ମନେ କରି ଦିନଟା ସାରା ମୁହଁ ମାରି ବସେ । ପୁଅ ଉମେଶ ସକାଳୁ ପ୍ରାୟ ଖାଏ ନାହିଁ । ସପ୍ତାହକୁ ଦୁଇ ଦିନ ସିଏ ଘରୁ କାମ କରେ । ଘରେ ରହିବା ଦିନ ଡେରିରେ ଉଠିବା ତାର ଅଭ୍ୟାସ । ମାଆ ରହିବା ଦିନରୁ ଉମେଶ କେତେ ବଦଳ ଯାଇଛି । ଏବେ ମାଆକୁ ଘରେ ରହିବା ଦିନ ସିଏ ଜଳଖିଆ ମାଗେ । କେଉଁ ଦିନ ପୋଚ ବା ସ୍କ୍ରାମ୍ବଲ୍‌ଡ୍ ଏଗ୍ କରିଦେଲେ ସିଏ ଭାରି ଖୁସି । ଉମା ପୁଅ ବୋହୁଙ୍କୁ ହାତ ପରଷା ଦେଇ ନଜେ ବି ଖୁସି ହୁଏ । ତାର ଆମେରିକା ଆସିବା ସାର୍ଥକ ହେଲା ବୋଲି ଅନୁଭବ କରେ । ତା ଛଡା ଏଠି ବା ସିଏ କ'ଣ କରି ପାରିବ ?

ଏମିତି ସକାଳରୁ ସଂଜ ଆଉ ସଂଜରୁ ସକାଳ ହୋଇ ଦିନ କଟିଯାଏ । ତଥାପି ଘର ମନେ ପଡେ । ବରମୁଣ୍ଡା କଲୋନିର ଏମ୍- ୨୨୪ ନମ୍ବର ଘରଟି ତାଙ୍କର । ୩୫ ବର୍ଷ ହେଲାଣି ଘର କଣିବାର । ୨୨୨ ନମ୍ବର ଘରେ ଗୀତା ରୁହେ । ଗୀତା ସହ ତାର ଭଲ ସଂପର୍କ । ଏକାଠି ଦୁଇ ଭଉଣୀ ପରି ଚଳନ୍ତି । ଦୁହେଁ ରିଟାୟର୍ କରିବା ପରଠୁ ଆହୁରି ସାଙ୍ଗ ହୋଇଛନ୍ତି । ଏକାଠି ବଜାର ହାଟ କରିବାଠୁ, ମନ୍ଦିର ଯିବା ଆଉ ସାଙ୍ଗ ମାନଙ୍କ ଘରକୁ ଯାଇ ସମୟ ବିତାନ୍ତି । ଏଠି ଗୀତା ନାହିଁ, ପାଖ ପଡିଶା ଥାଇ ନ ଥିଲା ଭଳି । କାଉ କୋଇଲିଟିଏ ଦେଖିବା ମୁସ୍କିଲ୍ । ପାଖ ପଡୋସୀଙ୍କ ସହ କାଁ ଭାଁ ଦେଖା ହୋଇଗଲେ, ହାୟ ହାଲୋ କହିଦେଲେ କଥା ଶେଷ । ଦୁଇଟା ଘର ଛାଡି ଏଠି ପାକସ୍ଥାନୀ ପରିବାରଟିଏ ରୁହନ୍ତି । ସିଏ ବି ପ୍ରାୟ ଆମେରିକାନ୍ ମାନଙ୍କ ପରି । ଝିଅକୁ ସ୍କୁଲ୍ ବସ୍ ପାଖକୁ ଛାଡିବାକୁ ଗଲାବେଳେ ବହାରେ ଦେଖିଦେଲେ ସାମାନ୍ୟ ହସଟିଏ ଓଠରୁ ବାହାରିଗଲେ ଯଥେଷ୍ଟ । ଏତେ ଗାମ୍ଭୀର୍ଯ୍ୟ ରଖି ଏଠି ଲୋକ କେମିତି ରହିଛନ୍ତି ଭାବିଲେ ଉମାକୁ ଆଶ୍ଚର୍ଯ୍ୟ ଲାଗେ । ଇଚ୍ଛା ହୁଏ କାହାକୁ ଡାକ ଆଣି ଦ୍ୱିପ୍ରହର ନିର୍ଜନତାକୁ ମୁଖର କରିବାକୁ, ଏକାଠି ଦୁଇ କପ୍ ଗ୍ରହା ବସି ପିଇବାକୁ । ଏଣୁ ତେଣୁ ଗୁଡାଏ ଗପିବାକୁ । ଏଠି ସେ ସବୁ ଅସମ୍ଭବ । ଲୋକମାନେ ସବୁବେଳେ ଜଗି ରଖି ଚଳନ୍ତି । ସତ କହିଲେ ଏମିତି ଚଳଲେ କଏ କାହା ନାଁରେ ଗପନ୍ତେନି ବା ମିଛ ସତ ଗୁଜବ ବଢାନ୍ତେନି । ସରଳ ନହେଲେ ବି ସହଜ ଜୀବନ ଯାପନର ଇଏ ଏକ ପନ୍ଥା । ଉମା ଭାବିଲା, ଆମେରିକାର ପ୍ରଭାବରେ ପଡି ଓଡିଶା ବାସୀଏଁ ବହୁତ ବଦଳି ଗଲେଣି, କିନ୍ତୁ ଭଲ କଥା କେହି ସହଜରେ ଶିଖି ପାରିନାହାନ୍ତି ।

ସେଦିନ ଉମା ପୁଅ ବୋହୂ କାମକୁ ଗଲାପରେ ପୂଜା ଶେଷ କରି ଜଳଖିଆ ପ୍ରସ୍ତୁତ କଲା । ଖାଇବାକୁ କିନ୍ତୁ ମନ ହେଲା ନାହିଁ । ଆଉ କପେ ଗ୍ରହା କରି ବାହାର ବାରଣ୍ଡାରେ ବସିଥିଲା । ପଡୋଶୀ ଘରୁ ସ୍ତ୍ରୀଲୋକଟି ଝିଅକୁ ସ୍କୁଲ୍ ବସ ଷ୍ଟପରେ ଛାଡି ଫେରୁଥିଲା, ଉମା ଦୂରରୁ ଠିଆ ହୋଇ ତାଙ୍କୁ ଡାକିଲା ଗ୍ରହାକପେ ପିଇବାକୁ ବାଧ କଲା । ଦୁହେଁ ପରିଚୟ ଆଦାନ ପ୍ରଦାନ ହୋଇ ପାଞ୍ଚ ମିନଟ ଏକାଠି ବସିଲେ । ଉମା ଜାଣିଲା, ତାଙ୍କ ନାଁଟି ସଲମା । ଗୋଟିଏ ବୋଲି ଝିଅ ତାଙ୍କର । ସ୍ୱାମୀଙ୍କର ଗ୍ରସରୀ ଦୋକାନଟିଏ ଅଛି

ଲରେଲରେ । ଅଳ୍ପ କଥା ହୋଇ ସିଏ ଗ୍ଲଲିଗଲେ । ଆଜି ଉମାକୁ ଭାରି ଖୁସି ଲାଗିଲା । ଯେମିତି ସିଏ ଗଡଟାଏ ଜିଣିଛି । ଆମେରିକାରେ ଆଜି ପ୍ରଥମ ହୋଇ ସିଏ କାହା ସହ କଥା ହୋଇଛି । ସେଇ ଖୁସିରେ ଭିତରକୁ ଯାଇ ଟିଭି ସାମନାରେ ବସି ସକାଳୁ କରିଥିବା ଉପ୍‌ମା ଆଉ ତେନ୍ତୁଳ ଚଟଣୀ ପ୍ଲେଟରେ ଆଣି ସୋଫା ଉପରେ ଗୋଡ ଟେକ ବସିଗଲା । କେତେ କଥା ମନକୁ ଆସିିଗଲା । ଯାହା ହେଉ ମଣିଷ ବେଳେ ବେଳେ ମନକୁ ମନ ଅନେକ କଥା ଗଢି ପକାଏ । ଗୀତା କହିଲା ପରି ବିଲେଇ ଦେଖି ଏମିତି ବଖାଣି ଲୋକ କୁହନ୍ତି ଯେ, କଥା ଉଠିଲା ବେଳକୁ କଏ କହେ ସିଏ ପରା କୁଆଡେ ବାଘ ଦେଖିଥିଲେ । ଏଭଳ ଘଟଣା ଘଟିବା କଛି ବିଚନ୍ଦ ନୁହେଁ । ଯାହା ଭାରତରୁ ଆସିବା ଆଗରୁ ଶୁଣିଥିଲା ଆମେରିକା ବିଷୟରେ ବର୍ତ୍ତମାନ ତାକୁ ଆଉଥରେ ପରଖି ପରୀକ୍ଷା କରିବାକୁ ପଡିବ । ଚନ୍ତା କଲା, ଦେଖା ଯାଉ କେଉଁ ପାଣି କେଉଁଠିକ ଯାଉଛି । ସେଦିନଟା ଭଲରେ ଭଲରେ କଟିଗଲା । ଏମିତି ସପ୍ତାହେ କୁଆଡେ ପାଣି ପରି ଗ୍ଲଲିଗଲାଣି । ସେଦିନ ମଙ୍ଗଳବାର ହୋଇଥାଏ । ସକାଳୁ ଉଠି ଗାଧୋଇ ସାରି ହନୁମାନ ଗ୍ଲଳସା ପଢି ତଳକୁ ଆସିଲା ବେଳକୁ ପ୍ରାୟ ଆଠଟା ବାଜି ଯାଇଥାଏ । ହଠାତ କଲିଂବେଲ୍ ବାଜିଲା । ଡରି ଡରି ଯାଇ କବାଟ ଖୋଲି ଦେଖିଲା ବାହାରେ ତାକୁ ଆଶ୍ଚର୍ଯ୍ୟ ଚକତ କରି ଠିଆ ହୋଇଛି ସଲମା । ସଲମାକୁ ଦେଖି ଯେତିକ ଆଶ୍ଚର୍ଯ୍ୟ ହେଲା ତା ଠାରୁ ଅଧିକ ଖୁସି ହୋଇଗଲା । ଯାହା ହେଉ କଛି ସମୟକଥା ହେବ ସଲମା ସଂଗେ । ସଲମାକୁ ଘରକୁ ଡାକଲା ଉମା । ସଲମା ହିନ୍ଦିରେ କଥା ଆରମ୍ଭ କଲା, କହିଲା, "ଆଜି ମନଟା ଭାରି ଦୁଃଖ ଲାଗିଲା ବୋଲି, ଭାବିଲି କାହା ସଂଗେ ଦୁଇ ପଦ କଥା ହୋଇଗଲେ ଭଲ ଲାଗିବ, ସେଇଥିପାଇଁ ଆପଣଙ୍କ ଘରକୁ ଗ୍ଲଲି ଆସିଲି" । କଥା କହୁ କହୁ କେତେବେଳେ ଦଶଟା ବାଜି ଗଲାଣି, ଦୁଇ କାପ ଗ୍ଲହା କପରେ ଗପ ସରୁ ନଥିଲା । ସଲମା ନଜ ଆଡୁ କଥା ବନ୍ଦ କରି କହିଲା, "ଆଜି ଯାଏ, ପୁଣି କେଉଁଦିନ କଥା ହେବା" । ସଲମାଠାରୁ ଉମାର ମନ ବୋଧେ ଆହୁରି ଖରାପ ହୋଇଥିଲା ସଲମାର ଜୀବନ କଥା ଶୁଣି ! ମୁସଲମାନ ହେଉ ବା ହିନ୍ଦୁ, ସ୍ୱାମୀ ଆଉ ଜଣଙ୍କୁ ବାହା ହେଲେ କେମିତି ଲାଗୁଥିବ ! କେତେ ଦୁଃଖ ହେଉଥିବ ଦୁଇ ଜଣ ସ୍ତ୍ରୀଙ୍କ ମଧ୍ୟରେ । ନଜ ସ୍ୱାମୀକୁ ଆଉ ଜଣଙ୍କ ସହ ଭାଗ କରି ଶାନ୍ତିରେ ଚଳବା ଭାରି କଷ୍ଟକର ହେଉଥିବ ।

ଧର୍ମର ଦ୍ୱାହି ଦେଇ ମଣିଷ କେତେ କଥା କରି ପାରେ । ନିଜକୁ ବହୁତ ଦୋଷ ଦେଉଥିଲା ସଲମା। ବାହାଘରର ଦଶ ବର୍ଷ ପରେ ତାର ପୁଅ ନ ହେବା ହେତୁ ସ୍ୱାମୀ ଗଲାବର୍ଷ ପାକିସ୍ଥାନ ଯାଇ ଆଉଥରେ ବାହା ହୋଇ ଆସିଛନ୍ତି । ଏବେ ବର୍ଷକୁ ଥରେ ଯାଇ, ମାସେ ରହିବାର ଯୋଜନା ଅଛି । ସଲମା ସବୁ ସହି ଏଠି ପଡି ରହିଛି । ନିଜ ଜନ୍ମ ଭୂମିକୁ ଫେରିଗଲେ ଲୋକ କେତେ କଥା କହିବେ । ତେଣୁ ସିଏ ଠିକ କରିଛି, ଏଠି ରହିବ, ନିଜ ଝିଅକୁ ବଡ କରିବ । ଚାକରୀ କରି ନିଜକୁ ପୋଷି ପାରିଲେ ଆଉ ଏତେ ବାଧ୍ୟବନ୍ଧ । ସଲମା ଚାଲିଯିବାର ଘଣ୍ଟାଏ ହୋଇଗଲାଣି । ଉମାର ଭୋକ ଶୋଷ ଉଭେଇ ଯାଇଛି । ଟିଭିରେ ରିଙ୍କି ଲେକର ସୋ' ଚାଲିଛି । ଆଶ୍ଚର୍ଯ୍ୟ ଜନକ ଭାବରେ ସେଇପରି ସୋ'ଟିଏ ଚାଲିଛି । ଚାରୋଟି ସ୍ତ୍ରୀଲୋକ ସୋ'ରେ ଆସିଛନ୍ତି । ସ୍ୱାମୀ ମାନଙ୍କର ଅନ୍ୟ ସ୍ତ୍ରୀଲୋକଙ୍କ ସହ ପିଲା ଓ ସଂସାର କରିଥିବା ଖବରକୁ ସେମାନେ ପବ୍ଲିକରେ କହି ତାଙ୍କର ଉତ୍ତର ପାଇବାକୁ ଏବଂ ସେମାନଙ୍କଠାରୁ ପ୍ରାପ୍ୟ ନେଇ ଛାଡପତ୍ର ଦେବାର ଦାବି ନେଇ ସେମାନେ ଆସିଛନ୍ତି । ଯାହାହେଉ ଏ ଦେଶରେ ଏ ଭଳି ସୋ' କରି ସମାଜରେ ନିଜର ଦାବି ଜାହିର କରିବାର ବ୍ୟବସ୍ଥା ଅଛି ଦେଖି ଉମାକୁ ଭଲ ଲାଗିଲା । ଦିନ ସବୁ ଏମିତି ଏପଟ ସେପଟ ହୋଇ କଟିଯାଉଛି ।


ଏ ଭିତରେ ତିନି ମାସ ଚାଲିଗଲାଣି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ଉମା ବାହାରକୁ ଅନାଇ ଦେଖିଲା, ପୁଅ ବାହାରେ ଗାଡି ରଖି ଭିତରକୁ ଆସୁଛି । ଉମା ଯାଇ କବାଟ ଖୋଲିଲା । ପୁଅର ମୁହଁକୁ ଚାହିଁଲା ଉମା । ମନେ ହେଲା ତାଆଖିରେ ଅଜସ୍ର ଦୁଃଖ ଭରି ରହିଛି । ସିଏ ହସି ହସି ପଚାରିଲା, "ମା ଆଜି ଦିନ ବେଳା କଣ କରିଛ ?" ଉମା ଖୁସି ହୋଇ, "ତୋ ପାଇଁ ଜଳଖିଆ ଆଣୁଛି କହି ଉଠିଗଲା । ଦି' ପହରବେଳେ କରିଥିବା ସିଝା ମଣ୍ଡା ଆଉ ଦୁଇ କପ ଚାହା ଧରି ଆସିଲା । ଦୁହେଁ ଏକାଠି ବସିଲେ । ସେତିକି ବେଳେ କଲିଂବେଲ ବାଜିଲା । ପୁଅ ଉଠିଯାଇ କବାଟ ଖୋଲିଲା । ସେଦିନ ଶୁକ୍ରବାର ହୋଇଥାଏ। ଶୁକ୍ରବାର ଅନିତା ଶୀଘ୍ର ଆସେ । ଆଜି କାହିଁକି ତାର ଡେରି ହେଲା ବୋଲି ଉମା ପଚାରିବାକୁ ଭାବୁଥିଲା । କିନ୍ତୁ ଅନିତା ମୁହଁରେ ବିରକ୍ତିର ଛାପ ବାରି ହୋଇ ପଡୁଥାଏ ।

ତେଣୁ ସିଏ ଚୁପ ହୋଇଗଲା । ଉମା ଉଠି ଠିଆ ହେଲା, କହିଲା, "ଯା ମାଆ, ଧୁଆ ଧୋଇ ହୋଇ ଆସିଯା । ମୁଁ ମଣ୍ଡା ପିଠା କରିଛି ଖାଇବୁ । ତୋ' ପାଇଁ ଗ୍ଲାସ ବି କପେ ବସାଇଦେଉଛି ମାଇକ୍ରୋୱେଭ୍ ରେ" । ଅନତା ବେଖାତିର ଭାବେ ଉପରକୁ ଚାଲିଗଲା କହି କହି, "ମଣ୍ଡା ପିଠା ? ତମ ମୁଣ୍ଡ ଖରାପ ହୋଇନତ ? ଏଇଟା ଡିନର୍ ସମୟ ଏତେବେଳେ ମଣ୍ଡା ପିଠା ? ଡିନର୍ ରେଡି ହୋଇଛି କି ନାହିଁ "? ଉମା ଉଠିଗଲା । ଗ୍ଲାସ କପ୍ ସେମିତି ପଡି ରହିଲା ଟେବୁଲ୍ ଉପରେ । ଠିକ୍ ସମୟରେ କାମ ନ ସାରିଥିବା ଦୋଷୀ ମଣିଷଟିଏ ପରି ଉଠି ଯାଇ ଭାତ ବସାଇଲା । ଦଶ ମିନଟ୍ ପରେ ଉପରୁ ଅନତା ଗର ଗର ହୋଇ ତଳକୁ ଆସିଲା । ଡିନର୍ ଟେବୁଲ୍ ପାଖରୁ ଚଉକିଟାକୁ ଘୋଷାରି ଆଣି ବସିଗଲା । ଉମା କରିଥିବା ଚିକେନ୍ ତରକାରି, ରାଜମା ଓ ବାଇଗଣ ଭଜା ଥୁଆ ହୋଇ      । ଉମା ସାଲାଡ ଆଣି ଥୋଇ କହିଲା, "ତୁ, ସାଲାଡ ଖଉଥା, ଭାତଟା ଏଇ ପଞ୍ଚ ମିନଟ୍ରେ ହୋଇଯିବ ! ଗରମ ଗରମ ଖାଇବୁ ବୋଲି ମୁଁ ଏ ଯାଏଁ କରି ନଥିଲି । ତା ଛଡା ଆଜି ତ ଶୁକ୍ରବାର, ତୁମେ ଦୁହେଁ ଏକାଠି ଖାଇବ ବୋଲି ଭାବୁଥିଲି" । ଅନତା ସାଲାଡ ପ୍ଲେଟ୍ରୁ କାକୁଡି ଗୋଟେ ଧରି ଖାଇବାକୁ ଆରମ୍ଭ କଲା । ଅନତାର ଖାଇବାରୁ ଜଣା ପଡୁଥିଲା ତାର ମନ ଯେମିତି ଆଉ କେଉଁଠି ଅଛି ! ଉମା ପାଟି ଖଲ ଖଲ ହେଉଥିଲା ପଚାରିବାକୁ ଆଜି ତାର ଦିନ କେମିତି କଟିଲା ବୋଲି । କିନ୍ତୁ କିଏ ଯେମିତି ତାକୁ ଅଟକାଇ ଦେଲା । କିଛି ନକହି ଭାତ ପ୍ଲେଟ ଧରି ଆସିଲା ବେଳକୁ ଦେଖିଲା ଅନତା ନାହିଁ । ତରକାରି ପ୍ଲେଟ୍କୁ ଛୁଇଁନି । ସାଲାଡରୁ ଖାଇଛି ବୋଲି ଜଣା ବି ପଡୁ   । ବୋହୁ ନାହିଁ, କୁଆଡେ ଗଲା ପଚାରିବ ବୋଲି ଯାଉ ଯାଉ ଉମେଶ କହିଲା, "ବୋଉ ତୁ ବ୍ୟସ୍ତ ହୁଅନା । ଇଏତ ଆମର ସାଧାରଣ ଜୀବନ । ତାକୁ ହୁଏତ ଖଇବା ଭଲ ଲାଗି ନଥିବ ଅବା ତାର ଆଉ କଣ ଖାଇବାକୁ ଇଚ୍ଛା ଥିବ । ଏଠିକାର ଜୀବନ ଏହିପରି । ଯାହାର ଯାହା ଦରକାର ବା ଇଚ୍ଛା ସିଏ ତାହା କରିଥାଏ । କିଏ କାହା ଉପରେ ନିର୍ଭର କରେ ନାହିଁ, କାହାକୁ ଅପେକ୍ଷା କରେ ନାହିଁ । ପ୍ରଶ୍ନ କଲେ କଥା କଟାକଟି ଓ ଯୁକ୍ତି ତର୍କ ହେବାର ସମ୍ଭାବନା ଥାଏ । ବିନା କାରଣରେ ମନ ଖରାପ ହୋଇପାରେ । ମୁଁ ଭାବେ, ଯଦି କିଛି ଅନିଷ୍ଟ ହେଉନ, ଏତେ ଛୋଟ କଥାରେ

ମୁଣ୍ଡ ଖେଳାଇବା ଅପେକ୍ଷା ସମସ୍ତେ ନିଜ ନିଜର ସ୍ୱାଧିନତାକୁ ଉପଭୋଗ କରିବା ଉଚିତ । ଜୀବନ ବା କେତେ ଦିନ ? କେତେବେଳେ କାହାର କଣ ହେବ କିଏ ଜାଣିଛି ? ଖୁସିରେ ରହିଲେ ଗଲା" । ଉମା ଭାବିଲା, କେଡେ ବଡ କଥା ତାର ପୁଅ କହିଲା ଆଜି ! ମଣିଷ ଛୋଟ ଛୋଟ କଥାକୁ ଧରି ଯିମିତି ଖେଳରୁ ମହାଭାରତ ସୃଷ୍ଟି କରିଥାଏ । ସାମାନ୍ୟ କଥାରୁ କଥା ବଢେ । ସ୍ୱାମୀ ସ୍ତ୍ରୀ, ପୁଅ ଝିଅ ଅଲଗା ହୋଇ ଯାଆନ୍ତି । ରାଗ ରୁଷାକୁ ଧରି କେହି କେବେ ବଡ ହୋଇ ନାହାନ୍ତି । କିନ୍ତୁ ମଣିଷ ମଣିଷ, ଭାଇ ଭାଇ ଭିତରେ ହଣା କଟା ପର୍ଯ୍ୟନ୍ତ ହୋଇ ଯାଇଥାଏ । ପୁଅଠାରୁ ଜୀବନର ସାରତତ୍ତ୍ୱ ଶୁଣି ଉମା ଆଖି ଖୁସିରେ ବଡ ବଡ ହୋଇଗଲା । ଆଜି ଯାଣିଲା, ଉମେଶ କେବଳ ବଡ ହୋଇନି, ଭଲ ମଣିଷଟିଏ ହୋଇଛି । ଭଗବାନଙ୍କୁ ମନେ ମନେ ନମସ୍କାର କଲା ଉମା । ଆଜି ସିଏ ଭାବିଲା ତାର ଆମେରିକା ଆସିବା ନିଶ୍ଚୟ ସାର୍ଥକ ହେଲା । ସେତିକିବେଳକୁ ଦା କବାଟ ଖୋଲିବା ଶବ୍ଦ ହେଲା । ମା, ପୁଅ ଦୁହେଁ କବାଟ ଆଡକୁ ଅନାଇଲେ । ଅନିତା ହାତରେ ବିଅର ବୋତଲ ଓ ପିଜା ପାକେଟ ଧରି ସେଲ୍ ଫୋନ୍ ରେ କାହା ସହ କଥା କହି କହି ଘରକୁ ପଶିଲା । ସେମିତି ଫୋନ୍ ରେ କଥା କହୁଥାଏ । କ୍ୟାବିନେଟ୍‌ରୁ ପ୍ଲେଟ୍‌ଟିଏ ନେଇ ପିଜା ରଖିଲା । ବିଅର ବୋତଲ ଖୋଲି ନିଜେ ବସି ଖାଇବାକୁ ଲାଗିଲା । ଉମେଶକୁ ମଧ୍ୟ ପଚାରିଲାନି ବା ଯାଚିଲାନି ଯଦି ସିଏ ଗୋଟେ ପିସ୍ ନେବ ବୋଲି । ଅନ୍ୟ କେଉଁ ଦିନ ହୋଇଥିଲେ ଉମା ମନ ଖରାପ୍ କରିଥାନ୍ତା । ଆଜି ହଠାତ୍ ମନେ ହେଲା ସିଏ ଏକ ଭିନ୍ନ ମଣିଷ ହୋଇଯାଇଛି । ପୁଅର ପଦେ କଥା ତାକୁ ଅନେକ୍ କଥା ବୁଝାଇଦେଇଛି । ନିଜ ଜୀବନର ପୁରୁଣା ସ୍ମୃତି ସବୁ ମନେ ପଡିଗଲା । ଶାଶୁ ଶଶୁରଙ୍କ ପାଇଁ ରାନ୍ଧି ବାଢି ଦେଇ ସାରିଲା ପରେ ସିଏ ଖାଉଥିଲା । ଖଟି ଖଟି ତାର ଅଣ୍ଟା ପିଠି ଲାଗିଗଲେ ବି କିଏ ସାହାଯ୍ୟ କରିବାକୁ ନ ଥିଲେ । ସେତେବେଳେ ଭାବୁଥିଲା, ଏତେ କଷ୍ଟ ସବୁ ଭୁଲିଯିବି ଯେତେବେଳେ ମୋ' ନିଜ ବୋହୁ ହାତ ପରଷା ଖାଇବି । ହୁଏତ ତାକୁ ଆଉ ଟ୍ରେଷେଇ କରିବାକୁ ପଡିବନି । ଦିନ ବଦଳି ଯାଇଛି ଆଜି !ସିଏ ବୋହୁରୁ ଶାଶୁ ହୋଇଛି । ସେ ପୁରୁଣା ଦିନ ଆଉ ନାହିଁ । ସେମିତି ସିଏ ବୋହୁ ହୋଇ ରହିଯାଇଛି । ଆଜି ସେଥିରେ ହିଁ ଜୀବନର ଆନନ୍ଦ

ଖୋଜିବାକୁ ହେଉଛି । ବୋହୁକୁ ଗୃହ କପେ କରିଦେଇ ସିଏ ନଜେ ଖୁସି ହେଉଛି । ବୋହୁରୁ ଶାଶୁ ହୋଇଛି ସତ, କନ୍ତୁ ବୋହୁର କର୍ତ୍ତବ୍ୟ ତାର ଏତେ ମଜ୍ଜାଗତ ହୋଇଯାଇଛି ଯେ, ସେଇଟାହିଁ ତାକୁ ଭଲ ମନେ ହେଉଛି । ଅଳ୍ପ ଦିନର ରହିବା ଭିତରେ ଯଦି ସିଏ ସମସ୍ତଙ୍କ ମନକୁ ନେଇ ପାରିଲା, ସମସ୍ତଙ୍କୁ ଖୁସି କରି ଖୁସି ହୋଇ ପାରିଲା, ତାହେଲେ ତା'ର ଆମେରିକା ଆସିବା ସାର୍ଥକ ହେବ । ସ୍ୱଳ୍ପ ସମୟ, କ୍ଷଣ ଭଙ୍ଗୁର ଜୀବନକୁ ନେଇ ବଞ୍ଚିବାକୁ ହେଲେ ପ୍ରତିଟି ମୂହୁର୍ତ୍ତକୁ ଉପଭୋଗ କରିବା ଆବଶ୍ୟକ । ଏହା କେବଳ ସମ୍ଭବ ହେବ ସବୁ ଭିତରେ "ଭଲ" ଦେଖିଲେ ।

ଉମେଶର ଜନ୍ମ ମୂହୁର୍ତ୍ତ ମନେ ପଡିଗଲା ଉମାର । ସେଇ ମୁହୂର୍ତ୍ତକୁ ଅନୁଭବ କଲା ଆହୁରି ଥରେ । ମନରେ ନୂଆ କରି ନିଃସ୍ୱାର୍ଥପରଭାବେ ଭଲ ପାଇବାର ଏକ ପ୍ରେମାଞ୍ଜକର ଅନୁଭୁତି ତାର ସ୍ନାୟୁରେ ସ୍ନାୟୁରେ ପ୍ରବାହିତ ହେବାକୁ ଲାଗିଲା । ଭଗବାନଙ୍କୁ ଧନ୍ୟବାଦ ଦେଲା ଅହୁରିଥରେ । ବୋହୁରୁ ଶାଶୁ ଅବା ଶାଶୁରୁ ବୋହୁ ହେବାରେ କଛି ଫରକ୍ ଜଣା ପଡିଲାନ ଉମାକୁ । ପରିବାରକୁ ଖୁସି ରଖିବାର ସୂତ୍ର ସିଏ ପାଇଛି ଜାଣି ଏକ ଅହେତୁକ ଆନନ୍ଦରେ ବିଭୋର ହୋଇଗଲା, ଅନତାର ପିଲାଟିଏ ପରି ଖୁସିରେ ବସି ପିଜା ଖାଇବାକୁ ସିଏ ଉପଭୋଗ କରୁଥିଲା । ଉମେଶର ଜୀବନକୁ ନୂଆ ରୂପରେ ଗ୍ରହଣ କରିପାରିବାର କ୍ଷମତା ଦେଖି ମନେ ମନେ ତାକୁ ବାହାବା ଦେଲା । ଏଇ ଖୁସିରେ ସିଏ ଭାବିଲା, ଆସନ୍ତା ତିନ ମାସ ଏମିତି କୁଆଡେ ତିନୋଟି ଦିନ ପରି ସରିଯିବ । ପୁଅ ବୋହୁଙ୍କୁ ଛାଡି ସିଏ ଓଡିଶା ଫେରିଯିବ, ମନ ପୁଣି ଦୁଃଖରେ ଭାଙ୍ଗି ପଡିବ । ଏଇ ତ ଜୀବନ !



ଏଲକରିଜ, ମେରିଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# କବି



ଅନୁସୂୟା ମିଶ୍ର

କବି.......

ମଗ୍ନ ମନଟିଏ,

କେବେ କଳ୍ପନାର କୋଳରେ

କେବେ ଭାବନାର ବାହୁବନ୍ଧନୀରେ

କେବେ ଅବା,

କେଉଁ ପ୍ରେରଣାର ପଣତରେ ଜଡି ରହିଥାଏ

ତଥାପି.......

ଅସ୍ଥିର ଏକ ଅନ୍ୟମନସ୍କତା କହେ

ହୁଏତ, ନବୁଜ୍ ତା ମନକୋଣେ

ଆଉ କେହି ଛପି ରହିଥାଏ ।



କବି....

ଅଝଟିଆ ଆଲୋଡନଟିଏ

ଜୀବନର ଚଲ୍‌ପଥେ ଗୃଲୁଥାଏ ତ ଗୃଲୁଥାଏ

ଅଜାଣତେ ତୋଳଆଣେ ଆଞ୍ଜୁଳେ ଦୁନଆ

ଛିଞ୍ଚି ଦିଏ ଶବ୍ଦର ସବୁଜିମା ପରେ

ହସିଉଠେ ସୃଷ୍ଟିର ସମ୍ଭାର

ନାଚ ଉଠେ ମନପ୍ରାଣ ତାର

ତଥାପି.......

ନିଃଶବ୍ଦ ଏକ ଦୃଷ୍ଟି କହେ
ହୁଏତ କଳାର କୋଣାର୍କରେ ତାର
ଅନେକ କିଛି ବାକି ରହିଯାଏ ।

କବି.....
ଅନ୍ତର୍ଲୀନ ମନସ୍ତତ୍ୱଟିଏ,
ଜୀବନ ଓ ଜୀବିକାଠୁ ଅନେକ ଦୂରରେ
ନିଜ ମଧ୍ୟେ ବୁଡି ବୁଡି ଯାଏ ଯେବେ
ସିଏ ହିଁ ଜାଣେ, ନିତି ନିତି
କାହାକୁ ସେ ଖୋଜୁଥାଏ ଏତେ
ତଥାପି....
ନିଃଶବ୍ଦ ଏକ ଦୀର୍ଘଶ୍ୱାସ କହେ
ହୁଏତ ନିଜକୁ ସେ ପାଇନି ଏଯାଏଁ ।

କବି......
ଅଭିମାନୀ ନୀରବତାଟିଏ,
ସଜାଡି ରଖିବ ସେ ଗୃହେଁ
ସମାଜର ପ୍ରତିଟି ସୋପାନକୁ
କିନ୍ତୁ ସମାଜ,
କାଗଜର ଡଙ୍ଗାଟିଏ କରି ଭସାଇଦିଏ
ତା ମନର ଅକୁହା ଆଶାକୁ
ତା ଆଖିର ସୁନେଲୀ ସ୍ୱପ୍ନକୁ !
ତଥାପି.....
କ୍ଷଣିକ ଆତ୍ମସନ୍ତୋଷଟିଏ କହେ

ହୁଏତ, ଇପ୍ସିତ ତା ଭବିଷ୍ୟତ
ଆଉ ବେଶୀ ବାଟ ନୁହେଁ ।



କବି......
ବିବଶ ବାସ୍ତବତାଟିଏ,
ଖୁବ୍ ଗୃହେଁ, ଚକ୍ରାର କରି କହିଦିଅନ୍ତା
ନା ଲେଖନୀ ଗୃଳନା ତାର ପେଷା
ନା ପ୍ରତିଟି ମଲ୍ଲି, ଚଂପା ବା ଯୁଇ ତାର ସ୍ୱପ୍ନର ନାୟୀକା,
ସିଏ କବି, ସାରସ୍ୱତ ସୌଦାଗରଟିଏ ନୁହେଁ
ସାହିତ୍ୟ ତାର ଆଗ୍ରଧ
ସାମୟିକ ବିଳାସଟିଏ ନୁହେଁ
ଆଉ କବିତା, ତା ପ୍ରୀତି....ତାର ପରିତୃପ୍ତି
ଜ୍ଞାନର ଗାରିମା ନୁହେଁ
ତା ଅବଚେତନରେ ପ୍ରବାହିତ ଅନାବିଳ ଏକ ପ୍ରାଣଶକ୍ତି ।
ତଥାପି.....
ଅଜଣା ଆଶଙ୍କାଟିଏ କହେ
କଳା ହିଁ ଆଦର ପାଏ, କଳାକାର ନୁହେଁ ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା - ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ପଥହରା



କମଳା ଶତପଥୀ

ମୋ ସାମନାରେ ବଡ ଅସହାୟ ମୁଦ୍ରାରେ ବସି ରହିଥିଲେ ସୁତପା । ବହୁତ ପୁରୁଣା ବନ୍ଧୁ ହୋଇ ବି ମୋ ପାଖରୁ ସବୁବେଳେ ବହୁତ କଥା ଲୁଚେଇବାକୁ ଚେଷ୍ଟା କରିଥାନ୍ତି ସେ । ଆଜି ବା ସେଥିରେ ବ୍ୟତିକ୍ରମ କାହିଁ ହେବାକୁ ଯିବ । ହୁଏତ ନିଜ ଦୁଃଖଗୁଡାକୁ ସର୍ବସାଧାରଣ କରିବାକୁ ଚାହୁଁନଥିବ? ଅଥବା କହିଦେଇ ଅନ୍ୟକୁ କାହିଁକି ଭାରାକ୍ରାନ୍ତ କରିବେ ବୋଲି ଭାବୁଥିବେ । ହେଲେ ମୁଁ ତାଙ୍କ ଭିତରର ଦ୍ୱନ୍ଦ୍ୱକୁ ଅନୁମାନ କରିପାରୁଥିଲି । ତାଙ୍କ ଆଖି ଚାରିପଟରେ ମାଡି ମାଡି ଯାଉଥିବା କଳା ଘେରା ହି ତାଙ୍କର ସବୁ ଦ୍ୱନ୍ଦ୍ୱକୁ ଖାଲି ମତେ ନୁହେଁ, ଆଖପାଖର ଅନ୍ୟ ସମସ୍ତଙ୍କୁ ସଫା ସଫା ଜଣେଇ ଦେଉଥିଲା । ଝରି ଯାଉଥିବା ବୁନ୍ଦା ବୁନ୍ଦା ଲୁହ ହୃଦୟର ପ୍ରତିଟି ତନ୍ତ୍ରୀକୁ ରିକ୍ତ କରିଦେଉଥିଲା । ତାଙ୍କ ବିଷୟରେ ଅଫିସରେ ସମସ୍ତେ ଚୁପୁର ଚାପର ହେଉଥିଲେ । ସେଥିରେ କେହି କଣ ବାଧା ଦେଇ ପାରିବ ନା ଶୁଣି କାନ ବନ୍ଦ କରିପାରିବ! ତଥାପି ମୋ ପାଖରୁ ସବୁକିଛି ଲୁଚେଇ ରଖିବାକୁ ସେ ଚାହୁଁଥିଲେ।

ତାଙ୍କୁ ଦେଖୁ ଦେଖୁ ହିଁ ମୁଁ ଜାଣିଗଲି ନିଜକୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ଭାଳି ରଖିବାକୁ ସେ କେବେ ବି ସକ୍ଷମ ହେବେ ନାହିଁ । କିନ୍ତୁ ଯେହେତୁ ସେ ନିଜେ କହିବାକୁ ଚାହୁଁନଥିଲେ, ମୁଁ ତାଙ୍କୁ ବାଧ କେମିତି କରିପାରିଥାନ୍ତି! ଚା ପିଇସାରି ଚୁପ୍ ଚାପ୍ ତାଙ୍କ ପାଖରୁ ଉଠି ଆସିଲି । ଆସିଲା ପୂର୍ବରୁ କିନ୍ତୁ କହିଦେଲି ଯେ ଯେତେବେଳେ ଇଚ୍ଛା କରିବେ ନିଜ ଦୁଃଖକୁ ଅନ୍ୟ କାହା ସହିତ ଭାଗ କରିବାକୁ, ସେତେବେଳେ ନିର୍ଦ୍ୱନ୍ଦ୍ୱରେ ମୋ ପାଖକୁ ଚାଲିଆସି ପାରିବେ, ମୋ ଦ୍ୱାର ତାଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ଥିଲା ଆଉ ରହିଥିବ।

କହି ଆସିଥିଲେ ବି ସେ ମୋ ପାଖକୁ ଆସିବେ, ଆଉ ନିଜ ସମସ୍ୟାକୁ ମୋ ଆଗରେ ସ୍ୱଇଚ୍ଛାରେ ବଖାଣି ଯିବେ, ତାହାର ଆଶା ମୋର ନଥିଲା । ତାଙ୍କ ପରି ଜଣେ ଅନ୍ତର୍ମୁଖୀ

ନାରୀ, ଯିଏ ସାରା ଜୀବନ ସବୁକଥାକୁ ଭିତରେ ଭିତରେ ହଜମ କରିବା ହିଁ କେବଳ ଜାଣିଛି, ତା ପକ୍ଷରେ ଏତେ ସହଜ ନୁହେଁ ବହୁ ବର୍ଷ ପରେ ଦେଖା ହୋଇଥିବା ବନ୍ଧୁ ଆଗରେ ବସି ଦୁଃଖ ସବୁକଥା ଓଗାଳ ପକେଇବା। ନିଶ୍ଚୟ ଦ୍ୱିଧା ଅନୁଭବ କରୁଥିବେ। ତଥାପି ଯଥା ସମ୍ଭବ ବୁଝେଇକ କହି ଆସିଥିଲି ଯେ ମନ ଭିତରର କଥାଗୁଡା କାହା ଆଗରେ ପ୍ରକାଶ କରିଦେଲେ ବହୁତ ହାଲୁକା ଲାଗିବ ଛାତି ଭିତର। ହୁଏତ ସେସବୁ ଦୂର କରିବାର କିଛି ନା କିଛି ଉପାୟ ଅନ୍ୟ କାହା ପାଖରେ ଥିବ, ଯାହାକୁ ସେ କାମରେ ଲଗେଇ ପାରିବେ।

ତାଙ୍କର ସବୁ ଦୁଃଖ ଯେ ସଂପୂର୍ଣ୍ଣ ଭାବରେ ପାରିବାରିକ, ସେକଥା ଅଳ୍ପେ ବହୁତେ ମତେ ଜଣାଥିଲା। ସେଥିପାଇଁ ଜୋର୍ ଦେଇ ତାଙ୍କ ପାଖରୁ ସେସବୁ ଆଦାୟ କରିବାକୁ ଗ୍ହିଁଲିନ । କିଏ ଜାଣେ, ସେମିତି କରିଥିଲେ ଖରାପ ନ ଭାବି ଥାଆନ୍ତେ ସେ!

ମୋ ଜାଣିବାରେ ସୁତପାଙ୍କର କାହାଣୀ ସେଇ ଚର୍ବିତଚରିତ ଆଦାମ୍ ଇଭ୍ ର କାହାଣୀ ତ ନୁହେଁ, ତଥାପି ସେଥିରୁ କିଛି ବ୍ୟତିକ୍ରମ ବି ନୁହେଁ। ଯଦିଓ ସେମାନଙ୍କର ବହାଘର ପ୍ରେମରୁ ଉତ୍ପନ୍ନ ହୋଇଥିଲା, ହେଲେ ତା ର ମୂଳଦୁଆ ଥିଲା ଖୁବ୍ ଦୁର୍ବଳ। ଯୋଉଥିପାଇଁ ଟିକିଏ ଟିକିଏ ଝଡତୋଫାନରେ ବାରମ୍ବାର ଧରାଶାୟୀ ହେଇ ଯଉଥିଲା। ବାରମ୍ବାର ଏପରି ହେବା ଫଳରେ ସମୟ ସହିତ ଧିରେ ଧିରେ ତାହା ସତ୍ତା ବି ହରେଇବାକୁ ବସିଥିଲା। ତାଙ୍କ ହାବଭାବରୁ ମୁଁ ଯାହା ଅନୁମାନ କଲି, ଆଜି ବି ସେହି ସଂକ୍ରାନ୍ତୀୟ କିଛି ଘଟଣା ଘଟିଥିବ।

ତାଙ୍କର ବୈବାହିକ ଜୀବନକୁ ବିଶ୍ଳେଷଣ କଲେ ସବୁ ହିସାବ କତାବ ଆଖି ଆଗରେ ଓଲଟ ପାଲଟ ହୋଇଯାଏ। ଜୀବନର ଅର୍ଥ ବଦଳ ଯାଏ। ବୁଝି ପାରେନା କୋଉଟା ଠିକ୍ ଆଉ କୋଉଟା ଭୁଲ୍। ଯେତେବେଳେ ଘରଲୋକଙ୍କର ବହୁ ବାଦ ପ୍ରତିବାଦ ସତ୍ତ୍ୱେ ମିହିରଙ୍କୁ ସେ ବିବାହ କଲେ, ସେତିକିବେଳେ ହିଁ ତାଙ୍କ ବୈବାହିକ ଜୀବନର ଅସଫଳତାର ଭବିଷ୍ୟବାଣୀ ସମସ୍ତେ କରିଦେଇଥିଲେ।ଉଭୟଙ୍କ ପାଇଁ ଆଦୌ ସଠିକ୍ ଜୀବନସାଥୀ ନୁହେଁ। ଦୁଇ ବିପରୀତ ମୁଖୀ ସରଳରେଖା ସେମାନେ....କେବେ କୌଣସି ବିନ୍ଦୁରେ ଏକାଠି ହୋଇପାରିବେ ନାହିଁ। ନିଶ୍ଚୟ କିଛି ଦିନ ଭିତରେ ସେଥିରେ ଫାଟ ପଡିଯିବ।

ମୋର ମନ ମାନନଥିଲା ସତ, କିନ୍ତୁ ଲୋକଙ୍କର ଭବିଷ୍ୟବାଣୀ ଧିରେ ଧିରେ ସତ ହେଇଯାଉଥିବାର ଅନୁଭବ ପରବର୍ତ୍ତୀ ଦିନରେ ମୋର ହେବାକୁ ଲଗିଲା । ଅନେକ ପ୍ରେମ କାହାଣୀର ବିଫଳ ଅନ୍ତ ପରି ତାଙ୍କ କାହାଣୀ ମଧ୍ୟ ବିଫଳତା ଆଡକୁ ଆଗେଇ ଗ୍ଲିଥିଲା, ଏକଥା ମୋ ସହ ଅନ୍ୟ ସମସ୍ତେ ବି ଏବେ ଦେଖି ପାରୁଥିଲେ । କିନ୍ତୁ ଏହାର କାରଣ ଥିଲା ଅନ୍ୟ ସମସ୍ତଙ୍କ କାହାଣୀଠାରୁ ଯଥେଷ୍ଟ ଭିନ୍ନ । ସେଇ ଭିନ୍ନତା ହିଁ ଗଢି ତୋଳଥିଲା ଦୁଇଜଣଙ୍କ ଭିତରେ ଏକ ଅଦୃଶ୍ୟ କିନ୍ତୁ ଅଭେଦ୍ୟ ପ୍ରାଚୀର । ଦୁଇ ଜଣଙ୍କ ଜୀବନରେ ସମସ୍ତ ପାର୍ଥୀବ ସୁଖ ଥାଇ ମଧ୍ୟ ଥିଲା ସନ୍ତାନର ଅଭାବ ଏବଂ ତାହାର କାରଣ ଲୁଚ ରହିଥିଲା ସୁତପାଙ୍କ ଭିତରେ ।

ମିହିର ଉପରେ ଉପରେ ସେକଥାକୁ ସେତେ ଗୁରୁତ୍ୱ ଦେଉ ନଥିଲେ ବି ମନଟା ସବୁବେଳେ ସେଇ କାରଣ ପାଇଁ ବ୍ୟାକୁଳ ରହୁଥିଲା । ସେ ଅବଶ୍ୟ ଯଥା ସମ୍ଭବ ନିଜ ଭିତରେ ଲୁଚେଇ ରଖୁଥିଲେ ସବୁକିଛି । କିଏ କାହିଁ ଜାଣିବାକୁ ଯିବ ତାଙ୍କ ଅଭାବ ଅସୁବିଧାକୁ । କିନ୍ତୁ ତାଙ୍କ ଅଜାଣତରେ ଦୁଃଖଗୁଡା ସମୟ ଅସମୟରେ ପଦାକୁ ବାହାରି ଆସି ପରିସ୍ଥିତିକୁ ଖରାପ କରି ପକୋଉଥିଲେ, ଯାହା ଫଳରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସୃଷ୍ଟି ହୋଇଥିବା ଖାଇ ଆହୁରି ବଢି ବଢି ଗ୍ଲିଥିଲା । ସୁତପାଙ୍କ ଦୁଃଖ ସେଇ କାରଣରୁ ଚଉଗୁଣିତ ହୋଉଯାଉଥିଲା । ମିହିର ତାଙ୍କୁ ମୁହଁରେ କିଛି କହୁନଥିଲେ ସତ, କିନ୍ତୁ ବ୍ୟବହାର ସ୍ପଷ୍ଟ କରି ଦେଉଥିଲା ଛାତି ତଳେ ରୁଗ୍ ରୁଗ୍ ହେଉଥିବ ଦୁଃଖର ସାଗରକୁ ।

ଅବଶ୍ୟ ଏଥିରେ ମିହିରଙ୍କୁ ଦୋଷ ଦିଆ ଯାଇନପାରେ । ସନ୍ତାନର କାମନା କରିବାଟା କିଛି ଗୋଟାଏ ଆଶ୍ଚର୍ଯ୍ୟଜନକ କଥା ନୁହେଁ । କିନ୍ତୁ ସୁତପାଙ୍କୁ ନିଜ ଅପୂର୍ଣ୍ଣତା ପାଇଁ ଯେତିକି ଦୁଃଖ ଲାଗୁନଥିଲା, ସେତିକି ଲାଗୁଥିଲା ମିହିରଙ୍କ ବ୍ୟାକୁଳତା ପାଇଁ । ଆଉ ସେସବୁ ପାଇଁ ସେ ନିଜେ ଦାୟୀ ଦେଇଥିବାରୁ, ମାନସିକ ଯନ୍ତ୍ରଣା ଥିଲା ଯଥେଷ୍ଟ ଅଧିକ । ଠିକ୍ ସେହି ସମୟରେ ମିହିରଙ୍କର ଏଇ ଟିକିଏ ଟିକିଏ ଅସାମାନ୍ୟ ବ୍ୟବହାର ତାଙ୍କ ଅଦୃଶ୍ୟ କ୍ଷତକୁ ଆହୁରି ରକ୍ତାକ୍ତ କରି ପକୋଉଥିଲା । ନିଜର ଅଭାବଟାକୁ ସ୍ୱୀକାର କରିନେବାକୁ କୌଣସି ମତେ ନିଜକୁ ସେ ପ୍ରସ୍ତୁତ କରିପାରୁନଥିଲେ । ବୟସ ଗଡି ଗ୍ଲିଥିଲେ ମଧ୍ୟ ତାଙ୍କ ଆଶା ମରୁନଥିଲା । ମା ହେବାର ପ୍ରୟାସକୁ ସେ ଛାଡି ପାରୁନଥିଲେ । ଡାକ୍ତର ବଇଦଠୁ ଆରମ୍ଭ କରି ଗୁଣି ଗାରେଡି ପର୍ଯ୍ୟନ୍ତ ସବୁ ଚେଷ୍ଟା ପୂର୍ବବତ୍ ଗ୍ଲୁ ରଖିଥିଲେ । କିନ୍ତୁ ଯେତେ ଚେଷ୍ଟା

କରିବା କଥା ତା ଠାରୁ ବହୁତ ଅଧିକ କଲା ପରେ ବି ମା ହେବାର ସୌଭାଗ୍ୟ ପାଇପାରିଲେ ନାହିଁ । ଏହିପରି ଅବସ୍ଥାରେ ମାନସିକ ସନ୍ତୁଳନ ହରେଇ ବସିବାଟା କିଛି ବଡ କଥା ନଥିଲା ।

ଅନ୍ୟର ଛୁଆଟିଏ ଦେଖିଲେ ମିହିର ଯେପରି ରଙ୍ଗ ହୁଅନ୍ତି, ସୁତପା ଜମାରୁ ବରଦାସ୍ତ କରିପାରନ୍ତି ନାହିଁ । ଅଭାବଟା ଯେ କେବଳ ମିହିରଙ୍କ ଜୀବନରେ ଅଛି, ତା ତ ନୁହେଁ! ତେବେ ସୁତପାଙ୍କ ବ୍ୟବହାର ସାଧାରଣ ଥିଲା ବେଳେ ମିହିର କାହିଁକି ଏପରି ବ୍ୟବହାର କରନ୍ତି? କେବେ କେମିତି ବନ୍ଧୁମାନଙ୍କ ପାରିବାରିକ ସମସ୍ୟା ଭିତରେ ତାଙ୍କୁ ମୁଣ୍ଡ ପୂରେଇବାକୁ ପଡିଲେ, ତେବେ ସେ ଯେଉଁ ଉପଦେଶମାନ ସେମାନଙ୍କୁ ଦିଅନ୍ତି, ଚମକି ପଡନ୍ତି ସୁତପା । ପାଣି ପାଣି ହେଇଯାଏ ରକ୍ତ । ଏ କ'ଣ କହୁଛନ୍ତି ମିହିର ଆଉ କାହାକୁ ଦେଖେଇ କହୁଛନ୍ତି?

"ତୁମମାନଙ୍କ ଜୀବନରେ ଆଉ କିଛି ଥାଉ କି ନଥାଉ, ସବୁଠାରୁ ବଡ ପୁଞ୍ଜି ତ ତୁମ ପାଖରେ ଭରପୁର ଅଛି, ଆଉ ତାହା ହେଲା ତୁମ ପିଲାମାନେ । ଯେପର୍ଯ୍ୟନ୍ତ ଭଗବାନ ସେ ସୁଖରେ କୌଣସି ଆଞ୍ଚ ଆଣିନାହାନ୍ତି, ଦୁଃଖ ନାମକ ଶବ୍ଦ ତୁମ ପାଖ ପଶିପାରିବ କେମିତି! ସେମାନଙ୍କ ପାଇଁ ତୁମେ କ'ଣ ସବୁ ଅଭାବ ଅସୁବିଧାକୁ ହସି ହସି ଉଠେଇ ନେଇପାରିବ ନାହିଁ! .."

କଥାଟି ଦେଖିବାକୁ ଗଲେ ନିହାତି ସାଧାରଣ, ହେଲେ ସେଇ ସାଧାରଣ କଥାରେ ହିଁ ସୁତପାଙ୍କ ହୃଦୟ ଜଳପୋଡି ଅଙ୍ଗାର ହେଇଯାଏ । ମା' ନହେବାର ଦୁଃଖ ଠାରୁ ଅଧିକ ହୋଇଉଠେ ମିହିରଙ୍କର ଏପରି ଉପଦେଶ ଦେବା ପଛରେ ଲୁଚି ରହିଥିବା ଅସଲ ଉଦ୍ଦେଶ୍ୟ । ସେ ଯେ ତାଙ୍କୁ ଦେଖେଇ ଶିଖେଇ ଏପରି କହୁଛନ୍ତି, ତାହା ସେ ଠିକ୍ ହୃଦୟଙ୍ଗମ କରିପାରନ୍ତି । ମିହିରଙ୍କର ବକ୍ତବ୍ୟ କିନ୍ତୁ ଥାଏ ସଂପୂର୍ଣ୍ଣ ଅଲଗା । ତାଙ୍କ ଭାଷାରେ ସୁତପା କାହାରି ସୁଖ ଦେଖି ସହି ପାରନ୍ତିନି । ନିଜର ଛୁଆ ନାହିଁ, ତା' ଅର୍ଥ କ'ଣ ଅନ୍ୟର ଛୁଆର ପ୍ରଶଂସା କରିବା ପାପ? ସମସ୍ତଙ୍କ ଜୀବନରେ ଗୋଟିଏ ଛୁଆର ମହତ୍ତ୍ୱ ସବୁଠାରୁ ବେଶି । ଆମର ନାହିଁ, ତା' ଅର୍ଥ କ'ଣ ଆମେ ଅନ୍ୟମାନଙ୍କ ଜୀବନର ସମସ୍ୟାକୁ ଶୁଣି ହସରେ ଉଡେଇ ଦେଇ ଚାଲିଯିବା! ସେମାନଙ୍କ ଜୀବନକୁ ସୁଧାରିବାର ଚେଷ୍ଟା କରିବା ନାହିଁ ।

ପିଲ୍ମାନଙ୍କ ବିନା ଘରଟା ଘର ପରି ଲାଗେନା, କିନ୍ତୁ ତା' ମାନେ ଏଇଆ ନୁହେଁ ଯେ ଯାହାର ଛୁଆପିଲା କିଛି ନାହିଁ, ସେମାନଙ୍କର ବଞ୍ଚିବାର କୌଣସି କାରଣ ଆଉ ନାହିଁ । ମଣିଷ ଜୀବନରେ ସବୁକିଛି ତ କେବେ ପାଇପାରିବ ନାହିଁ । କିଛି ନା କିଛି ଅଭାବ ଅସୁବିଧା ନିଶ୍ଚୟ ରହିବ । ଯେତିକି ମିଳିଛି, ସେତିକିରେ ସନ୍ତୁଷ୍ଟ ରହିବା ଉଚିତ ।ଅନ୍ୟର ଜିନିଷକୁ ପ୍ରଶଂସା କରିବାର ମାନେ ନୁହେଁ ଯେ ଆମେ ସେ ଜିନିଷ ପାଇଁ ଲାଳାୟୀତ ବା ଈର୍ଷାନ୍ୱିତ!

ଏସବୁ ଶୁଣିଲା ପରେ ଲାଗେ, କେତେ ମହାନ୍ ବିଗ୍ରହ ମିହିରଙ୍କର ସତରେ! ସୁତପା ତାଙ୍କୁ ବୁଝି ନପାରି ମିଛରେ ଦୋଷ ଦେଇ ଗ୍ଲାନିଛନ୍ତି ଜୀବନ ସାରା । ପତି ପତ୍ନୀଙ୍କ ଭିତରେ ତାଳମେଳ ରକ୍ଷା କରିବା ଉଭୟଙ୍କର ଦାୟୀତ୍ୱ । ସେ ଦାୟୀତକୁ ମିହିର ସୁରୁରୁରୂପେ ଚଲେଉଥିଲା ବେଳେ ସୁତପା ହି ତାକୁ ଛିନ୍ନଭିନ୍ନ କରି ପକୋଉଛନ୍ତି । ବିଶ୍ୱାସର ଜଉଘରେ ଅଗ୍ନି ସଂଯୋଗ କରୁଛନ୍ତି!

କିନ୍ତୁ ସୁତପା କୁହନ୍ତି ମିହିରଙ୍କ କଥା ଏବଂ କାର୍ଯ୍ୟରେ କୌଣସି ସମନ୍ୱୟ ନାହିଁ । ତାଙ୍କ ମନ ଭିତରେ ଲୁଚ ରହିଛି ଆଉ ଏକ ମିହିର, ଯାହାର ପରିଚୟ କେବଳ ତାଙ୍କୁ ହିଁ ଜଣା । ସେ ମିହିର କେବଳ ହାଏ ହାଏ କରି ବଞ୍ଚିବା ଜାଣେ, ଅନ୍ୟକୁ ଆକ୍ଷେପ କରି ନିଜ କୁଣ୍ଠାକୁ ତଡିବା ଜାଣେ । ସେ ସମାଧାନ ନୁହେଁ, ପରିସ୍ଥିତିକୁ ଅଧିକ ଜଟୀଳ କରିବା ଜାଣେ ।

ଦୁଇ ଜଣଙ୍କ ଭିତରୁ କିଏ କେତେ ପରିମାଣରେ ଠିକ୍, ସେକଥା ମୁଁ କେବେ ସ୍ଥିର କରିପାରିନାହିଁ । କେବେ ଯଦି ସେମାନଙ୍କ ସଂପର୍କକୁ ବୁଝିବାକୁ ଚେଷ୍ଟା କରିଛି, ଅଡୁଆ ସୂତା ଠାରୁ ବି ଆହୁରି ଅଧିକ ଗୁଡେଇ ହେଇଯାଇଛି ସେ ସଂପକରେ । କେବେ କେମିତି ଇଚ୍ଛା କରି ସେମାନଙ୍କୁ ବୁଝେଇବାକୁ ବସିଲେ, ନିଜକୁ ହି ଭ୍ରାନ୍ତ ଅବସ୍ଥାରେ ପାଇଛି ।

ମଝିରେ ଶୁଣିବାକୁ ପାଇଥିଲି, ସୁତପା ବାଧ କରୁଛନ୍ତି ମିହିରଙ୍କୁ ଦ୍ୱିତୀୟ ବିବାହ କରିନେବାକୁ । ସମ୍ବାଦଟା ମତେ ଚମକେଇ ଦେଇଥିଲା । ସୁତପାଙ୍କୁ ମୁଁ ଯେତିକି ଚିହ୍ନିଛି, ସେତିକିରେ ଏପରି ଏକ ସୂଚନା ସମସ୍ତଙ୍କ ପାଇଁ ଥିଲା ବେଶ୍ ଚମକପ୍ରଦ । ଯାହା ଆଗରେ

କାହାରି ସାମାନ୍ୟ ପ୍ରଶଂସା ବି କେବେ କର୍‌ଯାଇ ହୁଏନା, ସେ କେମିତି ଏତେ ଉଦାର ହୃଦୟରେ ନିଜର ସ୍ଥାନ ଅନ୍ୟକୁ ସମର୍ପି ଦେବାକୁ ଭାବିପାରୁଛି!

ସୁତପାଙ୍କୁ ଏ ଘଟଣାର ସତ୍ୟାସତ୍ୟ ଉପରେ ଯେତେବେଳେ ପଚାରିଲି, ଦୀର୍ଘଶ୍ୱାସ ଭରି ସେ କେବଳ ନିଜର ଉପାୟବହିନତାର ବର୍ଣ୍ଣନା କରିଗଲେ । ଗୋଟିଏ ଛାତ ତଳେ ରହି ମଧ୍ୟ ମାସ ମାସ ଧରି ମିହିର ଆଉ ତାଙ୍କ ଭିତରେ ଭାବର ଆଦାନ ପ୍ରଦାନ ହେଉନଥିଲା । ଅଜଣା ଅଶୁଣା ବ୍ୟକ୍ତିମାନଙ୍କ ପରି ଥିଲା ପରସ୍ପରର ବ୍ୟବହାର । ଆଶ୍ଚର୍ଯ୍ୟ ନଥିଲା କଥାଟା। କାରଣ ଦିନେ ମିହିରଙ୍କୁ ଏ ବିଷୟରେ ଆଗରୁ ପଚାରିଥିଲି, କାହିଁକି ଘରେ ଏତେ ଚୁପ୍‌ଚାପ୍ ରହୁଛନ୍ତି ବୋଲି ।

"କ'ଣ ଆମେ ଗପିବୁ? କାହା ବିଷୟରେ ଗପିବୁ? କିଛି ତ ନୂତନତ୍ୱ ନାହିଁ । ସେଇ ମୁଣ୍ଡ ବିନ୍ଧୁଛି, ଆଖିରୁ ପାଣି ବୋହୁଛି, ଅଫିସ୍‌ର ବାକି କାମ, ଚାକରାଣୀ ଠିକ୍ ସମୟରେ ଆସିନି, .. ଗୋଳେଇ ଘାଣ୍ଟି କରି ସେଇ ସେଇ କଥାକୁ କେତେ ଗପି ପାରିବୁ । ଗପି ଗପି ସେସବୁ ଘସରା କ୍ୟାସେଟ୍ ହେଇଗଲାଣି । ବେଶି ବେଶି ଚଳେଇ ଟେପ୍ ରେକର୍ଡରକୁ ଖରାପ କରିଦବା ଅପେକ୍ଷା ବରଂ ଚୁପ୍ ରହିବା ଭଲ ।"

ତାଙ୍କର ଏ ଅକାଟ୍ୟ ଯୁକ୍ତି ଆଗରେ ସୁତପା ଚୁପ୍ ହେଇଯାନ୍ତି । ତାଙ୍କ ପାଖରେ ଆଉ କ'ଣ ବା ଉତ୍ତର ଥାଏ ଦବାକୁ! କିନ୍ତୁ ଭିତରେ ଭିତରେ କୁହୁଳି ଚାଲନ୍ତି । ମିହିର ଯେ ପ୍ରକାରାନ୍ତରେ ତାଙ୍କର ସେହି ରୋଗିଣା ଅଙ୍ଗକୁ ଦବେଇ ଦେଇ ଆହୁରି ଯନ୍ତ୍ରଣାସିକ୍ତ କରେଇ ଦିଅନ୍ତି, ସେକଥା ଜାଣି ଆଖି ତାଙ୍କର ଛଳଛଳେଇ ଯାଏ । ଏସବୁଥିର ସମାଧାନ ନିରନ୍ତର ଖୋଜିଲା ପରେ ଶେଷରେ କେବଳ ତାଙ୍କର ଦ୍ୱିତୀୟ ବିବାହରେ ହି ସମାଧାନ ପାଇ ପାରିଲେ । ତାଙ୍କର ଧାରଣା ଥିଲା ଘରେ ଗୋଟିଏ ପିଲା ଜନ୍ମ ନେଇଗଲେ ମିହିରଙ୍କ ସ୍ୱଭାବରେ ପରିବର୍ତ୍ତନ ଆସିଯିବ ।

କିନ୍ତୁ ସେଥିପାଇଁ ବିବାହର ଆବଶ୍ୟକତା କ'ଣ? ଅନ୍ୟ କାହାରି ପିଲାକୁ ପୋଷ୍ୟପୁତ୍ର କରିପାରିବ!

କିନ୍ତୁ ନା, ସେପରି କରିବାର ସତ୍‌ସାହାସ ତାଙ୍କର ନଥିଲା । ଅନାଥାଶ୍ରମରୁ ଆଣିବାର ପ୍ରଶ୍ନ

ନଥିଲା।କାହାର ନାହିଁ କାହାର ହେଇଥିବ, ଏମିତି କେମିତି ଆଣି ଘରେ ରଖିପାରିବେ! ମନଟା ତ ସବୁବେଳେ ଦକ ଦକ ରହିବ ଛୁଆଟିର ଜନ୍ମ ଇତିହାସକୁ ନେଇ । ସେ ଚିନ୍ତାରୁ ନିଜକୁ ମୁକ୍ତ ରଖିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା କି ସେ ଚିନ୍ତାକୁ ମୁଣ୍ଡରେ ବୋହି ବୋହି ଛୁଆଟିକୁ ପାଳନ କରିବା ବି ସମ୍ଭବ ନଥିଲା । ବନ୍ଧୁବାନ୍ଧବଙ୍କ ଛୁଆକୁ ଆଣିବାର ଅର୍ଥ ନୂଆ ପ୍ରକାରର ଅଶାନ୍ତିକୁ ଘର ଭିତରକୁ ଜାଣିଶୁଣି ପୂରେଇବା । କୋଉ ପଟର ଛୁଆକୁ ଆଣିବେ, ତାହା ବି ଆଉ ଏକ ସମସ୍ୟା । କିଏ ବା କାହିଁକି ଦବାକୁଯିବ ! ପଛକୁ ସେଥି ନେଇ କିଛି ନା କିଛି ସମସ୍ୟା ବି ଦେଖା ଦେଇପାରେ। ମିହିର ବି ସେକଥାକୁ ସହଜରେ ସ୍ୱୀକୃତି ଦେଇନଥିଲେ । ସୁତପାଙ୍କର ଅଭିବ ଲାଗି ସେ କାହିଁକି ବଳି ପଡିବାକୁ ଯିବେ! ତେଣୁ ବହୁତ ଭାବିଚିନ୍ତି ନିଜ ଭବିଷ୍ୟତକୁ ବାଜି ଲଗେଇ ମିହିରଙ୍କ ଦ୍ୱିତୀୟ ବିବାହକୁ ହିଁ ସେ ସମର୍ଥନ ଜଣେଇଥିଲେ । ଏଥିରେ ବି ମିହିରରାଜି ନଥିଲେ । ତାଙ୍କୁ ଜଣାଥିଲା ସୁତପାଙ୍କର ମାନସିକତା।ଏଇଲେ ଭାବପ୍ରବଣତାରେ ହଁ କରିଦେଉଛନ୍ତି, କିନ୍ତୁ ଭବିଷ୍ୟତରେ ଯାହା ସୁବିଧା ଅସୁବିଧା ହେବ, ଯାହାର କି ସମ୍ଭାବନା ଖୁବ୍ ବେଶି ଅଛି, ସେସବୁ ମିହିରଙ୍କୁ ହି ଭୋଗ କରିବାକୁ ପଡିବ । ସୁତପାଙ୍କର ଭାବନାକୁ ଗ୍ରହଣ କରିନବା କ'ଣ ଏତେ ସହଜ ଥିଲା! ଆଜିକାଲି କେତେ ଲୋକଙ୍କର ଏମିତି ଛୁଆ ହେଉନାହିଁ, ସମସ୍ତେ କ'ଣ ଦ୍ୱିତୀୟ ବିବାହ କରିନେଉଛନ୍ତି ନା କିଛି ମାନେ ଅଛି ଯେ ଦ୍ୱିତୀୟ ସ୍ତ୍ରୀର ଛୁଆ ନିଶ୍ଚୟ ହେବ! ଯଦି ସେ ବି ଫେଲ୍ ମାରିଲା, ତେବେ କ'ଣ କରିବେ? .. ତୃତୀୟ ବିବାହ?

ଏହିପରି ଅନେକ ଯୁକ୍ତିତର୍କ ଚାଲିଥିଲା ବେଳେ ସେମାନଙ୍କ ଜୀବନରୁ ମୁଁ ଅନେକ ଦୂରକୁ ଚାଲି ଯାଇଥିଲି । କିଛି ଦିନ ପର୍ଯ୍ୟନ୍ତ କିଛି କିଛି ଯୋଗାଯୋଗ ରହିଥିଲା, ହେଲେ ଅତରେ ତାହା ବି ଶେଷ ହୋଇଯାଇଥିଲା । ନିଜ ନିଜ ଜଞ୍ଜାଳ ନିଜକୁ ଭାରି ଲାଗୁଥିଲା ବେଳେ ଅନ୍ୟର କଥା କିଏ କେତେ ବା ଚିନ୍ତା କରିପାରିବ!

ଆଜି ଏତେ ବର୍ଷ ପରେ ପୁଣି ବୁଲି ବୁଲି ମୁଁ ସେଇ ଅଫିସ୍ ରେ ଆସି ପହଞ୍ଚିଛି, ଯୋଉଠି ସୁତପାଙ୍କୁ ଛାଡି ଯାଇଥିଲି । ପରିସ୍ଥିତି, ପରିବେଶ ସବୁ ବଦଳ ଯାଇଛି ସମୟ ସହିତ ତାଳ ଦେଇ ଦେଇ । ହେଲେ ସୁତପା ଆଜି ବି ସେମିତି ଅଛନ୍ତି, ବ୍ୟସ୍ତ ବିବ୍ରତ .. ଚିନ୍ତାଯୁକ୍ତ ଆଉ ହତାଶରେ ଭଗ୍ନ । ସମୟ ତାଙ୍କ ପାଖରୁ ସେସବୁ ଗୋଟେଇ ନେଇ ପାରିନାହିଁ । କିଛି ବି ପରିବର୍ତ୍ତନ ଆସିନାହିଁ ତାଙ୍କ ପରିସ୍ଥିତିରେ। ବରଂ ଏକଥା କହିପାରିବି ଯେ ସେସବୁ ଆହୁରି

ଦଶଗୁଣା ବଢ଼ିଯାଇଛି । ଦୁଃଖ ଆଉ ହତାଶରେ ଭାରାକ୍ରାନ୍ତ ହୋଇପଡିଥିବା ମୁହଁକୁ ତାଙ୍କର ଗୁହିଁଦେଲା ମାତ୍ରେ ଲାଗୁଥିଲା ଏଇ ମାତ୍ର ଗଡି ଆସିବ ବର୍ଷ ବର୍ଷରୁ ଲୁଚେଇ ଛପେଇ ରଖିଥିବା ଲୁହର ଧାର ସବୁ ତାଙ୍କ ହତାଶର କାହାଣୀ ବର୍ଣ୍ଣନା କରି କରି । ଏଇ ମାତ୍ର କାନ୍ଦି ଉଠିବେ ସେ ଭେ ଭେ କରି ।

ତାଙ୍କର ଦୁଃଖର କାରଣ ନିଶ୍ଚୟ ପାରିବାରିକ, ସେକଥା ସ୍ପଷ୍ଟ ବୁଝି ହେଉଥିଲା । କିନ୍ତୁ କ'ଣ ହୋଇଥାଇ ପାରେ, ସେକଥା ଅନୁମାନ କରିବା ଥିଲା କଷ୍ଟକର । ମୋ ଅନୁପସ୍ଥିତିରେ ସେମାନଙ୍କ ଜୀବନରେ କ'ଣ କ'ଣ ସବୁ ଘଟିଯାଇଛି, ମୁଁ କିଛି ଜାଣିନଥିଲି କି ପଚାରି ପାରୁନଥିଲି । କିନ୍ତୁ ନିତି ପ୍ରତିଦିନ ତାଙ୍କର ସେ ଶୁଖିଲା ମୁହଁକୁ ଦେଖି ଅପରାଧ ବୋଧରେ ନିଜେ ନିଜେ ସାଙ୍କୁଡି ଉଠୁଥିଲି । ଦୋଷ ନଥାଇ ବି ଲାଗୁଥିଲା ଯେମିତି ମୋ ଦ୍ୱାରା ହିଁ କିଛି ଭୁଲ୍ ହେଇଯାଇଛି! ଏମିତି ଅନୁଭବଟିଏ କାହିଁକି ମୋ ଭିତରେ ମୁଣ୍ଡ ଉଠାଉଥିଲା, ମୁଁ ନିଜେ ଜାଣିନଥିଲି । ଅନ୍ୟ ସହକର୍ମୀମାନଙ୍କୁ ସେକଥା କହିଲାରୁ, ସେମାନେ ବି ସେପରି ଅନୁଭବ କରୁଥିବା କଥା ମତେ ଜଣେଇଥିଲେ । ସୁତପାଙ୍କ ପାଇଁ ସାରା ଅଫିସ୍ ବିବ୍ରତ ଥିଲା। ତାଙ୍କ ସବୁ ସମସ୍ୟାକୁ ନିଜର ଭାବି ଦୂର କରିବାକୁ ଇଚ୍ଛା କରୁଥିଲା, ହେଲେ ସୁତପା କ'ଣ କାହାକୁ ନିଜର ମଣୁଥିଲେ କି!

ଅଫିସ୍ ଆସି ମଧ୍ୟ କୌଣସି କାମରେ ତାଙ୍କର ଧ୍ୟାନ ରହୁନଥିଲା । ସବୁବେଳେ କେମିତି ଏକ ଅନ୍ୟମନସ୍କ ଭାବ ନେଇ ଚଳପ୍ରଚଳ ହେଉଥିଲେ । ସନ୍ଦେହ ଆଉ କୁଣ୍ଠାରେ ଗ୍ରସ୍ତ ରହି ସବୁକିଛି ନିଜ ଭିତରେ ଲୁଚେଇ ରଖିବାକୁ ଚାହୁଁଥିଲେ । ଏମିତି ବି କାହାକୁ କିଛି କହି ପକେଇବାଟା ତାଙ୍କର ପ୍ରକୃତିଗତ ନୁହେଁ । ଆଉ ଏବେ ତ ସହଜେ ସେ ଚିନ୍ତିତ ଅଛନ୍ତି, ବ୍ୟାକୁଳ ଅଛନ୍ତି । ଲୋକଙ୍କ ପାଖରୁ ଦୂରେଇ ଦୂରେଇ ସେ ଯେ କେତେବେଳେ ସଂପୂର୍ଣ୍ଣ ଏକୁଟିଆ ହୋଇଯାଇଛନ୍ତି, ସେକଥାର ହେତୁ ବୋଧେ ତାଙ୍କର ନଥିଲା । ସେଥିପାଇଁ ମତେ ଦେଖୁ ଦେଖୁ ହିଁ ସେ କଇଁ କଇଁ ହୋଇ କାନ୍ଦି ପକେଇଥିଲେ । ନିଜ ଏକାକୀ ଜୀବନ ପାଇଁ ସମସ୍ତଙ୍କୁ ଦାୟୀ କରିଥିଲେ ।

ତାଙ୍କ ପ୍ରକୃତି ସହିତ ବହୁ ପୂର୍ବରୁ ମୁଁ ପରିଚିତ । ତାଙ୍କ ଅସହାୟତା ବି ଅଛପା ନଥିଲା । ତେଣୁ ଆଗ ପଚାରିଦେଲି ତାଙ୍କ ଅନ୍ୟମନସ୍କତାର କାରଣ । ଶୁଣୁ ଶୁଣୁ ଚମକି ପଡିଲେ ।

ମୁହଁର ରଙ୍ଗ ଫିକା ପଡିଗଲା । ସତେ ଯେମିତି ଶ୍ରେରିଟା ଧରା ପଡିଗଲା । ମୋର ବାରମ୍ବାର ଆଗ୍ରହ ପାଇଁ ଏଣୁ ତେଣୁ କରି କିଛି କହି କାମର ବାହାନା କଲେ । ମୁଁ ଜାଣିଥିଲି କିଛି ବି ଉତ୍ତର ପାଇବି ନାହିଁ । ତେଣୁ ଚୁପ୍ ଚାପ୍ ତାଙ୍କ ପାଖରୁ ଉଠି ଚାଲିଆସିଲି । ସେ ବି ମତେ ରୋକିଲେ ନାହିଁ ।

କିନ୍ତୁ ଅଳ୍ପ ସମୟ ଭିତରେ କ୍ୟାବିନ୍ ଦରଜାରେ ମୋର କେହି କରାଘାତ କଲା । ଦରଜା ସେପଟେ ସୁତପା । ଆଶ୍ଚର୍ଯ୍ୟ ହବା କଥା, କିନ୍ତୁ କେଜାଣି କାହିଁକି ଆଜି ହେଲି ନାହିଁ । ବୋଧହୁଏ ମନରେ ଆପଣାଛାଏଁ ବିଶ୍ୱାସଟିଏ ଜନ୍ମି ସାରିଥିଲା ଯେ ଆଜି ନହେଲେ କାଲି ନିଶ୍ଚୟ ମୋ ପାଖକୁ ସେ ଆସିବେ । କିନ୍ତୁ ଏତେ ଶୀଘ୍ର .. ତାହା ଅନୁମାନ କରିନଥିଲି । ତାଙ୍କୁ ବସିବାକୁ କହି କଫି ବନେଇବାରେ ଲାଗିଲି । ମଝିରେ ମଝିରେ ତାଙ୍କ ଆଡକୁ ଚାହିଁ ତାଙ୍କ ଭିତରେ ମୁଣ୍ଡ ଉଠେଉଥିବା ରାଶି ରାଶି ଭାବନାର ଢେଉକୁ ପଢ଼ିବାର ଚେଷ୍ଟା କରୁଥିଲି। ନିଜ ଭିତରେ ବୁଡି ସେ ସେମିତି ସ୍ଥିର ହୋଇ ବସି ରହିଥିଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ । ସତେ ଯେମିତି ଏମିତି ବସି ରହିବାର ପଣ କରି ହିଁ ସେ ଏଠିକୁ ଚାଲି ଆସିଛନ୍ତି!

ତାଙ୍କୁ ସେମିତି ନିରବରେ ବସିବାକୁ ଦେବା ଠିକ୍ ହେବ, ନା କିଛି ପଚାରି ତାଙ୍କ ବ୍ୟାକୁଳତାର କାରଣ ଜାଣିବା ଉଚିତ୍ ହେବ, ଜାଣି ପାରୁନଥିଲି । କିନ୍ତୁ ଏକଥା ସତ ଯେ ସମସ୍ତ ଧୈର୍ଯ୍ୟ ସହିତ ମୁଁ ତାଙ୍କର ସବୁକଥା ଆଜି ଶୁଣିବାକୁ ନିଜକୁ ପ୍ରସ୍ତୁତ କରି ସାରିଥିଲି।

ବହୁତ କ୍ଳାନ୍ତ ଦିଶୁଥିଲେ ସେ। ଶାରୀରିକ ସ୍ତରରେ ଯେତେ ନୁହେଁ, ମାନସିକ ସ୍ତରରେ ବହୁତ ଅଧିକ। ଅହରହ ତାଙ୍କ ଭିତରେ ଚାଲିଥିଲା କାହାକୁ ସ୍ୱୀକାର କରିବେ, ଆଉ କାହାକୁ ଛାଡିଦେବାର ଅନେକାନେକ ଦ୍ୱନ୍ଦ୍ୱ । ସତରେ ତାଙ୍କ ପାଇଁ ପରିସ୍ଥିତି ଥିଲା ଭୀଷଣ କଷ୍ଟକର, ଯାହା ମୁଁ ଜାଣିବାକୁ ପାଇଥିଲି ତାଙ୍କ ନିଜ ପାଖରୁ ବେଶ୍ ସମୟ ଗଡିଗଲା ପରେ।

ତାଙ୍କର ପ୍ରଥମ ପ୍ରଶ୍ନ ମୋ ଉଦ୍ଦେଶ୍ୟରେ ଥିଲା, ତାଙ୍କ ନିଜକୁ ନେଇ- "ରୁଦ୍ର, ତୁମେ କ'ଣ ଭାବୁଛ ମୋ ବିଷୟରେ? ମୁଁ କ'ଣ ଆଜି ପର୍ଯ୍ୟନ୍ତ କେବଳ ଭୁଲ୍ ନିର୍ଣ୍ଣୟ ହି ନେଇ ଆସିଛି? "

"ସେମିତି କାହିଁକି କହୁଛ? ଭୁଲ୍ ତ ସମସ୍ତେ କରନ୍ତି, ତୁମେ କ'ଣ କିଛି ଅଲଗା? " ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ମନକୁ ମନ ବାହାରି ଆସିଥିଲା ପାଟିରୁ କଥାଟା ।

"ତେବେ ମୋରି ଜୀବନରେ ଏତେ ଝଡବତାସ କାହିଁକି? କେତେ ଆଉ ସହ୍ୟ କରିବି? ଥକିଗଲିଣି, ହାରିଗଲିଣି .. । ଆଉ ଧୈର୍ଯ୍ୟ ପାଉନି ମୋର । ଜୀବନଟା ଶେଷ ହେଇଗଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା .. ସମସ୍ତେ ମୁକ୍ତି ପାଇଯାଆନ୍ତେ ।"

ଏପରି ନିରାଶଜନକ ବାଣୀ ତାଙ୍କ ମୁହଁରୁ ଶୁଣିବାର ଅଭ୍ୟାସ ବହୁ ପୂର୍ବରୁ ମୋର ଅଛି । କିନ୍ତୁ ସତ କହିବି, ଆଜିର ଏ ନିରାଶତା ଥିଲା ଖୁବ୍ ଗଭୀର .. କାହାକୁ ବି ଦୋହଲେଇ ଦେବାକୁ ସକ୍ଷମ । ସେ ସ୍ୱରର ଗଭୀରତାକୁ ଅନୁଭବ କରି ଭୟ ପାଇଗଲି । ମୁଣ୍ଡ ଉଠେଇ ଏକ ଦୃଷ୍ଟିରେ ତାଙ୍କୁ ଚାହିଁ ରହିଗଲି । କେତେ ପୀଡା, କେତେ ଦୀର୍ଘଶ୍ୱାସ ମିଶିଛି ସେ ଶବ୍ଦ ମାନଙ୍କରେ! ସବୁକିଛି ଭିତରେ ଭିତରେ ଯେମିତି ଛିନଛତ୍ର ହୋଇ ମାଟିରେ ମିଶିଯାଉଛି! ଆଉ ସେ ଚେଷ୍ଟା କରୁଛନ୍ତି ମାଟିରୁ ଗୋଟିଏ ଗୋଟିଏ ଉଠେଇ ନେଇ ପୁଣି ସିନ୍ଦୁକ ଭିତରେ ସାଇତି ପକେଇବାକୁ! ସେ ପ୍ରୟାସରେ କିଛିଟା ହାତକୁ ଆସୁଥିଲା କି ନଥିଲା, କିନ୍ତୁ ବହୁତ କିଛି ପୁଣି ଫେରି ଯାଉଥିଲା ମାଟିକୁ ।

ତାଙ୍କୁ କି ପ୍ରକାରର ସାନ୍ତ୍ୱନା ଦିଆଯାଇ ପାରେ, ସେଇଟା ଥିଲା ମୋ ପାଇଁ ବିରାଟ ଏକ ପ୍ରଶ୍ନ। ଏତେ ବର୍ଷରୁ ସେମାନଙ୍କ ଜୀବନରେ କ'ଣ କିଛି ଘଟିଯାଇଛି, ମତେ ତ କିଛି ବି ଜଣାନାହିଁ, ଆଉ ପଚାରିବି ବା କ'ଣ, ବୁଝେଇବି ବା କ'ଣ! ମିହିରଙ୍କ ବିଷୟରେ ପଚାରିବିନା ତାଙ୍କ ଅନ୍ୟମନସ୍କତା ବିଷୟରେ କହିବି । ସେମାନଙ୍କ ସଂସାର କେମିତି ଚାଲିଛି ବୋଲି ପଚାରି ବି ପାରିବି ନାହିଁ । କାରଣ ତାହା ଯେ ଠିକ୍ ଠାକ୍ ନଥିବ, ତାହା ସ୍ପଷ୍ଟ ଅନୁମେୟ । ତାହାହେଲେ କ'ଣ କହିବି, ଆଉ କି ମତ ରଖିବି! ଅବଶ୍ୟ କାହାରି ମତର କିଛି ଆବଶ୍ୟକତା ସତରେ ଜୀବନରେ କିଛି ନଥାଏ । ବରଂ ଥାଏ ପରସ୍ପରକୁ ବୁଝିବା । ଜଣେ କ'ଣ ଚାହୁଁଛି ଅନ୍ୟ ଜଣଙ୍କ ଠାରୁ ସେକଥା ସ୍ପଷ୍ଟ ହେଇଗଲେ ସଂପର୍କଟା ଆପଣାଛାଏଁ ସରଳ ହେଇଯାଏ । ଦୁଇ ଜଣ, ଦୁଇ ଜଣଙ୍କୁ ଆଉ ଟିକେ ସହ୍ୟ କରିବା ଶିଖ, ଆଉ ଟିକେ ସମ୍ମାନ ଦେବା ଶିଖ, ବୁଝିବା ବି ଶିଖ । ସେଇ ବୁଝିବାଟାର ଅଭାବ ହିଁ ସେମାନଙ୍କ ଜୀବନରେ ଅଧିକ ଅଛି ବୋଲି ଏତେ ସବୁ ସମସ୍ୟା ଦେଖା ଦେଉଛି । ମୋ

ପାରୁ ପର୍ଯ୍ୟନ୍ତ ମୁଁ ତାଙ୍କୁ ବୁଝେଇ ଗ୍ଭଲିଥିଲି । ହେଲେ ଜଣା ନାହିଁ ସେ ମୋ କଥା ଶୁଣି ପାରୁଥିଲେ କି ନାହିଁ। ସେମିତି ଚୁପ୍ ହୋଇ ବସି ରହିଥିଲେ । ନିଜକୁ ନିଜେ କିଛି କହୁଥିଲେ । ପୁଣି ନିରବ ହୋଇ ଛାତକୁ ଅନେଇ ଗ୍ଭଲିଥିଲେ ।ଯେମିତି ସେ ସ୍ଥାନରେ ତାଙ୍କ ବ୍ୟତୀତ ଆଉ କେହି ବି ନାହାନ୍ତି!

ବେଶ୍ ସମୟ ବିତିଗଲା ପରେ ମୋ ଆଡକୁ ନଗ୍ଭହିଁ ଅତ୍ୟନ୍ତ ଧିର ସ୍ୱରରେ କହିଲେ, "ଏବେ ପ୍ରଶ୍ନ ଆମ ଦୁଇ ଜଣଙ୍କର ନୁହେଁ ରୁଦ୍ର, ବରଂ ତିନି ଜଣଙ୍କର । ମିହିର ୟା' ଭିତରେ ଆଉ ଥରେ ବାହା ହୋଇ ସାରିଛନ୍ତି .. ।"

ଉତ୍ତରଟି ମତେ ଟିକଏ ଚମକେଇ ଦେଲା । ମୁଁ ଏଠୁ ଗଲା ପୂର୍ବରୁ ସେକଥା ଉଠିଥିଲା ସତ, ହେଲେ ଏମିତି କାର୍ଯ୍ୟକାରୀ ବି ହେଇ ଯାଇପାରିବ, ମୋଟେ ଆଶା କରିନଥିଲି । ପାଠଶାଠ ପଢ଼ି ମିହିର ଏମିତି ଭୁଲ୍ କେମିତି କରିପାରିବେ! ଅବଶ୍ୟ ମୁଁ ଯାହା ଅନୁମାନ କରୁଥିଲି, ଏଥିପାଇଁ ସୁତପା ହିଁ ମିହିରଙ୍କୁ ଜୋର ଜବରଦସ୍ତି କରିଥିବେ । କିନ୍ତୁ ଯେତେ ଜବରଦସ୍ତି କଲେ ବି ମିହିର କଥାଟାକୁ ମାନିଯିବେ, ମୁଁ କାହିଁ ବିଶ୍ୱାସ କରିପାରୁ ନଥିଲି । ଯଦି ସୁତପା ମିହିରଙ୍କୁ ଦ୍ୱିତୀୟ ଥର ବାହା ହେବାକୁ ରାଜି କରେଇ ପାରିଲେ, ତାହାହେଲେ ଆଉ ଦୁଃଖ କାହିଁକି? କ'ଣ ସଉତୁଣୀର ଆଧିପତ୍ୟ ସହ୍ୟ ହେଉନାହିଁ? ନହେବାଟା କିଛି ବଡ କଥା ନୁହେଁ । କାରଣ ସୁତପାଙ୍କ ପରି ସ୍ତ୍ରୀଲୋକଙ୍କର ସ୍ୱଭାବକୁ ମୁଁ ଭଲ କରି ଜାଣେ । କିନ୍ତୁ ତାଙ୍କର ଉତ୍ତର ମୋ ଅନୁମାନ ଠାରୁ ଥିଲା ସଂପୂର୍ଣ୍ଣ ଭିନ୍ନ । ସେ କହିଲେ, "ବହୁତ ଚେଷ୍ଟା କରି ମିହିରଙ୍କୁ ରାଜି କରେଇଲି ଦ୍ୱିତୀୟ ବିବାହ ପାଇଁ । ଉପରେ ଉପରେ ସେ ମନା କରୁଥିଲେ ବି ମାନସିକ ସ୍ତରରେ ସେଥିପାଇଁ କେବେ ଠାରୁ ପୂରାପୂରି ପ୍ରସ୍ତୁତ ହେଇ ଅପେକ୍ଷାରେ ଥିଲେ । ମୋ ତରଫରୁ କୌଣସି ବାଧା ନାହିଁ ଜାଣି ବିନା ବାକ୍ୟବ୍ୟୟରେ ସହମତ ହୋଇଗଲେ । କିନ୍ତୁ ଏମିତି ବ୍ୟବହାର ଦେଖେଇଲେ ସତେ ଯେମିତି ତା ବିନାଇଚ୍ଛାରେ ଏ ପଦକ୍ଷେପ ନିଆଯାଉଛି । ଆଉ ଏହାର ଫଳ ଯାହା କିଛି ବି ହେବ, ସେଥିପାଇଁ ମୁଁ କେବଳ ହେବି ଦାୟୀ! .. ଛାଡ,... ସେସବୁ ମୋ ଭାଗ୍ୟ ।"

କିଛି ସମୟ ନିରବ ରହି ସେ ଦୀର୍ଘଶ୍ୱାସ ଛାଡିଲେ । କେତେ କୋହ, କେତେ ଯନ୍ତ୍ରଣା ମିଶିରହିଛି ସେ ନିଶ୍ୱାସରେ, ସେକଥା କେବଳ ସେ ହିଁ ଜାଣିଥିବେ । ଝିଅ ଖୋଜିବାର

ଦାୟୀତ୍ୱ ନିଜ ଉପରକୁ ଆପେ ଆପେ ମୁଁ ନେଇ ଯାଇଥିଲି । ତାଙ୍କ ପସନ୍ଦ ଅପସନ୍ଦକୁ ଆଖି ଆଗରେ ରଖି ନୀରଜାକୁ ରାଜି କରେଇବାକୁ ଚେଷ୍ଟା କଲି ମିହିରଙ୍କୁ ସ୍ୱାମୀ ରୂପରେ ଗ୍ରହଣ କରିନେବା ପାଇଁ । ପ୍ରଥମେ ଏକଥା ଶୁଣିବାକୁ ବି ସେ ପ୍ରସ୍ତୁତ ନଥିଲା । କିନ୍ତୁ ବହୁତ ବୁଝାଶୁଝା କରି ମୁଁ ତାକୁ ରାଜି କରେଇଲି । କେବେ ସେମାନଙ୍କ ଜୀବନରେ ଅନଧିକାର ପ୍ରବେଶ ନକରିବାର ସଂପୂର୍ଣ୍ଣ ଆଶ୍ୱାସନା ମୋ ଠାରୁ ପାଇଲା ପରେ ହି ସେ ନିଜ ଜୀବନକୁ ବଳି ପକେଇବାକୁ ପ୍ରସ୍ତୁତ ହେବ ବୋଲି କହିଲା ।

ନିଜ ଛାତି ଉପରେ ପଥର ରଖି ସେମାନଙ୍କ ସଫଳ ଦାମ୍ପତ୍ୟର କାମନା କରି ସେମାନଙ୍କ ପାଇଁ ନୂଆ ଘର ସଜେଇଲି । କାରଣ ବିବାହ ପୂର୍ବରୁ ନୀରଜା ସର୍ତ୍ତ ରଖିଥିଲା ଗୋଟିଏ ଘରେ ସେ ମୋ ସହିତ ରହି ପାରିବନି । ମିହିରଙ୍କୁ ପୂରାପୂରି ନିଜର ଭାବେ ପାଇବାକୁ ସେ ଚାହୁଁଥିଲା । ସେମାନଙ୍କ ଖୁସି ପାଇଁ ତ ମୁଁ ସବୁକିଛି କରିବାକୁ ପ୍ରସ୍ତୁତ ଥିଲି । ଏ ସର୍ତ୍ତ ତ ଅତି ସାମାନ୍ୟ !

ନୂତନ ଘରକୁ ଯାଇ ସେମାନେ ନିଜ ହିସାବରେ ନିଜର ଗୃହସ୍ଥୀ ଆରମ୍ଭ କଲେ । ସପ୍ତାହରେ ଦୁଇ ଦିନ କେବଳ ମିହିର ମୋ ପାଖକୁ ଆସୁଥିଲେ। ତାହା ପୁଣି ଅତ୍ୟନ୍ତ ଖୁସିରେ । ଆମ ସଂପର୍କରେ ଏବେ ସୁଧାର ଆସି ଯାଇଥିଲା, ସମସ୍ତ ତିକ୍ତତା ଦୂର ହେଇଯାଇଥିଲା। ଦୁଇଜଣଙ୍କ ଜୀବନରେ ବ୍ୟାପି ସାରିଥିବା ଅନ୍ଧକାର ଧିରେ ଧିରେ ଦୂରେଇବାକୁ ଲାଗିଥିଲା । ସେ ମୋ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହୋଇ ଯାଇଥିଲେ । ମୋ ତ୍ୟାଗର ମୂଲ୍ୟ ଦେଉଥିଲେ ।

ଦୁଇ ଦିନ ପର ଲଗେଇ ଉଡିଯାଏ । ଫେରିଯାଆନ୍ତି ମିହିର ନୀରଜା ପାଖକୁ ତୃତୀୟ ଦିନ। ମୁଁ ନିଜକୁ ସମ୍ଭାଳି ପାରେନା । ସେ ଚାଲିଯିବା ପରେ ଖୁବ୍ କାନ୍ଦେ । ବରଦାସ୍ତ ହୁଏନା ଏ ପ୍ରକାରର ଭାଗବାଣ୍ଟ । କିନ୍ତୁ କହିବି କାହାକୁ? ଏସବୁ ତ ଥିଲା ମୋରି କୃତକର୍ମ! କାହାକୁ ଦୋଷ ଦେବା ଅଥବା ଯାଇ ଗୁହାରି କରିବା ଠାରୁ ହାସ୍ୟାସ୍ପଦ କଥା ଆଉ କିଛି ନଥିଲା । ଯେତେ ଅସହ୍ୟ ଥିଲେ ବି ସେସବୁ ସହିବାକୁ ମୁଁ ବାଧ୍ୟ ଥିଲି । ଆଉ ଧିରେ ଧିରେ ସବୁକିଛି ଦେହସୁହା ହେଇଗଲା ।

ଏବେ ଆମେ ପ୍ରତି ମୁହୂର୍ତ୍ତରେ ନୂତନ ଆଗନ୍ତୁକର ଅପେକ୍ଷାରେ ଥିଲୁ । ଦିନ ପରେ ଦିନ ଯାଇ ମାସ ବିତିଲା, ଆଉ ମାସ ବିତି ହେଲା ବର୍ଷ .. କିନ୍ତୁ କାହିଁ ସେ ଅଳକ ଆଶା? ଆନନ୍ଦର ଅନୁଭୂତି, ଯାହାପାଇଁ ଗୃତକ ସମ ଆମେ ଗୃହିଁ ବସିଛୁ? ନା, କିଛି ବି ନୂଆ ଖବର ଆସିଲା ନାହିଁ । ମୋ ବ୍ୟାକୁଳତାକୁ ତୁମେ ଅନୁମାନ କରିପାରିବ ନାହିଁ ରୁଦ୍ର! ଜୀବନରେ ବହୁତ କିଛି ହରେଇ ସାରିଛି ମୁଁ । କିନ୍ତୁ ଯାହା ପାଇଁ ସବୁକିଛି ବାଜି ଲଗେଇ ଦେଇଥିଲି, ତାହାର କିଛି ବି ସମ୍ଭାବନା ଆଉ ନାହିଁ... ।

"ମାନେ ..? "ଚମକି ପଡିଲି ମୁଁ । ତାଙ୍କ ଆଖିରେ ଲୁହ ଲହଡି ଭାଙ୍ଗୁଥିଲା ।

ପ୍ରକୃତରେ ଦୋଷ ମୋ ଦେହରେ ନଥିଲା .. ଥିଲା ମିହିରଙ୍କ ପାଖରେ! ଭାଗ୍ୟର କି ବିକୃତ ଖେଳ! ଡାକ୍ତରର ଛୋଟିଆ ଭୁଲ୍‌ଟିଏ ପାଇଁ ସାରା ଜୀବନ କି ଅପମାନ, କି ଲାଂଛନା ମୁଁ ନ ସହିଛି! ନିଜ ବୈବାହିକ ଜୀବନରେ ନିଆଁ ଲଗେଇଲି .. ବାଂଝ ବୋଲି ଦୁନିଆ ଲୋକଙ୍କ ଟାହି ଟାପରା ସହିଲି .. ନିଜ ସଂସାରକୁ ଅନ୍ୟକୁ ଦାନ କରିଦେଲି .. ଖାଲି ସେତିକି ନୁହେଁ, ନୀରଜାର ଜୀବନ ବି ଜାଣିଶୁଣି ନଷ୍ଟ କରିଦେଲି .. । ଏତେ ସବୁ ପରେ ଜାଣୁଛି, ଭୁଲ୍‌ଟା ମୋର ନୁହେଁ, ମିହିରଙ୍କର!

ଏତେ ବଡ ଆଘାତକୁ ମିହିର ପରିକା ସ୍ୱାଭିମାନୀ ଲୋକ କେମିତି ବା ସହ୍ୟ କରିପାରିବ! ନିଜର ଦୋଷକୁ ମାନିବାକୁ ସେ ମୋଟେ ପ୍ରସ୍ତୁତ ନୁହନ୍ତି । ଯୋଉଦିନ ରିପୋର୍ଟ ପଢ଼ି ଡାକ୍ତର କହିଲା ଯେ ସେ ବାପା ହେବାକୁ ଅକ୍ଷମ, ସେଦିନ ରାଗରେ ତା' ଉପରକୁ ପେପର୍ ୱେଟ୍ ଫିଙ୍ଗି ମାରିଥିଲେ । ତା' କ୍ୟାବିନ୍‌ର ଆସବାବ୍‌ପତ୍ର ଉଠେଇ ଫୋପଡା ଫିଙ୍ଗା କରିଲେ । ନର୍ସ ଗାଲରେ ଥାପଡ ବସେଇ ଦେଲେ । କେତେ କଷ୍ଟରେ ତାଙ୍କୁ ସେଠାରୁ ନେଇ ବାହାରକୁ ମୁଁ ଆସିଲି, ତୁମେ କଳ୍ପନା କରିପାରିବ ନାହିଁ । ମିହିର ଆଉ ମିହିର ହୋଇ ନଥିଲେ। ଭାଗ୍ୟର ଏ ଚକ୍ରାନ୍ତକୁ ମୁଁ ସ୍ୱୀକାର କରିନେଲି । ଆଉ ପିଲାଛୁଆ କଥା ନଭାବିଜୀବନରେ ଯାହା ଅଛି, ତାକୁ ନେଇ ବଞ୍ଚିବାକୁ ହେବ ଭାବି ନିଜକୁ ବୁଝେଇ ଦେଲି । ହେଲେ ମିହିର ପାରୁନାହାନ୍ତି । ତାଙ୍କ ସନ୍ତୁଷ୍ଟି ପାଇଁ ଏଇ ଭିତରେ ହଜାରେ ଡାକ୍ତରଙ୍କ ସହିତ ପରାମର୍ଶ କରିସାରିଲେଣି । କିନ୍ତୁ ସମସ୍ତଙ୍କର ଉତ୍ତର ସେଇ ଏକା । ସେସବୁ ଶୁଣି ଶୁଣି ସେ ବିକ୍ଷୀପ୍ତ ହୋଇ ପଡଛନ୍ତି । ତା' ଉପରକୁ ପୁଣି ଏବେ ନୀରଜାର ଅବମାନନା!

"ତା'ର ପୁଣି କ'ଣ ହେଲା? "

ଜାଣିଲା ପରେ ସେ ଆଉ ମୁହୂର୍ତ୍ତେ ବି ମିହିରଙ୍କ ପାଖରେ ରହିବାକୁ ଇଚ୍ଛା କରୁନାହିଁ! .. ତାକୁ ଦୋଷ ଦେଇ ଲାଭ ନାହିଁ । ଆମ ଜୀବନକୁ ସଜାଡିବାକୁ ସେ କାହିଁ ନିଜ ଜୀବନକୁ ନଷ୍ଟ କରିବାକୁ ଯିବ! କିନ୍ତୁ ଯଦି ମିହିରଙ୍କୁ ସେ ଏବେ ଛାଡି ଚାଲିଯାଏ, ତେବେ ଡାକ୍ତର କହୁଛନ୍ତି ମିହିର ଆତ୍ମହତ୍ୟା କରିଦେଇ ପାରନ୍ତି । ମୋ ପାଖକୁ ଫେରେଇ ନେଇ ଆସନ୍ତି, କିନ୍ତୁ ସେ ପ୍ରସ୍ତୁତ ନୁହନ୍ତି ନୀରଜାକୁ ଛାଡି ମୋ ପାଖରେ ଆସି ରହିବାକୁ । ନୀରଜାର ଅନୁପସ୍ଥିତି ତାଙ୍କ ପୁରୁଷାର୍ଥ ପ୍ରତି କୁଠାରାଘାତ ବୋଲି ସେ ଭାବୁଛନ୍ତି । ତା' ସହିତ ମୋ ଭଲ ପାଇବାକୁ ଭାବୁଛନ୍ତି ତାଙ୍କ ପ୍ରତି ମୋର ଦୟା! ବୋଝ ପ୍ରତୀତ ହେଉଛି ତାଙ୍କୁ ସବୁକିଛି। ମୋ ଉପସ୍ଥିତିକୁ ସହ୍ୟ ବି କରିପାରୁ ନାହାନ୍ତି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ମୋର କର୍ତ୍ତବ୍ୟ କ'ଣ ହେବା ଉଚିତ୍, ମୁଁ କିଛି ସ୍ଥିର କରିପାରୁ ନାହିଁ । ବର୍ଷ ବର୍ଷର ନିଜ ଅପମାନର ପ୍ରତିଶୋଧ ନେବି, ନା ମିହିରଙ୍କ ଅହଂକୁ ବଞ୍ଚେଇ ରଖିବା ପାଇଁ ନୀରଜା ଆଗରେ ପଣତ ମେଲେଇ ଭିକ୍ଷା ମାଗିବି, ନା ତା' ପ୍ରତି ହୋଇଥିବା ଅନ୍ୟାୟର କିଛି ପ୍ରତିକାର କରିବି! ମୁଁ ତ ପଥରେ ରହି ବି ପଥହରା ହୋଇ ଯାଇଛି ରୁଦ୍ର .. ମତେ କିଏ ଆସି ଏଠୁ ଉଦ୍ଧାର କରିବ!.. ପେଜୁଆ ଆଖିରେ ସେ ମୋ ଆଡକୁ ଏମିତି ଚାହିଁ ରହିଥିଲେ ସତେ ଯେମିତି ମୋ ପାଖରେ ଯାଦୁକର ପରି କିଛି ବିଶେଷ ଉପାୟ ଥିବ, ଯାହାକୁ ମୁଁ ତାଙ୍କୁ କହିଦେବି ସାଙ୍ଗେ ସାଙ୍ଗେ, ଆଉ ଗଭୀର ଅନ୍ଧକାର ଗହ୍ୱର ଭିତରକୁ ଖସି ପଡୁଥିବା ଜୀବନକୁ ତାଙ୍କର ମୁକ୍ତ କରିନେବେ ସେଇ ଯାଦୁ ସାହାଯ୍ୟରେ । କିନ୍ତୁ ମୁଁ ଜାଣିଛି, ସେମିତି କିଛି ବି ମୁଁ କରିପାରିବିନି । ଏପରିକି ସାନ୍ତ୍ୱନାର ଦୁଇ ପଦ ବସି ଶୁଣେଇ ପାରିବିନି । କାରଣ ଏପରି ସ୍ଥିତିରେ କେବଳ ସେ ନୁହେଁ, ଆମେ ସମସ୍ତେ ହି ଅଟୁ ପଥହରା!

"ଆଟଲାଣ୍ଟା", ନେରୁଲ, ନବି ମୁମ୍ବଇ

# ସଭକ୍ତି ପ୍ରଣାମ



ଶାନ୍ତିଲତା ମିଶ୍ର

ଆଉ ଗୋଟେ ବର୍ଷ ସାରିବାକୁ ଦେଲ,

ଅନୁରୋଧ ମୋର ନଶୁଣି କର୍ଣ୍ଣେ ।

ଗତ ବର୍ଷ ପରି, ଏ ନୂଆ ବର୍ଷ ବି, ଫେରି ଯାଉ ହତାଶାରେ,

ଏ ବିଗ୍ଭର ତୁମ ନଥାଉ ମନେ ॥ ୧ ॥

କେତେ ବାଣ୍ଟୁ ଅଛ ଅଯାଚତ ଚତେ,

ଲାଭ ବା କ୍ଷତିର ନକରି ବିଗ୍ଭର ।

ମୋ ବେଳକୁ କାହିଁ ଏତେ ହିସାବ କତାବ,

ଦେଲେ ସରିବ କ ତୁମ ଅମାପ ଭଣ୍ଡାର ? ? ॥ ୨ ॥

ସଭକ୍ତି ପ୍ରଣାମ କରି କରି ନତ୍ୟ,

ପ୍ରଭୁ ରହିବିକ ସଦା ଭାଗ୍ୟ ଆଦରି ।

ଭାଗ୍ୟର ପ୍ରହାର କେତେ ସହିବି ମୁଁ,

ହୋଇ ସାରିଲିଣି ପଥର ପରି ॥ ୩ ॥

ଜ୍ଞାତସାରେ ମୋର କରିନାହିଁ କେବେ କାହାସାଥେ

ଦୁଃବ୍ୟବହାର ବା କେବେ ବିବାଦ ।

ତଥାପି ଦୁର୍ଭାଗ୍ୟ ମୋହର ଛାଇ ପରି ଗ୍ଭଲେ,

ସୁକର୍ମ ଦୁଷ୍କର୍ମର ନବୁଝି ବିଭେଦ ॥ ୪ ॥

ତୁମ ଇଛା ପାଖେ ନତ ମସ୍ତକ,

ହେବା ପାଇଁ ବାଧ ମୁହିଁ କାଳେ କାଳେ ।

ଗତ୍ୟାନ୍ତର ମୋର ନାହିଁ କଛି ବୋଲି,

ଆଶାର ପଣତ ବିଛାଇ ବସିଛି ତୁମରି ଦ୍ୱାରେ ॥ ୫ ॥

ଶୂନ୍ୟଥାଳ ମୋର ପୂର୍ଣ୍ଣ କରି ଦିଅ,

ଆଜି ଏତିକ ମାଗୁଛି ଏ ନୂଆ ବର୍ଷେ ।

ନଶ୍ୱତା ମୋର ଆଶ୍ୱସ୍ଥ ହେଉ,

ତୁମ ଦୟା କରୁଣାର ସୁସ୍ପର୍ଶେ ॥ ୬ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀର ମାର୍ଚ୍ଚ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଫେବୃୟାରୀ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: **vedantimagazine@gmail.com**"

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733



# ବେଦନାର ଅଶ୍ରୁ

ଭାସ୍କର ଚନ୍ଦ୍ର ଖଣ୍ଡା

କଟିମିଟି ଅନ୍ଧାର ଭିତରେ
ଖୋଜେ ମନ ଆଲୋକର
କ୍ଷୀଣ ଉତ୍ସ
ଜଂଜାଳମୟ ଜୀବନର ଛନ୍ଦ
ଖୋଜେ ଟିକେ
ସେଇ ଆନ୍ତରିକତାକୁ
ପାତିବାକୁ ମଥା ତା'ର
ସେଇ ପ୍ରଶସ୍ତ ଛାତିରେ |1|

ବୋହିଯାନ୍ତା ସେ ଲୋତକର ଅଶ୍ରୁ
ପୋଛି ଥାନ୍ତା କିଛି ତାକୁ
ପଣତ କାନରେ
ଅଧା ପୋଛା କିଛି ସେ ଲୁହକୁ
ପିଇ ଥାନ୍ତା ଦରଭିଜା ଓଠ
ଢାଳଯାନ୍ତା ଅନ୍ତର ବେଦନା
ତା ଅବୁଝା ମନକୁ ପଢିଥାନ୍ତା କେହି
ହୃଦୟର କୋହ ସବୁ ତା ଆଖି ଭାଷାରେ |2|

ରହିଗଲା କିଛି କହିବାକୁ
ସମୟକୁ ଖୋଜୁ ଖୋଜୁ
ଗଲା ସିଏ ଗୁଳି କେତେବେଳେ
ନେଡିଗୁଡ଼ କହୁଣିକୁ ବୋହି
କିପରି ଅବା ସେ କହନ୍ତା
କେମିତି ତାକୁ ସେ ଛୁପାନ୍ତା
ଦରଦର ସେ ଘଣ୍ଟା ଚକଟା
ଝରିବକ ବୁନ୍ଦା ବୁନ୍ଦା ଆଖିର
ଭାଷାରେ |3|

ସହଦେବଖୁଣ୍ଟା, ବାଲେଶ୍ୱର

# ରାଜର୍ଷି ଜନକ ଓ ମହର୍ଷି ଅଷ୍ଟବକ୍ର



ପ୍ରତିଭା ପ୍ରିୟଦର୍ଶିନୀ

ଆମ ଦେଶରେ ଅନେକ ରାଜା ଆତ୍ମଜ୍ଞାନ ଅନୁସନ୍ଧାନ ଉଦ୍ଦେଶ୍ୟରେ ନିଜ ରାଜପାଟ ଛାଡି ବାନପ୍ରସ୍ଥରେ ଚାଲିଯାଇଥିଲେ। ତେବେ ସେମାନଙ୍କ ମଧ୍ୟରେ ମିଥିଳା ନରେଶ ରାଜର୍ଷି ଜନକଙ୍କ ସ୍ଥାନ ସ୍ୱତନ୍ତ୍ର। ଅନେକ ବର୍ଷ ପୂର୍ବେ ମହର୍ଷି ଅଷ୍ଟବକ୍ର ନାମରେ ଜଣେ ମହାନ ଗୁରୁ ଥିଲେ। ଭାରତବର୍ଷର ମହାନତମ ଗୁରୁ ମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ ଏବଂ ସେହି ଯୁଗରେ ଏକ ବିଶାଳ ଆଧ୍ୟାତ୍ମିକ ଆନ୍ଦୋଳନର ଉଦ୍ୟୋକ୍ତା। "ଅଷ୍ଟବକ୍ର" ଅର୍ଥାତ ଯେଉଁ ବ୍ୟକ୍ତିଙ୍କ ଶରୀରରେ ଆଠଟି ଭିନ୍ନ ପ୍ରକାରର ବିକୃତି ରହିଥିବ। ତାଙ୍କୁ ତାଙ୍କ ପିତାଙ୍କ ଅଭିଶାପ କ୍ରମେ ଏହିସବୁ ବିକୃତି ପ୍ରାପ୍ତ ହୋଇଥିଲା। ଅଷ୍ଟବକ୍ର ମାତୃଗର୍ଭରେ ହି ଅନେକ ଶିକ୍ଷା ପ୍ରାପ୍ତ ହୋଇଥିଲେ ଓ ଜନ୍ମ ପୂର୍ବରୁ ଆତ୍ମତତ୍ତ୍ୱ ରେ ଗଭୀର ଦକ୍ଷତା ହାସଲ କରିଥିଲେ। ମାତୃଗର୍ଭରେ ଥିବା ସମୟରେ ତାଙ୍କ ପିତା, ପରମ ବିଦ୍ୱାନ ଓ ପ୍ରସିଦ୍ଧ ଋଷି କହୋଳ ତାଙ୍କୁ ବିଭିନ୍ନ ଶିକ୍ଷା ପ୍ରଦାନ କରିଥିଲେ। ଶିକ୍ଷାଦାନ ସମୟରେ ଥରେ କହୋଳ କିଛି ଭୁଲ କହିଦେଲେ, ସେକଥା ଶୁଣି ଅଜନ୍ମା ଶିଶୁଟି ଗର୍ଭରେ ଥାଇ 'ହୁଁ ବୋଲି କହିଲେ। ଏଥିରେ ଉତକ୍ଷିପ୍ତ ହୋଇ କହୋଳ ପିଲାଟିକୁ ଅଷ୍ଟ ଅଙ୍ଗରେ ବିକଳାଙ୍ଗ ହୋଇ ଜନ୍ମ ହେବାର ଅଭିଶାପ ଦେଲେ। ଫଳ ସ୍ୱରୂପ ଜନ୍ମ ବେଳକୁ ଶିଶୁଟିର ଦୁଇ ଗୋଡ, ଦୁଇ ହାତ, ଦୁଇ ଆଣ୍ଠୁ, ଛାତି ଏବଂ ବେକ ବଙ୍କା ଥିଲା।

ଅନ୍ୟପଟେ ମହାରାଜ ଜନକ ମଧ୍ୟ ଜଣେ ମହାନ ରାଜା ଏବଂ ଅସାଧାରଣ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ସେ ରାଜା ହୋଇ ମଧ୍ୟ ଜଣେ ସଚ୍ଚା ସାଧକ ଥିଲେ। ଆତ୍ମଜ୍ଞାନ ଲାଭକରିବାକୁ ସେ ଥିଲେ ଆତୁର। ଆତ୍ମଜ୍ଞାନ ପ୍ରାପ୍ତିର ପ୍ରବଳ ଲାଳସା ଯୋଗୁଁ, ସେ ନିଜ ରାଜ୍ୟର ସମସ୍ତ ଆଧ୍ୟାତ୍ମିକ ଜ୍ଞାନସମ୍ପର୍ଣ୍ଣ ବ୍ୟକ୍ତିଙ୍କୁ ନିଜ ଦରବାରରେ ଏକତ୍ରିତ କରିଥିଲେ। ସେମାନଙ୍କୁ

ସ୍ୱାଗତ କରୁଥିଲେ, ସାଦର ସମ୍ମାନ ଦେଉଥିଲେ, ତଥା ତାଙ୍କ ଜୀବିକା ଓ ରହଣିର ବ୍ୟବସ୍ଥା କରୁଥିଲେ। ତାଙ୍କ ଆଶାଥିଲା ଯେ ସେମାନେ ତାଙ୍କୁ ଉଚତ ପଥ ଦେଖାଇବେ। ମହାରାଜ ପ୍ରତ୍ୟେହ ନଜ ସାଂସାରିକ କର୍ମ ସମାପନ କରି ଘଣ୍ଟା ଘଣ୍ଟା ଏହି ଆଧ୍ୟାତ୍ମିକ ବ୍ୟକ୍ତି ମାନଙ୍କ ଉପଦେଶ ଶୁଣୁଥିଲେ, ଚର୍ଚ୍ଚା ଓ ବାଦ- ବିବାଦ କରୁଥିଲେ ଯଦ୍ୱାରା ଆତ୍ମଜ୍ଞାନର ପଥ ବିଷୟରେ ଜାଣିପାରିବେ। ଅନେକ ଗ୍ରନ୍ଥରେ ପାରଙ୍ଗତ ବିଦ୍ୱାନ ମାନଙ୍କ ଦ୍ୱାରା ଶାସ୍ତ୍ରାର୍ଥ ଆଲୋଚନା ଦିନ- ଦିନ, ସପ୍ତାହ- ସପ୍ତାହ, ମାସ- ମାସ ଧରି ଚାଲୁଥିଲା। ତର୍କର ବିଜେତାଙ୍କୁ ବଡ ପୁରସ୍କାର ମଧ୍ୟ ମିଳୁଥିଲା।

ସେହିଭଳି ଏକ ଶାସ୍ତ୍ରାର୍ଥ ରେ କହୋଳଙ୍କୁ ଆମନ୍ତ୍ରଣ କରାଯାଇଥିଲା ଏବଂ ସେ ସାଙ୍ଗରେ ଅଷ୍ଟବକ୍ର ଙ୍କୁ ନେଇ ଆସିଥିଲେ। ଶାସ୍ତ୍ରାର୍ଥ ଆରମ୍ଭ ହେବାପରେ ଉପସ୍ଥିତ ବିଦ୍ୱାନ ମାନଙ୍କ ମଧ୍ୟରେ ତର୍କ- ବିତର୍କ ହେଲା। ଅନେକ ବୌଦ୍ଧିକ ପ୍ରଶ୍ନ ଉତ୍ଥାପିତ ହେଲା ଏବଂ ଧର୍ମଗ୍ର ମାନଙ୍କର ଗୁଢତତ୍ତ୍ୱ ବାବଦରେ ବିଚାର- ବିମର୍ଶ ହେଉଥାଏ। ହଠାତ ଅଷ୍ଟବକ୍ର ଉଠି ଠିଆହେଲେ ଏବଂ କହିଲେ, "ଏ ସବୁ ଫମ୍ପା କଥା। ଏମାନଙ୍କ ଭିତରୁ କେହି ଆତ୍ମଜ୍ଞାନ ବିଷୟରେ କଛିବି ଜାଣନ୍ତି ନାହିଁ। ଏମାନେ ତା ବିଷୟରେ କଥା ହେଉଛନ୍ତି ସତ, କନ୍ତୁ ମୋ ପିତାଙ୍କ ସମେତ ଏ ସମସ୍ତେ ଆତ୍ମ ବିଷୟରେ କଛି ଜାଣିନାହାନ୍ତି।"

ରାଜା ଜନକ ଅଷ୍ଟବକ୍ରଙ୍କୁ ଦେଖିଲେ ଯେ ତେଢା ମେଢା ଶରୀର ବିଶିଷ୍ଟ ଯୁବକ ଟି ଏଭଳ ବ୍ୟାଖ୍ୟା କରୁଛି ।ତେଣୁ ପଚାରିଲେ, "ତୁମେ ଏବେ ଯାହା କହିଲ, ତା'ର ସତ୍ୟତା ପ୍ରତିପାଦିତ କରିପାରିବ? ନଚେତ ତୁମେ ତୁମର ଏଇ ବିକଳାଙ୍ଗ ଶରୀର ମଧ୍ୟ ହରାଇ ବସିବ।"

ଅଷ୍ଟବକ୍ର କହିଲେ, "ହଁ, ମୁଁ ପ୍ରମାଣ କରିପାରିବି।"

ଜନକ ପଚାରିଲେ, "ଆମକୁ ଦେବାପାଇଁ ତାହେଲେ ତୁମ ପାଖରେ କ'ଣ ଅଛି।"

ଉତ୍ତରରେ ଅଷ୍ଟବକ୍ର କହିଲେ, "ଯଦି ଆପଣ ଏହା ପାଇବାକୁ ଚାହୁଁଛନ୍ତି ତେବେ ଶେଷ ସୀମାଯାଏଁ ମୋ କଥା ମାନିବାକୁ ପ୍ରସ୍ତୁତ ରହିବାକୁ ହେବ। ତେବେ ଯାଇ ମୁଁ ଆପଣଙ୍କୁ ଏହା

ଦେଇପାରେ। ଯଦି ଆପଣ ମୋ କହିବାନୁସାରେ କାର୍ଯ୍ୟ କରିବେ, ତେବେ ଯାଇ ମୁଁ ସୁନିଶ୍ଚିତ କରିବି ଯେପରି ଆପଣ "ଆତ୍ମ" କୁ ଜାଣିପାରିବେ।"

ଜନକଙ୍କୁ ଅଷ୍ଟବକ୍ରଙ୍କ ସିଧାସଳଖ ସମ୍ବାଦ ପସନ୍ଦ ହେଲା ଏବଂ ସେ କହିଲେ,"ମତେ କଛିବି କରିବା ପାଇଁ କୁହନ୍ତୁ, ମୁଁ ସେଥିପାଇଁ ପ୍ରସ୍ତୁତ।" ଏକଥା ସହଜ ଭାବରେ ନୁହେଁ ଗମ୍ଭୀରତାର ସହ କହିଲେ। ତତ୍ ପଶ୍ଚାତ ଅଷ୍ଟବକ୍ର କହିଲେ,"ମୁଁ ଜଙ୍ଗଲରେ ରୁହେ, ସେଠାକୁ ଆସନ୍ତୁ। ତା'ପରେ ଦେଖିବା ଆମେ କ'ଣ କରିପାରିବା।" ଏବଂ ସେଠାରୁ ପ୍ରସ୍ଥାନ କଲେ।

କଛିଦିନ ପରେ ଜନକ ଅଷ୍ଟବକ୍ରଙ୍କ ସନ୍ଧାନରେ ଜଙ୍ଗଲ ଅଭିମୂଖେ ବାହାରିଲେ। ଅନ୍ୟ ରାଜା ମାନଙ୍କ ଭଳି ତାଙ୍କ ସହିତ ମଧ ମନ୍ତ୍ରୀ, ପାରିଷଦ ଓ ଦଳଦଳ ସିପାହୀ ଥିଲେ। ସମସ୍ତେ ଜଙ୍ଗଲରେ ପ୍ରବେଶ କଲେ ଜଙ୍ଗଲ କ୍ରମଶଃ ଅଧିକ ରୁ ଅଧିକ ଘଞ୍ଚ ହେଉଥାଏ। ଘଣ୍ଟା ଘଣ୍ଟା ଧରି ଖୋଜିବା ଭିତରେ ଜନକ ଧିରେ ଧିରେ ନିଜ ଦଳଠାରୁ ଅଲଗା ହୋଇଗଲେ ଓ ରାସ୍ତା ଭୁଲିଗଲେ। ଜଙ୍ଗଲ ମଧରେ ରାସ୍ତା ଖୋଜୁଥିବା ବେଳେ ହଠାତ ତାଙ୍କୁ ମହର୍ଷି ଅଷ୍ଟବକ୍ର ଏକ ବୃକ୍ଷତଳେ ବସିଥିବା ଦୃଶ୍ୟ ହେଲେ।

ତାଙ୍କୁ ଦେଖିବାମାତ୍ରେ ଜନକ ଘୋଡା ପିଠିରୁ ଓହ୍ଲାଇବାକୁ ଉଦ୍ୟତ ହେଲେ। ତାଙ୍କର ଗୋଟିଏ ପାଦ ଘୋଡାର ରକାବ ଉପରେ ଓ ଅନ୍ୟଟି ଶୂନ୍ୟରେ ଥିବାବେଳେ ଅଷ୍ଟବକ୍ର କହିଲେ,"ରୁହ! ସେଇଠି ରୁହ!" ସେହିଭଳି ଅସୁବିଧାଜନକ ଓ ଅସହଜ ସ୍ଥିତିରେ ଜନକ ଅଟକିଗଲେ। ସେ ଘୋଡା ଉପରେ ଝୁଲିବା ଅବସ୍ଥାରେ ଥାନ୍ତି ଓ ତାଙ୍କର ଗୋଟିଏ ଗୋଡ ଶୂନ୍ୟରେ ଥାଏ। ସେହି ଅଜବ ପରିସ୍ଥିତିରେ ତାଙ୍କୁ ଢେର ସମୟଯାଏଁ ରହିବାକୁ ହେଲା। ସେ କେତେ ସମୟ ସେଭଳି ରହିଥିଲେ ସେକଥା ସଠିକ ଜଣାନାହିଁ।ତେବେ କେତେକ ଗ୍ରନ୍ଥାନୁସାରେ ଅନେକ ବର୍ଷଧରି ସେ ସେହି ପରିସ୍ଥିତିରେ ରହିଥିଲେ ଏବଂ ଆଉକଛି ଗ୍ରନ୍ଥ ମତରେ ତାହା ମୁହୂର୍ତ୍ତ ଟିଏ ପାଇଁ ଥିଲା। ସମୟ ଅବଧି ମାନେ ରଖେନାହିଁ। ବେଶ୍ କେତେ ସମୟ ସେହି ସ୍ଥିତିରେ ରହିଲେ ଓ ନିର୍ଦ୍ଦେଶ ପାଳନ କରିବାର ସେହି ପୂର୍ଣ୍ଣତା ଯୋଗୁଁ ସେ ପୂର୍ଣ୍ଣ ଆତ୍ମଜ୍ଞାନୀ ହୋଇପାରିଲେ। ସେ ସେଇଠି ଅଟକିଗଲେ, ଯେଉଁଠି ତାଙ୍କୁ ଅଟକିବାର ଥିଲା।

ଆତ୍ମଜ୍ଞାନ ପାଇବା ପରେ ଜନକ ଘୋଡାରୁ ଓହ୍ଲାଇ ଅଷ୍ଟବକ୍ରଙ୍କ ପାଦତଳେ ପଡିଗଲେ ଏବଂ କହିଲେ," ମୁଁ ମୋ ରାଜ୍ୟ ଓ ରାଜଉଆସ କ'ଣ କରିବି? ଏବେ ଏସବୁ ମୋ ପାଇଁ ମୂଲ୍ୟହୀନ ହୋଇପଡିଛନ୍ତି। ମୁଁ କେବଳ ଆପଣଙ୍କ ଚରଣାଶ୍ରିତ ହେବାକୁ ଚାହେଁ। କୃପା ପୂର୍ବକ ମୋତେ ଆପଣଙ୍କ ଆଶ୍ରମରେ ସ୍ଥାନ ଦିଅନ୍ତୁ। କିନ୍ତୁ ଅଷ୍ଟବକ୍ର କହିଲେ,"ଆତ୍ମଜ୍ଞାନ ପ୍ରାପ୍ତହେବା ପରେ ଆପଣଙ୍କ ଜୀବନ ଆଉ ନିଜ ବ୍ୟକ୍ତିଗତ ପସନ୍ଦ ନାପସନ୍ଦ ସହ ଜଡିତ ନୁହେଁ। ଏବେ ଆପଣଙ୍କ ଜୀବନ ଆପଣଙ୍କ ଆବଶ୍ୟକତା ନୁହେଁ, ପ୍ରକୃତପକ୍ଷେ ଆପଣଙ୍କର କୌଣସି ଆବଶ୍ୟକତା ହିଁ ବାକିନାହିଁ। ଆପଣଙ୍କ ଜାଙ୍କ ଅଧିକାର ଯେ ତାଙ୍କୁ ଜଣେ ଆତ୍ମଜ୍ଞାନୀ ରାଜା ପ୍ରାପ୍ତ ହେଉ। ତେଣୁ ଆପଣ ସେମାନଙ୍କର ରାଜା ହୋଇ ରହିବା ଉଚିତ।"

ଜନକ ତାଙ୍କ ଆଦେଶ ମାନି ନିଜ ମହଲରେ ରହିଲେ ଏବଂ ଉତ୍ତମ ରାଜ୍ୟଶାସନ କଲେ। ସେ ତାଙ୍କ ପ୍ରଜାଙ୍କ ପାଇଁ ବରଦାନ ସଦୃଶ ଥିଲେ। ପୂର୍ବରୁ ଭାରତରେ ଅନେକ ସମ୍ରାଟ ଥିଲେ ଯେଉଁମାନେ ଆପଣା ଇଚ୍ଛାରେ ସବୁକିଛି ତ୍ୟାଗକରି, ଗରିମାପୂର୍ଣ୍ଣ ଭିକ୍ଷୁକ ଜୀବନ ଅତିବାହିତ କରିଥିଲେ। ଗୌତମ ବୁଦ୍ଧ, ମହାବୀର, ବାହୁବଳୀ ଇତ୍ୟାଦି ଏହିଭଳି କିଛି ରାଜାଥିଲେ। କିନ୍ତୁ ଜଣେ ଆତ୍ମଜ୍ଞାନୀ ରାଜା ହେବା ଏକ ଦୁର୍ଲଭ ଘଟଣା ନିଶ୍ଚୟ। ଜନକ ରାଜକାର୍ଯ୍ୟ ଦାୟିତ୍ୱ ସହିତ ତୁଲାଉଥିଲେ ଏବଂ ସମୟ ମିଳିବା ମାତ୍ରେ ଅଷ୍ଟବକ୍ରଙ୍କ ପାଖକୁ ଚାଲିଯାଉଥିଲେ।

ଆଶ୍ରମରେ ଅଷ୍ଟବକ୍ର କିଛି ଭିକ୍ଷୁଙ୍କୁ ରଖି ଶିକ୍ଷା ଦେଉଥିଲେ। ସେମାନେ କ୍ରମଶଃ ଜନକଙ୍କ ଆଗମନରେ ବିରକ୍ତ ହେବାକୁ ଲାଗିଲେ। କାରଣ, ଜନକ ଆସିବା ମାତ୍ରେ ଅଷ୍ଟବକ୍ର ସବୁକିଛି ଛାଡି ତାଙ୍କ ସହିତ ସମୟ ବିତାଉଥିଲେ। ଜନକ ପହଞ୍ଚିବାକ୍ଷଣି ଖୁବ ଆନନ୍ଦିତ ହେଉଥିଲେ। ଶିକ୍ଷାଗ୍ରହଣ କରୁଥିବା ସେହି ଭିକ୍ଷୁ ମାନଙ୍କ ସହିତ ଗୁରୁ ଅଷ୍ଟବକ୍ର କଦାଚିତ ସେଭଳି ଭାବବିହ୍ୱଳ ହେଉନଥିଲେ ଯେମିତି ଜନକଙ୍କ ପାଇଁ ହେଉଥିଲେ ଏବଂ ତାହାହିଁ ଭିକ୍ଷୁ ମାନଙ୍କ ବିରକ୍ତିର କାରଣ ହୋଇଥିଲା। ଭିକ୍ଷୁମାନ ପରସ୍ପର ଭିତରେ କୁହାକୁହି ହେଉଥିଲେ,"ଆମ ଗୁରୁ ଏହି ବ୍ୟକ୍ତିଙ୍କ ପାଖରେ ନିଜକୁ ବିକ୍ରି କରିଦେଇଛନ୍ତି କାହିଁକି? ଲାଗୁଛି ଗୁରୁ ଆମର ଭ୍ରଷ୍ଟ ହେବାକୁ ଲାଗିଛନ୍ତି। ଇଏ ମହଲରେ ରହୁଥିବା ଜଣେ ରାଜା।

ତାଙ୍କର ଅନେକ ପତ୍ନୀ ଓ ସନ୍ତାନ ଅଛନ୍ତି। ଅନେକ ଧନ ଦୌଲତ ଅଛି। ଦେଖ ତାଙ୍କୁ, ତାଙ୍କ ପୋଷାକ, ଆଭୂଷଣ ତଥା ଗ୍ଚାଲିଚଳନ ଓ ରଙ୍ଗଢଙ୍ଗ, ସବୁକିଛିରେ ରାଜକୀୟ ଠାଣି। କେଉଁଠି ଅବା ଦିଶୁଛି ଆଧ୍ୟାତ୍ମିକତାର ଝଲକ, ଯେଉଁଥି ପାଇଁ ଆମ ଗୁରୁ ତାଙ୍କ ଉପରେ ଏତେ ଧ୍ୟାନ ଦେଉଛନ୍ତି? ଆମେମାନେ ଆଧ୍ୟାତ୍ମ ପାଇଁ ପୂର୍ଣ୍ଣତଃ ସମର୍ପିତ ହୋଇ ଏଠାରେ ଭିକ୍ଷୁ ଭାବରେ ରହିଛେ, ତଥାପି ଗୁରୁ ଆମକୁ ଅଣଦେଖା କରୁଛନ୍ତି ଜନକଙ୍କ ଉପସ୍ଥିତିରେ।"


ଶିଷ୍ୟ ମାନଙ୍କର ଏହି ଅସନ୍ତୋଷ ଅଷ୍ଟବକ୍ରଙ୍କୁ ଗୋଚର ଥିଲା। ତେଣୁ ସେ ଏକ ଯୋଜନା ପ୍ରସ୍ତୁତ କଲେ। ଏକ କକ୍ଷରେ ସେ ଭିକ୍ଷୁ ମାନଙ୍କୁ ଉପଦେଶ ଦେଉଥାନ୍ତି। ସେଠାରେ ରାଜା ଜନକ ମଧ୍ୟ ଉପସ୍ଥିତ ଥାନ୍ତି। ପ୍ରବଚନ ମଝିରେ ସିପାହୀ ଟିଏ ଦୌଡି ଦୌଡି ଆସି କକ୍ଷରେ ପ୍ରବେଶ କଲା। କେବଳ ଜନକଙ୍କ ପାଖରେ ମୁଣ୍ଡ ନୋଇଁଲା ଏବଂ କହିଲା,"ରାଜମହଲରେ ନିଆଁ ଲାଗିଯାଇଛି। ସବୁକିଛି ଧୁ ଧୁ ହୋଇ ଜଳୁଛି। ସମଗ୍ର ରାଜ୍ୟରେ ଭୟ ଓ ବ୍ୟସ୍ତତା ର ପରିସ୍ଥିତି।" ଜନକ ଉଠିପଡି ସିପାହୀ କୁ ବିରକ୍ତହୋଇ କହିଲେ, "ଏଠାରୁ ଗ୍ଚାଲିଯାଅ। ସସ୍ତଙ୍ଗ ମଝିରେ ଆସି ଏମିତି ବ୍ୟାଘାତ ସୃଷ୍ଟି କରିବାକୁ କଭଳ ସାହସ ହେଲା ତୁମର? ତୁମର ଏତେ ଧୃଷ୍ଟତା ଯେ ତୁମେ ମୋ ଗୁରୁଙ୍କୁ ପଣାମ ନକରି କେବଳ ମୋତେ ପ୍ରଣାମ କଲ? ତୁରନ୍ତ ବାହାରିଯା ଏଠୁ।" ସିପାହୀ ଫେରିଗଲା ଓ ଜନକ ପୁନଃ ବସିପଡିଲେ ଏବଂ ପ୍ରବଚନ ପୁନଃ ଆରମ୍ଭ ହେଲା।

କିଛିଦିନ ପରେ ପୁଣିଥରେ ସମସ୍ତଙ୍କ ଉପସ୍ଥିତିରେ ଗୁରୁ ଅଷ୍ଟବକ୍ର ସେହି କକ୍ଷରେ ପ୍ରବଚନ ଦେଉଥାନ୍ତି। ପ୍ରବଚନ ମଝିରେ ଆଶ୍ରମର ଜଣେିକ ସହାୟକ ଦୌଡିଆସି କକ୍ଷରେ ଉପସ୍ଥିତ ହେଲା ଓ କହିଲା,"ମାଙ୍କଡମାନେ ଶୁଖିବାକୁ ଟଙ୍ଗା ହୋଇଥିବା ଆଶ୍ରମବାସୀଙ୍କ ବସ୍ତ୍ରସବୁ ଟାଣି ନେଇଛନ୍ତି, ଭିକ୍ଷୁ ମାନଙ୍କ ବସ୍ତ୍ରସବୁକୁ ଚିରି ପକାଉଛନ୍ତି।" ସମସ୍ତ ଭିକ୍ଷୁ ନିଜ ନିଜର ବସ୍ତ୍ର ରକ୍ଷା କରିବାକୁ ଦୌଡିଲେ। ଲୁଗାଶୁଖାଇବା ସ୍ଥାନରେ ପହଞ୍ଚି ଦେଖିଲେ ସମସ୍ତ କପଡା ପୂର୍ବବତ୍ ଶୁଖୁଥିଲା ଓ ସେଠାରେ କୌଣସି ମର୍କଟ ନଥିଲେ। ସେମାନେ ସବୁକିଛି ବୁଝିପାରିଲେ ଏବଂ ମଥାନତ କରି ଗୁରୁଙ୍କ ପାଖକୁ ଫେରିଆସିଲେ।

ପ୍ରବଚନ ସମୟରେ ଗୁରୁ ବୁଝାଇଲେ,"ଦେଖ ଏହି ବ୍ୟକ୍ତିକୁ, କଛିଦିନ ପୂର୍ବେ ତାଙ୍କ ମହଲରେ ନଆଁଲାଗି ସବୁକଛି ଜଳ ନଷ୍ଟଭ୍ରଷ୍ଟ ହେଉଥିଲାବେଳେ ତାଙ୍କ ପାଇଁ ଚନ୍ତାଥିଲା ସିପାହୀ ପ୍ରବଚନରେ ଅନ୍ତରାଳ ପକାଇବା। ଅଥଚ ତୁମେମାନେ ଭିକ୍ଷୁ, ନା ତୁମର ମହଲ ଅଛି, ନା ପତ୍ନୀ, ନା ପରିବାର, ଯେଉଁ ଲେଙ୍ଗୁଟ ଖଣ୍ଡିକ ପିନ୍ଧୁଛ ତାହା ମଧ୍ୟ ସେମିତି ବହୁମୂଲ୍ୟ ବସ୍ତ୍ର ନୁହେଁ ତଥାପି ମୋ କଥାକୁ ଧ୍ୟାନ ନଦେଇ ସେଇ ତୁଚ୍ଛ କପଡା ଖଣ୍ଡକ ବଞ୍ଚାଇବାକୁ ଧାଇଁଗଲ। କୁଆଡେ ଗଲା ତୁମର ଆତ୍ମତ୍ୟାଗ? ଜନକ ପ୍ରକୃତ ଆତ୍ମତ୍ୟାଗୀ। ସେ ରାଜା ହୋଇମଧ୍ୟ ତ୍ୟାଗୀ, ଆଉ ତୁମେମାନେ ଭିକ୍ଷୁ ହୋଇମଧ୍ୟ ତ୍ୟାଗୀ ହୋଇପାରିନାହଁ।

ଜଣେବ୍ୟକ୍ତି ଅନ୍ତର୍ମନରେ କେମିତି ତାହା ସହିତ ତା' ବାହ୍ୟ ପରିଚୟର କୌଣସି ସମ୍ବନ୍ଧ ନାହିଁ। ଜଣେ ମଣିଷ ଭିତରେ କେମିତି, ତାହାହିଁ ସର୍ବାଧିକ ଗୁରୁତ୍ତ୍ୱପୂର୍ଣ୍ଣ। ବାହାର ଦୁନଆ ସହିତ ତୁମେ କ'ଣ କରୁଛ ତାହା ସାମାଜିକ ବିଷୟ। ତୁମେ ଯେଉଁ ପରିସ୍ଥିତିରେ ରହୁଛ ସେହି ଅନୁସାରେ ନଜକୁ ସଞ୍ଚାଳତ କରୁଛ। ତାହାର ସାମାଜିକ ମହତ୍ତ୍ୱ ରହିଛି କନ୍ତୁ ଅସ୍ତିତ୍ୱ ସମ୍ବନ୍ଧ ଆଧ୍ୟାତ୍ମିକ ମହତ୍ତ୍ୱ ନାହିଁ। ଆଭ୍ୟନ୍ତରରେ ତୁମେ କଭଳ, କେବେଳ ତାହାହିଁ ଔଚତ୍ୟ ରଖେ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ



# ପୁନଶ୍ଚ ନବବର୍ଷ



ସୁସ୍ମିତା ମହାପାତ୍ର

ଯୌବନର ଫଗୁଣରେ
ଅବଚେତନ ସେ ମନତଳେ
ସୁନେଲି ସ୍ୱପ୍ନମାନେ ଲହଡି ଭଙ୍ଗିବା ପରିବର୍ତ୍ତେ
କୂଳ ଲଙ୍ଘୁଥିଲା ମଦନାର ଅନାହାର,
ଆପଣା ଭିଟାମାଟିରୁ
ଅନ୍ୟ ସହରର ଇଟାଭଟିକୁ ଟାଣି ନେଇଥିଲା
ପେଟର ଭୋକ ଓ ପରିବାରର ବୋଝ
ତା ଅଗୋଚରରେ ଅନେକ କୋଶ ଦୂର ॥



ଲେଜର ବିମ୍ ଓ ଡିସ୍କୋ ଧୂନ୍ ର ତାଳେ ତାଳେ
ଝିଲମିଲ୍ ସହର ଯେତେବେଳେ
ମଙ୍ଗଳାଚରଣ ନୃତ୍ୟଭଙ୍ଗୀରେ
ନବବର୍ଷକୁ ଜଣାଉଥିଲା ସ୍ୱାଗତ ସମ୍ଭାଷଣ,
ଏକ ଅଧାଭଙ୍ଗା ଗୃରି କାହ୍ନିନୀର
ଅନ୍ଧାରୁଆ ଆବେଷ୍ଟନୀ ଭିତରେ
ସହର ତଳ ବସ୍ତିର ଝୁମ୍ପୁଡି ଘରେ
ମସଗୁଲ ଥିଲା "ମୋହିନୀ"ର ମହୁଆ ନଶାରେ
ମଦନାର ନାଲିପାଣି ମନ୍ତୁର୍ ଦେହ, ପ୍ରାଣ ॥

ହେଉ ବରଂ ବିଳମ୍ବରେ
ହୋସ୍ ଆସିବା ଉତ୍ତାରେ
କରିଥିଲ୍ ମଦନା ପ୍ରତ୍ୟାବର୍ତ୍ତନ,
ଗ୍ରତକ ପର୍‌ଏ ଗ୍ରହିଁ ରହିଥିବା ଆତ୍ମୀୟ ସ୍ୱଜନ
ଓ ତା'ର ପବିତ୍ର ଭିଟାମାଟିକୁ,
ମାତୃଋଣ ଅପରିଶୋଧ ଜ୍ୱାଳାରେ ଜର୍ଜରିତ,
ଅନେକ ଅବଶୋସ ଓ ଅବସାଦଗ୍ରସ୍ତ,
କେଉଁ ଏକ ମରଣାନ୍ତକ ଗ୍ରେଗ ଭୂତାଣୁକୁ
ବରଦାସ୍ତ କରିଥିବା ତା'ର ସେଇ
ଜଡବତ୍ ଶରୀରକୁ ସାଥିରେ ନେଇ
ମାଟି ମାତୃକା କୋଳରେ
ପୁନଶ୍ଚ ଆସ୍ୱାଦନ ଅଭିପ୍ରାୟରେ
ଭିନ୍ନ ଏକ ନବବର୍ଷର
ନହୁଲି ନଶାକୁ ॥ ॥ ॥

ଗ୍ଉଲକେଲ୍, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କର୍‌ଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭ୍‌ବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁଗ୍ରେଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁଗ୍ରେଧ କରନ୍ତୁ ଆଉ ଓଡିଆ ଭ୍ଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବିଦ୍ୟାଦାତ୍ରୀ ଭଗବତୀ



ହିମାଂଶୁ ଶେଖର ବାରିକ୍

ଜୟ ମାତ ସରସ୍ୱତୀ   ବିଦ୍ୟାଦାତ୍ରୀ ଭଗବତୀ
ଶୁଭ୍ର ବସ୍ତ୍ରାବୃତା ମାତ ହଂସ ବାହିନୀ
ଶ୍ୱେତ ପଦ୍ମାସନେ ସ୍ଥିତ   ହାତରେ ଧରିଛ ଗ୍ରନ୍ଥ
ପିନ୍ଧିଛ ଧବଳ ହାର ମା ବୀଣାପାଣି
ବ୍ରହ୍ମା ମହେଶ୍ୱର ଅଚ୍ୟୁତ
ସର୍ବ ଦେବା ଦେବୀ ଦ୍ୱାରା ତୁମେ ପୂଜିତ ॥

ଜାଣେ ନାହିଁ ମୁହିଁ ମନ୍ତ୍ର   ପୂଜା ବିଧି ସ୍ତୋତ୍ର ତନ୍ତ୍ର
ଆବାହନ ସ୍ତୁତିପାଠ ମୁହିଁ ଅଜ୍ଞାନ
ଜପ ତପ ନ୍ୟାସ ଧ୍ୟାନ   କରିବାକୁ ନୁହେଁ କ୍ଷମ
ଦୟାବହି ଆସ ମୋର ହୃଦ ଭବନ
ଲଭି ତବ ଦିବ୍ୟ ଦର୍ଶନ
ପରିପୂର୍ଣ୍ଣ ହୋଇ ଉଠୁ ମୋର ଜୀବନ ॥

ମାତା ପିତା ତୁମେ ମୋର   ବନ୍ଧୁ ସଖା ସହୋଦର
ଚରଣ ତୁମର ସଦା ଆଶ୍ରୟ ମୋର
କୁପୁତ୍ର ଅଟଇ ମୁହିଁ   ପାପ କର୍ମେ ଲିପ୍ତ ଥାଇ
ଦୟାମୟୀ ମାତା ମୋର ଦୋଷ ନ ଧର

ନାଶ କର ମାତ ଦୁରିତ
ତବ ଭକତିରେ ପୂର୍ଣ୍ଣ ହେଉ ମୋ ହୃଦ ॥

ଆଶିଷ ତୁମର ପାଇ ମୁରଖ ପଣ୍ଡିତ ହୋଇ
ସକଳ ଶାସ୍ତ୍ରରେ ତାକୁ କର ନପୁଣ
ଅଧମ ସନ୍ତାନ ମୁହିଁ ନରିଦୟ ହୁଅ ନାହିଁ
ଦୟାବହି ଶ୍ରୀଚରଣେ ଦିଅ ଶରଣ
ପାଇ ଆଶୀର୍ବାଦ ତୋହର
ବିଖ୍ୟାତ ପଣ୍ଡିତେ ନାମ ଆସୁ ମୋହର ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର



ବେଦାନ୍ତୀ ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବା ପଇଁ
୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ
ଆଗକୁ ବଢିବା ପାଇଁ ସହଯୋଗ କରନ୍ତୁ ।

# କୃତ୍ରିମ ବର୍ଷା



ରୁଦ୍ରପ୍ରସନ୍ନ ମିଶ୍ର

ପାଣିପାଗ ବୈଜ୍ଞାନିକ ଡଃ. ହରପ୍ରସାଦ ନାୟକ ବହୁ ଜଟିଳ ଗାଣିତିକ ସମୀକରଣ ମାନଙ୍କୁ ବିଶ୍ଳେଷଣ କରି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଏ ବର୍ଷ "ଏଲ ନନୋ"ପ୍ରଭାବରେ ମୌସୁମୀ ପ୍ରବାହ ବାଧାପ୍ରାପ୍ତ ହେବ, ଯଦ୍ୱାରା ସ୍ୱଳ୍ପ ବୃଷ୍ଟି ତଥା ମରୁଡି ପଡିବାର ସମ୍ଭାବନା ଦୃଢ। ଆଗୁଆ ପଦକ୍ଷେପ ନେବାପାଇଁ ସରକାରଙ୍କୁ ତଥା ପ୍ରେସ ମାଧ୍ୟମରେ ଖବରଟା ଜନସାଧାରଣଙ୍କୁ ଜଣେଇଦିଆ ଗଲା।

ମିଶ୍ରବାବୁ ସସ୍ତ୍ରିକ ପୁଅ ବୋହୁଙ୍କ ପାଖକୁ ବୁଲିଆସିଛନ୍ତି। ଏଡେବଡ ସହରରେ ତାଙ୍କର କେହିଚହ୍ନା ଜଣା ନାହାନ୍ତି। ପୁଅବୋହୂ ଅଫିସ ଗଲେ ବୁଢାବୁଢୀ ଫ୍ଲାଟଘରେ ଏକା। କେବେ ଟିଭି ତ କେବେ ଖବର କାଗଜ ଭରସା।ସ୍ୱଳ୍ପବୃଷ୍ଟି ଖବରରଟା ଟିଭିରୁ ଶୁଣି ମିଶ୍ରବାବୁ ମନେମନେ ଟିକେ ଖୁସି ହୋଇଗଲେ। ଯାହା ହେଉ ଏ ବର୍ଷ ଗୃଷବାଷ ନକରିବାର ନଷ୍ପତିଟା ଠିକ ଅଛି। ନହେଲେ ଖାଲି ତୁଛାଟାରେ ଅର୍ଥ ଶ୍ରାଦ୍ଧ, ଶରୀର ପୀଡା ଓ ମନସ୍ତାପ ହୋଇଥା'ନ୍ତା। ଏଇ ଚତୁର୍ମାସିଆଟା ପିଲାଙ୍କ ପାଖେ ରାଜଧାନୀରେ କଟେଇଦେଲେ, ପିଲାଙ୍କ ମନ ଖୁସି ଆଉ ମିଶ୍ରବାବୁ ବି ଆରାମରେ ଗାଁକୁ ଫେରି ରବି ଫସଲରେ ଧ୍ୟାନଦେବେ।

ଟିଭିଟା ବନ୍ଦ କରି ମିଶ୍ରବାବୁ ସୋଫା ଉପରେ ବସିପଡିଲେ। ସେଣ୍ଟର ଟେବୁଲର ତଳ ଥାକରୁ ଗାଁରୁ ଆଣିଥିବା ପାଞ୍ଜି ବାହାରକଲେ ଆଉ ଟେବୁଲ ଉପରେ ଗୋଡ ଲମ୍ବାଇ ପାଞ୍ଜି ଓଲଟାଇବାକୁ ଲାଗିଲେ। ଦୋଳପୂର୍ଣିମାରେ ନୂଆ ପାଞ୍ଜି ପଢା ସାରିବା ପରେ, ମିଶ୍ର ବାବୁ ନୟମିତ ଭାବରେ ଖଣ୍ଡେ ପାଞ୍ଜି କଣି ଆଣନ୍ତି। ବର୍ଷକ ଯାକର ଆୟବ୍ୟୟ, ପାଣିପାଗ,ରାଶିଫଳ, ବିବାହବ୍ରତ ତିଥି, ମାଓ ତଥା ଆତାଙ୍କବାଦୀଙ୍କ ଉପଦ୍ରବ, ଦେଶରେ

ରାଜନୈତିକ ପରିସ୍ଥିତି ଇତ୍ୟାଦି ଗଣନାକରି ଜ୍ୟୋତିଷ ବିଷାରଦଗଣ ପାଞ୍ଜିରେ ଲେଖଦେଇଥା'ନ୍ତି। କାମତ କଛି ନାଇଁ, ମିଶ୍ରବାବୁ ପାଞ୍ଜି ଓଲଟାଇବାକୁ ଲାଗିଲେ। ନକ୍ସଲ ଉପଦ୍ରବ କମିବ, ରାଜନୈତିକ ସ୍ଥିରତା ସତ୍ୱେ ଦୁର୍ନୀତି ବୃଦ୍ଧି, ବିଶ୍ୱବ୍ୟାପୀ ଯୁଦ୍ଧ ପରିସ୍ଥିତି, ରେଳ ତଥା ବିମାନ ଦୁର୍ଘଟଣାରେ ବୃଦ୍ଧି ଇତ୍ୟାଦି ଲେଖା ଅଛି। ଆରେ, ଏ କ'ଣ; ପାଞ୍ଜି ଅନୁସାରେ ତ ଏବର୍ଷ ବହୁଜଳ ବୃଷ୍ଟି ଯୋଗ ରହିଛି। କନ୍ତୁ, ଯେହେତୁ ପାଣିପାଗ ବିଜ୍ଞାନୀ ହରବାବୁ ଗଣନା କରି କହିଛନ୍ତି ବର୍ଷା ହେବ ନାହିଁ ବୋଲି, ସେ ତତକ୍ଷଣାତ ଧରିନେଲେ ଯେ ପାଞ୍ଜିଟା ଭୁଲ ବୋଲି।

ଦିନେ ଦୁଇଦିନ ଗଲା, ଖବରକାଗଜରେ ବାହାରିଲା ଯେ ପିଇବା ପାଣିର ଘୋର ସଙ୍କଟ। ସହରକୁ ପାଣି ଯୋଗାଉଥିବା, ହ୍ରଦ ସବୁ ଶୁଖିବାକୁ ବସିଲାଣି। ଯଦି ବର୍ଷା ନହୁଏ, ତେବେ ହ୍ରଦରେ ଥିବା ପାଣି ସହରର ପାଣିର ଆବଶ୍ୟକତାକୁ ଆଉ ବେଶୀରେ ବେଶୀ ଅଣଚାଳିଶ ଦିନ ପର୍ଯ୍ୟନ୍ତ ପୂରଣ କରିପାରିବ। ତେଣୁ ମୁ୍ନସିପାଲ କମିଶନର ସାଧାରଣ ଜନତାଙ୍କୁ ପାଣିର ମିତବ୍ୟୟ ପାଇଁ ଅନୁରୋଧ କରିଛନ୍ତି। ଏହା ଛଡା ପାଣିର ଯୋଗାଣ କାଟ ପାଇଁ ମଧ୍ୟ ନସ୍ପତି ନଆଯାଇଛି।

ସତକୁ ସତ ମିଶ୍ରବାବୁ ଲକ୍ଷ୍ୟ କଲେ ଯେ, ପାଣି ଆଉ ଆଗ ଭଳି ଆସୁନ, ସକାଳେ ତିନଘଣ୍ଟା ଆଉ ସନ୍ଧ୍ୟାରେ ଦୁଇ ଘଣ୍ଟା।ପାଣିକୁ ପାଣି ପରି ବୁହାଉଥିବା ଏ ସହରଟା ହଠାତ ସତର୍କ ହୋଇପଡିଲା। ଜଳ ସଂରକ୍ଷଣ ଏନଜିଓ ମାନେ ସବୁ ଚଳଚଞ୍ଚଳ ହୋଇ ଉଠିଲେ। ବିଭିନ୍ନ ହାଉସିଂ ସୋସାଇଟୀ ମାନ ବୁଲି ଲୋକଙ୍କୁ ଜଳ ସଂରକ୍ଷଣ ଉପରେ ସଚେତନ କରାଗଲା। ଯେମିତିକି ରେନ ୱାଟର ହାରଭେଷ୍ଟିଙ୍ଗ, କାର ଗୁଡାଙ୍କୁ ପ୍ରତିଦିନ ନଧୋଇ ସପ୍ତାହରେ ଥରେ ଧୋଇବା, ବର୍ଜ୍ୟ ଜଳକୁ ବିଶୋଧନ କରି ବଗିଚାରେ ବ୍ୟବହାର କରିବା ଇତ୍ୟାଦି। କଛି ସିନେ ତାରକା ତ ଦାଢି ବଢେଇ ଲୋକଙ୍କୁ ପ୍ରବର୍ତ୍ତାଇଲେ ନୂଆ ଫେସନ ପାଇଁ। ଫେସନ କୁ ଫେସନ ଆଉ ଦାଢି ନକାଟିଲେ ପାଣି ବି ବଞ୍ଚିବ। ଟିଭି ରେଡିଓ ଖବର କାଗଜ; ସବୁଥିରେ ଗୋଟେ ରୀତିମତ ଜଳ ସଂରକ୍ଷଣ ତଥା ସାଂପ୍ରତିକ ଜଳ ସଙ୍କଟ ଉପରେ ପ୍ରଚାର ଚାଲିଲା। କଛି ଦିନ ତଳେ ସ୍ୱଳ୍ପ ବୃଷ୍ଟି ଯୋଗର ଅନୁମାନରେ ଖୁସି ହେଉଥିବା ମିଶ୍ରବାବୁ ଟିକେ ଡରିଗଲେ। ଡରିଗଲେ ପୁରା ସହରର ବାକି ଜନସାଧାରଣ।

ଏଥରେ ଏନଜିଓ ବାଲ୍ ଜଳ ସଂରକ୍ଷଣ ନୀତି ଛାଡି ସରକାରଙ୍କ ଉପରେ ବର୍ଷିବାକୁ ଲାଗିଲେଣି। କେହି କେହି କହୁଛନ୍ତି, ସରକାର ଲୁଚେଇ ଚୋରେଇ ହ୍ରଦମାନଙ୍କରୁ ଶିଳ୍ପସଂସ୍ଥା ମାନଙ୍କୁ ପାଣି ଦେଇଛନ୍ତି।ତେଣୁ ଆଜି ପାଣିର ଏ ନଅଣ୍ଟିଆ ଅବସ୍ଥା। କଏ କହୁଛି ସରକାରଙ୍କର ଜଳ ସଂରକ୍ଷଣ ନୀତି ବୋଲି କିଛି ନାହିଁ। ସେ ଯାହାହେଉ ସରକାରଙ୍କ ଉପରେ ଚାପ ବଢି ଚାଲୁଥାଏ। ଏମିତି ଏକ ପରିସ୍ଥିତିରେ, ମୁନସିପାଲ କମିଶନର ଏକ ପ୍ରେସ କନଫାରେନ୍ସରେ ଘୋଷଣା କଲେ କି ଯେ କୃତ୍ରିମ ବର୍ଷା କରାଇବା ପାଇଁ ଏକ ବିଦେଶୀ ସଂସ୍ଥା ସହିତ ଚୁକ୍ତି କରାଯାଇଛି।ସଂସ୍ଥାଟି କୃତ୍ରିମ ବର୍ଷା କରାଇବାର ବିଶେଷତ୍ୱ ହାସଲ କରିଛି। ସଂସ୍ଥା, ନିଜର ଅତ୍ୟାଧୁନିକ ଉପକରଣ ଦ୍ୱାରା ହ୍ରଦମାନଙ୍କ ଉପରେ ବାଦଲ ସିଡିଙ୍ଗ ( କ୍ଲାଉଡ ସିଡିଙ୍ଗ) ପ୍ରକ୍ରିୟାରେ ବର୍ଷା କରାଇବେ। ଫଳରେ ଜଳସଙ୍କଟ ଦୂର ହୋଇପାରିବ।ଏଥି ନିମନ୍ତେ ପଚଶ କୋଟି ଟଙ୍କାର ଚୁକ୍ତି କରାଯାଇଛି।ଏଇ ପ୍ରେସ କନଫାରେନ୍ସ ପରେ ଏନଜିଓ ମାନେ ଯେମିତି ଶାନ୍ତ ହୋଇପଡିଲେ। ହେଲେ ମୁନସିପାଲିଟି ତରଫରୁ ଜଳ ସଂରକ୍ଷଣର ପ୍ରଚାର ଟିଭି ରେଡିଓ ଏବଂ ଖବରକାଗଜରେ ଜୋରସୋରରେ ଚାଲିଥାଏ।

ସେଇ ପ୍ରେସ କନଫାରେନ୍ସସରିବାର ପନ୍ଦର ଦିନ ପର୍ଯ୍ୟନ୍ତ ବର୍ଷା ନହେବାରୁ, ଜଳ ସଙ୍କଟ ଆହୁରି ଉତ୍କଟ ହୋଇଚାଲିଲା। ପ୍ରବଳ ଗରମ ସହ ଜଳ ସଙ୍କଟ। ହଠାତ ଜଣା ପଡିଲା ଲଘୁଚାପ ସୃଷ୍ଟି ହୋଇଛି। ଧୀରେ ଧୀରେ ଲଘୁଚାପ ଘନୀଭୂତ ହେବାକୁ ଲାଗିଲା।ଦିନେ ବର୍ଷା ଆରମ୍ଭ ହୋଇଗଲା। ଏମିତି ହେଲେ ଯେମିତି କି ପୁରା ପ୍ରଳୟ ପୟୋଧି ଜଳ। ମିଶ୍ରବାବୁଙ୍କ ସକାଳ ସଞ୍ଜ ୱାକ ବନ୍ଦ ହୋଇଗଲା। ବସି ବସି ଭାବୁଥା'ନ୍ତି ଯାହାହେଉ ବର୍ଷାରେ ହ୍ରଦ ଯାକ ପୁରି ଯିବ, ଆଉ କୃତ୍ରିମ ବର୍ଷାର ଆବଶ୍ୟକତା ନାହିଁ। ହେଲେ ଏ କ'ଣ, ଜଳ ଯୋଗାଣ କାଟ ତ ଦିନକୁ ଦିନ ବଢି ଚାଲିଛି। ଟିଭି ରେଡିଓରେ ତୁହାକୁ ତୁହା ପ୍ରଚାର ଚାଲିଛି ଯେ କ୍ୟାଚମେଣ୍ଟ ଏରିଆରେ କ'ମ ବର୍ଷା ଯୋଗୁ ହ୍ରଦ ମାନ ଏବେବି ଖାଲି ପଡିଛନ୍ତି। ତେଣୁ ହ୍ରଦ ଉପରେ ବର୍ଷା ନହେବା ଯାଏଁ ଏ ପରିସ୍ଥିତି ଜାରି ରହିବ।ମିଶ୍ର ବାବୁଙ୍କୁ କିଛି ବୁଝା ପଡୁନଥାଏ।

ଏମିତିରେ ଦିନେ ମୁନସିପାଲ କମିଶନର ଆଉ ସେ ବିଦେଶୀ ସଂସ୍ଥାର ବୈଠକ ହେଲା। ବିଦେଶୀ ସଂସ୍ଥା ତାଙ୍କ ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ହ୍ରଦ ଉପରେ ବର୍ଷା କରାଇଲେ। ଜଳ ଯୋଗାଣ କଟୋତି ଧୀରେ ଧୀରେ କମ ହେବାକୁ ଲାଗୁଥାଏ। ମିଶ୍ର ବାବୁ ଟିଭିରେ ସମ୍ବାଦ ଦେଖୁଥିଲେ। କେଉଁ ଏକ ଚ୍ୟାନେଲରେ ବ୍ରେକଙ୍ଗ ନଉଜରେ ଆସୁଥିଲା କୁଆଡେ ସେ ବୈଠକରେ ମୁନସିପାଲ କମିଶନରଙ୍କୁ ବିଦେଶୀ ସଂସ୍ଥା ଅଢେଇ କୋଟି ଟଙ୍କା ଲାଞ୍ଚ ଦେବାପରେ ହ୍ରଦମାନ ପୁରି ଉଠିଥିଲେ।

ମିଶ୍ରବାବୁ ବୁଝି ପାରୁଥିଲେ ଯେ କୃତ୍ରିମ ବର୍ଷାଟା ହ୍ରଦ ଉପରେ ନୁହେଁ, କମିଶନରଙ୍କ ପକେଟରେ ହୋଇଥିଲା! ହେଲେ ବୁଝି ପାରୁନଥିଲେ ସେ ଅବୈଜ୍ଞାନକ ପାଞ୍ଜି ଗଣକ ମାନେ ବୈଜ୍ଞାନକ ହରପ୍ରସାଦଙ୍କ ଠାରୁ ଅଧିକ ସଠିକ ଗଣନା କରୁଥିଲେ କେମିତି!

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ



# ଜୀବନ ରେ କେବେ ଯଦି



ପ୍ରକାଶ ସାହୁ

ଜୀବନ ରେ କେବେ ଯଦି,
ଦେଖା ହୁଏ ତୋ ସାଥିରେ ।
ତୁ କଛି କହିବୁନ ମୋତେ ।
ମୁଁ କଛି କହିବିନ ତତେ ।
ଚହ୍ନା ଥିଲ୍ ବୋଲି ତୋ ,
ସାଥେ ମୋର ଅତୀତ ରେ ।

ଆଜି ବି ସେ କଲମ ଅଛି ।
କନ୍ତୁ ଆଉ କବିତା ଟେ ଲେଖିହୁଏନ ।
କାହିଁକ ମୁଁ ପାରେନା ଲେଖି ,
ସେ କଥା ବି କହି ମୁଁ ପାରୁନ ।

ତୁ ଦେଖା କରିବୁନ ମୋତେ ।
ମୁଁ ଦେଖା କରିବିନ ତୋତେ ।
କଥା ଥିଲ୍ ବୋଲି ତୋର ମୋ ସାଥେ।
ତୁ କହିବୁନ ଆଉ ତୋ ମନ କଥା ।
ମୁଁ ପଗ୍ଚରିବିନ ଆଉ ତୋ ବ୍ୟଥା ।

ତୁ ଆଉ କେବେ ଭୁଲ ବୁଝିବୁନ ମୋତେ ।
ମୁଁ ବି ଭୁଲ ବୁଝିବିନ ତୋତେ ।
ପ୍ରେମ ଥିଲ୍ ବୋଲି ,

ତୋ ସାଥେ ମୋର ଅତୀତ ରେ କଥା
ଦେଇଥିଲି ତୋତେ,
ତୁ ମନେ ପଡ଼ିବୁନ ଆଉ କେବେ,
ତୋର ବି ମନେ ଆସିବିନ ମୁଁ କେବେ,
ସ୍ମୃତି ଥିଲ୍ ବୋଲି,
ତୋ ସାଥେ ମୋର ଅତିତରେ ।

ତୁ କହିବୁନ ଆଉ ମୋତେ ।
ମୁଁ କେବେ କହିବିନ ଆଉ ତୋତେ ।
ଆମ ଦୁହେଁ ଭଲ ପାଉଥିଲେ କେତେ ।
ଦିନେ ନ ଦେଖିଲେ ଭଲ,
ଲ୍ଗୁନଥିଲ୍ ତୋତେ ।
ଲ୍ଗୁନଥିଲ୍ ହଦ କ ଭୋକ ମୋତେ ।

ତୁ ଭୁଲି ଯାଇଥିବୁ ମୋତେ ।
ମୁଁ ଭୁଲିଯିବା ପାଇଁ ଗ୍ଚହେଁ ତୋତେ ।
ତୁ ହସିବୁନ ଆଉ କେବେ ।
ମୁଁ ଥଟ୍ଟା କରିବିନ ଆଉ ତୋ ସାଥେ ।
ଦିନରେ କଲେଜ ର କ୍ଲାସ ଆଉ ,
ଅପରାହ୍ନ ର ହଷ୍ଟେଲ ପାର୍କ ରେ ।

ତୁ ଭଙ୍ଗିଦବୁ ସବୁ ସେ କଥା ।
ମୁଁ କହିଦେବି ଦେବୀମା ଙ୍କୁ ସେ କଥା ।
ସେ ସବୁ ଥିଲା ଖେଳ ଘର ।
ମୁଁ ଦେଇଥିଲି ତୋ ମଥା ରେ ମା ଙ୍କ ସିନ୍ଦୁର।
ତୁ କରିଥିଲୁ ମୋତେ ସାତ ଜନ୍ମ ର,
କରିଦେଇଥିଲୁ ସମସ୍ତ ଙ୍କୁ ପର।
ସାକ୍ଷୀ ରହିଥିଲା ସେ ମା ଙ୍କ ମଂଦିର ।

ମୁଁ କେବେ ଚେଷ୍ଟା କରିନାହିଁ ଜାଣିବାକୁ,
ତୁ ବି କେବେ ଚାହିଁନଥିବୁ ବୁଝିବାକୁ,
କାହା ଭୁଲ ର ଶ୍ରେୟ ଏ ଭଙ୍ଗା ସଂପର୍କ କୁ,
ଦୋଷ ଦେବୀ ଆଉ ମୁଁ କାହାକୁ ।

ଯଦି ଜୀବନ ର ପଥ ରେ,
କେବେ ଦେଖା ହୁଏ ତୋ ସାଥିରେ।
ତୁ ବୋଧେ ଚହିଁ ପାରିବୁନି ଆଉ ମୋତେ ,
ମୁଁ ତୋତେ ଚାହିଁ ରହିଥିବି ସେ ପଥେ,
ଅଜଣା ବାଟୋଇ ପରିଟେ।
ଦେଖି ବି ଏଡାଇ ଦେବି ମୁଁ ତୋତେ ।

ଆମ ଏ ଅଧା ର ପ୍ରେମ କାହାଣୀ,
ପରି ଭଙ୍ଗି ଯାଇଥିବା ଆଇନା ପାଇଁ
ଥାଏ ଯଦି କିଛି ଫ୍ରେମ ।

ତୁ ତ ଖୋଜିବୁନି କେବେ ସେ ଫ୍ରେମ
କି ମୁଁ ବି କଣିବିନି କେବେ ସେ ଫ୍ରେମ ।
ସେ ଭଙ୍ଗି ରହିଥିବ ସବୁଦିନ ପାଇଁ ।

ତୁ କାହିଁ ଛାଡି ଗଲୁ ମୋତେ ?
କି ଭୁଲ କରିଥିଲି ତୋ ପାଖେ ?
କେବେ କହିନାହୁଁ ତୁ ମୋତେ,
କେବେବି ପଚାରିନାହିଁ ମୁଁ ତୋତେ ।

ଯଦି ଜୀବନ ରେ କେହି ପଚାରେ,
କେବେ ପ୍ରେମ ହୋଇଥିଲା
ଆଉ କାହା ସାଥିରେ,
ମୁଁ କହିବିନି ତୋ ନାଁ କେବେ ।
ତୁ ବି କହିବୁନି ମୋ ନାଁ କେବେ ।

ଯଦି ଭୁଲ ହୋଇଥାଏ ମୋ ଠାରେ ।
ତୁ କ୍ଷମା କରିଦେବୁ ମୋତେ ।
ଯଦି ଭୁଲ ରହିଥାଏ ତୋ ପାଖେ।
ମୁଁ କହିନାହିଁ କି କହିବିନି କିଛି ତୋତେ ।
ଭାଗ୍ୟ କୁ ନିନ୍ଦି ରହିଯିବି ମୁଁ ଆପେ ।

ଜୀବନ ରେ କେବେ ଯଦି ......

ନାବିକ, ଭାରତୀୟ ନୌସେନା

# ରିକ୍ସାବାଲାର ଝିଅ



ସୁବଳ ମହାପାତ୍ର

ମୁନ ର ବାପା ରିକ୍ସା ଟାଣେ । ଫି ଦିନ ଘରେ ଖାଇବାକୁ ନଥାଏ । ନାହିଁ ନାହିଁ ର ସଂସାର । ବାପା ରିକ୍ସା ଟାଣି ପଇସା ଆଣିଲେ ଘର ଚ଼ଲେ । ସେଥିରୁ ବି ଗୋଟେ ଭ଼ାଗ ତା ମଦ ପିଆରେ ଯାଏ । ଯେଉଁଠି ଘରେ ଖାଇବାକୁ ଗଣ୍ଡେ ନାହିଁ ସେଠି ଆଉ ସବୁ କଥା କଏ ପଚ଼ରେ । ମୁନ, ୧୧- ୧୨ ବର୍ଷ ର ଝିଅ ଟି ସଜେଇ ହେବାକୁ ଭ଼ାରି ଭଲ ପାଏ । ମା ଯେଉଁ ବାବୁ ଘରେ କାମ କରେ ତାଙ୍କ ଘରେ କେତେ ପ୍ରକାର ସ୍ନୋ, ପାଉଡର, ଭଳକ ଭଳ ଦେହ ଲଗା ଜିନଷ, ମୁଣ୍ଡ ପାଇଁ, ଆଖି ପାଇଁ, ନଖ ପାଇଁ, ମୁହଁର ଅଲଗା ପାଉଡର, ଦେହର ଅଲଗା ପାଉଡର ଆହୁରି ଆହୁରି କେତେ କଣ । ତାଙ୍କ ଘରେ କନ୍ତୁ କଛି ନାହିଁ । ସକାଳୁ ମା ପାଣି ମାରି ମୁଣ୍ଡ କୁଣ୍ଡେଇ ଦିଏ । ଏତେ ଛୋଟରୁ ତେଲ ନ ବାଜି ମୁଣ୍ଡ ବାଳ ସବୁ କହରା ହେଇ ଗଲାଣି । ମଝି ବାଳ ତକ ସବୁ କହରା । ମୁନ ସବୁ ବେଳେ ମନ ଦୁଃଖ କରେ । ତା' ମା ଉପରେ ରାଗେ । ବାପା କୁ ଗାଳ କରେ । କାନ୍ଦି କାଟି ଅଥୟ ହୁଏ । କନ୍ତୁ କଏ ପଚ଼ରୁଛି। ମା ଠୁ ଚ଼ପୁଡ଼ା ଖାଇ ଆଉ ବାପା ର ନାଲି ଆଖି ଦେଖି ଶାନ୍ତ ହୁଏ ।


ବାବୁଙ୍କ ଝିଅ ବର୍ଷା । ଭ଼ାରି ଷ୍ଟାଇଲିଶ । ଭଳକ ଭଳ ଜିନଷ ରେ ସଜେଇ ହୁଏ । ଏ ବର୍ଷ ଇଞ୍ଜିନଅରିଂ ପଢୁଛି । ସ୍କୁଟି ଧରି କଲେଜ ଯାଏ। ବାଳ ଫୁରୁ ଫୁରୁ । ଫି ଦିନ ସାମ୍ପୁ କରେ । ଭଳ କ ଭଳ ତେଲ ଲଗାଏ । ବାପା ମାଙ୍କର ପଇସା ରେ ଅଭ଼ାବ ନାହିଁ । ବାପା ବଡ ଚ଼ାକରୀ କରିଛନ୍ତି । ମା ବି ସେମିତି । ଦି ଜଣଙ୍କ ଦରମା ଘରକୁ ଆସେ । ବହୁତ ବଡ ଘର। ବହୁତ ପଇସା । ସେଦିନ ବର୍ଷା ଦିଦି ବାଳ କଲର କରି ଆସିଥାନ୍ତି । ଆଗ ବାଳ ତକ କଳା ମଝି ତକ କହରା । ପଛ ଚୁଟି କଛି କଳା ଆଉ କଛି କହରା । ତାଙ୍କ ସାଙ୍ଗ ମାନେ ତାଙ୍କର ଖୁବ ପ୍ରଶଂସା କରୁଥାନ୍ତି । ବାଃ, ଭ଼ାରି ବଢିଆ ହେଇଛି । କେଉଁ ପାର୍ଲର ବୋଲି ହଜାରେ

ଥର ପଗ୍ଭରୁଥାନ୍ତି । ବର୍ଷା ଦିଦି ବି ବଡେଇ ଦେଖେଇ ହେଇ କହୁଥାନ୍ତି । କେମିତି ଷ୍ଟାଇଲ କରିଛି, କେତେ ପଇସା ନେଲା ଇତ୍ୟାଦି ଇତ୍ୟାଦି ।

ହଠାତ କାହାର ଜଣଙ୍କର ନଜର ପଡିଲା ମୁନ ଉପରେ । ଆଉ ସମସ୍ତଙ୍କ ମୁହଁ ବନ୍ଦ ହେଇ ଆସିଲା ।

ମୁନ କନ୍ତୁ ଆଜି ଭରି ଖୁସି ଥିଲା..... ତା' ର ଆଉ ବର୍ଷା ଦିଦିଙ୍କ ଚୁଟି ର କଲର ସମାନ ।

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯



"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@ gmail.com and editor.vedantimagazine@ gmail.com

# ତୁମେ...



ସୁବଳ ମହାପାତ୍ର

ଶୁଣୁଛ!!

ଥରେ ଯେବେ ଦେଖିଦିଏ ତୁମକୁ ,

ଲାଗେ ଯେମିତି ପୃଥିବୀର ସୁନ୍ଦରତମ ସୃଷ୍ଟିକୁ ଦେଖୁଛି,

ଭଗବାନ ଗଢ଼ିଛନ୍ତି କେତେକାଳେ,

କେବଳ ମୋରି ପାଇଁ ।

ତୁମେ ସୁନ୍ଦର, ଏ ଦୁନିଆଁ ସୁନ୍ଦର ,

ସୃଷ୍ଟିର ସବୁ ତ ସୁନ୍ଦର,

କିନ୍ତୁ କାହିଁକି କେଜାଣି ଏକ ଉଜାଣି ସୁଅ ଉଠେ ଏ ହୃଦୟରେ,

କିଛି ପାଇବାର ଓ ନପାଇବାର ଦ୍ୱନ୍ଦକୁ ନେଇ,

ଯେତେବେଳେ ତୁମେ କୁହ "ଭଲ ପାଅ ବୋଲି",

ଭାବି ମୁଁ ପାରେନ, କଣ ଦେଇଛି ଆଜିଯାଏ ତୁମକୁ ?

କେବଳ କିଛି ପ୍ରତୀକ୍ଷା, କଷ୍ଟ, ଅଭିମାନ, ରାଗରୁଷା ଭର୍ତ୍ତି ଜୀବନ ଛଡା ....

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯

# ଦୃଷ୍ଟି ପରିଧୀ



ବିନୟ ମହାପାତ୍ର

ନଦୀର ଏ କୂଳରେ ଠିଆହୋଇ
ଆର କୂଳକୁ ଗ୍ଳହିଁଲେ,
କଛି ଠିକ୍ ଠିକ୍ ଦିଶେନାହିଁ ।
କନ୍ତୁ ତାର ମାନେ ନୁହେଁ
ନଦୀ ଖୁବ୍ ବଡ ଥିଲା !
ନଦୀ ତ ସାମାନ୍ୟ ଥିଲା,
ଝରଣାଠୁ ଟିକେ ବଡ
ହେଲେ ବୈତରଣୀଠୁ ଅନେକ ଛୋଟ ।
କଥା ତ ଦୂରତାର ନଥିଲା
କମ୍ବା ଦୃଷ୍ଟିପରିଧୀର,
କଥା ଥିଲା, ଦେଖିବାର ଇଚ୍ଛାର ।

ବିନା ଚଷମାରେ ବି,
ଆଖି ଛୋଟ ଛୋଟ କରି
ଜେଜେ ଚହ୍ନି ନଅନ୍ତି
ନାତି ନାତୁଣୀ ମାନଙ୍କୁ,
ଯଦିବା ଦେଖାହୁଏ ବରଷକ ପରେ ।

ମିଞ୍ଜି ମିଞ୍ଜି ଡିବିରି ଆଲୁଅରେ
ହରିମାଖି ଦାସଘର ସାନବୋହୁ,
ପରଦେଶୀ ପ୍ରିୟତମ ଚଠି ପଢିଯାଏ
କେତେ ସଗ୍ଗରେ ।
ପିଲାଦିନେ କମ୍ବଳ ତଳେ
ବାପାଙ୍କୁ ଲୁଗ୍ଳଇ, ଲୁଗ୍ଳଇ,
ଡିକ୍ଟେଟିଭ ନଭେଲ ବି
ବଡ ଆଗ୍ଳମରେ ପଢିହୁଏ ।

ଡେରି ଗ୍ଳତି ଯାଏ ଅଖିଆ ଅପିଆ
ହତି ଅଧାଗ୍ଳତି ଯାଏ,
ମାଆ ଯେ ଅପକ୍ଷା କରେ, ହେଲେ
ମାଆର ମମତା କେବେ ବି ଦିଶେନା ।
କନ୍ତୁ କେବେ ସଂଧ୍ୟାରେ
ଟିକଏ ବିଳମ୍ବ ଯୋଗୁ,
ପ୍ରେମୀକାର ଗ୍ଳହା ଥଣ୍ଡା ହୋଇଗଲେ,
ମନ କେତେ ଅନୁତାପେ ଭରିଯାଏ ।

ଘର ଅଗଣାରେ ନିତି ନିତି ଫୁଟେ
କେତେ ଜାତି ରଙ୍ଗ ବେରଙ୍ଗର ଫୁଲ,
ହେଲେ କେବେ ଦୃଷ୍ଟିରେ ଆସେନା,
କିନ୍ତୁ ଦୂର ପରବତ
କେତେଯେ ସୁନ୍ଦର ସତେ,
ମନ ନିତି ଝୁରି ହୁଏ ।
ପତ୍ନୀର ସତେଜ ଗୋଲାପି ଗୋଲାପି ମୁହଁ
ଦେହଘଷା ହୋଇଯାଏ,
ମନ ଅମାନିଆ, ନିତି ନିତି ଆକାଶରେ,
ନୁଆ ଚ଼ନ୍ଦ ଖୋଜୁଥାଏ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କୁହୁଡି



ଆଶା ସାହୁ

କେତେ ସୁନ୍ଦର ଦୃଶ୍ୟ ସତେ । କେତେ ମନୋହାରୀ । ବୁଢାବଳଙ୍କ ନଈର କୂଳେ କୂଳେ ଗ୍ଲୁଲିଛି ମୁଁ । ନଈର ଦୁଇ ପାଖରେ ଘଞ୍ଚ ଜଙ୍ଗଲ । ଦୂରରେ ସୂର୍ଯ୍ୟ ବୁଡି ଯାଉଛନ୍ତି, ଲାଲ ରଙ୍ଗର କୀରଣ ବୁଣିବୁଣିକା । ଚଢେଇ ଚରୁଗୁଣିମାନେ କଚର୍ ମିଚର୍ ହୋଇ ଦଳଦଳ ହୋଇ ନୀଡକୁ ବାହୁଡୁଛନ୍ତି ।

ଗାଈ ଛେଳଙ୍କର ସଂଖ୍ୟା ତ ଆଜିକାଲି କମିଗଲାଣି । ତେଣୁ ଗାଈଆଳ ବା ଆସିବେ କାହୁଁ । ମନ ଟା ମୋର ଆଉଟି ପାଉଟି ହେଉଥାଏ । ଫେରିପାରନ୍ତି କ ମୁଁ ମୋର ବିଗତ ଷାଠିଏ ବର୍ଷ ତଳର ଅତୀତକୁ? ବୁଢା ନଈର ସେ ବିସ୍ତିର୍ଣ୍ଣ ଲହରୀ ମାଳା ଭିତରକୁ? ବୁଢା ବରଗଛର ସେ ବଡ କୋରଡ ଭିତରକୁ? ଅତୀତର ସେ ଚନ୍ଦ ବିଚନ୍ଦ, ରଙ୍ଗ ବେରଙ୍ଗ ସ୍ମୃତି ସବୁ ଉଛୁଳ ବାହାରି ପଡୁଥାଆନ୍ତି ହୃଦୟ ଭିତରେ ଥିବା ଏକ ସ୍ମୃତି ଫରୁଆ ଭିତରୁ ।

କାହିଁ କେତେ ବର୍ଷ ବିତିଗଲାଣି ଏ ଭିତରେ । କେତେ ପୁରୁଣା ମୁହଁ ବିଲୀନ ହୋଇଗଲେଣୀ ଏ ଧରିତ୍ରୀପୃଷ୍ଠରୁ । ସମୟରୂପୀ ନଦୀ ଗର୍ଭରୁ କେତେ ନୂଆ ମୁହଁ ଉକୁଟି ଉଠିଲେଣି । ହେଇ କାଲିପରି ଲାଗୁଛି.....

ବୁଢା ନଈ ଉପରେ ମାଟି ଓ ବାଉଁଶ ତିଆରି ପୋଲ । ତାରି ଉପରେ ଠିଆ ହେଇଥାଉ ମୁଁ ଓ ବିଭୂ । ସେତେବେଳେ ନଈଟା ଆହୁରି ଚଉଡା ଥିଲା କ କଣ ନା ଆମ ପିଲା ଆଖିକୁ ଦେଖାଯାଉଥିଲା କେଜାଣି । କନ୍ତୁ ନଈପଠା ତ ନଶ୍ଚିତ ଭାବରେ ବଦଳି ଯାଇଛି । ନଈ ପଠାରୁ ନେଇ ଦୁଇପଟରେ କେତେ ଦୂର ପର୍ଯ୍ୟନ୍ତ ଯେ ଘଞ୍ଚଜଙ୍ଗଲ ଆବୋରି ବସିଥିଲା ତାର କଳନା ନାହିଁ । ଜଙ୍ଗଲକୁ ଲାଗି ବିଲ । ବିଲ ମାନଙ୍କରେ ବାଦାମ, ଆଖୁ ଧାନ ଗୁଛ ହୋଇ ପବନରେ ଲହଡି ମାରିଥାଏ । ନଈର ଗୋଟିଏ ପାଖରେ "ଗୋଖନା" ମୋ ଗାଁ ଓ ଆରପଟରେ "ମୁଗୁଡି", ବିଭୂର ଗାଁ । ପଢୁଥାଉ ଗୋଟିଏ ସ୍କୁଲରେ।

ଗାଁ ଦୁଇଟି ଏଯାବତ୍ ନଷ୍ଟିହ୍ନ ହୋଇନାହିଁ । କିନ୍ତୁ ପରିବର୍ତ୍ତନର ଚକ୍ରରେ ପେଶିହୋଇ ଗାଉଁଲି ବାତାବରଣ କେମିତି କିମ୍ଭୁତ କିମାକାର ରୂପ ଧାରଣ କରିଛି । ପୋଲ ଉପରେ ନଜର କ୍ଳାନ୍ତ ଶ୍ରାନ୍ତ ଶରୀରକୁ ଅଜାଡିଦେଇ ମୁଁ ଦୃଷ୍ଟି ପକଉଥାଏ ଏପଟକୁ ଥରେ ସେପଟକୁ ଥରେ । ହୃଦୟ, ମସ୍ତିଷ୍କ ସବୁ ତ ଶୂନ୍ୟ ହୋଇଯାଇଥାଏ । ଉପରେ ଆକାଶ ବି ଖାଲି ଓ ତଳେ ବିଲ ସବୁ ମଧ ଖାଲି ଖାଲି ଖାଁ ଖାଁ ଲାଗୁଥାଏ । କଦବା କେଉଁ କିଆରିରେ ମଳେ ମଳେ ବାଦାମ ଲାଗିଥାଏ, କିନ୍ତୁ ଗଛଗୁଡାକର ସେ ସତେଜ ସରସ ରୂପ ଆଉ ନଥାଏ । ଶ୍ରୀହୀନ ଦେଖାଆଉଥାନ୍ତି ସେଗୁଡା । ଋଷି ମୁଲିଆ ଆଉ ସେଠାରେ ନଇଁ ନଇଁ କାମ କରୁନଥାନ୍ତି । ଦୁଇ ତିନଟା ଶୀର୍ଣ୍ଣକାୟ ବଗ ତାଙ୍କର ଲମ୍ବା ଲମ୍ବା ଗୋଡ ଦେଖାଇ ଲମ୍ବା ଥଣ୍ଟରେ ଗଛମୂଳରେ ଖୁମ୍ପୁଥାନ୍ତି ।

ଏଇ ବିଲମାନଙ୍କରୁ କେତେ ବାଦାମ ଖୋଳି ଖାଇଛୁ । କେତେ ଆଖୁ ଚୋବେଇଛୁ, ଆଉ ଧାନ? ଦରପାଚିଲା ଧାନକୁ ଚୋବେଇ ଚୋବେଇ ତାର ଅପୂର୍ବ ସ୍ୱାଦ ଋଖିଛୁ । ମିଠା ମିଠା ଅବିକଳ କଞ୍ଚା ଗାଈକ୍ଷୀରର ସ୍ୱାଦ । ଆଃ, ପାଟିରେ ସେ ଅମୃତ ତୁଲ୍ୟ ସ୍ୱାଦ ବାରିହୋଇଆଉଛି ।

ଏଗାର ବାର ବର୍ଷର ବିଭୂ ଓ ମୋ ପରି ବାଳକର ମନଃସ୍ଥିତି ନେଇ ସେତେବେଳର କଳ୍ପନା ।

"ବିଭୂ, ମୁଁ ଯଦି ରାଜା ହୁଏ ତୋତେ ମନ୍ତ୍ରୀ କରିଦେବି ।" ମୁଁ କୁହେ ।

"ଆଉ ମୁଁ ଯଦି ରାଜା ହୁଏ ତୋତେ ବି ମନ୍ତ୍ରୀ କରିଦେବି । ବିଭୂ କୁହେ ।

"କାଶିଆ କପିଳା"କାହାଣୀର ରୂପକଥା ।

ଆଉ ମୁଁ ଯଥାର୍ଥରେ ରାଆ ହୋଇପାରିଛି କି ନାହିଁ, ତାହା ଏକ ପ୍ରହେଳିକା ।

କିନ୍ତୁ ବିଭୂ ? ବିଭୂ କ'ଣ ହେଲା? ରାଜା ନା ମନ୍ତ୍ରୀ । କାଳଗର୍ଭର ସେଇ ମୁକ୍ତାଟିକୁ ବାହାର କରିବାକୁ ତ ମୁଁ ଆସିଛି ।

ପୋଲ ଉପରେ ଥାଇ ସେଇ ବାରବର୍ଷର କିଶୋର ବିଭୂକୁ ମୁଁ ଖୋଉଛି ।

ପାଠର ଦଣ୍ଡା ପାହାରରେ ଗୁଲି ସଦୃଶ୍ୟ ଛିଟିକ କେଉଁ ଏକ ସ୍ୱପ୍ନପୁରୀରେ ମୁଁ ହଜିଯାଏ, ଆଉ ସେଠାରୁ ବାହାରିବା ମୋ ପକ୍ଷରେ ସମ୍ଭବ ହୋଇପାରେ ନାହିଁ ବା କେଉଁ ଗଳାବାଟରେ ବାହାରିବାକୁ ହୁଏ ମୁଁ ଜାଣି ମଧ ମାଟି କାଦୁଅଭର୍ତ୍ତି ସେ ଗଳାବାଟଟିକୁ ମୁଁ ଆବୋରି ପାରିନାହିଁ । ସେ ଗଳାବାଟର ଶେଷପାହାଚରେ ଗାଉଁଲିଆ ବିଭୂକୁ ମୁଁ ଦେଖି ପାରେନାହିଁ ।

"ବିଭୂ.....ବିଭୂ....."ଅନ୍ତରାତ୍ମା ଚତ୍କାର କରିଉଠେ । ପୋଲ ଉପରେ ଆଣ୍ଠେଇପଡେ ମୁଁ । ଧିରେ ଧିରେ ଚେତନାଶୂନ୍ୟ ଅବସ୍ଥାକୁ ମୁଁ ଚାଲିଯାଏ । "ସୁଗାର ଡାଉନ୍"ହେଉଛି ବୋଧେ । ମୁଁ ଜାଣିପାରୁ ଥାଏ । ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ଶୁଣିପାରେ କଅଁଳଆ ସ୍ୱରଟିଏ,

"ବାବା, ଦେଖ- ଦେଖ, ଏ ଅଙ୍କଲ୍ ଙ୍କର କ'ଣ ହେଉଛି । ସାଙ୍ଗେ ସାଙ୍ଗେ ମଧବୟସ୍କ ସୌମ୍ୟକାନ୍ତ ବ୍ୟକ୍ତିଜଣେ ଆସି ମୋତେ ଉଠାଇବାକୁ ଚେଷ୍ଟାକଲା । ମୁହଁରେ ପାଣି ଛିଞ୍ଚିଲା । ମୋ ପାଟିରୁ ଅସ୍ପଷ୍ଟ ସ୍ୱର ବାହାରୁଥିଲା, "ସୁଗାର୍ ଡାଉନ୍" । ସେ ବ୍ୟକ୍ତି ଜଣକ ସଙ୍ଗେସଙ୍ଗେ ପିଲାଟିର ପକେଟ୍ ଅଣ୍ଡାଳ କ୍ୟାଡବରିଜ୍ ଚକୋଲେଟ୍ ଟିଏ ମୋ ପାଟିରେ ଭର୍ତ୍ତି କରିଦେଲା । କଛିକ୍ଷଣ ଉତ୍ତାରୁ ମୋର ଚେତନା ଫେରିଆସିଲା ।

"ତୁମେ କଏ ବାପା" । ଏଭଳ ଦେବଦୂତ ପରି ଆସି ମୋତେ ସାହାଯ୍ୟ କଲ ।

"ମଉସା, ଏଇ ଗାଁରେ ମୋର ଘର । ମୋ ସାଙ୍ଗରେ ଚାଲନ୍ତୁ, ଅବି କଛି ନଖିବିବେ । ନଚେତ୍ ଆପଣଙ୍କ ଘର ଠିକଣା ମୁଁ ଆପଣଙ୍କୁ ପହଞ୍ଚାଇଦେବି । କେଉଁ ଆକର୍ଷଣରେ କେଜାଣି, ମୁଁ ତା ଗାଡିରେ ତା ପୁଅ ସହ ବସି ଚାଲିଲି ତା ଗାଁ ଆଡେ । ମୋ ଗାଁ ର ଠିକଣା ତ ମୁଁ କେହେଠୁ ହଜାଇ ସାରିଥିଲି ।

"ମୁଗୁଡି", ବିଭୂର ଗାଁ । ଏବେ ସେ ମାଟି ରାସ୍ତା ଆଉ ନାହିଁ । ପିଚୁ ରାସ୍ତା ତିଆରି ହୋଇଛି । ଘରଗୁଡିକ ଏ ଯାବତ୍ ଆହୁରି ଖୁନ୍ଦାଖୁନ୍ଦି ହୋଇଯାଇଛନ୍ତି । ଏହା ମଧ ଅଯୁକ୍ତିକର ନୁହେଁ । ପରିବାର ସଂଖ୍ୟା ବଢିଚାଲିଚ, ସେହି ଅନୁପାତରେ ଘର ସଂଖ୍ୟା ମଧ । ଏବେ ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଧ କାର୍ଯ୍ୟକାରିଣୀ ହୋଇଛି । ଚାଳଘର ସଂଖ୍ୟା ନଗଣ୍ୟ । ଗାଡି ଅଟକଲା । ମୁଁ ଚମକ ପଡିଲି । ଆରେ! ଏଠାରେ ତ ବିଭୂର ଘର ଥିଲା । ତେବେ କ'ଣ ଅଭାବ ଅନାଟନର ଚାପରେ ବିଭୂ ଘରଡିହ ଖଣ୍ଡିକ ମଧ ବିକ ଦେଇଛି । ମୋର ବ୍ୟାକୁଳ ଆଖି ଦୁଇଟି ଚାରିପଟେ ଖୋଜିବୁଲିଲା ବିଭୂକୁ । ମୋତେ ଭାରି ଅଫସୋଷ ଲାଗୁଥାଏ । ମୁଁ ତାର ସାଙ୍ଗ ହୋଇ ମଧ ତା ପାଇଁ କଛି କରିପାରିଲିନ ।

"ଓହ୍ଲାନ୍ତୁ ମଉସା । ଆସନ୍ତୁ ମୋ ବାପାଙ୍କ ସହ ପରିଚୟ କରାଇଦେବି ।"

ଛୋଟ ପିଲାଟି "ଜେଜେ", "ଜେଜେ" ପାଟିକରି ଘର ଭିତରକୁ ଚାଲିଗଲା । ମୁଁ ମୁଣ୍ଡ ଟେକି ଚାହିଁଲି । ବେଶ୍ ସୁନ୍ଦର ଓ ବିରାଟ କୋଠା । ଏ ଗାଁ ରେ ଏପରି ଭବ୍ୟ କୋଠା ବୋଧେ ଏଇ ଗୋଟାକ ଥିବ । ମୁଁ ଭିତରେ ଭିତରେ ଛଟପଟ ହେଉ ଥାଏ । କୁଆଡେ ଗଲା ବିଭୂ । କେଉଁଠାରେ ସେ ରହୁଥିବ । ଜମିବାଡି ତ ନଥିଲା । ଶେଷରେ ଏ ଡିହ ଖଣ୍ଡକ ମଧ ଗଲା । କେଉଁ ଅବସ୍ଥାରେ ସେ ରହୁଥିବ ।

ଜଣେ ବୟସ୍କା ସ୍ତ୍ରୀଲୋକ ସାଙ୍ଗରେ ଟିକିପିଲାଟି ବାହାରକୁ ଆସିଲା । ସେ ଅହରହ ତା ଜେଜେ କୁଆଡେ ଯାଇଛନ୍ତି ପଚାରି ପଚାରି ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥାଏ ।

"ଜେଜେ ମା, ଜେଜେ କେତେବେଳେ ଆସିବେ ?"

"ଆରେ ରହ ବାବା, ସେ ବିଲରୁ ଏଇନା ଫେରିଆସିବେ ।"

ସ୍ତ୍ରୀ ଲୋକ ଜଣକ ମୋତେ ପାଛୋଟି ନେଇ ଦାଣ୍ଡଘରେ ବସାଇଲେ । କାଠ ଚୌକି ଉପରେ । ଏତେ ସୁନ୍ଦର ଘର ହେଲେ ସୁଦ୍ଧା ଭିତରେ ସେ ଚାକଚକ୍ୟ ନଥାଏ । ସାଧାରଣ ଭାବରେ କିନ୍ତୁ ସୁରୁଚିପୂର୍ଣ୍ଣ ଢଙ୍ଗରେ ସଜାହୋଇଥାଏ ଘରଟିକୁ ।

କାଠ ଚୌକି କେତେଖଣ୍ଡ । ଗୋଟେ କୋଣରେ ଖଣ୍ଡେ କାଠ ଟେବୁଲ୍ । ଟେବୁଲ୍ ଉପରେ ଭାଗବତ ଗ୍ରନ୍ଥ କେତେଖଣ୍ଡ । କାନ୍ଥରେ ବିଭିନ୍ନ ଦେବାଦେବୀଙ୍କର ପୁରୁଣା ନୂଆ କ୍ୟାଲେଣ୍ଡର । ମୋଟ ଉପରେ ପ୍ରାଚୀନ ଓ ଆଧୁନିକ ସାଜସଜ୍ଜାର ଏକ ପ୍ରକାର ମିଶ୍ରଣ ଝଲକୁଥାଏ ।

ମଧ୍ୟବୟସ୍କ ଲୋକଟିର ପତ୍ନୀ ହେବେ ପ୍ରାୟ, ଜଣେ ମହିଳା ମୋତେ ପଇଡ ପାଣି ଆଣି ଦେଲେ ।ମୁଁ ନିଜ ବ୍ୟବହାରରେ ନିଜେ ବିସ୍ମିତ ହୋଇପଡୁଥାଏ । ଏ ଅଚିହ୍ନା ପରିବାରରେ ଆସି କେମିତି ଅଯାଚିତ ଚର୍ଚ୍ଚିତ ହେଉଛି । କିଛି କ୍ଷଣପରେ ବୁବୁନ୍ (ସେ ପିଲାଟିର ନାଁ) ର ଜେଜେ ଫେରିଲେ । ଆଣ୍ଠୁ ଉପରକୁ ଧୋତିଟିଏ, ଗୋଟିଏ ଗେଞ୍ଜି ଓ କାନ୍ଧରେ ଖୋର୍ଦ୍ଧା ଗାମୁଛାଟିଏ ଧାରଣ କରିଥିବା ପ୍ରାୟ ମୋର ବୟସର ଲୋକଟିଏ । କିନ୍ତୁ ବେଶ୍ ସୁସ୍ଥସବଳ । ସେ ଅଚିହ୍ନା ଆଖିରେ ମୋତେ ଦେଖୁଥାଆନ୍ତି । ମୋତେ କେଜାଣି କେମିତି ଲାଗିଲା -"ସେଇ ମାଟି ପୋଲ ଉପରେ ମୁଁ ଓ ବିଭୂ"- ଆମର ଦି କଡରେ ଯୁଗଯୁଗର ଘଟଣାବଳୀ ବୋହିଚାଲିଛି, କିନ୍ତୁ ଆମପାଇଁ ସମୟ ସ୍ଥିର ହୋଇ ରହିଯାଇଛି ।

ହଠାତ୍ ଏକାସାଙ୍ଗରେ ଦୁହେଁ ଦୁହିଁଙ୍କୁ କୁଣ୍ଢେଇ ପକେଇଲୁ । ମୋ ଆଖିରେ ଲୁହ ଜକେଇ ଆସୁଥିଲା । ବିଭୁ ନିଜର କୋହ ସମ୍ବରଣ କରିବାକୁ ଚେଷ୍ଟା କରୁଥିଲା ।

ତା ପରିବାରର ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଜଡ ପାଲଟି ଯାଇଥିଲେ ।

"ଆରେ ବିଭୁ, ଏଡେ ବଡ କୋଠାର ମାଲିକ ହୋଇ ଇଏ ତୋର କି ବେଶ ।"

"ଭାଇ ମୁଁ ମାଟିର ମୋହ ଛାଡି ପାରିଲି ନାହିଁ । ଆଜି ମାଟିର ମଣିଷହୋଇ ରହିଗଲି । ନା ରାଜା ହେଇପାରିଲି ନା ମନ୍ତ୍ରୀ । ଏସବୁ ଯାହା ଦେଖୁଛୁ ସେସବୁ ତ ପିଲାଙ୍କର ଅର୍ଜନ ।"

ବିଭୁ କିନ୍ତୁ ବାସ୍ତବିକ ସୁଖି ଓ ନିଶ୍ଚିନ୍ତ ଦେଖାଯାଉଥିଲା । ବିଭୁ ମୋର ପରିଚୟ କରାଇଦେଲା ସମସ୍ତଙ୍କ ସହ । ବିଭୁର ପିଲାଦିନର ଘନିଷ୍ଠ ଓ ଅନ୍ତରଙ୍ଗ ବନ୍ଧୁବୋଲି ଜାଣି ସମସ୍ତେ ଖୁବ୍ ଖୁସି ହେଲେ । ପୁଅବୋହୁ ଆସି ମୁଣ୍ଡିଆ ମାରିଲେ । ନାତି ତ ଆଉ ଜଣେ ଜେଜେ ବୋଲି ଜାଣି ଖୁସିରେ କୁରୁଳି ଉଠିଲା । ସମସ୍ତେ ଅତିଥୀ ସତ୍କାରରେ ଲାଗିପଡିଲେ ।

ରାତିରେ ବିଭୁ କହିଲା ଛାତରେ ବିଛଣା ପାରିବାକୁ । ଖାଇସାରି ଦୁଇବନ୍ଧୁ ଛାତରେ ଦୁଇଟି ଦଉଡିଆ ଖଟରେ ଗଡିପଡିଲୁ । ମୁଁ ବିଭୁର ଆହାର, ଇଚ୍ଛାଶକ୍ତି ଆଉ ଶାରିରୀକ ବଳ ଦେଖି ଆଶ୍ଚର୍ଯ୍ୟ ହେଉଥାଏ । ମୁଁ ଦୁଇଟା ରୁଟି ଓ ସନ୍ତୁଳା ଖାଇଲାବେଳେ ବିଭୁ ଛଅପଟ ରୁଟି, ସନ୍ତୁଳା ଓ ସକାଳ ତରକାରୀ ଖାଇ ବଡ ଗିଲାସରେ ଗିଲାସେ କ୍ଷୀର ପିଇଦେଲା । ମୁଁ ବଡ କଷ୍ଟରେ କପେ କ୍ଷୀର ପିଇଲି । ମୁଁ ଶୂନ୍ୟ ଆଖିରେ ମହାଶୂନ୍ୟକୁ ଦେଖୁଥାଏ । ବାର୍ତ୍ତାଳାପ ସେ ଆରମ୍ଭ କଲା ।

"ହଇରେ ତୁ ପାଠ ପଢିବାକୁ ଗଲୁ ଯେ ଗଲୁ । ତୋର କ'ଣ ଗାଁ କଥା ଜମା ମନେ ପଡିଲା ନାହିଁ । ତୋତେ ନ ଦେଖି ତୋର ବାପା ମାଆ କେତେ ବିକଳ ହେଉଥିଲେ ସେ କଥା ମୋତେ ପଚାର । ଏମିତି କି ପାଠ ପଢୁଥିଲୁ ଯେ ତୋର ମାଆ ବାପା ମଲାବେଳେ ମଧ୍ୟ ଆସି ପାରିଲୁ ନାହିଁ ।" ବିଭୁ ଜିଜ୍ଞାସୁ ଥିଲା ।

ଅନ୍ତରର ବେଦନା ଓ ନିରର୍ଥକ ପଶ୍ଚାତାପକୁ ଚପେଇ ମୁଁ କୈଫିୟତ ଦେଲି –"ଆମେରିକାରୁ ଭାଇ, ହଠାତ୍ ନିଜର ଥେସିସ୍ ଛାଡି ଆସିବା ସମ୍ଭବ ହେଲା ନାହିଁ । ତାଛଡା ମୋ ବାପା ବୋଉ ତ ଡକାଡକି ହୋଇ ଆଠଦିନ ଭିତରେ ଆଲିଗଲେ, ଶୂନ୍ୟଘରଟାକୁ ମାସେ ପରେ ଆସି ମୁଁ ବା କ'ଣ କରିଥାନ୍ତି ।"

"ହେଉ ତୁ କହ ଏବେ ତୋ ଖବର, ତୁ ତ ଭଲ ପ୍ରତିପତ୍ତି ଶାଳୀ ହେଇପାରିଛୁ । ତୋ ଠାରୁ ରାଜା ବା ମନ୍ତ୍ରୀ ଅଧିକା କ'ଣ ହେବେ ।"

"ହଁ ଭାଇ, ସବୁ ସେ ଈଶ୍ୱରଙ୍କ ଇଚ୍ଛା ଆଉ ମାଆ ବାପାଙ୍କ ଆଶୀର୍ବାଦ ।"

ମୋ ଛାତିରେ ସତେ କି କଣ୍ଟା ଫୋଡି ହୋଇଗଲା ।

"ପାଠ ତ ମୋର ଭଲ ହେଉନଥିଲା ତୁ ଜାଣୁ । କିନ୍ତୁ କେଉଁଠି ନା କେଉଁଠି ରାଜା ହେବାର ତୀବ୍ର ଇଚ୍ଛା ମୋ ମନରେ ମଧ୍ୟ ଥିଲା । ଛୋଟ ବେପାର କରି ଧିରେ ଧିରେ ମୁଁ ଖଣ୍ଡେ ଅନାବାଦୀ ଜମି କିଣିଲି । ବାପାଙ୍କ ସାଙ୍ଗରେ ହାଡଭଙ୍ଗା ପରିଶ୍ରମ କରିବା ଆରମ୍ଭ କରିଦେଲି । କିଛି ଆଉ ଜମି ମଧ୍ୟ କିଣିଲି । ଭଗବାନଙ୍କ ଅସୀମ କୃପାରୁ ଦୁଇଟା ପୁଅ ମୋର ତୋରି ଭଳି ପ୍ରତିଭାବାନ୍ ହେଲେ । ଦୁହେଁଯାକ ସୁଯୋଗ ମିଳିଥିଲେ ସୁଦ୍ଧା ବାହାରକୁ ଯିବାକୁ ଚାହିଁଲେ ନାହିଁ । ବଡଟାକୁ ବାଧ୍ୟତାମୂଳକ ଚେନ୍ନାଇରେ ରହିବାକୁ ପଡିଲା । ସାନ ଏଇ ଜିନ୍ଦଲ୍ କମ୍ପାନୀରେ ଅଛି । ଯିବା ଆସିବା କରୁଛି । ଆଉ ସବୁ ତ ତୁ ଦେଖୁଛୁ, ଅଧିକା ବା କ'ଣ କହିବି । ଆଉ ତୋର ଛୁଆପିଲା କେଉଁଠି ଅଛନ୍ତି? ଆଉ ଭାଉଜ?"

ମୋ ଛାତି ଭିତରୁ ବୁକୁଫଟା ଦୀର୍ଘଶ୍ୱାସଟାଏ ବାହାରି ଆସୁଥାଏ ।

"ତୋର ଭାଉଜ ତ ମୋତେ ଅସମୟରେ ଛାଡି ସବୁଦିନ ପାଇଁ ଚାଲିଗଲା । ଆଉ ମୋ ପୁଅମାନେ ମଧ୍ୟ ରାଜା ହେବାର ସୁନ୍ଦର ସନ୍ଧାନରେ ଯାଇଛନ୍ତି ଆମେରିକା ।"

ଆଉ କିଛି କହିବାକୁ ମୋର ଇଚ୍ଛା ହେଉ ନଥିଲା । ବିଭୂ ବୁଝିଲା ବୋଧେ, କହିଲା" ହଉ ଶୋଇପଡ, ବେଶି ରାତି ହେଲାଣି । କାଲି କଥା ହେବା ।"

ମୁଁ ଭାବିଲି ଏ ପର୍ଯ୍ୟନ୍ତ ତ ମୋ ଜୀବନରେ ଗମ୍ଭୀର ଅନ୍ଧକାର ହିଁ ଥିଲା । ଏଇ ମାତ୍ର ସକାଳ ହେଇଛି ହେଲେ କୁହୁଡିରେ ଆଉ ବାଟ ଦେଖାଯାଉନାହିଁ ।

ମୁଁ ମୁହଁ ବୁଲେଇଲି ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ଝିଅ ଘିଅ



ଶଶଧର ମହାପାତ୍ର

ଗାଁ ଗହଳରେ ଆଗେ କହୁଥିଲେ
ବଢିଲା ଝିଅଟେ ନଆଁ
ବେଶିଦିନ ରଖି ପାଳ ପୋଷୁଥିଲେ
ଦିନେ ଲଗାଇବେ ଚଆଁ

ଯେତେପାର ଶୀଘ୍ର ବିଦାକର ତାଙ୍କୁ
ଯୋଗ୍ୟ ବରଟିଏ ଖୋଜି
ନହେଲେ ମୁହଁରେ ବୋଳଦେବେ ଚୂନ
ତୁମ ନଦ ଯିବ ହଜି

ପାଠ ପଢି ଆଜି ଶିକ୍ଷିତ ହୋଇଲେ
ଆଜିର ଗାଉଁଲୀ ଝିଅ
ଝିଅ ଘିଅ ବୋଲି ଯାହା କହୁଥିଲେ
ପାରିବତ ଏବେ କୁହ

ସହରୀ ଝିଅଙ୍କ କଥା କହିଲେତ
ରାତି ଚାଲିଯିବ ପାହି
ଚେଇଁ ଶୋଇ ସିଏ ଦେଖୁଥିବେ ସବୁ
ନାଚୁଥିବେ ଥେଇଥେଇ

ହାତରେ ହାତ ଓ କାନ୍ଧରେ କାନ୍ଧକୁ
ମିଶେଇ ଚାଲିଲେ ଝିଅ
କଥାରେ କାମରେ ହେଲେ ସମକକ୍ଷ
ନୁହଁନ୍ତି ସେ ଅସହାୟ

ନାରୀ ନୁହେଁ କେବେ ଅବଳା ଜାଣିଥା
ଆଜି ନୁହେଁ ସେ ନରମ
ଚାରି ଚାରି ଥର ବିକ କଣିନେବେ
କରିଦେବେ ନାକେଦମ

କଏ ପ୍ରେସିଡେଣ୍ଟ କଏ ପ୍ରାଇମ୍ ମିନଷ୍ଟର
ହେଲେଣି ଆଜିର ନାରୀ
ବିଧାନ ସଭାରେ, ପାର୍ଲିଆମେଣ୍ଟରେ
ଦେଖାଅନ୍ତି ବାହାଦୂରୀ

କଳା, ବିଜ୍ଞାନ, ସାହିତ୍ୟ, ସଂସ୍କୃତି
କ୍ଷେତ୍ରରେ ଆଗୁଆ ସର୍ବେ
ପିଲା ଜନ୍ମଠାରୁ ଭରଣପୋଷଣ
ସବୁ କଥା ବୁଝେ ଏବେ

ଏ ଯୁଗର ନାରୀ ନୁହଁଇ କେବଳ
ସୁନ୍ଦରୀ, ଶଯ୍ୟାସଙ୍ଗିନୀ
ସ୍ୱାଭିମନୀ ସହ ପ୍ରତ୍ୟେକ ଗୁଣରେ
ସତେକ ସେ ହୀରାମଣି

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ ,ଯୁକ୍ତରାଷ୍ଟ୍ର ଆମେରିକା

# ସହିଦ ଶୁଭେନ୍ଦୁ



ପ୍ରକାଶ ସାହୁ

କବିତା କେବେ ଲେଖାଯାଏ,
ପ୍ରେମ କୁ ଆଧାର କରି କେବେ
ଲେଖାଯାଏ ସାମାଜିକ ଚନ୍ଦ କୁ
ଶବ୍ଦ ରେ ସଜାଇ, କିଛି କାଳ୍ପନିକ
କିଛି ଅବାସ୍ତବ ଆଉ କିଛି ସତ୍ୟ।
କେବେ ପୁଣି ଶ୍ରୁତି ମଧୁର ପାଇଁ,
ଉତ୍ତମ ଶବ୍ଦ ବିନ୍ୟାସ ର ସଂଯୋଜନା,
ଆଉ ନିର୍ଭୁଲ ବ୍ୟାକରଣ ର ସମାହାର
ଆଜି ମୁଁ ବି ଲେଖିବି ଗୋଟେ କବିତା,
କିନ୍ତୁ ଜାଣି ନାହିଁ କେଉଁଠି କେଉଁ ଶବ୍ଦ,
ଯୋଡିବି ଆଉ କଣ ଅବାସ୍ତବ,
ମନୋରଞ୍ଜକ ର ପ୍ରତୀକ ଖଞ୍ଜିବି।
ବାସ ଖାଲି ଯାହା ତା ବିଷୟରେ
ଦୁଇ ଧାଡି ଲେଖିବା ପାଇଁ ଆଜି,
କଲମ ଧରିଛି ଅନ୍ତର ର କୋହ, ଆଉ
ଆଖି ର ଲୁହ କୁ କାଳି କରି,

ଦୁଇ ଧାଡି ଲେଖିବି ତା ବିଷୟରେ,
ସେ ମୋର ପ୍ରେମିକ ନୁହେଁ,
କିନୁହେଁ ଅବାସ୍ତବ ସ୍ୱପ୍ନ ନଗରୀର ର,
ଅପସରି ସେ ମୋର ପିଲା ଦିନର,
ବନ୍ଧୁ, ମୋ ଯୌବନ ର ସାଥି, ମୋ
ପରି ବି ଜଣେ ଦେଶ ର ସୈନିକ।
ହଁ ମୋ ପ୍ରିୟ ବନ୍ଧୁ ସ୍ୱର୍ଗତ ଶୁଭେନ୍ଦୁ,
ଆଜି ଦେଶ ପାଇଁ ସହିଦ ହୋଇଯାଇଛି।
ଦେଶ ପାଇଁ ସହିଦ ହେଇ ଯାଉଥିବା,
ଯବାନ ମାନ ଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବା
ଶୁଭେନ୍ଦୁ ଆଜି ନିଜେ ଶ୍ରଦ୍ଧାଜଳି ର ପାତ୍ର,
ପାଲଟି ଯାଇଛି, ଆଜି ମୋ ଆଖିସାମ୍ନାରେ
ନାଚ ଉଠିଛି ସେହି କଲେଜ ସମୟ,
ର ହସ ଖୁସି ମଜା ମସ୍ତି ଯେ ଦିନେ ମୋ,
କବିତା ଲେଖା କୁ ନେଇ କଟାକ୍ଷ କରି,
ତା ପାଇଁ ମୁଁ କବିତା ଦୁଇ ଧାଡି ଲେଖୁଛି।

କହିଥିଲ୍ ଭଇ ତୁ ମୋ ପାଇଁ ବି କେବେ,

ଗୋଟେ କବିତା ଲେଖ ରେ ଆଜି ଖାସ

ହେଲେ ପଢିବାକୁ ଆଉ ସେ ଦୁନଆରେ

ନାହିଁ କାହିଁ କେତେ ଦୂର କୁ ଗ୍ଳଲିଯାଇଛି।

ଜଣେ ସୈନକ ହେବା ର ସ୍ୱପ୍ନ ତାର

ପୁରଣ ହେଲ୍ ସତ ହେଲେ ସେ ଖୁସି

ବେଶି ଦିନ ରହିଲ୍ନ,କଲେଜ ସମୟରେ

ଅନେକ ଛତ୍ରୁ ଙ୍କ ଠାରୁ ଜିତିଥିବ ଶୁଭେନ୍ଦୁ

ଆଜି ଦେଶ ମାତୃକାର ଛତ୍ରୁ ପାଖରେ

ବି ହାର ମାନନାହିଁ, ଜୀବନ ଥିବାଯାଏ

ବନ୍ଧୁକ ର ଟ୍ରିଗ ର କୁ ଦବାଇଛି।

ଆଜିମୁଁ ଗର୍ବିତ ଶୁଭେନ୍ଦୁ ତୋ ପରି ଜଣେ

ଉତ୍ତମ ବନ୍ଧୁ ପାଇଥିବାରୁ,

ଆମ ବରୀମାଟି ର ନାମ କୁ ଉଚ୍ଚା କରିଥିବାରୁ।

ଗୋଟେ ଅବଶୋଷ ରହିଗଲ୍ ଜୀବନରେ

ତୋର ଚତା ଜଳବା ପୂର୍ବ ରୁ ମୁଁ ତୋତେ

ଶେଷ ଥର ପାଇଁ ଦେଖିପାରିଲି ନାହିଁ।

ତୋ ଆତ୍ମା ର ସଦଗତି ମୁଁ ପ୍ରାଥନା କରୁଛି।

ଇତି ତୋର ଏହି ହତଭଗା ବନ୍ଧୁ ପ୍ରକାଶ ।



ନାବିକ, ଭାରତୀୟ ନୌସେନା

# ମୁନ୍ନୀ

ମୂଳ ହିନ୍ଦୀ – ଉମା ଝୁନଝୁନୱାଲା
ଅନୁବାଦ – ସୁଧାଂଶୁ ଦ୍ୱିବେଦୀ



ସୁଧାଂଶୁ ଦ୍ୱିବେଦୀ



ଆଉଟିକେ ଦେବି ?

ଏଇଟା ନୁହେଁ...ଆଚ୍ଛା ସେଇଟା ?

ସେଇଟା ବି ନୁହେଁ...

ତାହେଲେ ଆଉ କଣ ନେବୁ ?

ଆଜି ତୋର କିଛି ଦରକାର ନାହିଁ ?

ଆରେ ଏମିତି କାନ୍ଦୁଛୁ କାହିଁକି ?

ମା' ମାରିଛି....! ନାନୀ ହଇରାଣ କରିଛି....? ନା ଭାଇ ତୋ ଚୂଳ ଟାଣିଛି ?

ନା, ଜମା କାନ୍ଦନା।ମୁଁ ଆଜି ସମସ୍ତଙ୍କୁ ସାବାଡ କରୁଛି ରହ, ହଉ ନେ, ତୁ ଟିକେ କିଛି ଖାଇଦେ.... ।

ଓଃ....,ଏବେ ବୁଝିଲି.... । ତୋ ମା' ଆଜି ବୋଧେ ତୋତେ ପିଜ୍ଜା ଖୋଇଛି, ଆଲୋ ମୋ ପାଇଁ କାହିଁକି ଆଣିଲୁନ ?

ସୀମା କାହିଁ କେତେ ସମୟରୁ ତାକୁ ବୁଝେଇ ଗ୍ଲାଲିଛି । ହେଲେ ମୁନ୍ନୀ ସେଇମିତି ଧକେଇ ଧକେଇ କାନ୍ଦୁଥାଏ । ସବୁ ପିଲାଙ୍କପରି ଚକୋଲେଟ୍ ତାକୁ ଭଲ ପସନ୍ଦ । କିନ୍ତୁ ଆଜି ଚକୋଲେଟ୍ ଦେଖିବାକୁ ତା ଆଖିର ଆଦୌ ଚମକ ନାହିଁ ଯେମିତି ।

ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମିଟିଙ୍ଗ୍ ଥାଏ । ଜରୁରୀ ଯିବାକୁ ପଡିବ । ଫେରିଲେ ମୁନ୍ନି ସହ ଢେରକଥା ହେବ ଭାବି ତା ପ୍ରତି ଟିକେ ନଜର ରଖିବାପାଇଁ ମା'କୁ କହି ସୀମା ଚାଲିଗଲା ।

ସୀମା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରୀ, ପୁଣି ଛାତ୍ର ସଂଗଠନର ସଚିବ । ବହୁତ୍ ଜିଦଖୋର ଓ ସ୍ମାର୍ଟମଧ । ତା ଶବ୍ଦକୋଷରେ ସମାନତା ଅସମାନତା, ଶୋଷଣ- ଶୋଷିତ, ଅଧିକାର- ଅନଧିକାର ଆଦି ଶବ୍ଦ ଏତେ ମହତ୍ତ୍ୱପୂର୍ଣ୍ଣ ଥିଲା ଯେ ପ୍ରେମ ଓ ବିବାହ ନାମକ ଶବ୍ଦ ତା' ପାଇଁ କୌଣସି ସ୍ଥାନ ନଥିଲା ।

ଫେରୁ ଫେରୁ ରାତି ସାଢେ ନଅ ହୋଇଯାଇଥାଏ । ଘରେ ପହଞ୍ଚି ମୁନ୍ନି ବିଷୟରେ ମା'ଠୁ ସବୁ ଜାଣିନେଲା ସେ । ମୁନ୍ନି ସାରାଦିନ ତା ମା' ପାଖେ ଥିଲା । ଏଇ ଅଳ୍ପସମୟ ପୂର୍ବରୁ ଯାଇଛି ।

ମୁନ୍ନୀ ତା ମା'ଠୁ କେତେ ଗାଳଶୁଣେ, ମାଡ ଖାଏ । ତାକୁ କେନ୍ଦ୍ର କରି ତାଙ୍କ ଘରେ ପ୍ରତିଦିନ ଯେଉଁ କାହାଣୀ ସୃଷ୍ଟି ହୁଏ, ତାହା ନୁଆ ନୁହେଁ। ତଥାପି ଭଗବାନଙ୍କ ଦ୍ୱାରା ପରିଚାଳିତ କେତେକ ମଣିଷ ବେଳେ ବେଳେ ଅତି କଷ୍ଟକର ବିପତ୍ତିରେ ପଡିଥାନ୍ତି । ବାସ୍ତବିକ ଭଗବାନଙ୍କ ବିନା ଅନୁମତିରେ ଏ ଦୁନିଆରେ ଗଛରୁ ପତ୍ରଟିଏ ବି ହଲିପାରେନ । ସତରେ ସେ ଯେମିତି ସାରା ସଂସାରର ଲଗାମ୍ ନିଜ ହାତରେ ଧରି ରଖିଛନ୍ତି!

ସର୍ବଶକ୍ତିମାନ ସେ.....

ଅପାର ଶକ୍ତିଶାଳୀ ପାଖେ ନତମସ୍ତକ ହେବା ଅନିବର୍ଯ୍ୟ ବୋଲି ବିଚାରୀ ଅବୋଧ ମୁନ୍ନୀ ବୁଝିପାରେନ । ସେଥିପାଇଁ ଜନ୍ମରୁ ପ୍ରତାଡିତ ହୋଇଚାଲିଛି । ସହଜରେ କେହି ତାକୁ ଆପଣାର ସାଥୀ- ସହୋଦର କରିପାରନ୍ତିନି । କାରଣ ତାକୁ ନତମସ୍ତକ ହେବାର କୌଶଳ ଜଣାନାହିଁ । କେମିତି ବା ଜାଣିପାରିବ ସେ.....? ସେ ତ ଶବ୍ଦର ଧ୍ୱନିଗତ କମ୍ପନରୁ ବଞ୍ଚିତ.... । କେବଳ ଦୃଷ୍ଟିର କୌଣସି ଅର୍ଥ ହୋଇପାରେନା।

ଅବୋଧ ମୁନ୍ନି ମଧ ବୁଝିପାରେନ ସେହି ସର୍ବଶକ୍ତିଶାଳୀ ଭଗବାନଙ୍କର ନିଜର କେତେଗୁଡିଏ ନିୟମ ଅଛି । ଯାହାକୁ ସମସ୍ତେ କଷ୍ଟକରି ପାଳନ କରିଥାନ୍ତି ମଣିଷକୁ ତା ପଛଜନ୍ମର

କର୍ମଫଳ ଭୋଗିବାକୁ ପଡେ ସତ । ହୋଇପାରେ ମୁନ୍ନୀ ବି ତା ପଛ ଜନ୍ମରେ କିଛି ପାପ କରିଥିଲା, ଯେଉଁଥିପାଇଁ ଶୁଣିବା ଓ କହିବା ଅଧିକାର ତାଠୁ ଛଡେଇ ନିଆହୋଇଛି । ଜନ୍ମରୁ ମୃତ୍ୟୁ ଯାଏ.... ।

ସାଧାରଣତଃ ଯେମିତି ସବୁ ପଡୋଶୀମାନଙ୍କର ଯାଆ- ଆସ, ଦାନ- ଲାଭ, କଥା- ବାର୍ତ୍ତା ଲାଗିଥାଏ, ଠିକ୍ ସେଇଭଳି ସଂପର୍କ ମୁନ୍ନୀଘର ସହିତ ସୀମାର ପରିବାର । ସୁଲୋଚନା ଜେଜିଙ୍କୁ ସୀମା ର ମା' ଖୁଡୀ ବୋଲି ସମ୍ବୋଧନରେ ଡାକେ । ତାଙ୍କରି ପୁଅ ଗୋପୀ କକା । ତାଙ୍କଠୁ ଦୁଇ ପୁଅ ରମେଶ, ବିବେକ ଓ ଚାରି ଝିଅ କୁସୁମ, କମଳା, କୃଷ୍ଣା ଓ ସରୀତା ସବୁ ଝିଅଙ୍କର ବାହାଘର ସରିଛି । ପିଲାପିଲିବି ଅଛନ୍ତି, ମୁନ୍ନୀ କୃଷ୍ଣାର ଝିଅ । ଜନ୍ମରୁ ମୂକ ଓ ବଧିର ।ନିଜ ମୌଳିକ ଅଧିକାରରୁ ବଞ୍ଚିତ ମୁନ୍ନୀ ସୁଲୋଚନା ଜେଜିର ନାତୁଣୀ । ଚାରି ଭାଇ- ଭଉଣୀ ଭିତରେ ସବୁଠାରୁ ଛୋଟ ଥିଲା ସେ । ସମସ୍ତଙ୍କଠୁ ଛୋଟ, କିନ୍ତୁ ଆନ୍ଦୋଳାୟିତ ସ୍ନେହ- ଶ୍ରଦ୍ଧାରୁ ବଞ୍ଚିତ । ବୋଧହୁଏ ଭଗବାନଙ୍କର ଏହିପରି ନିର୍ଦ୍ଦେଶ ଥିଲା.... ତା ପାଇଁ!

ମୁନ୍ନୀ କେବେବି ବୁଝିପାରେନି ସେ ଜନ୍ମହେବାପରେ କଣ ପାଇଁ ତା ମା'ର ଭାଗ୍ୟରେ ବିଡମ୍ବନା ସୃଷ୍ଟି ହେଲା ? ତା ବଡଭାଇ କି ଭଉଣୀ କାନ୍ଦି ଉଠିଲେ ସେମାନଙ୍କୁ ସାନ୍ତ୍ୱନା ଦେବାପାଇଁ ମା' ଧାଇଁଯାଏ । ଅଥଚ ସେ ନିଜେ କାନ୍ଦିଲେ ମାଡଖାଏ, ଗାଳିଶୁଣେ । ସଭିଙ୍କୁ ସବୁପ୍ରକାର ମିଳିଯାଏ, ନୂଆ ଲୁଗା, ଖେଳନା, ଚକୋଲେଟ୍....ଅଥଚ ତା ପାଇଁ କିଛି ନଥାଏ । ତାର ଶ୍ରବଣଶକ୍ତି ନଥିବା ସତ୍ତ୍ୱେ ଘରର ସଭିଙ୍କ ହୁକୁମ୍ କୁ ମାନିବାକୁ ପଡେ । ବୋଧହୁଏ ପଛଜନ୍ମର କର୍ମଫଳ ଭୋଗିବାପାଇଁ ଭଗବାନଙ୍କ ନିର୍ଦ୍ଦେଶକୁ ପାଳନ କରୁଛି ସେ । କାରଣ ତା ପାଖେ ଶବ୍ଦ ନାହିଁ । ଶବ୍ଦ ନ ଥିବା ଜୀବକୁ ମଣିଷ ନୁହେଁ ପଶୁ କୁହାଯାଏ । ପଶୁମାନଙ୍କ ମଧ୍ୟରେ ବି ଦୁଇଟି ଶ୍ରେଣୀ ଥାଏ – ଗୋଟେ ନୃଶଂସ – ଅନ୍ୟଟି ନିରୀହ । ନୃଶଂସ ଖୁବ୍ ହିଂସ୍ର ପ୍ରକୃତିର ହୋଇଥାନ୍ତି । କିନ୍ତୁ ନିରୀହ ପଶୁଙ୍କ ସହିତ ଯାହାକିଛି କଲେବି ସେମାନେ ବିରୋଧ କରନ୍ତି ନାହିଁ । ମୁନ୍ନି ସେହିପରି ଜଣେ ନିରୀହ ପଶୁ ଥିଲା ।

ଦିନେ ସେ ବିଚଳିତଭାବେ ସୀମା ପାଖକୁ ଦୌଡିଆସି ସଜ୍ଜଳ ଆଖିରେ କିଛି କହିବାକୁ ଚାହୁଁଥାଏ। ପ୍ରତିଦିନ ସେ ତା'ପାଖକୁ ଆସି ଯେମିତି ହୁଏ, ସୀମାକୁ ସେହିଭଳି

ବୋଧହେଲା । ତାକୁ ବୁଝେଇବାପାଇଁ ସେ ଫ୍ରିଜ୍ ରୁ ଚକୋଲେଟ୍ ବାହାର କରି ଦେଲା । ପରନ୍ତୁ ସେ ଚକୋଲେଟ୍ ନେବା ବଦଳରେ ସୀମାର ହାତକୁ ଟାଣିଧରି ଅଜବ ପ୍ରକାର ଭାବଭଙ୍ଗିରେ କଛି କହିବାକୁ ଗ୍ରହୁଁଥାଏ। ଅନେକ ସମୟପରେ ସୀମା ତା ଭାଷାକୁ ଠିକଭାବେ ବୁଝିପାରିଲା ସତ, କନ୍ତୁ ତା ଗୋଡତଳୁ ମାଟି ଅପସରିଗଲା ପରି ମନେହେଲା ଯେମିତି..... ।

ପୁରୁଷମାନେ ନରୀହ ପଶୁ ଛେନ, ଗାଇ, ଘୋଡୀ ଏମାନଙ୍କୁ ବାଦ୍ ଦେଇନାହାନ୍ତି । ନଜ କାମନାର ନଆଁ ଲିଭାଇବାକୁ କଛି ବି କରିପାରନ୍ତି । ମୁନ୍ନୀ ତ ଜଣେ ନରୀହ ପଶୁ । ଛେନ, ଗାଇ ଓ ଘୋଡୀ ସଦୃଶ । ଧିରେ ଧିରେ ସମୟ ବିତିଗ୍ଲଲିା । ପୋଷ୍ଟ ଗ୍ରାଜୁଏସନ୍ ପରେ ଛାତ୍ର ସଂଗଠନର ଇଲେକ୍ସନ୍ କାମ ପଇଁ ସୀମା ପ୍ରାୟତଃ କଲେଜରୁ ବିଳମ୍ବରେ ଫେରେ । ସେତେବେଳେ ମୁନ୍ନୀ ଆପାତତଃ ୧୦ ବର୍ଷର ହୋଇ ସାରିଥାଏ । ତଥାପି ତା ବ୍ୟବହାରରେ ସେପରି କଛି ପରିବର୍ତ୍ତନ ଅନୁମାନ କରିହୁଏନା । ମୂକ, ବଧିର ଓ ଶୁଖିଯାଇଥିବା ପାଣିର ଭଙ୍ଗାପରି ନଜ ଉପରେ ଥୋପ ପକାହୋଇଥିବା ବିଶ୍ଳେଷଣକୁ ସେ ହୁଏତ ବୁଝି ସାରିଥିଲା ।

"ମୁନ୍ନୀ ମରିଗଲା!"

ସକାଳୁ ଶେଯରୁ ଉଠି ମା'ଠାରୁ ଏଭଳ ଏକ ସମ୍ବାଦ ଶୁଣି ସୀମା ମର୍ମାହତ ହେଲା ଯେତିକ ଭୟରେ ତା ଦେହର କମ୍ପନକୁ ଅନୁଭବ କଲା ସେତିକ ।

"ହଠାତ୍"!! ତା ପ୍ରଶ୍ନରେ କୋହ ଓ ଆଖିରେ ଲୁହ ଜମାଟ ବାନ୍ଧି ସାରିଥାଏ ।

ସଙ୍ଗେ ସଙ୍ଗେ ଶେଷରୁ ଉଠି ଦୌଡିଲା ମୁନ୍ନୀ ଘରକୁ । ନର୍ଜୀବ ମୁନ୍ନୀ ଘରପିଣ୍ଡାରେ ଶୋଇଥାଏ ନଶବ୍ଦରେ । ତା ଗ୍ରରିପଟେ ଘର ପରିଜନ ଓ ଅନ୍ୟ ପଡୋଶୀମାନେ ଘେରି ଠିଆହୋଇଥାନ୍ତି । ମୁନ୍ନୀର ନର୍ଜୀବ ଅବୟବକୁ ଦେଖି ସୀମା ଆଉ ସ୍ଥିର ହୋଇ ପାରିଲାନ । ସହସା ପଗ୍ରରି ଉଠିଲା, "କଣ ହୋଇଥିଲା ତାର?" ତା' ପ୍ରଶ୍ନ ଶୁଣି ସଭିଏଁ ନରବ, ସଭିଏଁ ଚକତ ।

ପୁଣି ସେ ଚଢାଗଳାରେ କହିଉଠି , "ନଶ୍ଚୟ ତୁମେମାନେ ତାକୁ ବହୁତ ମାରଧର କରିଥିବ । ମୁଁ ଏବେ ଯାଉଛି ଥାନାରେ ତୁମମନଙ୍କ ନାଁ ରେ ରିପୋର୍ଟ ଲିଖିବି ।" ସୀମା ପଛକୁ ଫେରିବା ସମୟରେ ସୁଲୋଚନା ଜେଜି ହାତ ନଚେଇ ନଚେଇ କହିଉଠିଲା,

"କଣପାଇଁ ତୁ ଆମ ଇଜ୍ଜତ୍ ମହତ୍ କୁ ବଜାର ଘାଟରେ ବିକ୍ରିବାକୁ ଚାହୁଁଛୁ ସୀମା? ନିଜ ରକ୍ତକୁ କେହି କଣ ମାରିପାରେ? ସେ ପୋଡାମୁହିଁ ନିଜ ପେଟରେ କାହା ପାପକୁ ରଖିଥିଲା । ରମେଶ ବି ଡରେଇ ଧମକେଇ ଜାଣିବାକୁ ବହୁତ ଚେଷ୍ଟା କରିଛି କିନ୍ତୁ ସେ କଳଙ୍କିନୀ ତାକୁ ବି ଆଖି ଡିମା ଡିମା କରି ଚାହିଁଲା । ଶେଷରେ ରାତିରେ ମୂଷାମରା ଔଷଧ ଖାଇଦେଇଛି ।"

"ସେ ନିଜେ ଖାଇଥିଲା ନା ତୁମେମାନେ ତାକୁ ଜୋର୍ ଜବରଦସ୍ତ ଖୋଇଦେଲ?" ସୀମା ଚଢାଗଳାରେ ଏତକ କହିସାରି ରମେଶ ପାଖକୁ ଦୌଡିଯାଇ ତା କଲର ଧରି ଧାଏଁ ଧାଏଁ ଦିଇ ଚଟକଣି ଲଗେଇ ରାଗରେ ଗର୍ଜି ଉଠିଲା, "ତୋତେ ମୁଁ ଛାଡିବିନି ହାରାମଜାଦା – ପଶୁ କୋଉଠିକାର । ତୋତେ ଆଜି କିଏ ବଞ୍ଚେଇବ ମୁଁ ଦେଖିବି ।"

ଘଟଣା କଣ ଅନ୍ୟମାନେ ପ୍ରଶ୍ନ କରିବାରୁ ସୀମାଠୁ ପ୍ରକୃତ କଥା ଜାଣିସାରିବା ପରେ ରମେଶ ଯେ ମୁନ୍ନୀର ମାମୁଁ ହୋଇ ଏଭଳି ପଶୁକାର୍ଯ୍ୟ କରିଛି, କେହିବି ବିଶ୍ୱାସ କରିପାରୁ ନଥାନ୍ତି । ଏତିକବେଳେ ରମେଶ ସୁଯୋଗ ଦେଖି ଭିଡରୁ ଘରଭିତରକୁ ଚାଲିଗଲା । ସୀମାର ବାପା, ମା' ସୀମାକୁ ଯେମିତି ହେଉ ଶାନ୍ତକରି ଟାଣି ଟାଣି ଘରକୁ ନେଇଯିବା ବେଳେ ତା ମା' କହୁଥାନ୍ତି, "ଧୈର୍ଯ୍ୟଧର ମା" । ତାକୁ ତ ନର୍କ ଜୀବନରୁ ମୁକ୍ତି ମିଳିଗଲା, ଶୂନ୍ୟରେ ମିଳେଇଗଲା, ଶାନ୍ତି ପାଇଗଲା । ତୁ ଆଉ କାହିଁକି ସେମାନଙ୍କ ସହ ଅଯଥାରେ ଲଢିବାକୁ ଚାହୁଁଛୁ? ଭଗବାନ ଯାହା କରନ୍ତି ସବୁ ପ୍ରାଣୀର ମଙ୍ଗଳ ପାଇଁ.....।"

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@ gmail.com and

editor.vedantimagazine@ gmail.com

# ମୋ ଜୀବନ କାହାଣୀ....



ଦେବସ୍ମିତା ବେହେରା

ଜୀବନ କାହାଣୀ ମୋ ଏମିତି ଲେଖିଛି
ବିଧାତା ଲେଖନୀ ଧରି,
ଆଖିକୁ ମୋ ନିଦ ଆସିବା ଆଗରୁ
ରାତି ଯାଉଅଛି ସରି ।
କେତେ ସ୍ୱପ୍ନ ମୋର ଅଧୁରା ରହିଲା
ଆଉ ମୁଁ ସ୍ୱପ୍ନ ଦେଖେନା,
ବିଶ୍ୱାସରେ ଭରା ସ୍ୱପ୍ନ ଭାଙ୍ଗିଗଲେ
କେବେ ବି ଗଢି ହୁଏନା ।
କେତେ ଆଶା ନେଇ ତୁମ ହାତ ଧରି
ସଂସାରଟେ ମୁଁ ଗଢିଲି,
ତୁମ ପୌରୁଷର କଷାଘାତ ମାଡେ
ନିଜ ସମ୍ପର୍କ ସବୁ କାଟିଲି ।
ତୁମ ଅବିଶ୍ୱାସ ନିଆଁର ଧାସରେ
ସ୍ୱପ୍ନ ମୁଁ ସବୁ ଜାଳିଲି,
ସେ ନିଆଁରେ କୁହୁଳ ମୋ ସାରା ଜୀବନର
ସୁନେଲି ସ୍ୱପ୍ନକୁ ମୁଁ ଭାଙ୍ଗିଲି ।

ପୁରୁଷ ପଣର ଆତ୍ମା ବଡିମାରେ

ତୁମେ ଭୁଲିଲ ବାଛ ଇଶ୍ବର,

ସବୁ କଲ୍ ପରେ ମିଳେ ନନ୍ଦା ଯଦି

ବଞ୍ଚିବାଠୁଁ ମରିବା ଭଲ ।

ବିନା ମରଣରେ ଜଳ ଜଳ ଏଠି

ଆଜି ମୁଁ ମୁଠାଏ ପାଉଁସ,

ତୁମେ ବଞ୍ଚିଥାଅ ନଜ ଆଭିଜାତ୍ୟ ଗର୍ବେ

ନେଇ ମୋ ବାକ ଆୟୁଷ ।

ୟୁନଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର - ୭୫୧୦୨୨

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଭାରତ ସନ୍ତାନ

ଭାଗୀରଥି ବେହେରା

ଭାରତ ମାତାର ସନ୍ତାନ ମୁହିଁ
ଏ ଜୀବନ ଦେବି ତା ଲାଗି ସମର୍ପି
ତାର ପାଦତଳେ ମଥା ନୂଆଇ
ଭାରତ ମାତାର ସନ୍ତାନ ମୁହିଁ ॥

ଗାଉଥିବୀ ସଦା ତାର ଜୟଗୀତି
ତା ଯଶ ଗୌରବ ତାର କଳା କୀର୍ତି
ମହାଆନନ୍ଦରେ ଆନନ୍ଦିତ ହୋଇ
ଭାରତମାତାର ସନ୍ତାନ ମୁହିଁ ॥

ହିମାଳୟ ଯାର ମସ୍ତକରେ ଶୋହେ
ଗଙ୍ଗା ଗୋଦାବରୀ ପାଦ ଧୋଇଯାଏ
ସେହି ଆର୍ଯ୍ୟ ଭୂମି ସେହି ପୂଣ୍ୟ ଭୂମି
କାଳେ କାଳେ ସାହା ସବୁରି ପାଇଁ
ଭାରତ ମାତାର ସନ୍ତାନ ମୁହିଁ ॥

ଯାର ପରିଚୟେ ସର୍ବେ ଭାରତୀୟ
ଯା ନୀତି ଆଦର୍ଷେ ସକଳେ ବିଧେୟ
ତାର ସୁଖ ଶାନ୍ତି ଭୁଲିବି କେମିତି
ଭୁଲିତ ପାରୁନ ମନରୁ ତହିଁ
ଭାରତ ମାତାର ସନ୍ତାନ ମୁହିଁ ॥

ଯାର ମାଟି ପାଣି ପବନ ଉଜାଣି
ଏଦେହ ଶରୀର ଗିୃଦେଲା ପୁଣି
ସେହି କର୍ମ ଭୂମି ସେହି ଧର୍ମ ଭୂମି
ତା କୋଳେ ଜନମି ଡରିବି କାହିଁ
ଭାରତ ମାତାର ସନ୍ତାନ ମୁହିଁ ॥

ଧୂଙ୍ଗିଆମୁଣ୍ଡା, ଛତରଙ୍ଗ, ହରଭଙ୍ଗା,
ବୌଦ୍ଧ, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଜୀବନ ସାଥୀ



ଡ. ବିଜ୍ଞାନୀ ଦାସ

ଜାହ୍ନବୀର ସ୍ମୃତିସବୁକୁ ମନରେ ସ୍ମରଣ କରି ରବି ପଦ୍ମାସ୍ମୃତିର ଦୁଃଖ ଭୁଲିବାକୁ ଚେଷ୍ଟାକଲା । ଜାହ୍ନବୀର ସ୍ମୃତି ହିଁ ଥିଲା ସେମିତି ମଜାଦାର; ସିଏ ବଡ ହସଖୁସି ମିଜାଜର ଝିଅ । ଦୁଃଖ ତା' ପାଖକୁ ଆସିବାକୁ ଭୟକରେ । ଦୁଃଖ ଆସିଲେ, ସମସ୍ୟା ଆସିଲେ, ସାଙ୍ଗସାଥୀରେ ମନୋମାଳିନ୍ୟ ହେଲେ ସିଏ ଏମିତି ସବୁ ସମାଧାନ କରିଦିଏ ଯେ, ତାକୁ ପ୍ରଶଂସା ନକରି ରହିହୁଏନ । ଛୋଟବେଳୁ ସିଏ ସେମିତି । ରବିକୁ ସିଏ "ମଉନାମୁହାଁ" ଉପାଧି ଦେଇଥିଲା । ରବି ପିଲାବେଳୁ ଚୁପ୍‌ଚାପ୍ ଥାଏ । ହେଲେ ମଝିରେ ମଝିରେ ଏମିତି ନିପଟ ସତ୍ୟ ମନ୍ତବ୍ୟ ଦେଇଦିଏ ଯେ, ଶୁଣିଲା ଲୋକ ଆଘାତ ପାଏ । ଚଳେଇ କରି କିଛି କହିବା ପାଇଁ ତା' ମୁଣ୍ଡରେ ପଶେନି । ଜାହ୍ନବୀ ଚଳେଇ କରି କହିଦିଏ । ସେଥିପାଇଁ ଲୋକ ତାକୁ ଭଲପାଆନ୍ତି ।

ରବିର ଜଣେ ହିସାବରେ ବଡମାମୁଁ, ତାଙ୍କର କିଛି ପିଲାପିଲି ନଥାଏ । ଥରେ ଜଣେ ଭିକାରୀ ତାଙ୍କଘରେ ଭିକ ମାଗିବାକୁ ଆସିଲା, ବଡମାଈଁ ହାତମୁଠାରେ ମୁଠାଟିଏ ଚାଉଳ ଆଣିଦେଲେ । ଭିକାରୀ କହିଲା, "ମା' ସକାଳୁ କିଛି ଖାଇନି, କିଛି ଖାଇବାକୁ ଟିକେ ଦିଅ ମା । ତମର ଧର୍ମ ହେବ ।" ସେ ବଡମାଈଁ ସିଧାସିଧା ମନା କରିଦେଲେ, "ଆମେ ସବୁ ଖାଇପିଇ ସାରିଲୁଣି । କିଛି ନାହିଁ । ତୁ ଯା ।" ହେଲେ ରବି ଦେଖିଥିଲା, ମାମୁଁ ନଫେରିଥିବାରୁ ମାଈଁ ନଖାଇ ଅପେକ୍ଷା କରିଥିଲେ । ତେଣୁ ସିଏ ପଚାରିଦେଲା, "ମାମୁଁ ତ ଫେରିନାହାନ୍ତି, ତମେ କଣ ଖାଇଦେଲଣି ? ମିଛ କାହିଁକି କହୁଚ ? ଅଳ୍ପ କିଛି ଦେଉନ ଭିକାରୀକୁ । ବିଚରା କିଛି ଖାଇନି ।"

ଏବେ ମାଈଁ କଣ କରିବେ ? ମୁଠିଏ ଭାତ ଓ ଶାଗଭଜା ଆଣି ଗୋଟିଏ କଦଳୀପତ୍ରରେ ଭିକାରୀକୁ ଦେଲେ । ଭିକାରୀ ସମସ୍ତଙ୍କୁ କଲ୍ୟାଣ କରି ଚାଲିଗଲା । ହେଲେ ବଡମାଈଁ ରବି ଉପରେ ଭାରି ରାଗିଲେ । ରବି କହିଲା, "ମାଈଁ, ତମର ତ କିଛି ପିଲାପିଲି ନାହିଁ, ତମେ କାହିଁକି ଏତେ ସଙ୍କୁଚ, ବରଂ ଦାନଧର୍ମ କଲେ ତମର କଲ୍ୟାଣ ହେବ ।" ସେ ମାଈଁ ତ

ସହଜେ ସବୁବେଳେ ପିଲାପିଲି ନଥିବାରୁ ମନଦୁଃଖରେ ଥାଆନ୍ତି । ଏବେ ରବିର କଥା ତାଙ୍କୁ କଟା ଘା'ରେ ଚୂନ ଲଗେଇବା ଭଳି ଲାଗିଲା । ସିଏ ବଡ ଦୁଃଖିତ ହୋଇ ସୁଁସୁଁ କାନ୍ଦିବାରେ ଲାଗିଲେ । ଜାହ୍ନବୀ ଏସବୁ ଦେଖୁଥିଲା । ଆସି ସାଙ୍ଗେସାଙ୍ଗେ ଘଟଣାଟା ଚଳେଇନେଲା । ରବିକୁ ଗାଳିଦେଇ କହିଲା, "ତୁ ତ ମଉନାମୁହାଁ, ହେଲେ ମୁହଁ ଫିଟାଉ କାହିଁକି ? ଲାଲି ଆଉ ବୁଟୁ କଣ ବଡ ମାଉସୀଙ୍କର ପିଲା ନୁହନ୍ତି ? ସେମାନେ କଣ ତାଙ୍କର ବୟସ ହେଲେ ଦେହଖରାପ ବେଳେ ଯ ନେବେନି କି ତାଙ୍କର ସେବା କରିବେନି ।" କଥାଟା ବଡମାଈଙ୍କୁ ଆଶ୍ୱାସନା ଦେଲା । ଲାଲି ଆଉ ବୁଟୁ ସେ ମାଈଙ୍କର ଦିଅରଙ୍କର ପିଲା । ବୁଟୁ ସେତିକିବେଳେ ପହଞ୍ଚିଗଲା । କୋଉଠୁ ଗୋଟିଏ ପିଜୁଳି ତୋଳି ସିଏ ବଡମାଈଙ୍କ ପାଇଁ ଆଣିଥିଲା । ବଡମାଈଙ୍କୁ ଦେଇ କହିଲା, "ବୋଉ, ନେ, ତୋ ପାଇଁ ଏ ପିଜୁଳି ଆଣିଛି ।" ବଡମାଈଙ୍କର ମାତୃତ୍ୱ ଉଛୁଳି ପଡିଲା । ସିଏ ବୁଟୁକୁ କୋଳରେ ବସେଇ ବଡ ସ୍ନେହ ଦେଖେଇଲେ । ଜାହ୍ନବୀ କହିଲା, "ଦେଖିଲୁ ତ ?" ରବି ବଡ ଅପଦସ୍ଥ ଅନୁଭବ କରିଥିଲା । ହେଲେ ବଡମାଈଙ୍କୁ ଖୁସି ଦେଖି ସିଏ ଆଶ୍ୱସ୍ତ ହୋଇଥିଲା । ସେତେବେଳେ ଜାହ୍ନବୀ ରବିକୁ "ତୁ" କହୁଥିଲା, ଯଦିଓ ଏବେ "ତମେ" କହେ ।

ଆଉ ଗୋଟିଏ ମଜାକଥା ରବିର ମନକୁ ଆସିଲା ।ଛୋଟବେଳେ ମାମୁଁଙ୍କ ଘରେ କାମ କରୁଥିବା ନନ୍ଦିଆର ପୁଅ ଶଙ୍କର୍ ସହିତ ମୋନାର ନାଁକୁ ଜୋଡି ସବୁ ପିଲାମାନେ ଥଟ୍ଟା କରୁଥିଲେ । ମୋନା ଯେତେବେଳେ ଖରାଦିନ ଛୁଟିରେ ଗାଁକୁ ଆସୁଥିଲା, ଶଙ୍କର୍ ଭଲଭଲ ପାଚିଲା ମିଠା ଆମ୍ବ ସବୁ ତୋଳି ଆଣି ଆଈଙ୍କୁ ଦେବ ଓ କହିବ, "ସାନ୍ତମା, ମୋନା ଦେଈଙ୍କ ପାଇଁ ଏ ଆମ୍ବ ଆଣିଛି ।"

ଆଈ ପଚାରିବେ, "କେତେ ପଇସା ଦେବି ?"

ଶଙ୍କର୍ କହିବ, "ମୁଁ କଣ କିଣିକି ଆଣିଛି କି ସାନ୍ତମା ? ମୁଁ ତ ତୋଟାରୁ ଗଛକୁ ଟେକାମାରି ଝଡେଇ ଆଣିଛି । ପଇସା କିଛି ବି ପଡିନି ।"

ସେମିତି ଶଙ୍କର୍ ଜାମୁକୋଳି ତୋଳି ଆଣିବ ଓ ଆଈଙ୍କୁ ଦେଇ କହିବ, "ମୋନା ଦେଈଙ୍କ ପାଇଁଆଣିଥିଲି ।"

ମୋନାପାଇଁ ଶଙ୍କର୍‌ର ଏ ସ୍ନେହକୁ ଦେଖି ସମସ୍ତେ ମୋନାକୁ ଚିଡାନ୍ତି । "ଦେଖେଦେଖେ ମୋନାଦେଈ, ତୋ ଶଙ୍କର୍ ଆସିଗଲା ।"

ମୋନା ଯେତେ ରାଗେ, ଯେତେ କାନ୍ଦେ, ସମସ୍ତେ ବେଶିବେଶି ଚଡାନ୍ତି । ଏ ଚଡେଇବା ଆରମ୍ଭକରେ ନତିଆ, ପଡିଶାର ନଧିମାମୁଁଙ୍କ ପୁଅ ।

ସେବର୍ଷ ଜାହ୍ନବୀ ଆସିଥାଏ ମୋନା ସହିତ ମାଉସୀ ଘରେ ଖରାଛୁଟି ଗାଁରେ କଟାଇବାକୁ । ମୋନାର ଏ ଦୁରାବସ୍ଥା ସିଏ ସହିପାରିଲାନି । ସାଙ୍ଗେସାଙ୍ଗେ ତା' ମୁଣ୍ଡରେ ଗୋଟିଏ ଖିଆଲ ଜୁଟିଗଲା । ସେ ଗାଁରେ ଗୋଟିଏ ଛୋଟଝିଅ ଥିଲା, ତା' ନାଁ କାଳ । ତା ନାକରୁ ସବୁବେଳେ ସିଂଘାଣି ବୋହୁଥାଏ । ସେଥର ଯେତେବେଳେ ମୋନା ସହିତ ଶଙ୍କରର ନାଁକୁ ଜୋଡି ନତିଆ ଚଡେଇବା ଆରମ୍ଭକଲା, ଜାହ୍ନବୀ କହିଲା, "ନତିଆ ଭାଇ, ସେ ସିଂଘାଣିନାକୀ କାଳ ନୂଆବୋଉ କଥା କହମ, ଶଙ୍କର କଥା ଛାଡେ ।'' ନତିଆ ପୂରା ଚୁପ୍ ହୋଇଗଲା । ସମସ୍ତେ ମୋନାକୁ ଚଡେଇବା ଛାଡି ନତିଆକୁ ଚଡେଇବା ଆରମ୍ଭକଲେ । ନତିଆ ବିଚରା ନଜକୁ ରକ୍ଷା କରିବା ଲାଗି ସମସ୍ତଙ୍କ ନାଁରେ ଗୋଟିଏଗୋଟିଏ ନାଁ ଜୋଡିଦେଲା । ଜାହ୍ନବୀ ନାଁ ସହିତ ଜୋଡିଦେଲା ସେ ଅଞ୍ଚଳର ଗୁଣ୍ଡା, ବଦ୍‌ମାସ୍ ଗ୍ୟେର କାଳଆ ବେହେରାର ନାଁକୁ । ହେଲେ ଜାହ୍ନବୀ ମୋନା ଭଳ କାନ୍ଦିଲାନ କ ରାଗିଲାନ, ବରଂ ଆମୋଦିତ ହୋଇ କହିଲା, "ହଁ ହଁ, ନତିଆ ଭାଇ, ବଢିଆ ହବ, ତୁ ହିଁ ବାଟବରଣୀ କରିବାକୁ ଯିବୁ, ଆଉ କଏ ଏମାନଙ୍କ ଭିତରେ କାଳଆ ବେହେରା ଭଳଆ ଗୁଣ୍ଡାକୁ ବାଟବରଣୀ କରିବାକୁ ଯୋଗ୍ୟ କ? '' ସେଇଦିନରୁ ସମସ୍ତେ ଚଡାଚଡି କମ୍ କରିଦେଲେ । ଜାହ୍ନବୀର ଗୋଟିଏ ନାଁ ଦେଇଦେଲେ, "ମାଡାମ୍ ଫୁଲନଦେବୀ'' ।

ସେ ପୁରୁଣାକଥା ମନେପଡିଲେ ସତରେ ହସମାଡେ । ଛୋଟବେଳୁ ହିଁ ଜାହ୍ନବୀ ସେମିତି ଦୃଢମନା, ନର୍ଭୟା ଆଉ ହସହସ ।

ମାମୁଁଙ୍କ ଘରେ କଛି ଫଙ୍କସନ୍ ହେଲେ ଜାହ୍ନବୀ ସହିତ ଦେଖାହୁଏ । ରବି ତାଠାରୁ ଦୁଇବର୍ଷ ବଡ । ତେଣୁ ସିଏ ତାକୁ "ରବିଭାଇ'' ବୋଲି ସମ୍ବୋଧନ କରେ । ଛୋଟବେଳୁ ଆରମ୍ଭକରି ରବିର ଆମେରିକା ଆସିବା ପର୍ଯ୍ୟନ୍ତ ସେମାନେ ସମସ୍ତେ ପିଲାମାନେ ପ୍ରାୟତଃ ବାହାଘର, ପୂଜା, ଅଷ୍ଟମପ୍ରହରୀ, ଅନ୍ୟାନ୍ୟ ସବୁ ପର୍ବପର୍ବାଣିରେ ମିଶନ୍ତି । ଆମେରିକା ଆସିବାପରେ ରବି ଏସବୁ ଘରୋଇ ଉତ୍ସବରେ ଯୋଗଦେଇପାରିନ । ସେ ଭିତରୁ ଅନେକ ବି ଏବେ ଓଡିଶା ବାହାରେ ରୁହନ୍ତି । ଅଧିକ ମିଳାମିଶା ହୋଇପାରେନ । ହେଲେ ବି ପରସ୍ପର ସଂପର୍କ ରଖିଥାନ୍ତି ।

ହଠାତ୍ ଦିନେ ଫୋନ୍ ରେ ଡାକ୍ତ ଭୂଜଙ୍ଗ ପ୍ରସ୍ତାବଦେଲେ, "ତମେ କେବେ ଆସୁଛ ? ଜାହ୍ନବୀଙ୍କ ସହିତ ମାମୁଁ ତମର ବାହାଘର ପ୍ରସ୍ତାବ ଆଣିଥିଲେ । ତାଙ୍କର ମେଡିକାଲ୍ ପାଠପଢ଼ା ସବୁ ସରିଗଲା । ଏବେ ସିଏ ଭୁବନେଶ୍ୱରରେ ଗୃକରି ପାଇଗଲେଣି ।"

ରବି ମୁଣ୍ଡରେ ଏସବୁ ହଠାତ୍ ପଶିଲାନ । ସିଏ ମଜାରେ କହିଲା, "ସେ ଫୁଲନଦେବୀକୁ କଏ ବାହାହେବ ? ତମେ କଣ ପାଗଳ ହେଲ ଭୂଜଙ୍ଗ ? ଜାହ୍ନବୀ ସହିତ ମୋର ବାହାଘର। ଅସମ୍ଭବ !"

ଭୂଜଙ୍ଗ ବୁଝେଇବାକୁ ଚେଷ୍ଟାକଲେ, "ସେମିତି କୁହନ । ଜାହ୍ନବୀଙ୍କୁ ଏବେ ଦେଖିଲେ ତମେ ସେମିତି କହିପାରିବନ । ତାଙ୍କ ଭଳ ଶିକ୍ଷିତା, ସୁନ୍ଦରୀ ଓ ସର୍ବଗୁଣ ସଂପନ୍ନା ଝିଅ ସହଜରେ ମିଳନ୍ତିନ । ସିଏ ତ ରାଜି ଅଛନ୍ତି । ତମେ ରାଜିହେଲେ ଆମେ ଆଗକୁ ବଢ଼ିବୁ ।"

ରବି ସେତେବେଳକୁ ପଦ୍ମାକୁ ଦେଖିସାରିଥାଏ, ଯଦିଓ ସେମାନଙ୍କ ସଂପର୍କ ଏତେଟା ବଢ଼ିନଥିଲା । ସିଏ ମନେମନେ କହିଲା, "ପଦ୍ମାକୁ ଦେଖିଲେ ତମେ ସେମିତି କହିବନ ଭୂଜଙ୍ଗ ।"

ରବି ମୁଣ୍ଡରେ ପୁଣି ମଜା ପଶିଲା । "ଭୂଜଙ୍ଗ, ଆଗକୁ କଣ ବଢ଼ିବ, ଏବେ ପଛକୁ ଫେର । ସେ ଫୁଲନ୍ ଦେବୀକୁ ତମେ ଚହ୍ନିନ । କେତେବେଳେ ବନ୍ଧୁକରୁ ଗୁଳ ଫୁଟେଇଦେବ ତ କେତେବେଳେ ଖଣ୍ଡାରେ ଦିଗଡ଼ କରିଦେବ । ସିଏ ଆଉ ରାଜି ହୁଅନ୍ତାନାହିଁ କାହିଁକ ? ମତେ ମେଣ୍ଢା କରି ରଖିବ ନା ।"

ଭୂଜଙ୍ଗ ବୁଝେଇଲେ, "ସିଏ ଛୋଟବେଳେ କଣ ଥିଲେ, ତମେ ସେଇକଥାକୁ ଧରିବସିଛ ? ଟିକେ ଭାବ । ମୁଁ ଆର ସପ୍ତାହରେ ଡାକ୍ତ ବୁଝିବି ।"

ତାପର ସପ୍ତାହରେ ପୁଣି ଯେତେବେଳେ ଭୂଜଙ୍ଗ ଡାକ୍ତ ପଗ୍ଚରିଥିଲେ, ରବି ସିଧା ମନା କରିଦେଇଥିଲା । କହିଥିଲା, "ଜାହ୍ନବୀ ଭଲଝିଅଟିଏ ମୁଁ ମାନୁଛି । ହେଲେ ମୁଁ ଏବେ ମୋ କ୍ୟାରିୟର୍ ଗଢ଼ିବାକୁ ପ୍ରଥମରେ ପ୍ରାଧାନ୍ୟ ଦେବି । ଅନ୍ତତଃ ଦୁଇବର୍ଷ ପର୍ଯ୍ୟନ୍ତ ତ ମୋର ବାହାଘର ହେବାର ପ୍ରଶ୍ନ ଉଠୁନ ।"

ତାପରେ ଭୂଜଙ୍ଗ ଆଉ ଜାହ୍ନବୀଙ୍କ ପ୍ରସଙ୍ଗ ଉଠେଇନଥିଲେ ।

ଏବେ ବେଜିଂରେ ଅବଶିଷ୍ଟ ସମୟ ଭଲରେ ବିତାଇବା ପାଇଁ ଜାହ୍ନବୀର ସ୍ମୃତି ବହୁତ ପରିମାଣରେ ସାହାଯ୍ୟକଲା । ପଦ୍ମାର ସ୍ମୃତି ତା' ହୃଦୟକୁ କାଟି ଦେଉଥିଲା, ହେଲେ ଜାହ୍ନବୀର ସ୍ମୃତି ତାକୁ ହସିବାକୁ ବାଧ କରୁଥିଲା ।

ରବିର ଫ୍ଲାଇଟ୍ ସମୟ ଜୁଲାଇ ୧୬ ତାରିଖ ଶନବାର ଦିନ ୧୨ଟାରେ ଥିଲା । ସେଥିପାଇଁ ସକାଳୁ ଉଠି ରବି ନିଜ ବାକ୍ସପତ୍ର ସଜାଡି ଗାଧୋଇପାଧୋଇ ପ୍ରସ୍ତୁତ ହେଉଥିଲା । ତାର ଲକ୍ଷ୍ୟଥିଲା ଦିନ ନଅଟା ବେଳକୁ ଏୟାରପୋର୍ଟରେ ପହଞ୍ଚିଯିବାକୁ । ହେଲେ ଆଠଟା ବେଳକୁ ଗୋଟିଏ ଟେକସ୍ଟ ମେସେଜ୍ ଆସିଲା ଯେ ଫ୍ଲାଇଟ୍ ଏବେ ପାଞ୍ଚଟା ବେଳକୁ ଯିବ । ତେଣୁ ରବି ସ୍ଥିରକଲା ବେଜିଂର "ସମର୍ ପ୍ୟାଲେସ୍" (ଗ୍ରୀଷ୍ମକାଳୀନ ରାଜପ୍ରାସାଦ) ଟିକେ ଦେଖିଯିବ । ହୋଟେଲ୍ କାଉଣ୍ଟରେର ପଗ୍ଋରି ଯିବାଆସିବାର ସମସ୍ତ ବିଷୟ ବୁଝିନେଲା । ସେଇଥିରୁ ସ୍ଥିରକଲା ଯେ ଟ୍ୟାକ୍ସିରେ ଗଲେ ଭଲହେବ, ଟ୍ରେନ୍ ନେଇକରି ଗଲେ, ଟ୍ରେନ୍ ବଦଳାଇବା ବେଳେ ଯଦି କିଛି ଭୁଲ୍ ହୋଇଗଲା ତ, ଅସୁବିଧା ହୋଇପାରେ । ତେଣୁ ହୋଟେଲ୍ କାଉଣ୍ଟରରେ ଲଗେଜ୍ ରଖି ସିଏ ସାଢେ ଆଠଟା ବେଳକୁ ବାହାରିଗଲା । ହୋଟେଲ୍ ଆସିଷ୍ଟାଣ୍ଟ୍ ଜଣେ ଟ୍ୟାକ୍ସି ଡକାଇ ସେଥିରେ ସମର୍ ପ୍ୟାଲେସ୍‌ର ଠିକଣା ଲେଖି ତାକୁ ବୁଝେଇଦେଲା । ରବି ପାଖରେ ହୋଟେଲ୍‌ର କାର୍ଡ ଥିଲା । ତେଣୁ ଫେରିବା ବେଳକୁ ସେହି କାର୍ଡ ଟ୍ୟାକ୍ସିବାଲାକୁ ଦେଖେଇଲେ ସିଏ ପହଞ୍ଚେଇଦେବ ବୋଲି ପରାମର୍ଶ ଦେଇ ହୋଟେଲ୍ ଆସିଷ୍ଟାଣ୍ଟ୍ ରବିକୁ ଶୁଭକାମନା ଜଣେଇ ବିଦାୟଦେଲା । ବେଜିଂର ଟ୍ୟାକ୍ସିଗ୍ଋଳକ ମାନେ କେବଳ ଚ୍ଚଇନିଜ୍ ଭାଷା ବୁଝନ୍ତି, ଇଂଲିଶ୍ ବୁଝିପାରନ୍ତିନି । ହେଲେ ବି ରବିର କିଛି ଭୟ ନଥିଲା । ସିଏତ ସିଧା ଗୋଟିଏ ଜାଗାକୁ ଯିବ ଆଉ ହୋଟେଲ୍‌କୁ ଫେରିବ, ତେଣୁ ଚିନ୍ତା କଣ ? ଟ୍ୟାକ୍ସି ଗ୍ଋଳକ ତାକୁ ନେଇ ନଅଟା ବେଳକୁ ସମର୍‌ପ୍ୟାଲେସ୍‌ର ପୂର୍ବଗେଟ୍ ପାଖରେ ପହଞ୍ଚାଇଦେଲା । ହାତଠାରେ ତାକୁ ବୁଝେଇଦେଲା କେଉଁବାଟେ ଗେଟ୍ ଭିତରକୁ ଯାଇ ଟିକେଟ୍ କରିବାକୁ ପଡିବ । ରବି ତାକୁ ଅନୁକରଣ କରି ଟିକେଟ୍ କାଉଣ୍ଟରରେ ପହଞ୍ଚିଗଲା ଓ ଯଥା ସମୟରେ ଟିକେଟ୍ କଣି ବୁଲିବାକୁ ଗଲା ।

ଏତେବଡ ସ୍ଥାନ, ୭୪୨ ଏକର୍‌ର ଏ ଐତିହାସିକ ରାଜପ୍ରାସାଦ ମଧ୍ୟରେ କନ୍‌ମିଙ୍ଗ୍ ହ୍ରଦ ମଧ୍ୟସ୍ଥଳୀରେ ୫୪୦ ଏକର୍ ଦଖଲ କରିଛି । ସେ କନ୍‌ମିଙ୍ଗ୍ ହ୍ରଦର ଗ୍ଋରିପଟେ ବିଭିନ୍ନ ପାର୍କ, ରାଜପ୍ରସାଦ ଓ ହଲ୍ ସବୁ ନିର୍ମିତ ହୋଇଛି । ଗେଟ୍ ଆଗରେ ଦୁଇଟି ବ୍ରୋଞ୍ଜରେ ନିର୍ମିତ ସିଂହମୂର୍ତ୍ତି ଦୁଇପଟରେ ସ୍ଥାପିତ ହୋଇଥାନ୍ତି । ସେଠି ଦୁଇଟି ସେଲ୍‌ଫି ନେବା ପରେ, ତା' ଭିତରେ ଆଉ କଣ ଦେଖିବ, କେଉଁଟା ଦେଖିବ ଓ କେଉଁଟା ସହଜରେ ଦେଖିହେବ,

ସେକଥା ମ୍ୟାପ୍ ଦେଖିବି ରବି କଛି ବୁଝିପାରୁନଥାଏ । ସେ ସମୟରେ ସେଠାରେ ଯେତେ ପରିଦର୍ଶକ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରାୟ ନବେଭାଗ ଗୁଇନଜ୍ । ସେମାନେ ଇଂଲିଶ୍ ବୁଝୁନଥାନ୍ତି । ଏମିତି ୪- ୫ ଜଣଙ୍କୁ ଇଂଲିଶ୍ ରେ ପଚାରି ବ୍ୟର୍ଥହେବା ପରେ, କେବଳ କଲେଜ ପଢୁଆ ଯୁବଶ୍ରେଣୀର ପିଲାଙ୍କ ଛଡା ଆଉ କାହାକୁ କଛି ପଚାରିବାକୁ ସାହସ ହେଉନଥାଏ । ହେଲେ ସେ ଯୁବଶ୍ରେଣୀର ପିଲାମାନେ ସବୁ ସେଲ୍ଫି ନେବାରେ ବ୍ୟସ୍ତ ଥାଆନ୍ତି । ସେମାନଙ୍କୁ ଡିଷ୍ଟର୍ବ କରିବାକୁ ମାଡିପଡୁଥାଏ । ଏହି ସମୟରେ ତାର ଜାହ୍ନବୀ କଥା ମନେପଡିଲା । ସିଏ ଗୁଇନଜ୍ ମାନଙ୍କୁ କହେ ସୂପର୍ଣଖାର ବଂଶଧର । ସେମାନଙ୍କ ନାକ, ଆଖି ଯେମିତି ମିଶିଯାଇଥାଏ, ତାକୁ ଜାହ୍ନବୀ କହେ ଯେ ହୁଏତ ରାମ ସୂପର୍ଣଖାର ନାକ କାଟିଦେବା ପରେ ସିଏ ଲାଜରେ ମୁହଁ ନଦେଖେଇ ସିଧା ଉତ୍ତରକୁ ପଳେଇଗଲା । ଜାହ୍ନବୀ ଏକଥା କହିଲେ, ନତିଆ କହେ, "ହଁ, ତୁ ସେତେବେଳେ ମାତା ସୀତାରୂପ ନେଇ ଦେଖୁଥିଲୁ ତ? "

ପୂର୍ବ ଗେଟ୍ର ଦ୍ୱାର ଅତିକ୍ରମ କରି ବୁଲୁବୁଲୁ ବାମପଟରୁ ସଂଗୀତର ସ୍ୱର ଭାସିଆସିଲା । ରବି ତେଣୁ ବାମପଟକୁ ସେ ସଂଗୀତର ସ୍ୱରକୁ କାନଦେଇ ଚାଲିବାକୁ ଲାଗିଲା । ସେମିତି ଯାଇ ପହଞ୍ଚିଗଲା "ଟାଓ୍ୱାର୍ ଅଫ୍ ଲିଟରାରି ପ୍ରସ୍ପରିଟି" । ସେଠି ଅନେକ ଲୋକ ଜମା ହୋଇଥିଲେ । ସେଠୁ ଛୋଟପୋଲଟିଏ "ପାଭିଲିଅନ୍ ଅଫ୍ ହେରାଲ୍ଡିଙ୍ଗ୍ ସ୍ପ୍ରିଙ୍ଗ୍" ପର୍ଯ୍ୟନ୍ତ ଲାଗିଥିଲା । ସେ ପୋଲରେ ଅନେକ ଠିଆ ହୋଇ ଫଟୋ ଉଠାଉଥିଲେ । ସେ ପୋଲରୁ ଦୁଇପଟର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା । କଛି ଫଟୋ ରବି ମଧ୍ୟ ଉଠାଇଲା ଓ ତାପରେ ପୁଣି ଡାହାଣ ଆଡକୁ ଚାଲିଲା । ଡାହାଣ ପଟରେ ଅନେକ ଦେଖିବାର ଥିଲା । ଅନେକ ସବୁ ହଲ୍, "ହଲ୍ ଅଫ୍ ହାପିନେସ୍ ଆଣଡ୍ ଲଙ୍ଗେଭିଟି", "ହଲ୍ ଅଫ୍ ଜେଡ୍ ରିପଲ୍ସ୍" ଏମିତି ସବୁ କେତେ ହଲ୍ ଦେଖିଦେଖି ଶେଷରେ ସିଏ କନ୍ମିଙ୍ଗ୍ ହ୍ରଦରେ ଫେରିବୋଟ୍ ରାଇଡ୍ କରିବା ପାଇଁ "ପାଭିଲିଅନ୍ ଅଫ୍ ମେସ୍ମରାଇଜିଙ୍ଗ୍ ସିନେରି" ପାଖ "ଫେରିବୋଟ୍ ହ୍ୱାର୍ଫ"ରୁ ରାଇଡ୍ ନେଲା । ଭାବିଥିଲା, ଏ ଡଙ୍ଗା ବୁଲିବୁଲି ପୁଣି ଆଣି ତାକୁ ସେଠି ଛାଡିବ । ହେଲେ ସେ ଫେରିବୋଟ୍ ନେଇ ତାକୁ ବ୍ରୋଞ୍ଜ- ଅକ୍ସ୍ ପାଖ ଫେରିବୋଟ୍ ହ୍ୱାର୍ଫ" ରେ ଛାଡିଲା । ସମସ୍ତେ ସେଠି ଓହ୍ଲାଇଲେ । ବସି ରହିବ କ ନାଁ କଛି ଚନ୍ତା ନକରିପାରି ସିଏ ଜଣକୁ ପଚାରିଲା । ତାର ଉତ୍ତର ଅନୁଯାୟୀ ରବିର ବୋଟ୍ରାଇଡ୍ ଟିକେଟ୍ କେବଳ ଗୋଟିଏ ରାଇଡ୍ ପାଇଁ ଥିଲା । ଏବେ ରବିକୁ ଓହ୍ଲାଇବାକୁ ପଡିଲା । ଘଣ୍ଟା ଦେଖିବା ବେଳକୁ ଏଗାରଟା ବାଜିଲାଣି । ତାକୁ ଆଉ ଦୁଇଘଣ୍ଟା ଭିତରେ ଯାହା ଦେଖି ଫେରିଯିବାକୁ ପଡିବ । ହେଲେ ଏବେ ସିଏ ଯିବ କୁଆଡେ ।

କଛି ନ ଭାବିପାରି ରବି ବାମପଟର ରାସ୍ତାରେ ଚାଲିଲା । ଏ ସମୟରେ ହଠାତ୍ ବର୍ଷା ହେଲା । ବ୍ୟାଗରୁ ଛତା ବାହାର କରି ଛତା ଧରି ଚାଲିଲା ବେଳେ ବାମ ପଟ ପାର୍କର ସୌନ୍ଦର୍ଯ୍ୟ ଅନୁଭବ କରିହେଉଥିଲା । ଅନେକ ଯାତ୍ରୀ ସେମିତି ଚାଲୁଥିଲେ । ସେମାନଙ୍କ ସହିତ ପାଦ ମିଶେଇ ସିଏ ଚାଲିବାକୁ ଲାଗିଲା । ଏମିତି ଚାଲିଚାଲି "ସେଭେନ୍‌ଥ୍ ଆର୍କ୍ ବ୍ରିଜ୍" ପାରକରି ସିଏ "ନାନ୍‌ହୁ" ଦ୍ୱୀପରେ ପହଞ୍ଚିଗଲା । ସେଠି ଅନେକ ଲୋକ ଜମା ହୋଇଥିଲେ । କେତେକ ଲୋକ ପିକ୍‌ନିକ୍ କରୁଥିଲେ । ସେମାନେ ଘରୁ ଖାଇବା ସାମଗ୍ରୀ ସବୁ ଆଣିଥିଲେ ଓ ବସି ଆରାମରେ ଖାଉଥିଲେ । ସେଠି ଗୀତ, ବାଦ୍ୟ ଲାଗି ରହିଥିଲା ଓ ସ୍ଥାନେସ୍ଥାନେ ଖାଦ୍ୟ ବି ବିକ୍ରି ହେଉଥିଲା । ରବି ଅଧଘଣ୍ଟାରେ ବୁଲି ସେଠି ଆଉଥରେ ଟିକେଟ୍ କରି ଫେରିବୋଟ୍ ନେଲା ଓ ସେ ଫେରିବୋଟ୍ ଆଣି ତାକୁ "ପାଭିଲିଅନ୍ ଅଫ୍ କ୍ଲିଅର୍ ଆଣ୍ଡ୍ କେୟାର୍‌ଫ୍ରି" ପାଖରେ ଛାଡିଦେ । ସେଠୁ ପୂର୍ବଗେଟ୍ ଅନେକ ଦୂରରେ । କେମିତି ଏତେଦୂର ଚାଲିଚାଲି ଯିବ, ଭାବି ହେଉ ନଥାଏ । ମାନଚତ୍ର ଥାଇକ ବି କଛି ନୁହେଁ । ଫେରିବା ବାଟରେ ଥିଲା "ଟାଓ୍ୱାର୍ ଅଫ୍ ବୁଦ୍ଧିଷଟ୍ ଇନସେନସ୍ । ସେଠି ଚଢିକରି ବହୁତ ଉଚ୍ଚାକୁ ଯିବାକୁ ପଡିବ । ଅଧଘଣ୍ଟାଏ ସେଥିପାଇଁ ରଖି ରବି ଉପରକୁ ଗଲା ଓ ସାଙ୍ଗେସାଙ୍ଗେ ପୁଣି ତଳକୁ ଫେରିଆସିଲା । ସେ ଟାଓ୍ୱାର୍ ଉପରୁ ସାରା ସମର୍ ପ୍ୟାଲେସ୍‌ର ସମସ୍ତ ସ୍ଥାନ ସୁନ୍ଦର ହୋଇ ଦେଖା ହେଉଥାଏ ।

ଏ ସ୍ଥାନକୁ ଟୁର୍‌ଗାଇଡ୍ ନେଇ ଆସିଥିଲେ ଭଲ ହୋଇଥାନ୍ତା । ହେଲେ ସମୟ କୋଉଠି ଥିଲା । ଆଜି ଯାହାହେଉ ଫ୍ଲାଇଟ୍ ଲେଟ୍ ଥିଲା ବୋଲି ସିଏ ଆସିପାରିଲା, ସେତିକ ବଡକଥା । ଯାହାହେଉ, ସେତିକ ଦେଖି ସେ ଫେରିଆସିଲା । ହେଲେ ପୂର୍ବଗେଟ୍ ଖୋଜୁଖୋଜୁ ସିଏ ଆସି କେଉଁ ଗାର୍ଡେନ୍ ଭିତରେ ପଶିଗଲା । ସେଠି ଯାହାକୁ ପଚାରିଲେ ଓ ସେମାନେ ଯାହା ବତେଇଲେ, କଛି ବି ଠିକ୍ ଭାବେ ଜାଣି ହେଉନଥାଏ । ଜାହ୍ନବୀର ସ୍ମୃତି ପୁଣି ମନକୁ ଆସିଲା । ଥରେ ସମସ୍ତେ ମିଶି କପିଳାସ ଯାଇଥିଲେ । ସେଇଠି ପିଲାମାନେ ସବା ଉପରକୁ ଚଢି ସୀତାଙ୍କ ଏନ୍ତୁଡିଶାଳ ପର୍ଯ୍ୟନ୍ତ ବାହାଦୁରୀ ଦେଖାଇ ଗଲେ । ଫେରିବାବେଳକୁ ରାସ୍ତା ଭୁଲିଗଲେ । ରବି ବ୍ୟସ୍ତ ହୋଇପଡିଲା । ହେଲେ ଜାହ୍ନବୀ ଯୋଉବାଟେ ଯାଇଥିଲା, ସେସବୁ ବାଟର ଗୋଟିଏ ଗୋଟିଏ ଚିହ୍ନ ସିଏ ମନରେ ରଖିଥିଲା । ତେଣୁ ସେସବୁ ଚିହ୍ନକୁ ଦେଖାଇ ସିଏ ସମସ୍ତଙ୍କୁ ନିର୍ଭୟ ଦେଉଥାଏ । ଆଜି ସେଇକଥା ମନେପକେଇ ରବି ନିଶ୍ଚିନ୍ତ ହେଲା । ପୂର୍ବ ଗେଟ୍‌ର କେତୋଟି ଚିହ୍ନ ସିଏ ଚିହ୍ନପାରିଲା । ସେଇଆକୁ ଦେଖିଦେଖି ସିଏ ଆସି ପୂର୍ବଗେଟ୍ ପାଖରେ ପହଞ୍ଚିଗଲା ।

ହୋଟେଲ୍ ରେ ସିଏ ସାଢେ ଗୋଟାଏ ବେଳକୁ ଆସି ପହଞ୍ଚିଗଲା । ହୋଟେଲରେ ପହଞ୍ଚୁ ପହଞ୍ଚୁ ଆଉ ଗୋଟିଏ ମେସେଜ୍ ଆସିଲା ୟୁନାଇଟେଡ୍ ତରଫରୁ । ରବିର ଫ୍ଲାଇଟ୍ ୯ଟାରେ ଛାଡିବ । ରବି ତେବେ ଏତେ ସମୟ କରିବ କଣ ? ତେଣୁ ସିଏ ଆଉ ଲଗେଜ୍ ସଂଗ୍ରହ ନକରି ଅଲିଂପିକ୍ ଷ୍ଟେସନ୍ ପାଖ ମଲ୍‌କୁ ଗଲା । ସେଠି ଲଞ୍ଚ୍ ଖାଇ କିଛି ସମୟ ସେ ଅଲିଂପିକ୍ ପାର୍କରେ ବୁଲିଲା । ତାପରେ ପାଞ୍ଚଟା ବେଳକୁ ହୋଟେଲ୍‌କୁ ଫେରି ସେଠାରୁ ଲଗେଜ୍ ସଂଗ୍ରହ କରି ଏୟାର୍‌ପୋର୍ଟ ଗଲା ।

ଫେରିବାର ଅନୁଭୂତି ସେମିତି କିଛି ଭଲନଥିଲା । ଫ୍ଲାଇଟ୍ ଚିକାଗୋରେ ରାତିରେ ପହଞ୍ଚିଲା । ଆଉ ରାତିରେ କିଛି ସେମିତି ଫ୍ଲାଇଟ୍ ନଥିଲା ମେରୀଲାଣ୍ଡକୁ ଫେରିଆସିବାକୁ । ଯଦିଓ ୟୁନାଇଟେଡ୍ ତରଫରୁ ଭାଉଚର୍ ମିଳଲା ହୋଟେଲରେ ରାତି କଟାଇବା ପାଇଁ, ହେଲେ କେଉଁ ହୋଟେଲରେ କୋଠରି ଖାଲି ନଥିଲା । ଆଉ କେତେ ହୋଟେଲ୍ କେହି ଫୋନ୍ ଧରିଲେନ । ଅଗତ୍ୟା ରାତିସାରା ରବି ଏୟାରପୋର୍ଟରେ ହିଁ ବିତାଇଲା ଓ ସକାଳ ଫ୍ଲାଇଟ୍ ଧରି ମେରୀଲାଣ୍ଡ ରେ ପହଞ୍ଚିଲା ।

କେତେବେଳେ ଜାହ୍ନବୀକୁ ଡାକି ଏ ଭଲ ଖବରଟି ଦେବାକୁ ଚାହୁଁଥିଲା ରବି । ହେଲେ କେମିତି ନିଜ ମୁହଁରେ କହିବ ଏକଥା ? ସେଥିପାଇଁ ପ୍ରସ୍ତୁତି ଦରକାର । ତଥାପ ଜାହ୍ନବୀ ସହିତ କଥା ହେଇଗଲେ ଅସୁବିଧା କଣ । ଅନ୍ତତଃ ପିଉସୀଙ୍କ କଥା ତ ପଚାରିପାରିବ ।

ବେଜିଂରୁ ଫେରିବାର ଚାରିଦିନ ପରେ ରବି ଜାହ୍ନବୀକୁ ଫୋନ୍ ଲଗେଇଲା ।

ଜାହ୍ନବୀ ଫୋନ୍ ଧରି କହିଲା, "ଆଜି କଣ ସୂର୍ଯ୍ୟ ପଶ୍ଚିମଦିଗରେ ଉଦୟ ହେଲେ କି ? ତମେ ପୁଣି ମତେ ଫୋନ୍ କରିଛ ? କୁହ ତ ଖବରଟା କଣ ?"

ରବି ପଚାରିଲା, "ପିଉସୀଙ୍କ ଦେହ କେମିତି ଅଛି ?"

ଜାହ୍ନବୀ - "ସିଏ ଭଲ ଅଛନ୍ତି । ତାଙ୍କର ପିଲାମାନେ ଭଲ ଯ ନେଉଛନ୍ତି । କଣ ସେଇଥିପାଇଁ ଡାକଥିଲ ?"

ରବି - "ତତେ ଗୋଟିଏ ଭଲ ଖବର ଦେବାର ଥିଲା । ସେଥିପାଇଁ ଡାକଥିଲି ।"

ଜାହ୍ନବୀ - "ବେଜିଂ ଯାଇଥିଲ ଶୁଣିଥିଲି । ସେଠି କଣ କୌଣସି ଚାଇନା କଣ୍ଢେଇ ମିଳଗଲା ନା କଣ ? ମୋର ବି ତମକୁ ଗୋଟିଏ ଭଲଖବର ଦେବାର ଅଛି ।"

ରବି - "ତାହେଲେ ତୁ ଆଗେ କହ । ତାପରେ ମୁଁ କହିବି ।"

ଜାହ୍ନବୀ - "ତମେ ଆଗେ କୁହ । ତମେ ତ ପ୍ରଥମେ ଭଲଖବର କଥା ଉଠେଇଥିଲ ନା ।"

ରବି - "ନାଁ, ଲେଡିଜ୍ ଫାଷଟ୍, ତୁ ଆଗେ କହ ।"

ଜାହ୍ନବୀ - "ହଉ ବାବା, ତେବେ ଶୁଣ । ତମ ବନ୍ଧୁ ପ୍ରମୋଦଙ୍କର ବିଭାଘର ହେଉଛି । ଆସନ୍ତା ଜାନୁୟାରୀ ମାସରେ ।"

ରବି - "ଏଇ କଥାଟା ତୁ କହିବାକୁ ଏମିତି ନାଟକ କାହିଁକି କରୁଥିଲୁ ।"

ଜାହ୍ନବୀ - "ଆରେ, ସେ ଖବରର ଅନ୍ୟଭାଗଟା ତ ଶୁଣ । ତାପରେ ବୁଝିବ ସେ ନାଟକର ଅର୍ଥ କଣ ।"

ରବି - "କହ" ।

ଜାହ୍ନବୀ - "ଭାବି କୁହତ, କାହା ସହିତ ତମ ସାଙ୍ଗ ପ୍ରମୋଦର ବାହାଘର ହେଉଛି?"

ରବି - "ମୁଁ କଣ ଭାବିପାରିବି । ତୁ କହ ।"

ଜାହ୍ନବୀ - "ଆସନ୍ତା ଜାନୁୟାରୀ ୨୨ ତାରିଖରେ ପ୍ରମୋଦ ଦାସଙ୍କ ସହିତ ଜାହ୍ନବୀ ପଟ୍ଟନାୟକଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେଉଛି । ସେଥିପାଇଁ ରବିନ୍ଦ୍ର ମହାନ୍ତିଙ୍କୁ ସାଦର ନିମନ୍ତ୍ରଣ ରହିଲା । ସିଏ ଏ ଶୁଭକାର୍ଯ୍ୟରେ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କଲେ, ବରକନ୍ୟା ଚିରୋପକୃତ ହେବେ ।"

ରବି ମୁଣ୍ଡରେ ସତେକି କିଏ କୁରାଢ଼ିଘାଏ ମାରିଲା । ଇଏ କେମିତି ସମ୍ଭବ ? କରଣ ଘର ଝିଅ ଜାହ୍ନବୀ । ଗଉଡ ଘର ପୁଅ ପ୍ରମୋଦ ।

ଜାହ୍ନବୀ - "କଣ ତମକୁ ଶକ୍ ଲାଗିଲା ନା । କାହିଁକି, ତମେତ ମତେ ବାହାହେବାକୁ ମନାକରିଦେଲ ନା । ମୁଁ କୁଆଡେ ଫୁଲନ୍ଦେବୀ, ତମକୁ ମେଣ୍ଢା କରି ରଖିଥାଆନ୍ତି । ଆଉ ସେଠି କୋଉ ଗୋରୀପାଲରେ ପଡିଗଲ । ମୁଁ ଆଉ କଣ ସାରାଜୀବନ ଅଭିଆଡୀ ଥାଆନ୍ତି?"

କଛି ତ ଉତ୍ତର ଦେବାକୁ ପଡିବ । ହେଲେ ରବିର ହୃଦୟ ଯେମିତି ବିଦୀର୍ଣ୍ଣ ହୋଇଯାଉଥିଲା । ରକ୍ଷା ସିଏ ଜାହ୍ନବୀକୁ ନିଜ ମନକଥା କହିବାପୂର୍ବରୁ ଜାହ୍ନବୀ କହିଦେଲା । ନହେଲେ ତ ବଡ ଅସୁବିଧା ହୋଇଥାନ୍ତା ।

ଜାହ୍ନବୀ ପୁଣି ପଗ୍ଚରିଲା, "ହେ ରବିଭାଇ, ତମେ ଫୋନ୍ ରେ ଅଛ ତ, ମୋ କଥା ଶୁଣିପାରୁଛ ତ?"

ରବି - "ହଁ, ମୁଁ ଶୁଣୁଛି । କହ ।"

ଜାହ୍ନବୀ - "ଏବେ ତମେ କୁହ, ତମ ଶୁଭ ଖବରଟା କଣ?"

ରବି - "ମୋ ଶୁଭଖବର ଆଉ କଣ ? ହଁ ମୋର ଗୋଟିଏ ବଡ ଗ୍ରାଣ୍ଟ୍ ମିଳଗଲା । ସେଇ ଶୁଭ ଖବର ।"

ଜାହ୍ନବୀ - "ତମେ ମିଛ କହୁଚ, ତମକୁ ଗ୍ରାଣ୍ଟ୍ ମିଳବ, ଆଉ ତମେ ମତେ ଡାକ ଜଣେଇବ କାଇଁ, ଏକଥା ତ ତମେ ଆଗରୁ କେବେ । ହଉ ବାବା ଯଦି ନ କହିବ ତ ନାହିଁ । ହେଲେ ମୋ ବାହାଘରକୁ ନିଶ୍ଚୟ ଆସିବ । ଆସିବ କ ନାହିଁ ?"

ରବି - "ନିଶ୍ଚୟ ଆସିବି । ତୁ ଆଦେଶ ଦେବୁ, ଆଉ ମୁଁ ପାଳିବିନି କେମିତି ? ମାଡାମ୍ ଫୁଲନ ଦେବୀଙ୍କର ଆଦେଶ ଶିରୋଧାର୍ଯ୍ୟ ।"

ଜାହ୍ନବୀ - "ଥ୍ୟାଙ୍କ୍ ୟୁ ରବିଭାଇ । ତମେ ମୋ ଆଦେଶ ସତରେ ପାଳବ ଜାଣିଥିଲେ ତମକୁ ମୁଁ ଦୁଇବର୍ଷ ଆଗରୁ ଆଦେଶ ଦେଇଥାନ୍ତି । ହଉ ଛାଡ । ଗତସ୍ୟ ଶୋଚନା ନାସ୍ତି ।"

ରବିର ବସିବାସ୍ଥାନରୁ ଉଠିବାକୁ ସାହସ ହେଉନଥିଲା । ଦେଖ ଜାହ୍ନବୀର ସାହସକୁ । ଜଣେ ଗଉଡଘରର ପୁଅକୁ ବାହାହେବାକୁ ସ୍ଥିର କରି ବାହାଘର ଦିନ ବି ଠିକ୍ କରିଦେଇଛି । ଆଉ ଏ ସାହସ ରବି କରିପାରିଲାନ । ରବି ସେ ସାହସ କରିଥିଲେ ପଦ୍ମାକୁ ଆଜି ହରାଇନଥାନ୍ତା କ ଏ ଅସନ୍ତୋଷର ହୃଦୟ ଧରି ହାହାକାର କରୁନଥାନ୍ତା । ହେଲେ ଏବେ ଜାହ୍ନବୀ ବି ତା' ଜୀବନରୁ ଖସିଯିବ । ତେବେ କିଏ ହେବ ତାର ଜୀବନସାଥୀ ?

ରଦରଫୋର୍ଡ ୱେ,ଡେଟନ୍,ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# "ନେତାଜୀ..ଆସ ତୁମେ ଫେରିଆସ !"



ବଲବନ୍ତ ସାହୁ (ବବଲୁ)

ହେ ନେତାଜୀ..
ହେ ସୁବାଷ ବୋଷ !
ଏମିତି କଚ୍ଛି ଶବ୍ଦ ଯେତେବେଳେ
ମୋ ପରିବେଶରେ ପ୍ରକମ୍ପିତ ହୋଇଉଠେ
ହଠାତ୍ !
ଆମ ମାଟିକାନ୍ଥରେ ଟଣା ସେ ଫଟୋ
ହଁ, ସେ ଅଧମୃତ, ଅଧସୁପ୍ତ ଫଟୋ
ଲୁହକୁ ଲୁଗ୍ଷଇ ଲୁଗ୍ଷଇ କାନ୍ଦୁଥିବା
ମର୍ମେ ମର୍ମେ ଅନୁଭବ ହୁଏ,
ଅନୁଭବ ହୁଏ ତା' ଦରଦ କୁ
ତା' ଜ୍ୱାଳାକୁ
ତା' ହୃଦୟ କୋଣର ବେଦନା କୁ
ତା' ଭଗ୍ନପ୍ରାୟ ସୁପ୍ତ ଆଶା କୁ
ଅନୁଭବ କରିହୁଏ,
ସେ ଉଷ୍ମ ତରଳ ପଦାର୍ଥର ମୂଲ୍ୟକୁ ।
ସହସ୍ର ଭାବନାରେ ପୂର୍ଣ୍ଣ ଏ ମସ୍ତିଷ୍କ
ହଠାତ୍ ହୋଇଯାଏ ବାଟବଣା
ଭାବନା ଦୌଡ଼ିଯ୍ଷଲେ ମାତ୍ର ଗୋଟାଏ ଦିଗକୁ



ଭାବନାରେ ଭାସିଆସେ ସେଇ ରାମ ରାଜ୍ୟ
ସେଇ ଅହେତୁକର ଭାବ
ସେଇ ସତ୍ୟର ନଦୀବନ୍ଧ
ସେଇ ସିଂହ ଗର୍ଜନ ପରି ଉକ୍ତି
ଗୁଞ୍ଜି ଉଠେ ମୋ କାନ ଭିତରେ..
"ମୋତେ ରକ୍ତ ଦିଅ..
ମୁଁ ତୁମକୁ ସ୍ୱାଧୀନତା ଦେବି..."
ତା ସହିତ ପାଟିରୁ ସ୍ୱତଃଫୁର୍ତ୍ତ ବାହାରି ଆସେ
ନେତାଜୀ... ତୁମେ ଫେରିଆସ
ଆସି ପୂରଣ କରିଦିଅ ସବୁ ସ୍ୱପ୍ନକୁ
ଗଢ଼ିଦିଅ ଅଧା ସ୍ୱାଧୀନ ଭାରତବର୍ଷକୁ
ବାନ୍ଧିଦିଅ ମାନବିକତାର ବନ୍ଧକୁ
ବ୍ୟାପିଦିଅ ସେ ଅପୂର୍ବ ଚିନ୍ତାଧାରାକୁ
ଆସ, ଆସ ନେତା...
ଆସ ତୁମେ ! ଫେରିଆସ...
ହଁ ଆସ ! ଆସ ତୁମେ ଫେରିଆସ ।

ଭୂଷଲାର୍ଡ୍, ସିନ୍ଧେକେଲା, ଟିଟିଲାଗଡ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କାହାଣୀ ସେଦିନ ରାତିର..



ସରସୀ ଆଚାର୍ଯ୍ୟ

ଗାଁ ମୁଣ୍ଡ ରେ ନୁଆଁଣିଆ ଚାଳ ଘରଟିଏ। ଛପର ହେଇନ କାହିଁ କେତେ ଦିନୁ। ଦିନର ସୁରୁଜ ଆଉ ରାତିର ଚନ୍ଦ୍ର କରଣ ସ୍ପଷ୍ଟ ରୂପେ ପଡ଼ିଥାଏ ଘରେ। ବର୍ଷା ଦିନେ ପାଣିର ଧାର ଛୁଟେ ସେଠି। ଆଉ ବିଡ଼ମ୍ବନାର କଥା କ ସେ ଘରେ ଦୁଇ ପ୍ରାଣୀ ରୁହନ୍ତି, ସପନ ଓ ତାରା। ସପନ ଏଡ୍‌ସ୍ ରେ ପୀଡିତ।

ଆଗରୁ ସପନ କଲିକତା ରେ ରହୁଥିଲା, କେବେ କେମିତି ପୂଜା ପରବ ରେ ଗାଁ କୁ ଆସେ। ଏଠି ତା ବୁଢା ବାପା ମା' ଦୁହେଁ ତାକୁ ଚାହିଁ ବସନ୍ତି କେବେ ଆସିବ ତାଙ୍କ ପୁଅ। ଭାବିଲେ ବିଭା କରିଦେଲେ ଏଇଠି ରହିବ ତାଙ୍କରି ପାଖେ। ତାରାକୁ ବାହା ହେଲା ପାରେ ସପନ ଗାଁ ରେ ରହିଲା। ହେଲେ ତାରା ମା' ହେବାକୁ ଦୁଇ ମାସ ଥାଏ, ସପନ କଲିକତା ଯିବାକୁ ବାହାରିଲା। ଛୁଆ ଟେ ଆସିଲେ ତାକୁ କେମିତି ବଡ଼ କରିବ ସେଇଆ କହି ଚାଲିଗଲା ମୂଲ ଖଟିବାରେ। ସେଇ ଜେ ଗଲା, ଗଲା.. ମାସ ଦିଟା ରେ ତାରା ପୁଅ ଟିଏ ଜନ୍ମ ଦେଲା। ହେଲେ ଆଉ ଆସିଲାନ ସପନ। ବୁଢାବୁଢି ଦି ଟା କାହୁଁ ପାଇବେ ପଇସା ପତ୍ର ଯେ ଛୁଆ ଟାକୁ ଭଲ ରେ ରଖିବେ? ? ଅନାହାର ରେ ଛୁଆ ଟା ଆଖି ବୁଜିଲା। ବୁଢାବୁଢି ବି ହାତ ଧରାଧରି ହେଇ ମାସ କେଇଟା ରେ ଚାଲିଗଲେ ଆରପାରିକୁ, ପୁଅ କୁ ଝୁରି ଝୁରି। ସେ ଯାଏଁ ବି ସପନ ଫେରି ନଥିଲା ଗାଁ କୁ।

ତାରା ଯା ତା ଘରେ ପାଇଟି କରି ଯାହା ମିଳେ ସେଇଥିରେ ଜତରେ କତରେ ଚଳଯାଏ, କଏ ବା ଅଛି ଆଉ ତାର। ହେଲେ ମନରେ ଆଶା ଟିକେ ଥାଏ ତା ମିଳପ ଫେରିବ..

ଦୀର୍ଘ ସତର ବର୍ଷ ପରେ ଫେରିଲା ସପନ। ଏକା ଆସିନଥିଲା, ସଙ୍ଗରେ ଆଣିଥିଲା ଏଡ଼ସ୍ ରୂପି କାଳକୁ। ତାର୍ ର ସବୁ ଆଶା ପାଣି ଫୋଟକା ଟି ପରି ମିଳେଇ ଗଲା। ଗାଁ ଲୋକେ ଅନ୍ଧ ବିଶ୍ୱାସ ର ଖୋଳପା ଭିତରେ ରହି ତାକୁ ଗାଁ ରୁ ତଡି ଦେଲେ। ସେବେଠୁ ସେଇ ଭଙ୍ଗା କୁଡିଆ ଟି ତା ଆଶ୍ରୟ ସ୍ଥଳ। ଦିନକୁ ଦିନ ତାର୍ ର ଜୀବନ ଆକାଶେ କଳା ବାଦଲ ଘୋଟୁଥିଲା। ସପନ ଚାଲୁଥିଲା ମରଣ ଆଡକୁ। ତାର୍ ଆମ ଘରେ ବି କାମଧନ୍ଦା କରେ।


ଦୁଇ ତିନ ଦିନ ହେବ ଝଡି ବର୍ଷା ଲାଗି ରହିଛି। ସେଦିନ ରାତି ରେ ଟିକେ ଅଧିକା ବର୍ଷା ହେଉଥିଲା। ସମସ୍ତେ ନଘୋଡ଼ ନଦରେ। ମଝିରେ ମଝିରେ ବିଜୁଳି ଆଲୁଅ ରେ ଚାରିଆଡ ଆଲୋକିତ ହେଇ ପୁଣି ଅନ୍ଧାର ର ରାଜୁତି ଚାଲିଥାଏ। ହଠାତ କାହାର କାନ୍ଦଣା ରେ ନିଦ ଭାଙ୍ଗି ଗଲା। କିଏ କାନ୍ଦୁଛି ବାରି ହେଉନଥାଏ, ବର୍ଷାର ଦୁର୍ ଦୁର୍ ଶବ୍ଦ ରେ। ଭାରି ଡର ଲାଗୁଥାଏ। ଯେତେସବୁ ଭୁତ କଥା ଶୁଣିଥିଲି ସବୁ ମନେପଡୁ ଥାଏ। ଡର ଡର ରେ କେତେବେଳେ ଶୋଇପଡ଼ିଛି ଜଣା ନାହିଁ। ସକାଳ ସାତଟା ରେ ବୋଉ ଆସି ଡ଼ାକି କହିଲା, ଜାଣିଛୁ କାଲି ରାତି ରେ ସପନ ମରିଗଲା। ମୋର ଆଉ ଜାଣିବା ବାକି ନଥିଲା କି ସେ କାନ୍ଦ ଥିଲା ତାର୍ ର। କେହି ତା ଦୁଆର ମାଡ଼ିଲେନି, ବିଚାରି ସ୍ୱାମୀ ର ମଲା ଦେହ ପାଖେ ରାତି ସାରା କାନ୍ଦ ବୋବାଳି ଛାଡ଼ି ଛାତି ଫାଟିଗଲା ତାର୍ର। ମନରେ ଆପେ ବାହାରି ଆସିଲା, ଆହାଃ, କେଡେ ହତଭଗିନୀ ଟା ବିଚାରୀ...!!

ଖଣ୍ଡଗିରି, ଭୁବନେଶ୍ୱର



# ଏକ ଆତ୍ମକଥା

କାର୍ତ୍ତିକ ପାଣିଗ୍ରାହୀ



ହଁ....
ମୁଁ ପ୍ରେତାତ୍ମା କହୁଛି
କୃଷକ......ର ପ୍ରେତାତ୍ମା
ସମସ୍ତେ କହୁଛନ୍ତି ମୁଁ ଆତ୍ମହତ୍ୟା କରିଛି
କିନ୍ତୁ ମୁଁ କହୁଛି ମୋତେ ମାରିଦିଆ ଯାଇଛି
ମୋ ମରଣ ପାଇଁ
ନା ନିୟତି ଦାୟୀ ନା ପ୍ରକୃତି
ଦାୟୀ କେବଳ ଦୁଇଜଣ
ନିଷ୍କର୍ମା ସରକାର ଅକର୍ମା ମୁଁ
ସେ ଟଙ୍କିକିଆ ଚାଉଳର ଲୋଭ
ମାଗଣା ଆବାସର ଲୋଭ
ମାଗଣା ବିଜୁଳିର ଲୋଭ
କାମ ନ କରି ୧୦୦ ଦିନର
ମାଗଣା ମଜୁରୀର ଲୋଭ
ମୋତେ ଏମିତି ଅକର୍ମା କରିଦେଲା ଯେ
ଶେଷରେ ଜୀବନଟା ବି
ମାଗଣାରେ ଦେଇଦେଲି
ଅଥଚ ସରକାର କହୁଛି...
ମୋ ମୃତ୍ୟୁର କାରଣ
ପାରିବାରିକ ଅଶାନ୍ତି...
ସତ କହିବାକୁ ନା ମୁଁ ଅଛି
ନା ଶୁଣିବାକୁ ସରକାର...

# ଆମୁର ଫାଲକନର ବିଶ୍ୱ ରାଜଧାନୀ

( ଦ୍ୱିତୀୟ ଭାଗ )



ଅଶୋକ ବିଶ୍ୱାଳ

ମିସ୍  ଜୁଥୁଙ୍ଗଲୋଙ୍କ ସହ କଥା ହେଲାବେଳେ ମୋର ସେହି ବୁଢୀ ମହିଳାଙ୍କ କଥା ମନେ ପଡି ଯାଉଥିଲା । ସେହି ମହିଳା ମୋତେ ଜୀବନର ଏକ ନୂତନ ଦିଗ ଦେଖାଇ ଥିଲେ ।

ମିସ୍  ଜୁଥୁଙ୍ଗଲୋ ଜଳୁଥିବା ବଲବ୍ କୁ ଦେଖୁଥିଲେ । ଉଜ୍ଜ୍ୱଳ ଆଲୋକ ଭିତରେ କଛି ଖୋଜୁଥିଲେ ।

ସେମାନଙ୍କ ଜମି ଗ୍ଳଲିଗଲା । ଡୋଇଙ୍ଗ ବନ୍ଧ ବାନ୍ଧିବା ପରେ ସବୁ ଶସ୍ୟ କ୍ଷେତ ପାଣି ଭିତରେ ବୁଡିଗଲା । ଗାଁ ତ ଉପରେ । କିନ୍ତୁ କ୍ଷେତ ସବୁ ନଦୀ କୂଳରେ ଥିଲା । ସେମାନଙ୍କୁ ଅନେକ କ୍ଷତିପୂରଣ ମିଳିଲା । ଆଉ ପାଣିରୁ ମାଛ ଧରିବାର ଅଧିକାର ମଧ୍ୟ ମିଳିଲା । – ସେ କହିଲେ ।

କଥାଟା ତ ଖୁବ ଭଲ । ଏହି ଲୋଥା ନାଗାମାନେ ତାହେଲେ ନଦୀରୁ ମାଛ ଧରିଲେ ।

ହଁ । ଏହି ଗାଁର ଅନେକ ନାଗା ମାଛ ଧରିଲେ । ଆଉ ସେମାନେ ଏହି କଥାଟାକୁ ଲକ୍ଷ୍ୟ କଲେ । - ମିସ୍  ଜୁଥୁଙ୍ଗଲୋ ଏତିକ କହି ରହିଗଲେ ।

ହଠାତ୍ ଲକ୍ଷ ଲକ୍ଷ ସଂଖ୍ୟାରେ ଆସିବାଟା ଅତି ଅସ୍ୱାଭାବିକ ଥିଲା । ଆଗରୁ ପୂର୍ବ ପୁରୁଷ କାଳରୁ ସେମାନେ ଆସୁଥିଲେ । କିନ୍ତୁ ଏତେ ସଂଖ୍ୟାରେ ଆସୁ ନଥିଲେ ।ଏ ଅଂଚଳରେ ଏତେ ସଂଖ୍ୟାରେ ଆସିବା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ସେମାନେ ଏହାକୁ ବାଇବେଲ ବର୍ଣ୍ଣିତ ହୋଇଥିବା ସ୍ୱର୍ଗର ମାନ୍ନା  ବୋଲି ଭାବିଲେ । ନ ହେଲେ ଏ ସମୟରେ ଆକାଶରୁ ଏତେ ସଂଖ୍ୟାରେ ପକ୍ଷୀ ଖାଇବା ପାଇଁ ମିଳ ଯାଆନ୍ତେ ନାହିଁ ।- ସେ କଥାଟା ଭଲ ଭାବେ ବୁଝାଉ ଥିଲେ ।

ମୋତେ କଥାଟା କେମିତି କେମିତି ଲାଗୁଥିଲା । କିନ୍ତୁ କଥାଟା ସତରେ ତ ଘଟି ଯାଇଛି । ବାଇବେଲର ଆରମ୍ଭର କଥାମାନ । ଇଜାରେଲୀୟ ମାନେ ମିଶରରୁ ବିତାଡିତ ହୋଇଥିଲେ। ସେମାନଙ୍କ ପାଖରେ ଥିବା ଖାଦ୍ୟ ପଦାର୍ଥ ସରିଯାଇଥିଲା । ସେଇ ସମୟରେ ସେମାନଙ୍କୁ ମାନ୍ନା ନାମକ ସ୍ୱର୍ଗୀୟ ଖାଦ୍ୟ ମିଳିଲା । ସେମାନଙ୍କ ଜୀବନ ବଂଚେଇଥିଲା । ଈଶ୍ୱର ସେମାନଙ୍କୁ ଦୟା କରିଥିଲେ ।

ଆମୁର ଫାଲକନ ମାନଙ୍କୁ ପାଇବା କିଛି ସହଜ କଥା ନୁହେଁ । ସେମାନେ ଖୁବ ଉଚ୍ଚରେ ଉଡି ବୁଲନ୍ତି । ତେଣୁ ସେମାନଙ୍କୁ ଧରିବା କିଛି ସହଜ ନଥିବ । – ମୋ ପାଟିରୁ ବାହାରି ଆସିଲା ।

ସେଇଟା ଠିକ । ଆକାଶରୁ ସେମାନଙ୍କୁ ଧରି ହେବ ନାହିଁ । କିନ୍ତୁ ଭୂମିରେ ଥିଲା ବେଳେ ବା ଗଛରେ ଥିଲା ବେଳେ ଧରି ହେବ ।- ସେ କହିଲେ

ପାଙ୍ଗତିର ସେହି ଅଂଚଳ । ଡୋଇଙ୍ଗ ନଦୀର ପାଣି କୂଳରେ ସେମାନେ ରାତିରେ ବିଶ୍ରାମ ନେବାପାଇଁ ଆସି ଯାଆନ୍ତି । ସେଇଟା ହେଉଛି ସମୟ ।

ଡୋଇଙ୍ଗ ନଦୀର ମାଛ ଧରାଳୀମାନେ ସେମାନଙ୍କୁ ପ୍ରଥମେ ଧରିଲେ । କଥାଟା କିଛି ଦିନ ଧରି ଚାଲିଲା ।

ମୋତେ ତାଙ୍କ କଥା ଖୁବ ମଜା ଲାଗୁଥିଲା । ଅନେକ ତଥ୍ୟ ସମ୍ବଳିତ କଥା । ବିଶ୍ୱର ଏକ ଚମତ୍କାରୀ କଥା ଥିଲା । ଆମୁର ଫାଲକନ ମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଡୋଇଙ୍ଗ ନଦୀ କୂଳରେ ଥିବା ପାଙ୍ଗତି ଗାଁର କିଛି ଜଳାର୍ଣ୍ଣବ ଅଂଚଳର ଠିକ ଉପରକୁ ଆସି ଯାଆନ୍ତି । ଏକଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ତାପରେ ଖବର ଚାରି ଆଡେ ଖେଳିଗଲା । ନାଗା ଅଂଚଳରୁ ଖବର ଚାଲିଯିବା କିଛି ସହଜ ନୁହେଁ । ଆପଣ ଗଲେ ଜାଣିବେ ।- ମିସ୍ ଜୁଥୁଙ୍ଗଲୋଙ୍କ ସ୍ୱର ନାଗା ମାନଙ୍କ ଅଭିମାନ ପରି ଖୁବ ଭାରୀ ହୋଇ ଯାଇଥିଲା । ଅନ୍ୟ କିଛି ହୋଇଥିଲେ ସେ ସହଜରେ କହି ନଥାନ୍ତେ। କିନ୍ତୁ ଏହି ଘଟଣାର ପରିଣତି ବହୁତ ଭଲ ହୋଇଥିଲା । ଏହି ଗାଁର କଥା ସାରା ବିଶ୍ୱ ଜାଣିଲା । ତେଣୁ କଥାଟା ଚାରିଆଡେ ଖେଳିଯିବା ଦ୍ୱାରା ନଗା ଜାତିର ଅଭିମାନ

ଉପରେ କିଛି ଆଂଚ ଆସିଛି ବୋଲି ସେ ଭାବୁ ନଥିଲେ । କିନ୍ତୁ ମନ ଭିତରର ଅଭିମାନଟା ସ୍ପଷ୍ଟ ଭାବେ ବାରି ହୋଇ ଯାଉଥିଲା । ତାଙ୍କର ସୁନ୍ଦର ମୁହଁରେ କିଛି କୁଂଚିତ ରେଖା ଏକଥା ଜଣାଇ ଦେଉଥିଲା ।

ମୋ ମୁହଁରେ ଆଶଙ୍କା ଆଉ ଉତ୍ସାହ ଦୁଇଟା ସ୍ପଷ୍ଟ ଭାବେ ବାରି ହୋଇଥିବ । କିନ୍ତୁ ମୋ ଆଖି ମୋତେ ଝାପସା ହେଉ ନଥିଲା । କିଛି ଅଭିମାନର କଥା କହିଲାବେଳେ ଆଖି ପତା କେମିତି ଥରିଉଠେ । ତାଙ୍କର ଆଖି ମୋ ଉପରେ ବୁଲିଗଲା । ସେ ମୋର ଆଗ୍ରହ ଲ କରୁଥିଲେ ।

ତାପରେ ଫଟୋ ଜର୍ଣାଲିଷ୍ଟ ସେହି ଫଟୋ ଗୁଡିକ ନେଇଗଲେ । ତାଙ୍କର ଫଟୋ ଆଉ ଭିଡିଓ ୟୁଟ୍ୟୁବ ଆଉ ଫେସବୁକରେ ସାରା ବିଶ୍ୱ ପାଖରେ ପହଂଚିଗଲା । ତାପରେ ଯାହା ଘଟିଛି ତୁମେ ଜାଣିଛ । ସାରା ବିଶ୍ୱରେ ଏହି ଅନାମେଧୟ ଗାଁ ପରିଚୟ ପାଇଲା । – ସେ କହିଲେଶୁଣିବାକୁ ଯେମିତି ଲାଗୁଛି କଥାଟା ଏତେ ସହଜ ନୁହେଁ । ନାଗାମାନଙ୍କ ଦେଶରୁ ଖବର ବାହାରକୁ ଗଳିଯିବା କିଛି ଛୋଟ ଖବର ନୁହେଁ । କିନ୍ତୁ ପରେ ପରେ ବହୁତ ଭଲ ଘଟଣାମାନ ଘଟିଲା । ଲୋକମାନେ ସେହି ଖବରକୁ ଭଲ ଭାବିଲେ।

୨୦୧୨ ମସିହାରେ ଏକ ଲକ୍ଷ ୨୦ ହଜାରରୁ ଏକ ଲକ୍ଷ ୪୦ ହଜାର ପର୍ଯ୍ୟନ୍ତ ଆମୁର ଫାଲକନ ମାନଙ୍କୁ ନାଗାଲାଣ୍ଡରେ ମାରି ଦିଆଯାଇଥିଲା । ଭାରତ ସରକାର, ନାଗାଲାଣ୍ଡ ସରକାର, ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ମିଳିତ ପ୍ରଚେଷ୍ଟା ଯୋଗୁ ପରବର୍ତୀ ବର୍ଷରେ ଆଉ ଆମୁର ଫାଲକନ ର ଏମିତି ଶିକାର ହୋଇନାହିଁ । ଶିକାରର ସେ ଦିନ ମାନଙ୍କରେ ଆମୁର ଫାଲକନ ମାନଙ୍କୁ ଧରି ବେତ ବା ବାଉଁଶର ଝୁଡି କିମ୍ବା ମଶାରୀ ଜାଲ ଭିତରେ ରଖି ଦିଆ ଯାଉଥିଲା । ତାପରେ ସେମାନଙ୍କୁ ଭାରେଇ କରି ବଜାରକୁ ଅଣା ଯାଉଥିଲା । ଏହି ପକ୍ଷୀମାନଙ୍କ ପର ଉପାଡି ଦିଆଯାଉଥିଲା । ସେମାନଙ୍କୁ ମାରି ଧୂଆଁରେ ଶୁଖା ଯାଉଥିଲା । ଏମିତି ଧୂଆଁରେ ଶୁଖାଇବା ଦ୍ୱାରା ମାଂସ ଅନେକ ସମୟ ଖାଇବା ଯୋଗ୍ୟ ହୋଇ ରହୁଥିଲା ।

ଅନେକ କଥା ମୁଁ ବୁଝି ପାରୁ ନଥିଲି । ନାଗା ଗାଁରୁ କିଛି ଖବର ଯିବା ନିଶ୍ଚିତ ଭାବେ ଛୋଟ ଘଟଣା ନୁହେଁ । କିନ୍ତୁ ସେମାନେ ଏହି କଥାଟାକୁ କେମିତି ଗ୍ରହଣ କଲେ ତାହା ହେଉଛି ଖୁବ ବଡ କଥା । ନାଗାମାନେ ଖୁବ ଆତ୍ମ ଅଭିମାନୀ ଜାତି । ତେଣୁ ସେମାନେ ସବୁ କଥା

ସହଜରେ ନେଇ ନଥିବେ । ମୁଁ ତାଙ୍କୁ ପଚାରିବି ପଚାରିବି ହେଉଥିଲି । କିନ୍ତୁ କିଛି ଭାବି ଚୁପ ରହିଗଲି ।

ସେ କିନ୍ତୁ ମୋ ମନକଥା ଠଉରାଇ ନେଇଥିଲେ ।

ଭାରତ ସରକାର, ଓ୍ୟାଇଲଡ ଲାଇଫ ଟ୍ରଷ୍ଟ, ନାଗାଲାଣ୍ଡ ସରକାର ସମସ୍ତେ କଥାଟାକୁ ଖୁବ ଗୁରୁତ୍ୱର ସହ ନେଲେ । ସମସ୍ତେ ସହଯୋଗ କଲେ । ତାପରେ ଲୋକମାନେ ବୁଝିଲେ ।

ଆପଣ ସେ ଭିଡିଓ ଆଉ ଫଟୋସବୁ ଦେଖିଛନ୍ତି ? ଓ୍ୟାଇଲଡ ଲାଇଫ ଜର୍ଣାଲିଜିମର ଏହି ଫଟୋ ମନରେ ଅନେକ ପରିବର୍ତନ କରିଦେଇଥିଲା । – ସେ କହିଲେ ।

ଆଜିକାଲି ଜର୍ଣାଲିଜିମରେ କିଛି କିଛି ଫଟୋ ଦେଶର ବା ବିଶ୍ୱର ନିତି ନିୟମରେ ଖୁବ ଶିଘ୍ର ଅନେକ ପରିବର୍ତନ ନେଇ ଆସୁଛି । ଲୋକମାନେ ଖବର ଶିଘ୍ର ପାଇ ପାରୁଛନ୍ତି । ବହୁତ କଥା ଲୋକ ଅଗୋଚରରେ ବେଶି ସମୟ ରହି ପାରୁ ନାହିଁ । ସମୁଦ୍ରକୂଳରେ ତିନିବର୍ଷର ସିରିଆନ ବାଳକ ଆୟାଲାନ କୁର୍ଦିର ମୁହଁମାଡି ମରି ତଳେ ପଡିଥିବା ଫଟୋ ସିରଆନ ଶରଣାର୍ଥୀ ମାନଙ୍କ ଦୁଃଖ ଦୁର୍ଦ୍ଦଶାର କଥା ସାରା ଦୁନିଆକୁ ଜଣାଇ ଦେଇଥିଲା । ଏହାପରେ ୟୁରୋପରେ କିଛି ଦେଶ ଶରଣାର୍ଥୀଙ୍କ ପାଇଁ ଅନେକ ଉଦାର ହୋଇଗଲେ । ଆଫଗାନସ୍ତାନର ଏକ ଝିଅର ଜଳୁଥିବା ନୀଳ ଆଖିର ଫଟୋ ସେମାନଙ୍କ ମନ ଭିତରେ ଛପି ରହିଥିବା କ୍ରୋଧ ଆଉ ଆକ୍ରୋଶର ବିଷୟ ବାହାର ପୃଥିବୀକୁ ଜଣାଇଥିଲା ।ଏମିତି ଅନେକ ଅନେକ ଫଟୋ ଲୋକଙ୍କ ନଜରରେ ଛପି ରହିଥିବା କାହାଣୀ ମାନ ଦୁନିଆ ଆଗକୁ ନେଇ ଆସିଥିଲା ।

ଏଠି ନାଗାଲାଣ୍ଡର କିଛି ଏମିତି ଲୋମ ହର୍ଷଣକାରୀ ଫଟୋ ପ୍ରକାଶ ପାଇଲା ପରେ ସାରା ବିଶ୍ୱ ଏଠାରେ ଚାଲିଥିବା ଗଣ ହତ୍ୟା ବିଷୟରେ ଜାଣିବାକୁ ପାଇଲା । ଏକ ବର୍ଷରେ ଏକ ଲକ୍ଷ ଚାଳିଶ ହଜାର ହତ୍ୟା କିଛି ଛୋଟ କଥା ନଥିଲା। ନିର୍ମମ ଲୋକମାନେ ନିଜ ଅଜାଣତରେ ଏତେ ପରିମାଣରେ ହତ୍ୟା କରିଥିଲେ । ସେହି କିଛି ଫଟୋ ମୋର ମନେ ଥିଲା ।

ହଜାର ହଜାର ଛୋଟ ପକ୍ଷୀ ଆକାଶରେ ଉଡୁଛନ୍ତି । ଆକାଶରେ କଛି ବିନ୍ଦୁ ପରି ଲାଗୁଛନ୍ତି। ଆକାଶରେ ଏମିତି ବିନ୍ଦୁ ଭରି ଯାଇଛି

ଶହ ଶହ ସଂଖ୍ୟାରେ ପକ୍ଷୀ ଏକ ଗଛରେ ବସିଛନ୍ତି । ପ୍ରତିଟି ଡାଳରେ ବସି ରହିଛନ୍ତି । ଏକଦମ ଖୁନ୍ଦି ଖାନ୍ଦି ହୋଇ ବସି ରହିଛନ୍ତି । ସାମନ୍ୟ ଟିକଏ ଯାଗା ମଧ୍ୟ ନାହିଁ ।

ଆଉ ଏକ ଫଟୋରେ ଅନେକ ପକ୍ଷୀକୁ ଜଳା ଯାଉଛି ।

ମାଛ ଧରା ଜାଲ ଦ୍ୱାରା ପକ୍ଷୀମାନଙ୍କୁ ଧରାଯାଇଛି । ସେମାନେ ଜାଲରେ ନିରୁପାୟ ହୋଇ ଝୁଲୁଛନ୍ତି । ସେମାନଙ୍କୁ ଜାଳ ଟାଙ୍ଗି ଦିଆ ଯାଇଛି । ଏମିତି ଅନେକ ଲୋମ ହର୍ଷଣ କାରୀ ଫଟୋ।

ସେହି ମାଛ ଧରାଳୀ ମାନେ ପ୍ରଥମେ ପକ୍ଷୀମାନଙ୍କୁ ଧରିଲେ । ଆପଣ ତ ଜାଣନ୍ତି ନାଗାମାନେ ସର୍ବଭୁକ୍ । ସେମାନେ ପକ୍ଷୀମାନଙ୍କୁ ମାନ୍ନା ବା ଇଶ୍ୱରଙ୍କ ବରଦାନ ବୋଲି ଭାବିଲେ । ସେହି ପକ୍ଷୀମାନଙ୍କୁ ବଜାରରେ ବିକ ଦିଆଗଲା । ଜଣେ ଜଣେ ପକ୍ଷୀଧରାଳ ମାସକରେ ୫୦ ରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କଲେ ।

ତୋଖୁ ଏମଙ୍ଗ ପର୍ବ ସରିଯାଇଥାଏ । ତୋଖୁ ଏମଙ୍ଗ ହେଉଛି ଫସଲ ଅମଳର ପର୍ବ । ନଭେମ୍ବର ମାସ ପ୍ରଥମ ସପ୍ତାହରେ ପାଳତ ହୁଏ । ପରେ ଲୋକମାନଙ୍କ ପାଖରେ ଏମିତି କାମ ନଥାଏ । ଏମିତି ସମୟରେ ଏହି ପକ୍ଷୀମାନେ ଆସନ୍ତି । ଆଗକୁ ଖ୍ରୀଷ୍ଟମାସ । ଲୋଧା ନାଗାମାନଙ୍କର ମୁଖ୍ୟ ପର୍ବ । ଅନେକ ଖର୍ଚ୍ଚବାର୍ଚ୍ଚ ହେବ । ତେଣୁ ଏମିତି ଆକାଶରୁ ଆସୁଥିବା ଉପହାରକୁ ସେମାନେ ଇଶ୍ୱରଙ୍କ ଉପହାର ବୋଲି ଭାବିଲେ । ଆଉ ପକ୍ଷୀଧରା ଏହି କେତୋଟି ଦିନରେ ନିରବଛିନ୍ନ ଭାବରେ ଚାଲିଲା । ପକ୍ଷୀମାନେ ଦିନସାରା ନିଜର ଖାଦ୍ୟ ସଂନ୍ଧାନରେ ଖୁବ ଉଚ୍ଚକୁ ଉଡି ଯାଆନ୍ତି ଆଉ ସଂନ୍ଧ୍ୟା ସମୟରେ ତଳକୁ ଓହ୍ଲାଇ ଆସି ଡୋଇଙ୍ଗ ନଦୀକୂଳରେ ଥିବା ଅଂଚଳରେ ରୁହନ୍ତି । ସେହି ସମୟରେ ମାଛ ଧରାଳୀମାନେ ଜାଲ ବାନ୍ଧି ଦିଅନ୍ତି । ସେହି ଜାଲରେ ପକ୍ଷୀମାନେ ଛନ୍ଦି ହୋଇ ଯାଆନ୍ତି । ଆଉ ଛନ୍ଦି ହୋଇଥିବା ପକ୍ଷୀମାନଙ୍କ ସକାଳେ ଧରି ନିଆଯାଏ । ତାପରେ ସେମାନଙ୍କୁ ମାରି ବିକ୍ରି କରି ଦିଆଯାଏ ।

ଦୁର୍ଦ୍ଧର୍ଷ ନାଗାମାନଙ୍କୁ ପକ୍ଷୀ ମାରିବା ବନ୍ଦ କରିବାକୁ କୁହାଗଲା । ଆଉ ସେମାନେ ମୋଟେ ମାନିବାକୁ ରାଜି ହେଲେ ନାହିଁ । ସେମାନଙ୍କୁ ବହୁତ କଥା ବୁଝାଗଲା ।

ଏତେ ଛୋଟ ପକ୍ଷୀ ଏତେ ଦୂର ମାଂଚୁରିଆ କମ୍ବା ମଙ୍ଗୋଲିଆରୁ ଆସୁଛନ୍ତି । – ସେ ଏତିକ କହି ଟିକଏ ରହିଗଲେ । ତାଙ୍କର ଆଙ୍ଗୁଳ ଏପଟ ସେପଟ ହେଉଥିଲା ।

ଖୁବ ଛୋଟ ପକ୍ଷୀ । ସାଧାରଣ ପାରା ଠାରୁ ଟିକଏ ବଡ ହେବ । ରାପଟର ପକ୍ଷୀ ବା ଶିକାରୀ ପକ୍ଷୀ । ଏମାନେ ଶିକାର କରନ୍ତି ।– ସେ କହିଲେ ତାଙ୍କର ହାତ ଟେବୁଲ ଉପରକୁ ଚାଲିଗଲା । ନିଜ ହାତରେ ସେ ପକ୍ଷୀର ଆକାର ଦେଖାଉ ଥିଲେ । ଚାଖେଣ୍ଡେ ରୁ ଟିକଏ ବଡ ହେବ । ସାଧଶାରଣ ପାରାଠାରୁ ସାମାନ୍ୟ ବଡ ପକ୍ଷୀ ।

ଏତେ ଛୋଟ ପକ୍ଷୀ ସୁଦୂର ଅଂଚଳରୁ ଏଠିକୁ ଉଡି ଆସେ !- ମୋ କଥାରେ ବିସ୍ମୟ ଭାବ ଥିଲା । ଏତେ ଦୂର ଉଡି ଆସିବା କିଛି ସହଜ ନୁହେଁ ।ତଥାପି ସେମାନେ ଉଡି ଆସନ୍ତି ।

ସବୁଠାରୁ ବଡ କଥା ହେଲା ପକ୍ଷୀମାନେ ଏହି ପାଙ୍ଗତି ଅଂଚଳରେ କିଛି ଦିନ ରୁହନ୍ତି । ରାତିରେ ବିଶ୍ରାମ ପାଇଁ କିଛି ଅଳ୍ପ ସ୍ଥାନକୁ ବାଛି ନଅନ୍ତି ।- ସେ କହୁଥିଲେ ।

କିନ୍ତୁ କଣ ପାଇଁ ?- ମୁଁ ପଚାରିଲି ।

କଣ ପାଇଁ ଏତେ ଛୋଟ ଅଂଚଳକୁ ଚାଲି ଆସନ୍ତି ?ଏମିତି ବହୁତ କଣ ବୈଶିଷ୍ଟ ଏହି ଅଂଚଳରେ ଅଛି?

କେହି ଜାଣି ପାରୁ ନାହାନ୍ତି । କିଛି ଥାଇ ପାରେ । ନାଗାଲାଣ୍ଡର ଆଉ କିଛି ଅଂଚଳକୁ ଏମାନେ ଆସନ୍ତି । କିନ୍ତୁ ପାଙ୍ଗତି ଅଂଚଳକୁ ସବୁଠୁ ବେଶୀ ପକ୍ଷୀ ଆସନ୍ତି ।

ଏହି ପକ୍ଷୀମାନେ ମୁଖ୍ୟତଃ ଝଡି ପୋକ ଖାଆନ୍ତି । ମୁଁ ପେଟ ନଥିବା ଅନେକ ପୋକ ଦେଖିଛି ।- ସେ କହୁଥିଲେ । ତାଙ୍କର ଆଖି ଚମକୁଥିଲା ।

କଥାଟା କେମିତି ଅସ୍ୱାଭାବିକ ଥିଲା । ଝଡି ପୋକ ମାନଙ୍କର ପେଟ ନଥିବ, ଏମିତି କେମିତି ହୋଇ ପାରେ । କି କୀଟ, କି ପତଙ୍ଗ ସମସ୍ତଙ୍କର ପେଟ ଅଛି । ସବୁ ଜୀବଙ୍କର ପେଟ ରହିବାର କଥା । ପତଙ୍ଗ ମାନଙ୍କର ମୁଣ୍ଡ, ଡେଣା, ପେଟ, ଗୋଡ ଅଛି । ପେଟ

ନିଶ୍ଚିତ ଭାବରେ ଅଛି । କିନ୍ତୁ ଏଠି ଅନେକ ଝିଡି ପୋକଙ୍କର ପେଟ ନାହିଁ । ଏ କଥା କେମିତି ହୋଇପାରେ? କିନ୍ତୁ ଦୃଶ୍ୟଟା ବଡ ମଜାଦାର ହୋଇଥିବ ।

ଆମୁର ଫାଲକନ ଉଡିଲାବେଳେ ଝିଡିପୋକଙ୍କୁ ଆକାଶରୁ ଧରିନିଏ । ନିଜର ତୀକ୍ଷଣ ଛଂଚୁରେ ସେମାନଙ୍କ ମୋଟା ପେଟୁଆ ଶରୀରକୁ କାଟିନିଏ । ଉଡୁ ଉଡୁ ପୋକମାନଙ୍କର ଶରୀରରୁ ମାଂସଳ ଅଂଶ ଅଲଗା ହୋଇଯାଏ ଆଉ ଶରୀରରେ ମୁଣ୍ଡ ଆଉ ଡେଣା ଥାଏ । ଏସବୁ ଅଙ୍ଗ ଖାଦ୍ୟ ହିସାବରେ ଅଦରକାରୀ । ମାଂସଳ ଦେହରେ ଅନେକ ପୋଷକତତ୍ୱ ଅଛି- ସେ ବୁଝାଉ ଥିଲେ ।

ଏମିତି କିଛି ଘଟିବା ମୁଁ ଜାଣି ନଥିଲି । କିନ୍ତୁ ସେମିତି କିଛି ପକ୍ଷୀ ଆକାଶରେ ଶିକାରକୁ ଧରି ନିଅନ୍ତି ।ବଣି, କଜଳପାତି ଇତ୍ୟାଦି ଛୋଟ ପକ୍ଷୀ ଆକାଶରେ ଶିକାର ଧରି ଖାଇ ନିଅନ୍ତି । କିନ୍ତୁ ଉଡୁ ଉଡୁ ଶିକାରର ଦେହକୁ ଖଣ୍ଡ ଖଣ୍ଡ କରନ୍ତି ନାହିଁ ।

ଏହି ପକ୍ଷୀଗୁଡିକ ଖୁବ ଉଚ୍ଚରେ ଚକ୍କର କାଟନ୍ତି । ସାରା ନାଗାଲଣ୍ଡରେ ଖେଳେଇ ହୋଇ ଯାଆନ୍ତି ।

ଏମାନେ ମାଂଚୁରିଆରୁ ଶୀତ ଆରମ୍ଭ ହେବା ମାତ୍ରେ ଆସି ଯାଆନ୍ତି । ଏଠି ଶୀତ ଆରମ୍ଭ ହେଉଥାଏ ।

ଆଉ ଆମର ଫସଲ ଅମଳର ପର୍ବ ତୋଖୁ ଏମାଙ୍ଗ ଶେଷ ହୋଇଯାଇଥାଏ ।

ସେ ପର୍ବ କଥା ଜାଣିଛ? - ମୋତେ ପଚାରିଲେ । ମୁଁ କିଛି ଜାଣି ନଥିଲି । ଲୋଥାମାନଙ୍କର ଫସଲ ଅମଳର ପର୍ବ ତୋଖୁ ଏମାଙ୍ଗ ।

ସେମାନଙ୍କୁ ଦେଖିଲେ ତୁମେ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହୋଇଯିବ । ସେମାନେ ଏତେ ସୁନ୍ଦର ଭାବେ ନାଚ ପାରନ୍ତି । ସେହି ଯୁଦ୍ଧର ଗୀତମାନ । ନାଗା ନୃତ୍ୟରେ ଯୁଦ୍ଧର ଶବ୍ଦମାନ ରହିବ ହିଁ ରହିବ । ଝିଅମାନେ ସେହି ଶବ୍ଦର ସହ ଯେ ନାଚନ୍ତି । ସମସ୍ତେ ଖୁବ ସୁନ୍ଦର ପୋଷାକ ପିନ୍ଧନ୍ତି ।

ତାଙ୍କ ଆଖି କିନ୍ତୁ ନରମ ଥିଲା । ସେ ସେହି ଯୁଦ୍ଧର ଗୀତ କଥା କହୁଥିଲେ । କିନ୍ତୁ ଆଖିରେ ତାଙ୍କର ନୃଶଂସତା ନଥିଲା । ନାଗା ଝିଅମାନେ କଣ ପାଇଁ ନୃଶଂସ ହୁଅନ୍ତି ନାହିଁ ?

କେଜାଣି । ମୁଁ ଟିକଏ ଭାବୁଥିଲି । ତାଙ୍କର ସୌନ୍ଦର୍ଯ୍ୟ ଆଉ ଷ୍ଟାଇଲ ବହୁତ ଭଲ ଲାଗୁଥିଲା। ତାଙ୍କ କଥାରେ ଏତେ ଉତ୍ସାହ କେମିତି ଥିଲା ମୁଁ ଭାବି ପାରୁ ନଥିଲି ।ସେ ମୋତେ ଲୋଥା ନାଗା ମାନଙ୍କ ବିଷୟରେ ଅନେକ କଥା କହିଲେ ।

ଆଗରୁ କହିଛି ପର୍ବର ଠିକ ପରେ ପରେ ସେମାନେ ଆସନ୍ତି । ଲୋକମାନେ ମନରେ ଏହା ଇଶ୍ୱରଙ୍କ ବରଦାନ ବୋଲି ଭାବିନେଲେ । ତେଣୁ ଚର୍ଚ୍ଚର ପାଷ୍ଟର ଆଗେଇ ଆସିଲେ । ପ୍ରତି ରବିବବାର ମାସ ପରେ ସେ ଏହି ପକ୍ଷୀମାନଙ୍କ କଥା କହିଲେ ।

ସେମାନଙ୍କୁ ବଂଚେଇବା ପାଇଁ ଅନେକ ଚେଷ୍ଟା ହୋଇଛି । ନହେଲେ ସେମାନେ ସହଜରେ ବୁଝି ନଥନ୍ତେ ।

ଲୋକମାନଙ୍କ ବୁଝେଇବା ଭାଷାରେ କୁହାଗଲା ।

ସେମାନେ ଆମ ଭାଇ । ଆମେମାନେ ମଧ୍ୟ ମାଇଗ୍ରେସନ କରି ଆସି ନାଗାଲାଣ୍ଡରେ ପହଂଚଛୁ । ଆମର ମାଇଗ୍ରେସନର ସ୍ଥାନ ମାଂଚୁରିଆର ଆଉ ମଙ୍ଗୋଲିଆ । ଏମାନେ ମଧ୍ୟ ଆମର ସେହି ଅଂଚଳରୁ ଆସୁଛନ୍ତି । ଏଣୁ ସେମାନେ ଆମର ଭାଇ ।

କଥାଟା ବୁଝି ହେଉଥିଲା । ଭାଇ ଭାଇକୁ କେମିତି ମାରି ପାରେ ? ନାଗା ସମାଜରେ ଭାଇର ସ୍ଥାନ ଅଛି । ଯୁଦ୍ଧରେ ସେ କାନ୍ଧ ମିଳାଇ ଠିଆ ହୁଏ । ସେମାନଙ୍କୁ ମାରି ଦିଆ ଯାଏନା ।

କଥାଟା ଲୋକେ ବୁଝିଲେ । - ମିସ୍ ଜୁଥୁଙ୍ଗଲୋ ବିସ୍ତୃତ ଭାବେ ବୁଝାଉ ଥିଲେ ।

କ୍ରମଶଃ-

ସେକ୍ଟର- ୩, ସଲ୍ଟଲେକ, କଲିକତା

ବେଦାନ୍ତୀ ହ୍ୱାଟସଆପ୍ ଗୃପ୍ ରେ ମେମ୍ବର ହେବା ପାଇଁ
୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ
ଆଗକୁ ବଢିବା ପାଇଁ ସହଯୋଗ କରନ୍ତୁ ।

# ଧାଁ ଦଉଡ



ସତ୍ୟନାରାୟଣ ଗନ୍ତାୟତ

ଦିହ ପାଇଁ ଦଉଡ
ଦିନ ନ ହେଉଣୁ
ବି ଦଉଡୁଥା'
ଦିନ ତମାମ
ଦିହ ପାଇଁ
ଦିହ ନାଁରେ
ଅଥବା
ଦିହ ଦାୟରେ !
ଦିନ ଶେଷେ
ଦିହ ଥମ୍ ତ'
ସୁରୁ ହୁଏ
ମନର ମନମାନ
ଏଣିକ ଦଉଡୁଥା'
ମନେମନେ
ଶୟନେ, ସ୍ୱପନେ
ତମାମ ଦିନର
ଧାଁ ଦଉଡର ସ୍ମୃତିରେ !!



ସୁହାସିତମ୍, କସ୍ତୁରୀ ନଗର, ରାୟଗଡା

ବେଦାନ୍ତୀ

# ମହା ଶିବରାତ୍ରି



ସତ୍ୟବ୍ରତ ସାହୁ

ଆଜି ଫାଲଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି । ଏହି ଦିନଟିକୁ ସାରା ଭାରତରେ ମହାଶିବରାତ୍ରୀ ଭାବରେ ପାଳନ କରାଯାଏ । ସୃଷ୍ଟି ସର୍ଜନା ପରେ ଥରେ ପାର୍ବତୀ ଶିବଙ୍କୁ ପ୍ରଶ୍ନ କରିଥିଲେ – ପ୍ରଭୁ ଆପଣଙ୍କ ପୂଜା ପାଇଁ କେଉଁ ଦିନଟି ସର୍ବୋତ୍କୃଷ୍ଟ? ଭଗବାନ ଶିବ କହିଥିଲେ - ଚତୁର୍ଦ୍ଦଶୀ ତିଥି ହିଁ ମୋର ପ୍ରିୟ ତିଥି । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବ ଜୟନ୍ତି ପଡୁଥିବାରୁ ଏହି ଦିନଟି ଶିବଙ୍କ ପାଇଁ ମହା ଆନନ୍ଦର ଦିନ । ତେଣୁ ଏହି ଦିନ ମହା ଶିବରାତ୍ରି ଭାବରେ ପାଳନ କରାଯାଏ । ଶିବ ହେଉଛନ୍ତି ମଙ୍ଗଳମୟ । ସେ ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର । ସେ ଆଦର୍ଶ ଯୋଗୀ । ଅଳ୍ପରେ ସନ୍ତୋଷ ହୁଅନ୍ତି ବୋଲି ସେ ଆଶୁତୋଷ । ସମସ୍ତଙ୍କ ପ୍ରାର୍ଥନା ସେ ଶୁଣନ୍ତି । ଦୁଃଖୀର ଦୁଃଖ ବୁଝନ୍ତି । ତପସ୍ୱୀର ମନ ଜାଣି ବର ଦିଅନ୍ତି । ଭକ୍ତକୁ ଅଭୟ ଦିଅନ୍ତି । କିନ୍ତୁ ଯେତେବେଳେ ସୃଷ୍ଟିରେ ବ୍ୟାଘାତ ବା ଅନ୍ୟାୟ ଦେଖନ୍ତି, ସେତେବେଳେ ସେ ଡମ୍ବରୁ ବଜାଇ ତାଣ୍ଡବ ନୃତ୍ୟ କରି ସଂହାର କରନ୍ତି । ତେଣୁ ତାଙ୍କୁ ସଂହାର କର୍ତ୍ତା କୁହାଯାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ଶିବ ସଂହାର କର୍ତ୍ତା । ଶିବ ହେଉଛନ୍ତି ତେଜସ୍ୱୀ ମୁନୀ ଓ ମହାନ ଜ୍ଞାନୀ । ଜଗତ ଉଦ୍ଧାର ପାଇଁ ସେ ସବୁବେଳେ ଆଗେଇ ଆସିଥାନ୍ତି । ସମୁଦ୍ର ମନ୍ଥନ ବେଳେ ବାସୁକୀ ମୁଖରୁ ନିସୃତ ହେଉଥିବା ଜହରକୁ ଶିବ ପାନ କରିଥିବାରୁ ସୃଷ୍ଟି ଧ୍ୱଂସ ମୁଖରୁ ରକ୍ଷା ପାଇଗଲା । କିନ୍ତୁ ଶିବ ହୋଇଗଲେ ନୀଳକଣ୍ଠ । ଦେବତା ମାନଙ୍କ ବିପଦବେଳେ ସେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରିଥାନ୍ତି । ତେଣୁ ସେ ଦେବଦେବ ମହାଦେବ ନାମରେ ନାମିତ । ସେହି ମଙ୍ଗଳମୟ ଶିବଙ୍କର ସର୍ବୋତ୍ତମ ପୂଜାକୁ ମହାଶିବରାତ୍ରୀ ନାମରେ ପାଳନ କରାଯାଏ ।

ଏକଦା ଇକ୍ଷ୍ୱାକୁ ବଂଶର ରାଜା ଚନ୍ଦ୍ରଭାନୁ ଏବଂ ତାଙ୍କ ପତ୍ନୀ ମହାଶିବରାତ୍ରି ଉତ୍ସବ ପାଳନ କରିଥିଲେ । ଏହି ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ଶିବରାତ୍ରି ପାଳନର କାରଣ ପଚାରିଥିଲେ । ରାଜା ଚନ୍ଦ୍ରଭାନୁ ତାଙ୍କର ପୂର୍ବ ଜନ୍ମ କଥା ଋଷି ଆଷ୍ଟବକ୍ରଙ୍କୁ ଶୁଣାଇଥିଲେ । ରାଜା ଚନ୍ଦ୍ରଭାନୁ ପୂର୍ବଜନ୍ମରେ ସୁସ୍ୱର ନାମକ ଏକ ବ୍ୟାଧ ରୂପରେ ଜନ୍ମ ଗ୍ରହଣ କରିଥିଲେ । ଜୀବିକା ପାଇଁ ପ୍ରତିଦିନ ବଣକୁ ଯିବାକୁ ପଡେ । ଦିନେ ବଣରେ ବୁଲୁ ବୁଲୁ ସେ ବାଟ ଭୁଲିଗଲେ । କୌଣସି ମତେ ନିଜ କୁଟୀରକୁ ଫେରିପାରିଲେ ନାହିଁ । ସନ୍ଧ୍ୟା ହୋଇଯିବାରୁ ବାଧ୍ୟ ହୋଇ ଜଙ୍ଗଲରେ ଗୋଟିଏ ଗଛ ଉପରେ ଚଢି ରାତି ବିତାଇଲେ । ଦିନ ତମାମ କିଛି ଖାଇ ନଥିଲେ । ଘରେ ସ୍ତ୍ରୀ, ପିଲା ମାନେ ମଧ୍ୟ କିଛି ଖାଇ ନଥିବେ ଏକଥା ଭାବି ତାଙ୍କୁ କାନ୍ଦ ଲାଗିଲା । କାଳେ ଗଛରୁ ପଡିଯିବେ ସେଥିପାଇଁ ଅନିଦ୍ରା ରହି ସେହି ଗଛରୁ ଗୋଟିଏ ଗୋଟିଏ ପତ୍ର ଛିଡାଇ ତଳକୁ ପକାଉଥାନ୍ତି । ସେହି ଗଛଟି ଥିଲା ଏକ ବେଲ ଗଛ । ତାଙ୍କ ଆଖି ଲୁହ ଏବଂ ବେଲ ପତ୍ର ସବୁ ଗଛ ତଳେ ଥିବା ଏକ ଶିବ ଲିଙ୍ଗ ଉପରେ ପଡୁଥାଏ । ଅର୍ଥାତ ତାଙ୍କ ଅଜାଣତରେ ସେ ଶିବ ପୂଜା କରୁଥାନ୍ତି । ସେଦିନ ଥିଲା ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ । ଶିବ ତାଙ୍କ ଉପରେ ପ୍ରସନ୍ନ ହୋଇଗଲେ । ରାତି ପାହିଲାରୁ ସେ କୁଟୀର ଫେରିଲେ । ତାଙ୍କର ମୃତ୍ୟୁ ପରେ ଶିବଦୂତ ମାନେ ଆସି ତାଙ୍କ ଆତ୍ମାକୁ ଶିବାଳୟ ନେଇଗଲେ ଏବଂ ତାଙ୍କର ଶିବ ପୂଜା କଥା କହିଲେ । ଶିବ ପ୍ରସନ୍ନ ହୋଇଥିବାରୁ ଏ ଜନ୍ମରୁ ତାଙ୍କୁ ରାଜଗାଦି ମିଳିଛି । ତେଣୁ ସେ ଶିବରାତ୍ରି ପୂଜା କରୁଛନ୍ତି ।

ସେହି ଦିନଠାରୁ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ମହାଶିବରାତ୍ରୀ ପର୍ବ ପାଳନ କରାଯାଏ । ସୁସ୍ୱର ବ୍ୟାଧ ଉପବାସ ଏବଂ ଉଜାଗର ରହି ଶିବ ପୂଜା କରିଥିଲେ । ଆଜି ଆମେ ମଧ୍ୟ ଉପବାସ ଏବଂ ଉଜାଗର ରହି ଶିବ ପୂଜା କରୁଛନ୍ତି । ପ୍ରକୃତରେ ଉପବାସର ଅର୍ଥ ଈଶ୍ୱରଙ୍କ ନିକଟରେ ବାସ କରିବା । ଉପ ଅର୍ଥ ନିକଟ । ଈଶ୍ୱରଙ୍କ ନିକଟତର ହେବାପାଇଁ, ଆଶୀର୍ବାଦ ପାଇବାପାଇଁ ଆମେ ଉପବାସ କରିଥାନ୍ତି । ଜ୍ୟୋତି ସ୍ୱରୁପ ଶିବଙ୍କର ଆଶିଷ ଝରି ଆସେ ଭକ୍ତଙ୍କ ପାଇଁ । ସେଦିନ ସୁସ୍ୱର ବ୍ୟାଧ ସାରାରାତି ଉଜାଗର ରହି ଥିବାରୁ ଆମେମାନେ ମଧ୍ୟ ଉଜାଗର ରହୁ । ମଧ୍ୟରାତ୍ରୀରେ ଉଠୁଥିବା ମହାଦୀପ ଦେଖିବା ପାଇଁ

ଆମେ ଉଜାଗର ରହି ଅପେକ୍ଷା କରିଥାନ୍ତି । ରାତିର ଅନ୍ଧକାରକୁ ମହାଦୀପ ଦୂରେଇ ଦିଏ । ଆମେ ଉଜାଗର ରହିବାର ବୈଶିଷ୍ଟ ଏହା ଯେ ମହାଦୀପର ଆଲୋକ ସହିତ ଆମ ମନର ଆଲୋକ ବା ବିବେକ ଦ୍ୱାରା ଆମେ କଳୁଷ, କାଳିମା, କାମ, କ୍ରୋଧ ଇତ୍ୟାଦି ଅନ୍ଧାରକୁ ଆମ ମନ, ହୃଦୟରୁ ଦୂରେଇ ଦେଇ ପାରିବା । ଉପବାସ ରହି ଅର୍ଥାତ ଈଶ୍ୱରଙ୍କ ନିକଟରେ ରହି ଆଶୀର୍ବାଦ ପାଇ ଆମେ ଅନ୍ତରର କଳୁଷକୁ ଦୂରେଇ ଦେଇପାରିବା । ମହାଦୀପର ଆଲୁଅ ପରି ଈଶ୍ୱରଙ୍କ ଆଶୀର୍ବାଦ ଆମ ମନର ମଇଳା ରୂପକ କାଳିମାକୁ ନଷ୍ଟ କରିଦେବ ଓ ଶାନ୍ତି ପ୍ରଦାନ କରିବ । ତେଣୁ ଶିବରାତ୍ରିରେ ଉପବାସ, ଉଜାଗର ଓ ମହାଦୀପ ଜାଳିବାର ପ୍ରଥା ରହିଛି ।

ଭାଗବତରେ ଲେଖାଅଛି, “ମଣିଷ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ” । ତେଣୁ ଏହା ସ୍ୱଷ୍ଟ ଯେ, ଆମ ଭିତରେ କାମ, କ୍ରୋଧ, ଲୋଭ, ମୋହ, ମଦ,ଐଶର୍ଯ୍ୟ ପରି ଷଡ ରିପୁ ବାସ କରୁଥିଲେ ମଧ୍ୟ ଆମ ପଖରେ ଦିବ୍ୟଜ୍ଞାନ ବି ଅଛି । ହେ ଦିବ୍ୟଜ୍ଞାନର ଅଧୀଶ୍ୱର ମଣିଷ ।ତେଣୁ ଆସ, ଆଜି ପରି ପବିତ୍ର ଦିବସରେ ଜଗତ କଲ୍ୟାଣକାରୀ, ମଙ୍ଗଳମୟ, ଆଶୁତୋଷଙ୍କ ପଦାରବିନ୍ଦରେ ମନ, ଚୈତନ ସମର୍ପଣ କରି ପ୍ରଭୁଙ୍କ ଆଶୀର୍ବାଦ ପାଇ ଏ ଦୁର୍ଲଭ ଜୀବନକୁ ଧନ୍ୟ କରିବା । “ଓଁ ନମଃ ଶିବାୟ” ଜପ କରି ମନର କଳୁଷ କାଳିମାକୁ ନଷ୍ଟ କରି ପ୍ରଭୁଙ୍କର କରୁଣା ପାଇବାକୁ ପ୍ରୟାସୀ ହେବା । ଏହା ହିଁ ଆଜି ଦିନର ଅନୁଚନ୍ତା ହେଉ । ଓଁ ନମ ଶିବାୟ ।

ପଲ୍ଲୀସାହି, କଂଆଳପୁର, ଅହିୟାସ, ଯାଜପୁର



# ବଡବଡୁଆଙ୍କୁ ଚଠି



ନର୍ମଳ କୁମାର ଦଳାଇ

ମାନନୀୟ ବଡବଡୁଆ !
ଆଲୁଅରେ ଆସ
ଆଲୁଅରେ ଯାଅ ,
ଅନ୍ଧାରେ ଆସିବାକୁ
ମନ ନ ବଳାଅ ॥୧॥

ସ୍ୱାଗତ ଶୁଭେଚ୍ଛା ପାଇଁ
ଗହଳ ଅନ୍ଧାର ହଟେଇ
ଶକ୍ତି ସାଉଁଟିଛି
କରି କଳାହରଣ,
ନିଜେ ତ ସାଜିଛି ନୀଳକଣ୍ଠ
କରି କଳା ଧନକୁ ଆକଣ୍ଠ ପାନ ॥୨॥

ଦେଖିଯାଅ ଥରେ
ତୁମ ନୁଆଁଣିଆ ଗ୍ଳଟି
ଆଜି ଇନ୍ଦ୍ର ଭୁବନ,
ଗହ ଗହ ଆଲୁଅ
ମହ ମହ ବାସନା
ହେଉ ପଛେ ଛଳ ଛନ୍ଦ ମୟ ମୋ ମନ ॥୩॥
ଉତ୍ତମ ଉତ୍ତର ଦାୟାଦ
ମୁଁ ମୁଁ ମୟ ଇଲାକାରେ କରିଛି ଅନେକ କର୍ତ୍ତୀ,

ମୁଁ ଇ ତ
ଈଶ୍ୱରୀୟ ଅସୁରୀୟ
ବାସ ବାସନାରେ ମୋହଗ୍ରସ୍ତ
ଦେବ ଦାନବର ମଧ୍ୟବର୍ତ୍ତୀ ସ୍ଥିତି ॥୪॥

ଜୀବନର ସତରଞ୍ଜି ଖେଳରେ
ତୁମ ପାଇଁ ସାପ ଶିଢି
ଏକା ଭଳ,
ହାତଗୁଞ୍ଜା ମୋ ହାତ ବାରିସି
ଚଢୁଥାଏ ଶିଢି
ସାପ ପାରେନି ଗିଳ ॥୫॥

ହେ ପିତୃପୁରୁଷ
ଇତିହାସେ ତୁମ ଧ୍ୱଜା ଉଡେ
ବଢାଇ କଳା ସଂସ୍କୃତିର ମାନ ,
ଦେଖିଯାଅ ଥରେ
ଉତ୍ତର ପୁରୁଷ ମୁଁ
ଇଞ୍ଚେ ଇଞ୍ଚେ କରି ବିକ ଗ୍ଳଲିଛି
ତୁମ ସୁନାମ ଆଉ ସମ୍ମାନ ॥୬॥

ପାଇକସାହି,ବ୍ରହ୍ମଗିରି,ପୁରୀ

# ପ୍ରୟାସ ଆତ୍ମହତ୍ୟାର

ମୂଳ ହିନ୍ଦୀ – ମମତା ମେହଟ୍ଟା
ଅନୁସୃଜନ – ମଧୁସ୍ମିତା ପଟ୍ଟନାୟକ


ମଧୁସ୍ମିତା ପଟ୍ଟନାୟକ

ଶ୍ରୀମତୀଙ୍କୁ ସ୍ୱାମୀଙ୍କ କଥା ଏତେ ବାଧିଲା ଯେ ସେ ଆତ୍ମହତ୍ୟା କରିବାର ପଣ ନେଲେ । କିନ୍ତୁ ସବୁ ଚେଷ୍ଟା ବିଫଳ ହେବା ସାଙ୍ଗକୁ ଏ କାମ କରିବା ପାଇଁ ଯେତେସବୁ କଷ୍ଟ ସହିବାକୁ ପଡିଲା ତାହା ନପଚାରିବା ଭଲ । ଆପଣମାନେ ନିଜେ ହିଁଦେଖିନିଅନ୍ତୁ ଏହାର ପରିଣାମ ।

ସକାଳୁ ସକାଳୁ ଆଖି ଖୋଲିଲା ବେଳକୁ ସ୍ୱାମୀଙ୍କ ସହ ହୋଇଗଲା ଝଗଡା । ସେ କହିଲେ, "ଉଠ, ଚା କର ।" ମୁଁ କହିଲି, "ସବୁଦିନ ତ ମୁଁ ଚା କରୁଛି...ମୋ ହାତ ଆଜି ବହୁତ ବିନ୍ଧୁଛି । ତେଣୁ ତୁମେ ନିଜେ କର ।""ସକାଳୁ ସକାଳୁ ଉଠି ଚା' ବନେଇବା ମୋ ଦେଇ ହବନି", ବୋଲି କହି ଦେଇ ଚାଦରକୁ ମୁହଁ ପର୍ଯ୍ୟନ୍ତ ଟାଣି ଆଣି ଘୋଡେଇ ହୋଇ ପଡିଲେ । "ମୁଁ ବି କରିପାରିବିନି କହି କଡ ଲେଉଟେଇଲି । ଏଥିରେ ସେ ରାଗିଯାଇ ଭିଡ୍ ଭିଡ୍ ହେବାକୁ ଲାଗିଲେ । ମୁଁ ବି କୋଉ ଚୁପ୍ ବସିଲାବାଲା ଯେ! ରାଗରେ କହିଦେଲି, ଏମିତି ବଞ୍ଚିବା ଅପେକ୍ଷା ମରିଯିବା ଭଲ । ମୁଁ ମରିଗଲେ ଯାଇ ତୁମକୁ ଶାନ୍ତି ମିଳିବ ।"

ଇଏ ତ ମୋ ମରିଯିବା ଖବର ଶୁଣି ଖୁସି ହୋଇ କହିଲେ ତା ହେଲେ ମରିଯାଉନ କାହିଁକି? ତୁମକୁ କିଏ ଅଟକେଇଛି କି? ହେଲେ ଏ ପରି ମହତ ଚିନ୍ତା ତୁମ ମନକୁ ଏତେ ବର୍ଷ ପରେ କେମିତି ଆସିଲା? ...ତା ପୂର୍ବରୁ କାହିଁକି ଆସିଲାନି?....କମ୍ ସେ କମ୍ ମୋର ଏତେଗୁଡେ ମୂଲ୍ୟବାନ ବର୍ଷସବୁ ବରବାଦ୍ ହୋଇ ନଥାନ୍ତା!

ସ୍ୱାମୀଙ୍କ ମୁହଁରୁ ଏମିତି କଥା ଶୁଣି ମୋତେ ବହୁତ ଜୋରରେ କାନ୍ଦ ଲାଗିଲା । ଭାବିଲି ଏବେତ ମୋର ବଞ୍ଚିବା- ମରିବାକୁ ନେଇ ୟାଙ୍କର ତ କିଛି ଚିନ୍ତା ନାହିଁ । ଯେତେବେଳେ ନୂଆ ନୂଆ ବାହାଘର ହୋଇଥିଲା ସେତେବେଳେ ମତେ ମୁହୂର୍ତ୍ତେ ଛାଡି ରହିବା ତାଙ୍କ ପକ୍ଷେ ଅସହ୍ୟ ଥିଲା । ସେଥିରେ ପୁଣି କହୁଥିଲେ କଣ ନା ତୁମେ ଯଦି ଚାଲିଯିବ ତୁମ ବିନା ମୁଁ କେମିତି ବଞ୍ଚିବି ?....

ମୋର ମନେଅଛି....ଯେତେବେଳେ ଆମର ପ୍ରଥମ ସନ୍ତାନ ହେବାର ଥିଲା ସେ ସମୟରେ ସେ ମୋର ବହୁତ ଧ୍ୟାନ ରଖୁଥିଲେ ଦିନେ ଏମିତିକ ଥଟ୍ଟାମଜାରେ କହିଦେଲି, "ଭାବିଲ! ଯଦି ଡେଲିଭରି ସମୟରେ ମୁଁ ମରିଯିବି ତେବେ..."

ତୁମେ ଏମିତି କଥା କୁହନ ଅଂଜୁ । ତୁମର କିଛି ହେବନି । ତୁମର କିଛି ହୋଇଯାଏ ନା ମୁଁ ମଧ୍ୟ ବଞ୍ଚିବିନି, ବୋଲି କେମିତି ଭାବୁକ ହୋଇ କହିଥିଲେ । ସେତେବେଳେ କେମିତି ଆଖିରେ ଆଖି ମିଶେଇ ସ୍ନେହ- ଶ୍ରଦ୍ଧା ଉଚ୍ଛୁଳଉଥିଲେ? କିନ୍ତୁ ଏବେ ୟାଙ୍କର ମୋ ମରିବା କଥାରେ କିଛି ଫରକ ହିଁ ପଡୁନି । ଏକଥା ଭାବିଲାବେଳକୁ ମୋ ଆଖିରେ ଲୁହ ଝରିବା ସାଙ୍ଗକୁ ବହୁତ ରାଗ ମଧ୍ୟ ଲାଗୁଥିଲା । ସେଇ ରାଗରେ ସାଙ୍ଗେ ସାଙ୍ଗେ ନିର୍ଣ୍ଣୟ ନେଲି ଯେ ମୋର ଏବେ ଆଉ ବଞ୍ଚି ରହିବା ଆଦୌ ଉଚିତ୍ ନୁହେଁ । ଏବେ ତ ମୁଁ ୟାଙ୍କୁ ମରିକରି ହିଁ ଦେଖେଇବି । ମୁଁ ମଲେ ଯାଇଁ ଇଏ ଜାଣିବେ ଯେ ମୁଁ କିଏ ?

ଝଗଡା ସରିଲା ପରେ ଇଏ କିଛି ନଖାଇ ବାହାରିଗଲେ ଅଫିସ୍ କୁ । ପିଲାମାନେ ପାଉଁରୁଟି ଖାଇ ସ୍କୁଲକୁ ବାହାରିଗଲେ। ସମସ୍ତେ ଗଲାପରେ ମୁଁ ଆତ୍ମହତ୍ୟା କରିବା ପାଇଁ ଯୋଜନା କଲି । ଭାବିଲି....ମରିବା ପାଇଁ ଏହାଠୁଁ ଭଲ ସୁଯୋଗ ମତେ କଣ ଆଉ ମିଳିବ? ପ୍ରଥମେ ଫାଶୀ ଲଗେଇ ମରିବା ପାଇଁ ଚିନ୍ତା କରି ଶାଢୀ କାଢିବା ପାଇଁ ଆଲମାରି ଖୋଲିଲା ବେଳକୁ କଲିଂବେଲ୍ ବାଜିଲା । ମୁଁ ବିରକ୍ତ ହୋଇ କବାଟ ଖୋଲିଲାବେଳକୁ ସାମ୍ନାରେ କାମବାଲୀ ଠିଆ ହୋଇଛି । ତାକୁ କହିଲି, "ଯା ଆଜି କିଛି କାମନାହିଁ...ଆଜି ତୋର ଛୁଟି! କାଲିକୁ ଆସିବୁ" । ସେ ବା କାହିଁକି ମନା କରିବ, ଖୁସି ଖୁସି ପଳେଇଲା ।

କବାଟ ବନ୍ଦ କରି ପୁଣି ଆଲମାରୀ ପାଖରେ ଆସି ଠିଆ ହେଲି । ଗୋଟି ଗୋଟି କରି ଶାଢୀ ସବୁ କାଢୁଥାଏ, ଦେଖୁଥାଏ । ହେଲେ ଇସ୍ତ୍ରୀ ହୋଇଥିବା ଶାଢୀଗୁଡିକର ଭଙ୍ଗ ଖରାପ ହୋଇଯିବା ଭୟରେ ପୁଣି ସାଇତିକରି ସେସବୁକୁ ଭିତରେ ରଖି ଦେଉଥାଏ । ଭାବିଲି ଫାସ ପକେଇ ପଙ୍ଖାରେ ଝୁଲିଲେ ତ ଇସ୍ତ୍ରୀ କରା ଶାଢୀ ଖରାପ ହୋଇଯିବ ଓ ପୁଣି ଇସ୍ତ୍ରୀ କରିବାରେ ଅଯଥା ପଇସା ଖର୍ଚ୍ଚ ଯାହା ହେବ । ନା....ନା....ଶାଢୀ ଥାଉ ।

ତା' ପରେ ମୋର ଦଉଡି କଥା ମନେ ପଡିବାରୁ ତାକୁ ଖୋଜିବାକୁ ଲାଗିଲି । ଯେଉଁ ଯେଉଁ ସ୍ଥାନରେ ରସି ଥିବାର ସମ୍ଭାବନା ଥିଲା, ସେସବୁ ଯାଗାରେ ଯାଇ ଦରାଣ୍ଡି ପକାଇଲି ହେଲେ ରସି ମିଳାଳାନ! ହତାଶ୍ ହୋଇ ବସିବାକୁ ଯାଉଥିବାବେଳେ ହଠାତ୍ ନଜର ପଡିଲା ବାଲକୋନରେ ଟଣାହୋଇଥିବା ରସି ଉପରେ । ଅତିସୟ ଖୁସିରେ ସେଠିକ ଦୌଡିଗଲି, ରସି ଏତେ ମଜବୁତରେ ବନ୍ଧା ହୋଇଥିଲା ଯେ ଯେତେ ଚେଷ୍ଟା କଲେ ମଧ୍ୟ ଖୋଲିଲାନ । ପୁଣି ନିରାଶ ହୋଇ ଭିତରକୁ ଆସିଲି । ବାଲକୋନର କବାଟ ଖୋଲାଥିଲା । ମନରେ ସାଙ୍ଗେ ସାଙ୍ଗେ ଖିଆଲ ପସିଲା କବାଟଟା ବନ୍ଦ କରିଦେବାପାଇଁ । କାଳେ କିଏ ମତେ ଆତ୍ମହତ୍ୟା କରିବାର ଦେଖିଦେବ ଯଦି! ତେଣୁ କବାଟକୁ ସାଙ୍ଗେ ସାଙ୍ଗେ ବନ୍ଦ କରିଦେଲି । ପୁଣି ମନକୁ ଖିଆଲ ଆସିଲା ଯେ ଯଦି ମରିଯିବି ତେବେ ମୋର ଏ ଶାଢୀ ପିନ୍ଧିବ କିଏ? ମୁଁ ମରିଗଲେ ତ ସେ ଦ୍ୱିତୀୟ ବିବାହ କରିନେବେ । ତାହେଲେ କଣ ମୋର ଏସବୁ ଶାଢୀ ମୋ ସଉତୁଣି ପିନ୍ଧିବ? ନା....ନା....ଏମିତି ହୋଇ ପାରିବନି ।

ଗୋଟେ ଶାଢୀ କାଢି ପିନ୍ଧିଲି । ଏପ୍ରକାରର ଚିନ୍ତାସବୁ ମନରୁ ପୋଛି ଦେଇ ନିଜକୁ ଦୃଢ କରି ଚିନ୍ତା କଲି ଫାଶୀ କେଉଁ ରୁମ୍ ରେ ଲଗେଇବି? ଡ୍ରଇଁ ରୁମ୍ କୁ ଗଲି, ସେଠି ପଙ୍ଖା ବହୁତ ଉପରେ ଲାଗିଥିଲା । ତେଣୁ ଶୋଇବାଘରକୁ ଆସିଲି । ସେଠି ମଧ୍ୟ ପଙ୍ଖା ଉଚ୍ଚାରେ ଥିଲା । ହେଲେ ଯେନ- ତେନ କରି ଶାଢୀକୁ ପଙ୍ଖାରେ ଝୁଲେଇ ଦେଇ ଫାଶ ପକେଇବାକୁ ଚେଷ୍ଟା କଲି । ମତେ ଯେତେ ପ୍ରକାର ଗଣ୍ଠି ପକେଇବା ଆସିଥିଲା ସେସବୁକୁ ପକେଇବାକୁ ଚେଷ୍ଟା କଲି, କିନ୍ତୁ ଫାଶୀର ଫାଶ ପକେଇ ପାରିଲିନି । ମୋର ସବୁ ଶିଖିଥିବା କଳା ଏ ସମୟରେ ଫାଶ ନ ପକେଇ ପାରିବାର କଳା ଆଗରେ ବ୍ୟର୍ଥ ଦେଖାଯାଇଥାଏ । ରାଗରେ ଶାଢୀ

ଟାଣିଆଣି ତଳେ ଫୋପାଡି ଦେଲି । ଆତ୍ମହତ୍ୟା କେମିତି କରିବି ଭାବି ଭାବିଗ୍ରେଷେଇଘରେ ଯାଇ ପହଞ୍ଚିଲି । ସେଠି ପହଞ୍ଚିବା ମାତ୍ରେ ଆଉ ଗୋଟେ ଉପାୟ ସାଙ୍ଗେ ସାଙ୍ଗେ ମିଳିଗଲା । ଅତି ଖୁସିରେ ଆଙ୍ଗୁଠିରେ ଫୁଟକି ବଜେଇ ନିଜକୁ ନିଜେ କହିଲି, "ହେ ରାମ! ପୋଡି ହୋଇ ମରିବାର ସୁନ୍ଦର ଉପାୟଟି ପ୍ରଥମେ ମୋ ମନକୁ କାହିଁକି ଆସିଲାନି?"

ସାଙ୍ଗେ ସାଙ୍ଗେ କିରାସିନି ଡବା ଖୋଜିବାକୁ ଲାଗିଲି । ଦଶ ମିନଟ୍ ଖୋଜିବା ପରେ ଯାଇ ଡବାଟା ଗୋଟେ ଡ୍ରମ୍ ପଛପଟେ ମିଳିଲା । ଡବାଟା ହାଲୁକା ଲାଗୁଥିଲା ମତେ, ହେଲେ ସେଥି ପ୍ରତି ଧ୍ୟାନ ନଦେଇ ଅତି ଉତ୍ସାହିତ ହୋଇ ଆଖିକୁ ବନ୍ଦ କରି ଡବାକୁ ନିଜ ଉପରକୁ ଟେକି କିରାସିନି ଢାଳିବାକୁ ଲାଗିଲି । ପରେ ମୋତେ କିଛି ଅନୁଭବ ନ ହେବାରୁ ଚମକି ପଡି ଆଖି ଖୋଲି ଦେଖିଲା ବେଳକୁ ଡବା ଯେ ଖାଲି! ରାଗରେ ଡବାକୁ ନେଇ ଜୋରରେ କାନ୍ଥରେ ପିଟିଦେଇ ଷ୍ଟୋଭ ଖୋଜିବାକୁ ଲାଗିଲି । ଷ୍ଟୋଭ ମିଳିଲା ପରେ ଟାକୁ ଜୋରଜୋରରେ ହଲାଇବାକୁ ଲାଗିଲି । ଯାହା ହେଉ....ଯୋଗକୁ ସେଥିରେ ତେଲ ଥିଲା । ଫଟାଫଟ୍ ଠିପି ଖୋଲି ସବୁତକ ତେଲ ନିଜ ଉପରେ ଢାଳି ଦେଲି ।

କିରାସିନି ତେଲର ଗନ୍ଧରେ ମୋ ମୁଣ୍ଡ ଘୁରେଇ ଦେଉଥାଏ, କିନ୍ତୁ ମରିବାର ଝୁଙ୍କ ପ୍ରବଳ ଥିଲା ଯେ ଗନ୍ଧ ପ୍ରତି ଧ୍ୟାନ ନ ଦେଇ ଦେହରେ ନିଆଁ ଲଗେଇବା ପାଇଁ ଦିଆସିଲି କାଠି ଜଳେଇଲି । ଯେମିତି ଡିଆସିଲି କାଠି ଜଳିଛି ସେଥିରୁ ନିଆଁଝୁଲ ଛିଟିକି ଆସି ପଡିଲା ମୋ ପାଦ ଉପରେ । ସେଥିରେ ମୋ ପାଦ ଏତେ ଜୋର୍ ରେ ପୋଡିଲା ଯେ ମୁଁ ଜୋରରେ ଚିତ୍କାର କରି ଦିଆସିଲି କାଠିକୁ ଦୂରକୁ ଫୋପାଡି ଦେଲି ।

ଜଳାପୋଡା ଯେତେବେଳେ ଟିକିଏ କମ୍ ହେଲା ସେତେବେଳେ ମୋର ମନେ ପଡିଲା ଯେ ମୁଁ ତ ପୋଡିହୋଇ ମରିବାକୁ ଆସିଥିଲି! ଯଦି ଏଇ ସାମାନ୍ୟ ନିଆଁଝୁଲଟା ଦେହରେ ପଡିବା ଯୋଗୁ ଏତେ କଷ୍ଟ ହେଉଛି, ତେବେ ପୁରା ଜଳିଗଲେ ମତେ କେତେ କଷ୍ଟ ନହେବ ସତେ! ଏତିକି ଭାବି ଦେଲା ବେଳକୁ ଭୟରେ ମୋ ଦେହ ଶୀତେଇ ଉଠିଲା । ଏମିତିତ ରୋଷେଇ କରିବା ସମୟରେ କେତେଥର ତେଲ- ଘିଅର ଛିଟିକା ସବୁ ହାତ ଓ ଆଙ୍ଗୁଠି ଆଦି ସ୍ଥାନରେ

ପଡିଛି । ସେତେବେଳେ ତ ମୁଁ ସେ କଷ୍ଟ ସହି ପାରିନଥିଲି । ଯେଉଁଠି ଏ ସାମାନ୍ୟ ତେଲ ବା ନିଆଁ ଚେଙ୍କ ସହିବା କଷ୍ଟ ସେଠି ଦେହରେ ନିଆଁ ଲଗେଇ ସେ କଷ୍ଟକୁ କିପରି ସହିବି? "ନା ବାବା ନା"! ନିଆଁରେ ପୋଡି ହୋଇ ମରିବାରେ କୌଣସି ଫାଇଦା ନାହିଁ, ବୋଲି ନିଜକୁ ମନେ ମନେ କହିଲି । ଭିତରୁ ଭିତରୁ ମୁଁ ବହୁତ ଡରି ଯାଇଥିଲି । ଶୋଇବାଘରକୁ ଯାଇ ସେ ଲୁଗାପଟକୁ ସବୁ ପାଲଟି ଦେଇ ଆଉ ଗୋଟେ ଶାଢୀ ପିନ୍ଧିଲି । କିରସିନ ଗନ୍ଧ ବାହାରୁଥିବା ଲୁଗାଟାକୁ ଫୋପାଡିଦେଲି ଖଟତଳକୁ ।

ତା ପରେ ଖଟ ଉପରେବସି ଭାବିଲି ଆଗକୁ ଏବେ କଣ କରିବି? କିଛି କ୍ଷଣ ପାଇଁ ଏ ମରିବା- ଫରିବା ଚିନ୍ତା ଛାଡି ଜୀବନଟାକୁ ଭରପୁର ଆନନ୍ଦ ଉଠେଇବା  ପାଇଁ ମନେ ମନେ ଭାବିଲି । ହେଲେ ଯେ କହିଥିବା କଥା (ମରିଯାଉନି! କିଏ ଅଟକେଇଛି କି?) ମନେ ପଡିଯିବାରୁ ପୁଣି କାନ୍ଦ ଲାଗିଲା । ତେଣୁ ମରିବା ପାଇଁ ପୁଣି ନୂଆ ଯୋଜନାରେ ମନ ଦେଲି । "ଆରେ! ଆମର ଏଇ ଗ୍ରୀମହଲ୍ ଫ୍ଲାଟ୍ ର ଛାତରୁ ଡେଇଁ ପଡିଲେତ କାମ ତମାମ୍"! ଏମିତି ହିଁ କଲେ ଠିକ୍ ହେବ ଭାବି ଫ୍ଲାଟ୍ ର କବାଟକୁ ଧୀରେ ଖୋଲି ଗ୍ରୀଆଡେ ଟିକେ ନଜର ପକାଇଲି । ଭାଗ୍ୟ ଭଲ! ... ଦିପହର ଯୋଗୁଁ ସମସ୍ତଙ୍କର କବାଟ ବନ୍ଦ ଥିଲା । ତେଣୁ ଚୁପଚାପ୍ ବାହାରି ପଡିଲି ଛାତ ଉପରକୁ, କିନ୍ତୁ ଛାତରେ ପହଞ୍ଚି ପହଞ୍ଚି ମନରେ ଚିନ୍ତା ପଶିଲା ଯଦି ଛାତରୁ ଡେଇଁ ତଳେ ପଡି ନ ମରି କେବଳ ହାତଗୋଡ ଭାଙ୍ଗିଲା ତେବେ ସେମିତି ହାଲତରେ ମୁଁ କଣ କରିବି? ମୋ ସେବା କିଏ କରିବ? ତଥାପି ମନରେ ସାହାସ ବାନ୍ଧିଲି । ହେଲେ ଗ୍ରୀମହଲ୍ ଉପରକୁ ଚାହିଁଦେବା ମାତ୍ରେ ମୁଣ୍ଡଟା ମୋର ଘୁରେଇ ଦେଲା ଆଉ ମୁଁ ଡରିଯାଇ ପଛକୁ ଫେରିଆସିଲି । ତେଣୁ ସେ ପ୍ରୋଗ୍ରାମକୁ ରଦ୍ଦ କରି ଛାତ ଗ୍ରୀପଟେ ଗୋଟେ ଚକ୍କର ଲଗେଇ ତଳକୁ ପଳେଇ ଆସିଲି ।

ଏବେ ମୁଁ ପୁରା ହତାଶ ହୋଇ ପଡିଥିଲି । ମରିବା ପାଇଁ ଆଉ କୌଣସି ଉପାୟ ମୁଣ୍ଡ ଭିତରେ ପଶୁନଥାଏ । ତଥାପି ମୋ ମୁଣ୍ଡ ଗ୍ରୀଆଡେ ଖେଳୁଥାଏ ।ଅଚାନକ ଆଶାର ଗୋଟିଏ ଛୋଟ କିରଣ ଚକମିକ୍ ହୋଇ ଝଲସି ଉଠିଲା । ଖୁସି ହୋଇ ନିଜକୁ ନିଜେ କହିଲେ, "ଆରେ ବିଷ ଖାଇଲେ ତ କେହି ବଞ୍ଚିବେନି!" କିନ୍ତୁ ହାଏ ରେ ମୋ ପୋଡା କପାଳ! ଘରେ

ବିଷ ହିଁ ନଥିଲା! ଗ୍ବଉଳ, ଗହମ ଆଦିକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ଯେଉଁ ଗୋଲି ସବୁ ବ୍ୟବହାର କରୁଥିଲି, ବର୍ତ୍ତମାନ ସେଗୁଡିକ ହିଁ ଥିଲେ ମୋର ଶେଷ ସାହାସ୍ର । ତେଣୁ ଗହମ ଡ୍ରମରୁ ଖୋଜି ଖୋଜି ଗ୍ବରିଟା ଗୋଲି ବାହାର କଲି। ସେଥିରୁ ଦୁଇଟା ଗୋଲି ପାଣିରେ ପିଇଲି ଓ ବାକ ଦୁଇଟା ଗୋଲିକୁ ଖାଲିସେମିତି ଗ୍ବେବେଇ ଖାଇଦେଲି ।

ଦଶମିନଟ୍ ଗଲା...୨୦ ମିନଟ୍ ଗଲା...,ପୁଣି ଗୋଟେ ଘଣ୍ଟା ବିତିଗଲା,କିନ୍ତୁ ମରଣର ଦର୍ଶନ ହେଲାନ । ତା ଛଡା ଏ ଗୋଲି ଖାଇ ନା ମୋ ମୁଣ୍ଡ ବୁଲେଇଲା ନା ମତେ ବାନ୍ତି ଲାଗିଲା, ନା ମୋର ଆଉ କଛି ଅସୁବିଧା ହେଲା । ବଜାରରେ ମିଳୁଥିବା ଡାଲି, ଗ୍ବଉଳ, ଲୁଣ, ଲଙ୍କା ପରି ଏ ଗୋଲିଗୁଡାକ ବୋଧେ ନକଲି ଥିଲା ଯାହାକୁ ମୁଁ ସହଜରେ ହଜମ ମଧ୍ୟ କରିଦେଲି ।

ଅଗ୍ବନକ ଘଣ୍ଟା ଉପରେ ଆଖି ପଡିଲା । ସେତେବେଳକୁ ପାଞ୍ଚଟା ବାଜିଗଲାଣି । ଆତ୍ମହତ୍ୟା କରିବା ଚକ୍କରରେ ପୁରା ଦିନଟା ପଳେଇଲା ଆଉ ହାତରେ ଲାଗିଲା କେବଳ ଅସଫଳତା । ଏପଟେ ସମସ୍ତଙ୍କର ଏବେ ଘରକୁ ଫେରିବା ବେଳ ହୋଇଗଲାଣି । ଏଥିରେ ୟାଙ୍କର ଉପରକୁ ଆସିବା ଶବ୍ଦ ଶୁଣି କବାଟର ହୁକକୁ ଧୀରେ ଖୋଲି ଦେଇ ଖଟ ତଳେ ଯାଇ ଲୁଚଗଲି । ୟେ ଘର ଭିତରକୁ ପଶୁ ପଶୁ ଡାକ ପକେଇଲେ, "ଅଞ୍ଜୁ, ଆରେ ଭାଇ କୋଉଠି ଅଛ! ଶୀଘ୍ର କଛି ଖାଇବାକୁ ଦିଅ...ବହୁତ ଜୋରରେ ଭୋକ ଲାଗୁଛି!" ତାଙ୍କ କଥା ଶୁଣି ଲାଗିଲା ସେ ଯେମିତି ସକାଳର ଝଗଡା ବିଷୟରେ ସବୁକଛି ଭୁଲି ଯାଇଛନ୍ତି । ମୋ ଠୁ କୌଣସି ଉତ୍ତର ନ ପାଇ ପୁଣିଥରେ ଡାକ ପକେଇଲେ । ତାପରେ ବ୍ୟସ୍ତ ହୋଇ ମତେ ଡାକ ଡାକ ସବୁ ରୁମ୍ ଖୋଜିବାକୁ ଲାଗିଲେ । ସ୍ୱାମୀଙ୍କୁ ମୋ ପାଇଁ ଏତେ ବ୍ୟସ୍ତ ବିବ୍ରତ ହେବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥାଏ । ଜୋତା ରଖିବା ପାଇଁ ସେ ଯେମିତି ଟିକଏ ଖଟ ତଳକୁ ନଇଁଛନ୍ତି ମୋତେ ସେଠି ଦେଖିଦେଇ ଖୁସି ଆଉ ଆଶ୍ଚର୍ଯ୍ୟରେ ଚତ୍କାର କରି କହି ଉଠିଲେ, "ଆରେ ଅଞ୍ଜୁ! ତୁମେ ସେଠି ଖଟତଳେ କଣ କରୁଛ? ବାହାରକୁ ଶୀଘ୍ର ବାହାର!"

ମୁଁ ଖଟତଳୁ ବାହାରିଲା ବେଳେ କରାସିନ ତେଲ ପଡିଥିବା ଲୁଗାଟା ମଧ୍ୟ ସାଙ୍ଗରେ ବାହାରିଆସିଲା । ସେ ଅତିଶୟ ଖୁସି ହୋଇ ସ୍ନେହର ସହ ମୋର ହାତ ଦୁଇଟାକୁ ଧରି ପକେଇ ପଗ୍ଭରିଲେ, "ତୁମେ ତ ମତେ ପୁରା ଡରେଇ ଦେଇଥିଲ ଅଂଜୁ! ଏମିତି ମଜା କରିବାକୁ ତୁମ ମନ ହେଲା କେମିତି? ଆଉ...ଆଉ ଏ କରାସିନ ଗନ୍ଧ କେଉଁଠୁ ଆସୁଛି?"

ୟାଙ୍କର ଏମିତି ସ୍ନେହଭରା କଥା ଶୁଣି ମୁଁ ଭାବୁକ ହୋଇ ଜୋର୍ ରେ କାନ୍ଦିବା ଆରମ୍ଭ କରିଦେଲି ଓ କାନ୍ଦି କାନ୍ଦି ସବୁ କଥା ତାଙ୍କୁ କହିଲି । ଏସବୁ ଶୁଣି ସେ ହସି ହସି ବେଦମ୍ ହୋଇଗଲେ । ତାଙ୍କ ହସ ଦେଖି ମୁଁ କାନ୍ଦ ବନ୍ଦ କରି ତାଙ୍କୁ ବୋକାଙ୍କ ପରି ଗ୍ଭହିଁଥାଏ । ତାଙ୍କ ହସ ଦେଖି ମୁଁ କାନ୍ଦ ବନ୍ଦ କରି ତାଙ୍କୁ ବୋକାଙ୍କ ପରି ଗ୍ଭହିଁଥାଏ । ତାଙ୍କ ହସ କମିଲା ପରେ ମତେ ପାଖରେ ବସାଇ କହିଲେ, "ଆତ୍ମହତ୍ୟା କରିବା ପାଇଁ ଭାବିଲା ବେଳେ ପ୍ରଥମେ ମୋର ତଥା ଛୁଆମାନଙ୍କ ବିଷୟରେ ଟିକଏ ଭାବିଥାନ୍ତ ଭଲା!....ଯଦି କଛି ହୋଇଯାଇଥାନ୍ତା ତେବେ....? ଆଖିରୁ ଲୁହ ପୋଛି କହିଲେ, "ଯାହା ହେବାର କଥା ହୋଇଗଲା । ଏବେ କାନ୍ଦ ବନ୍ଦ କର ଆଉ ମୋ ପାଇଁ ଜଲ୍ଦି କଛି ଖାଇବାକୁ ଆଣ । ପେଟରେ ମୂଷାମାନେ ପରା ଦୌଡିବା କାମ ଆରମ୍ଭ କରିଦେଲେଣି!"

ମୁଁ ଖୁସିରେ ସାଙ୍ଗେ ସାଙ୍ଗେରୋଷେଇ ଘରକୁ ଗଲି ଗ୍ଭ କରିବା ପାଇଁ । ସେଠି ଅଇଁଠା ବାସନର ଗଦା ଦେଖି ମୁଣ୍ଡ କାମ କଲାନ । ରୋଷେଇ ଘର ମଧ୍ୟ ଅପରିଷ୍କାର ହୋଇ ପଡିଥାଏ । ଯେନତେନ କରି ଗ୍ଭ ତିଆରି କଲାବେଳକୁ ପିଲାମାନେ ସ୍କୁଲରୁ ଫେରି "ଭୋକ ଲାଗିଲାଣି....ଭୋକ ଲାଗିଲାଣି" ର ରଟ ଲଗାଇବା ଆରମ୍ଭ କରିଦେଲେ । ତେଣୁ ପ୍ରଥମେ ନଷ୍ପତି ନେଲି ବାସନତକ ମାଜିବା ପାଇଁ । ଏତିକ ବେଳକୁ ଇଏ ଗ୍ଭ ପାଇଁ ରୋଷେଇଘରେ ପଶୁ ପଶୁ କହିଲେ, କଣ ହେଲା...., ଆଜି କାମବାଲୀ ଆସିନ କ?

"ଆସିତ ଥିଲା,କନ୍ତୁ ଆତ୍ମହତ୍ୟା କରିବା ଚକ୍କରରେ ତାକୁ ମୁଁ କାମ କରିବା ପାଇଁ ମନା କରି ଦେଇଥିଲି" ।

ଏତିକରେ ଇଏ ପୁଣି ହସିବାକୁ ଲାଗିଲେ, "ଛାଡ ଏ ବାସନ- ଫାସନ....ବାହାରକୁ ଯିବା ଚାଲ । ଆଜି କୋଉ ହୋଟେଲ୍ ରେ ଖାଇଦେବା । ଏହା ଶୁଣି ପିଲାମାନେ ବି ଖୁସିରେ ହୁଁରେ ହୁଁରେ!!" କହି ନାଚବାକୁ ଲାଗିଲେ ।

ବହାରକୁ ଯିବା ପାଇଁ ପ୍ରସ୍ତୁତ ହେଲାବେଳେ ଆଉ କେବେ ଆତ୍ମହତ୍ୟା କରିବା କଥା ଚନ୍ତା କରିବିନ ବୋଲି ମନେ ମନେ ଶପଥ ନେଲି । ତା ସାଙ୍ଗେ ସାଙ୍ଗେ ଭାବିଲି ଯଦି ବା କେବେ ମରିବା କଥା ଚନ୍ତା କରିବି ତେବେ ଆଗ କାମବାଲୀଠୁଁ ଘରର ସବୁ କାମ କରେଇବି....ତାପରେଯାଇ ଆତ୍ମହତ୍ୟା କରିବି ।

ବ୍ରହ୍ମେଶ୍ୱର ବାଗ୍, ଟଙ୍କପାଣି ରୋଡ୍, ଭୁବନେଶ୍ୱର



# ଆସ....ହାତ ଧରି ଯିବା ପୁଣି ଥରେ



ସିପ୍ରା ନାମତା

ଆସ.....ହାତ ଧରି ଫେରିଯିବା ପୁଣି ଥରେ
ସେହି ଗତାୟୁ ଦିନକୁ
ହସ କାନ୍ଦ, ସୁଖ ଦୁଃଖ ରେ ଆଉ ଥରେ ମିଶିଯିବା
ଏକା ଏକା ଲାଗେ ଭାରି
ଏଇ ବିଜ୍ଞାନ ଯୁଗ ରେ ସଭ୍ୟତା ଓ ସୁବିଧା ।

ଆସ.... ହାତ ଧରି ଯିବା ପୁଣି ଥରେ
ସେଇ ଦାଣ୍ଡ ଅଗଣା କୁ
ତୁଳସିଚଉରା ମୂଳ ରେ
ମଗ୍ନ ହେବା ବାଲିଧୂଳି ଖେଳ ଘର କରଣା ରେ
ପୁଣି ଟିକଏ ଝଗଡା ଆଉ ଗେଲ କୋଳାକୋଳି କୁ ।

ଆସ....ହାତ ଧରି ବୁଲିଯିବା ପୁଣି ଥରେ
ନଈ କୂଳ, ଅଙ୍କା ବଙ୍କା ବିଲ ହିଡ ରାସ୍ତା ରେ
ସାଙ୍ଗ ସାଥୀଙ୍କର କୋଳାହଳ ମେଳେ
ଦେହ ମୁଣ୍ଡ, ମାଟି କାଦୁଅ ବୋଳା ରେ
ମା'ର ଆକଟ, ବାପାଙ୍କର ନାଲି ଆଖି
ଆଉ ଜେଜିମା'ର ସ୍ନେହ ବୋଳା ହାତ ଆଉଁସା ରେ ।

ଆସ.... ହାତ ଧରି ଯିବା ପୁଣି ଥରେ
ବିଦ୍ୟାଳୟ, ମହାବିଦ୍ୟାଳୟର ତର୍କ ପ୍ରକୋଷ୍ଠ

ଗର୍ଜ୍ଜି ଉଠୁଥିବା ତରୁଣ ର ଆହ୍ୱାନ
ଯୁଗପୁରୁଷଙ୍କ ଆତ୍ମ ବଳଦାନ ଓ
ଅବଦାନ ର ସ୍ମୃତି ସ୍ମରଣ ରେ ।

ଆସ....ହାତ ଧରି ଉଜ୍ଜୀବିତ କରିବା
ସ୍ୱାଭିମାନ ର ବୀଜ ମନ୍ତ୍ର ରେ
ଜୀର୍ଣ୍ଣ ମାନସିକତା ରେ ଭରିଦେବା
ସୃଜନୀ ର ଝଙ୍କାର
ଆତ୍ମ ମଗ୍ନ ହେବା ସେଇ
ପୂତ ପବିତ୍ର ଚନ୍ଦନ ରେ
ନିଜ ମାତୃଭାଷା ପାଇଁ ସୁରକ୍ଷା ର
ଚଉହଦୀଟିଏ ଗଢିଦେବା ।

ଆସ.... ହାତ ଧରି ସଂକଳ୍ପ ଟିଏ କରିବା
ଅମ୍ଳାନ କୀର୍ତ୍ତୀ ପାଇଁ ଆଗେଇବା
ତ୍ୟାଗ କରି ଶସ୍ତା ମନ ଓ
ବେଧଡକ ଖାମ ଖିଆଲି ପଣ
ପୂର୍ଣ୍ଣିମା ର ମୁରୁକହସା ସାତ ରଙ୍ଗ
ଆଉ ତାରା ର ଆଖି ମିଟିକା
ସଙ୍ଗେ, ଆମେ ବି ହସିବା ।

ତୁଳସୀଚଉରା, ପୋ- ବାରିପଦା, ମୟୂରଭଞ୍ଜ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଏହି ଇ ପତ୍ରିକାକୁ ଆପଣ ନିଜ ନିଜର ଗ୍ରୁପ୍ ରେ ଶେୟାର୍ କରନ୍ତୁ ଆଉ ଓଡିଆ ଭାଷାର ପ୍ରଚାରରେ ସହୋଯୋଗ କରନ୍ତୁ ।

# ଗହୀର ମଥାର କଥା



ଡ.ସୌମ୍ୟ ରଞ୍ଜନ ମିଶ୍ର

ଉଙ୍କି ମାରୁଥିବା ସ୍ୱପ୍ନ ସବୁ
ଗହୀର ମଥାରେ ପୋତି
ଫେରିଆ'ରେ ଫେରିଆ'ରେ
ତୁ ସ୍ମୃତିକୁ ସାଉଁଟି ।

କର୍ମମୟ ଏ ଜୀବନ
ଫଳ ହାତେ ନାହିଁ ତୋ'ର
ଟପିଯିବୁ ଦୁଃଖ ଯେତେ
ଆସୁ ପଛେ ସୁନାମି ହଜାର ।

ଡରିଗଲେ ହାରିଯିବୁ
ଦୁନିଆକୁ କାହିଁ ଡର
ଗ୍ଭଲିବାକୁ ହେବ ଏକା
ତୁ ଜୀବନର ସୌଦାଗର ।

ମୁରୁଜିଆ ମନ ରଥେ
ସାହାସକୁ ଯୋଡି
କଳାହାଣ୍ଡି ମେଘ ଚିରି
ଦେଖ ସୁରୁଜ ଆସୁଛି ଫାଟି ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

# ସ୍ମୃତି – ପାଉଁଶତଳର ନଆଁ



ନୃସିଂହ ଚରଣ ବେହେରା

ଆଜି ରବିବାର ଛୁଟିଦିନ ତେଣୁ ବେଶୀ କଛି କମ ନଥାଏ। ବହାଏ ମୃଦୁ ବର୍ଷା ସହ ଶୀତଳ ପବନ। ଲାଗୁଛି ପୁରା ସହରଟା ଥଣ୍ଡା ଥଣ୍ଡା। ହେଲେ ସୁମନକୁ ତା'ର ଘରଟା ବେଶ୍ ଉତ୍ତପ୍ତ ଲାଗୁଛି,ସକାଳୁ ସକାଳୁ। ରାସ୍ତାଠାରୁ ଟିକଏ ଭିତରକୁ ତାର ଏ ଦୁଇମହଲା ଘରଟି। ଦୂରରୁ ଏହି ଘରଟି ଗୋଟିଏ ମଧ୍ୟବିତ୍ତ ପରିବାରର ଘର ବୋଲି ସ୍ପଷ୍ଟ ଜଣା ପଡିଯାଏ।

ଏଇ ଦୁଇ ମହଲା ବିଶିଷ୍ଟଘରର ବାଲ୍କୋନିରେ ସୁମନ ଗରମ ଗରମ ଉପମାକୁ ଖାଇସାରିବା ପରେ ଗରମ ଚାହା କପ୍ କୁ ଓଠରେ ଲଗାଇଲା। ତା' ପରେ ଗତକାଲି ସନ୍ଧ୍ୟାରେ କିଣି ଆଣିଥିବା ଶାରଦୀୟ ବିଶେଷାଙ୍କ ପତ୍ରିକୁ ପଢିବାକୁ ଆରମ୍ଭ କଲା। ସମ୍ପୂର୍ଣ୍ଣ ଉପନ୍ୟାସ ବିଭାଗରୁ ଆରମ୍ଭ କରି ଗଳ୍ପ, କବିତା, ଭ୍ରମଣ କହାଣୀ ଓ ଉପନ୍ୟାସକୁ ପଢି ଚାଲିଲା। ଶେଷରେ ସେ ପୁସ୍ତକ ସମୀକ୍ଷା ବିଭାଗରେ ଅଟକିଗଲା। "ସ୍ମୃତି ପାଉଁଶତଳର ନଆଁ" ପୁସ୍ତକର ସମୀକ୍ଷା କରିଥାନ୍ତି ତାର ପୂର୍ବତନ ଖ୍ୟାତନାମା ଅଧ୍ୟାପକ। ଉତ୍କଳ ଜନନୀର ବରପୁତ୍ର ତଥା ଓଡିଆ ସାହିତ୍ୟର ଆକାଶର ଉଜ୍ଜ୍ୱଳ ନକ୍ଷତ୍ର ସମୀକ୍ଷକ।ଉତ୍କଣ୍ଠାର ସହିତ ପଢିବାକୁ ଆରମ୍ଭ କରୁ କରୁ ପୁସ୍ତକଟିର ରଚୟିତାଙ୍କ ନାମଟି ଦେଖୁ ଦେଖୁ ବିସ୍ମିତ ହୋଇଗଲା। ସେ ତାର ଅତୀତକୁ ଫେରିଗଲା। ଇଏ କ'ଣ ତାର ବାନ୍ଧବୀ ଜୟନ୍ତୀ ଦାସ ନା ଆଉ କିଏ? ପ୍ରାୟ ତିନି ଦଶନ୍ଧି ପରେ ସେ ତା'ର ପୁରୁଣା ଅତୀତକୁ ମନେ ପକେଇବାକୁ ଲାଗିଲା।

ସମୀକ୍ଷକଙ୍କ ମତରେ ସାଂପ୍ରତିକ ବିଷୟରେ, ନିଜର ଜୀବନ ଦର୍ଶନକୁ ଉକ୍ତ ପୁସ୍ତକରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ସେ ଜଣେ ବିଶିଷ୍ଟ ଲେଖିକା ବୋଲି ସ୍ୱୀକାର

କରିବାକୁ ହେବ । ତାଙ୍କର ପ୍ରାଣର ଆକୁଳ ନିବେଦନ, ଶକ୍ତିଶାଳୀ ସୁଚିନ୍ତିତ ଭାଷାର ପ୍ରୟୋଗଶୈଳୀ ଅତୁଳନୀୟ । ଓଡିଆ ଭାଷା ସାହିତ୍ୟକୁ ଏକ ନୂତନ ପଥ ଦେଖାଇବାର ସହାୟକ ଭୂମିକା ଗ୍ରହଣ କରିଛନ୍ତି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ । ଆଧୁନିକ ଦୁନିଆରେ ପିତା ମାତାଙ୍କ ପାଖରେ ପିଲାମାନଙ୍କ ମନର କୌଣସି ମୂଲ୍ୟ ନାହିଁ । ସେମାନେ ଯାହା କହିବେ ତାକୁ ମାନିବାକୁ ବାଧ୍ୟ । ଏକ ପକ୍ଷରେ ଆଜିକାଲିର ସାମାଜିକ ଜୀବନ, ଆଶା, ଆକାଂକ୍ଷା, ସ୍ୱପ୍ନ ସଂଘର୍ଷର ନିଛକ ଚିତ୍ର ଉପସ୍ଥାପନ କରିଥିବା ବେଳେ ଜୀବନର ଗତି ଓ ପରିଣତି ପ୍ରତି ମଧ୍ୟ ସେ ସଚେତନ । ସାଧାରଣ ଜୀବନ ଉପରେ ଏହାର ପ୍ରଭାବ ପଡିବ । ନାନା ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥିଲେ ମଧ୍ୟ ସେ ଗୁରୁଜନଙ୍କୁ ଅବଜ୍ଞା କରିନାହାନ୍ତି । ଏହା ଭିତରେ ସେ ତାଙ୍କ ଉପନ୍ୟାସର ନାୟକ ଓ ନାୟିକାଙ୍କ ଅବସ୍ଥା ବର୍ଣ୍ଣନା ପ୍ରତି ଯେତିକି ଯତ୍ନ ନ କରିଛନ୍ତି ତା' ଅପେକ୍ଷା ସମ୍ପର୍କକୁ ସେ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ମତରେ ପ୍ରେମର ପରିଣତି ନୁହେଁ ବିବାହ । ଭଲ ପାଇବାର ପ୍ରକୃତ ଅର୍ଥ ମନର ମିଳନ । ପ୍ରେମ ଶାଶ୍ୱତ, ଚିରନ୍ତନ, ଅମର । ପ୍ରେମର ପରିସୀମା ବ୍ୟାପ୍ତ । ପ୍ରେମ ସ୍ମୃତି ହୋଇ ରହିଯାଏ ଜୀବନ ସାରା ।

ସମୀକ୍ଷାଟି ପଢି ସାରିଲା ପରେ ସେ ତାର ପୁରୁଣା ଅତୀତକୁ ବାରମ୍ବାର ମନେ ପକେଇଲା । ଦିର୍ଘ ଦିନର ସ୍ମୃତି ଗୋଟିଗୋଟି କରି ମନେ ପଡୁଥାଏ । କଲେଜରେ ପାଠ ପଢା ସମୟର କଥା, ବି.ଏ. ଦ୍ୱିତୀୟ ବର୍ଷର । ଇତିହାସ ଅନର୍ସ ଶ୍ରେଣୀରେ ଅଧ୍ୟାପକ ପାଠ ପଢାଇ ବାହାରିଗଲା ପରେ, "ଜୟନ୍ତି ତୁମ ଇତିହାସ ନୋଟ ବୁକ୍ ଟା ଟିକଏ ଦିଅ ।" କାହିଁକି ସାର ପଢାଇଲା ବେଳେ କଣ ନିଦ ହୋଇ ଯାଇଥିଲା କ?

ନା! ମୁଁ ଶୋଇଥିଲେ କଣ ସାରଙ୍କ ନଜର ପଡିନଥାନ୍ତା? କିଛି ଛାଡି ହୋଇଗଲା ପରି ଲାଗୁଛି ।ସେଥିପାଇଁ ତୁମ ନୋଟ ବୁକ୍ ଟାକୁ ମାଗୁଛି ।

ହଉ ନିଅ, କାଲି ନିଶ୍ଚୟ ଫେରାଇଦେବ । ତା ପରଦିନ କଲଜରେ ପହଞ୍ଚି ପ୍ରଥମେ ଜୟନ୍ତିକୁ ନୋଟବୁକ୍ ଫେରାଇଲା ବେଳେ ସୁମନ କହିଥିଲା, "ତୁମ ଅକ୍ଷର ଯେପରି ସୁନ୍ଦର, ତୁମେ ବି ସେପରି ସୁନ୍ଦରୀ" ।

ସେଦିନ ଜୟନ୍ତୀ କଛି ନକହି ହସିଦେଇ ତା ନୋଟବୁକ୍ ନେଇ କମନ୍ ରୁମ୍ ରୁ ଚ୍ଚଲି ଯାଇଥିଲା । ଆଜି ମନେପଡୁଛି, ଇତିହାସ ଅନର୍ସରେ ସେମାନେ ଷୋହଳ ଜଣ ଥିଲେ । ତାଙ୍କ ଭିତରେ ପୁଅପିଲା ଦଶଜଣ ଏବଂ ଝିଅ ପିଲା ଛଅ ଜଣ । କ୍ଲାସ ନଥିଲେ ସମସ୍ତେ ଏକାଠି ବସି ନାନା ଗପ କରୁଥିଲେ । ପାଠ ବିଷୟରେ ଆଲୋଚନା ଛଡା ଥଟ୍ଟା ମଜାରେ ସମୟ କଟି ଯାଉଥିଲା । ପୁଅ ପିଲାଙ୍କ ମଧ୍ୟରେ ସୁମନ ଟିକେ ଅଲଗା । ସେ ମଫସଲରୁ ଏକ ଗରୀବ ପରିବାରରୁ ଆସିଥିବାରୁ ନଜକୁ ସହଜ ମନେ କରୁନଥିଲା । ତଥାପି ସେ ସବୁ ଆଲୋଚନା, ସମାଲୋଚନାରେ ଭ୍ଭାଗ ନେଉଥିଲା । ସେ ଶାନ୍ତି, ସରଳ ପ୍ରକୃତିର ପିଲା ଏବଂ ଭଲ ପଢୁଥିବାରୁ ଅଧ୍ୟାପକମାନେ ତାକୁ ଭଲ ପାଉଥିଲେ । ସହପାଠୀ ମାନେ ମଧ୍ୟ ତାକୁ ବହୁତ ଭଲ ପାଉଥିଲେ ।

ଦିନକର କଥା, ସେଦିନ ପ୍ରଥମ ଦୁଇ ପିରିୟଡ କ୍ଲାସ୍ ନଥାଏ । କଲେଜରେ ପହଞ୍ଚିଲାବେଳକୁ କଲେଜ ଗେଟ୍ ପାଖରେ ଜୟନ୍ତି ସହିତ ଭେଟ ହୋଇଗଲା । ସେ ଘରକୁ ଫେରିବାପାଇଁ ବସ୍ କୁ ଅପେକ୍ଷା କରିଥାଏ । ମୋତେ ଦେଖି କହିଲା ଆଜି ସବୁ କ୍ଲାସ୍ ସସପେଣ୍ଡ ହୋଇଯାଇଛି । ଘରକୁ ଫେରିବାକୁ ହେବ । ତା କଥା ଶୁଣି ମୁଁ କହିଲି, ତେବେ ଚ୍ଚଲ ଆମେ ଆଜି ଚ୍ଚଲିକରି ଯିବା । ସାଥିହୋଇ ଫେରିବା ବାଟରେ ସେ ମୋ ଘର ବିଷୟରେ ପଚ୍ଚରିବାରୁ ମୁଁ ତାକୁ କହିଥିଲେ, ମୁଁ ଜଣେ ଅତି ଗରୀବ ଚ୍ଚଷୀର ପୁଅ । ଆମର କେବଳ ଦୁଇ ଏକର ଜମି ଅଛି । ବାପା ନଜେ ଚ୍ଚଷ କରନ୍ତି, ତା ଛଡା ଅନ୍ୟ ଲୋକଙ୍କର ଭ୍ଭାଗ ଚ୍ଚଷ କରନ୍ତି । ଆମର ପାଞ୍ଚଜଣିଆ ଅଭ୍ଭାବୀ ପରିବାର । ବାପା, ମା ଅଉ ଦୁଇ ଜଣ ସାନ ଭ୍ଭାଇ ଭଉଣୀ । ଭ୍ଭାଇ ଭଉଣୀ ଦୁଇଜଣ ଗାଁ ପାଖ ଅନ୍ୟ ଏକ ଗାଁ ର ସ୍କୁଲରେ ପଢନ୍ତି। ମୁଁ ଏଠି ଗୋଟିଏ ମେସ୍ ରେ ରହି ଟ୍ୟୁସନ କରି ପାଠ ପଢୁଛି । ବହୁ ଆଶା ନେଇ ବାପାଙ୍କୁ ବୁଝାଇ ଘରୁ ଗୋଡ କାଢିଛି । ଭବିଷ୍ୟତ ତା ବାଟରେ ମୋ ପଇଁ କଣ ଲୁଚ୍ଚାଇ ରଖିଛି ତାହା ମୁଁ ଜାଣେନା ।

ମୋ କଥା ଶୁଣି ସେ କହିଥିଲା ଆଶା ହିଁ ମଣିଷ ପାଇଁ ଶ୍ରେଷ୍ଠ ସମ୍ବଳ । ଏହାକୁ ପାଥେୟ କରି ଜୀବନରେ ଆଗକୁ ବଢିବାକୁ ହେବ । ସବୁ ସୁଖ ଦୁଃଖ ଭିତରେ ଆଶା ହିଁ ଜୀବନ

ଶକ୍ତି । ମଣିଷ ଆଶାକୁ ନେଇ ବଞ୍ଚେ । ଯଦି ମଣିଷ ଭିତରେଆଶା ଆଉ ସ୍ୱପ୍ନ ନ ଥାନ୍ତା, ତେବେ ମଣିଷ ଜୀବନଟା ଦୁର୍ବିସହ ହୋଇ ପଡନ୍ତା ।

ମୁଁ ତାକୁ ତା ଘରବିଷୟରେ ପଚ୍ଚରିଲି, ସେ କହିଥିଲା ଘରେ ତାର ବାପା, ମା, ଜେଜେ ବାପା, ଜେଜେମା, ଆଉ ଭାଇ ଏବଂ ଭଉଣୀଟିଏ । ସେଏକ ମଧ୍ୟବିତ ପରିବାରର ସାନ ଝିଅ । ତା ବାପା ଜଣେ ହାଇସ୍କୁଲ ଶିକ୍ଷକ ଏବଂ ତାଙ୍କ ନୀତି ଆଉ ଆଦର୍ଶରେ ସେମାନେ ପରିଚ୍ଚାଳିତ । ଜେଜେବାପା ଆଉ ଜେଜେମା ଆକଟି କଥା ନ କହିଲେ ଭଲ । ସେମାନେ ଯେମିତି ସ୍ନେହ କରନ୍ତି, ସେମିତି ଶାସନ ମଧ୍ୟ କରନ୍ତି । ମା ଜଣେ ଗୃହିଣୀ, ସକାଳୁ ସଞ୍ଜଯାଏଁ ସେ ଘର କାମରେ ଲାଗିଥାନ୍ତି । ସକାଳୁ ଉଠି ଘର ଓଳାଇବାଠାରୁ ଆରମ୍ଭ କରି ଘରର ସବୁକାମ ଏକା ଏକା କରନ୍ତି । ଆମକୁ ଘରର କିଛି କାମ କରିବାକୁ ଦିଅନ୍ତି ନାହିଁ । ଜେଜେବାପା ତାଙ୍କ ଜୀବଦଶାରେ ସହରରେ ଏଇ ଘରଟିକୁ କରିଥିଲେ । ଯେଉଁଠି ଆମେମାନେ ଏବେ ରହୁଛୁ । ଗାଁ ରେ ଆମର ଘର ଆଉ କିଛି ଜମି ଅଛି । ବାପା ଏବଂ ଜେଜେବାପା ଗାଁ କୁ ଯିବା ଆସିବା କରନ୍ତି । ଭଉଣୀ ମୋ ଠାରୁ ବଡ । ତାର ବିବାହ ହୋଇଯାଇଛି ଏବଂ ସେ ତା ସ୍ୱାମୀଙ୍କ ସହିତ କଟକରେ ରହେ । ଭିଣେଇ କଟକରେ ବ୍ୟବସାୟ କରନ୍ତି । ଭାଇଟି ହାଇସ୍କୁଲରେ ପଢୁଛି ।

ଆମ କଥାବାର୍ତ୍ତା ଭିତରେ କେତେବେଳେ ଆମେ ଜୟନ୍ତୀର ଘର ପାଖରେ ପହଞ୍ଚି ଯାଇଥିଲୁ ଆମକୁ ଜଣା ପଡିଲା ନାହିଁ । ତା ପରେ ଜୟନ୍ତୀଠାରୁ ବିଦାୟ ନେଇ ମୁଁ ମୋ ମେସ୍ କୁ ଫେରିଆସିଲି । କଲେଜ ମାଗାଜିନ୍ ପାଇଁ ଗଳ୍ପ, କବିତା, ରମ୍ୟରଚନା ଇତ୍ୟାଦି ଦେବାପାଇଁ ସମ୍ପାଦକ ସବୁ ବିଭାଗକୁ ଦିନେ ନୋଟିସ୍ ପଠାଇଲେ । ଆମ ଇତିହାସ ଅନର୍ସର ସମସ୍ତ ପିଲା ନିଜ ନିଜ ଲେଖା କବିତା, ଗଳ୍ପ ଦେଇଥିଲେ । ସେଥି ମଧ୍ୟରୁ ତିନୋଟି ଗପକୁ ସମ୍ପାଦନ ମଣ୍ଡଳୀ ନିର୍ବାଚିତ କରିଥିଲେ । ଆଉ ସବୁଠୁ ଆଶ୍ଚର୍ଯ୍ୟ କଥା ଥିଲା ଜୟନ୍ତୀ ଏବଂ ମୋ ଲିଖିତ ଗଳ୍ପ ଦୁଇଟି ପାଖା ପାଖି ଛପା ଯାଇଥିଲା । ମାଗାଜିନ ପ୍ରକାଶ ପାଇଲା ପରେ ମୋତେ ଜୟନ୍ତୀ ହିଁ ପ୍ରଥମେ ଶୁଭେଚ୍ଛା ଜଣାଇଥିଲା । ମୁଁବି ତା ଗଳ୍ପଟି ଅତି ସୁନ୍ଦର ହୋଇଛି ବୋଲି କହି ତାକୁ ଉତ୍ସାହିତ କରିଥିଲି ।

ସେଦିନ କ୍ଲାସରୁମ୍ ରେ ବହୁତ ମଜା ହେଲା । ସବୁ ପିଲା ମନଖୋଲି ନିଜ ନିଜର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କଲେ । କିଏ କହିଲା ଅଧ୍ୟାପକ ହେବ, କିଏ କହିଲା ଶିକ୍ଷକ ହେବ, କିଏ କହିଲା ଆଇ.ଏ.ଏସ୍.  ପରୀକ୍ଷା ଦେବ ଇତ୍ୟାଦି । ମୋ ପାଳି ପଡିବାରୁ ମୁଁ କହିଲି ବି.ଏ. ପାଠ ଶେଷ ହେଲାପରେ ଗୋଟିଏ କମ୍ପ୍ୟୁଟର କୋର୍ସ କରିବି ତା ପରେ ଚାକିରୀ କରିବି । ଜୟନ୍ତୀ କହିଲା ସେ ଏମ୍.ଏ. ପଢିବ ଏବଂ ଅଧ୍ୟାପିକା ହେବ । ସମସ୍ତେ ନିଜର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିସାରିବା ପରେ କ୍ଲାସ୍ ରୁମ୍ ରୁ ବାହାରିଗଲେ । କ୍ଲାସ୍ ରୁମରେ କେବଳ ରହିଗଲୁ ମୁଁ ଆଉ ଜୟନ୍ତୀ । ମୁଁ ଜୟନ୍ତୀକୁ ଏକୁଟିଆ ଦେଖି ସାହସ କରି ତାକୁ କହିଲି, “ଜୟନ୍ତୀ ମୁଁ ବହୁତ ଦିନ ହେଲାଣି ତୁମକୁ ଗୋଟିଏ କଥା କହିବି କହିବି ବୋଲି ଭାବୁଛି, ହେଲେ କହିପାରୁନାହିଁ”,  କାରଣ ମୋତେ ଡର ଲାଗୁଛି ।

ଜୟନ୍ତୀ କହିଲା କଣ କହିବ କୁହ । ନହେଲେ ମୁଁ ଯାଉଛି । ମୋର ଘରକୁ ଯିବାରେ ନ ହେଲେ ଡେରି ହୋଇଯିବ । ତା ଛଡା ତମେ ଏମିତି ପାଗଳଙ୍କ ପରି କାହିଁକି ହେଉଛ । ମୁଁ କଣ ବାଘ ନା ଭାଲୁ ହୋଇଛି ଯେ ମୋତେ ଡରୁଛ । ମୁଁ ପ୍ରକୃତିସ୍ଥ ହୋଇ କହିଲି, “ମୁଁ ତୁମକୁ ଭଲପାଏ ।” ହଠାତ୍ ଯେମିତି ମୋ ଚାରିପାଖରେ ପୃଥିବୀଟା ସ୍ତବ୍ଧ ହୋଇଗଲା । ମୋ ହୃଦୟର ସ୍ପନ୍ଦନ ବଢିଗଲା । ହେଲେ ଜୟନ୍ତୀ କିଛି ନକହି ସାମାନ୍ୟ ହସି ଦେଇ କ୍ଲାସରୁମ୍ ରୁ ବାହାରିଗଲା ।

ଅତୀତଟା ସତରେ ବହୁତ ଭଲ ଥିଲା । ସବୁକଥା ସୁମନର ଆଜି ଗୋଟି ଗୋଟି କରି ହୋଇ ମନେପଡୁଛି । କୁଆଡେ ଗଲା ଅଧ୍ୟାପକ ମାନଙ୍କର ଆର୍ଶୀବାଦ, ବନ୍ଧୁମାନଙ୍କର ଭଲପାଇବା । ସମ୍ପର୍କର ପରିଭାଷା ଯେ କେତେ ବିସ୍ତୃତ ତାହା ମୁଁ କଲେଜରେ ମୋ ସହପାଠୀ ମାନଙ୍କଠାରୁ ହିଁ କେବଳ ଜାଣିଲି । ସେଦିନ ମୁଁ ମୋର ଭଲପାଇବାକୁ ଜୟନ୍ତୀ ଆଗରେ ପ୍ରକାଶ କଲାପରେ ସେ ଯଦିବି ପ୍ରତ୍ୟାଖାନ କରିନଥିଲା, ସମର୍ଥନ ମଧ୍ୟ ଜଣାଇନଥିଲା । ହେଲେ ମୁଁ ନିଶ୍ଚିନ୍ତ ଥିଲି ଯେ ସେ ମୋତେ ଭଲ ପାଉଥିଲା । କଲେଜ ସରିଲା ପରେ ସବୁ ସାଙ୍ଗମାନେ କିଏ କୁଆଡେ ଗଲେ ତାର ଖବର ମୋ ପାଖରେ ନଥିଲା ।

ସମୟ କାହାକୁ ଅପେକ୍ଷା କରେନାହିଁ । ସମସ୍ତେ ଜୀବନ ସଂଗ୍ରାମରେ ଝାସ ଦେବାକୁ ବାଧ୍ୟ ନୁହନ୍ତି । ମୁଁ ମଧ୍ୟ ମୋର କର୍ତ୍ତବ୍ୟ ସମ୍ପାଦନା କରିବା ପାଇଁ ଗୁ୍କରୀଟିଏ କଲି । ଦିନେ ହଠାତ୍ ମୁଁ ଗୁ୍କରୀ କରୁଥିବା କମ୍ପାନୀର ଅଫିସ୍ କୁ ଫୋନ୍ ଆସିଲା, ମୁଁ ଫୋନର ରିସିଭର ଉଠାଇ କହିଲି –"ହ୍ୟାଲୋ, ମୁଁ ....ସୁମନ କହୁଛି, ଆପଣ କାହାକୁ ଖୋଜୁଛନ୍ତି ।"

"ମୁଁ, ଆପଣଙ୍କୁ ହିଁ ଖୋଜୁଥିଲି, ସେପଟୁ ଉତ୍ତର ଆସିଲା ।"

"ହ୍ୟାଲୋ, ମାଡାମ୍ କଏ କହୁଛନ୍ତି? ମୁଁ ଆପଣଙ୍କୁ ଚହ୍ନି ପାରୁନାହିଁ । ଆପଣଙ୍କ ପରିଚୟ ଜାଣିପାରିବି କ?"

"ମୁଁ ବାଘ କ ଭାଲୁ ନୁହେଁ! ମୁଁ ଜୟନ୍ତି ଦାସ କହୁଛି, ମ୍ୟାଡାମ୍ ନୁହେଁ"

"ଆଶ୍ଚର୍ଯ୍ୟ, ମୁଁ ସ୍ୱପ୍ନ ଦେଖୁନାହିଁ ତ? ତୁମେ ମୋ ଠିକଣା ପାଇଲ କେମିତି? ତା ଛଡା ତୁମେ ଏବେ କେଉଁଠାରୁ କହୁଛ ।"

"ଆରେ, ଆରେ ଏତେଗୁଡେ ପ୍ରଶ୍ନ ଏକାଥରକେ । ଟିକେ ଦମ୍ ନଅ ସୁମନ । ମୁଁ ଏବେ ଭବାନୀପାଟଣାରେ ସରକାରୀ କଲେଜରେ ଅଧ୍ୟାପିକା ଅଛି । ଆଉ ତୁମ ଖବର କଣ?"

ମୋର ଏକ ଛୋଟ ଗୁ୍କରୀ । ଆଉ ତୁମ ଖବର କଣ ଜୟନ୍ତୀ?" ଆଜି ହଠାତ୍ ମୁଁ ତୁମର କେମିତି ମନେ ପଡିଲି?" ତୁମେ ଯାହାକୁହ ଜୟନ୍ତୀ ଆଜି ମୋର ମହାଭାଗ୍ୟ । ଆଜି ତ ସୂର୍ଯ୍ୟ ସବୁଦିନ ପରି ପୂର୍ବ ଦିଗରେ ଉଦୟ ହୋଇଥିଲେ । କନ୍ତୁ ଆଜିର ଦିନଟି ଭାରି ଭିନ୍ନ । ତୁମ ସହିତ ଏତେ ଦିନ ପରେ କଥାବାର୍ତ୍ତା ହେଲାପରେ ମୁଁ ଏତେ ଖୁସି ଯେ ତାକୁ ଭାଷାରେ ପ୍ରକାଶ କରି ପାରୁନାହିଁ ।

ମୋ ବିଷୟରେ କଣ ବା କହିବି । ମୋର ସେଇ ପୁରୁଣା ମେସ୍ ଜୀବନ । କମ୍ପ୍ୟୁଟର କୋର୍ସ କରି ଏଇ କମ୍ପାନୀରେ ଏକାଉଣ୍ଟାଣ୍ଟ ଅଛି । ଗତବର୍ଷ ବାପାଙ୍କର ଦେହାନ୍ତ ପରେ ଘରର ସବୁ ଦାୟିତ୍ୱ ଏବେ ମୋ ଉପରେ । ମୋତେ ସବୁ କଥା ବୁଝିବାକୁ ପଡୁଛି । ସାନଭାଇ ମାଟ୍ରିକ ପାସ୍ କରିପାରିଲାନ । ତେଣୁ ତା ପାଇଁ ଗାଁ ରେ ଗୋଟିଏ ଦୋକାନ କରିଦେଇଛି । ସେ ଦୋକାନ ଚଳାଇବା ସହିତ ଗୃଷବାସ କାମ ଦେଖୁଛି ।

"ମୁଁ ତୁମକୁ କଛି କହିବାକୁ ଗ୍ୱହୁଁଛି ସୁମନ?"

"ହଁ, କୁହ ଜୟନ୍ତୀ ମୁଁ ତୁମ କଥା ଶୁଣୁଛି ।"

"ମୁଁ ତୁମକୁ ବହୁତ ଭଲପାଏ ସୁମନ! ମୁଁ ତୁମ ସହିତ ସଂସାର କରିବାକୁ ଗ୍ୱହେଁ ।"

ଶୁଣଜୟନ୍ତୀ ମୋର ଏଇ ଛୋଟ ଗ୍ୱକରୀରେ ତୁମକୁ ନେଇ ସ୍ୱପ୍ନ ଦେଖିବାର ଶକ୍ତି ଆଉ ସାମର୍ଥ୍ୟ ମୋ ପାଖରେ ନାହିଁ । ତା ଛଡା ତୁମେ ମୋ ଘରର ପରିବେଶରେ ଚଳପାରିବ ନାହିଁ ।

କାହିଁକ ମୁଁ ଏମିତି କଣ ହୋଇଗଲିକି? ତୁମକୁ ପାଇଲେ ମୁଁ ବହୁତ ଖୁସି ହେବି । ଆମେ ଦୁହେଁ ଦୁହିଁଙ୍କ ପାଇଁ ଜିଇଁବା । ତୁମ ଛଡା ମୁଁ ଅନ୍ୟ କାହାକୁ ମୋ ହୃଦୟରେ ସ୍ଥାନ ଦେଇ ନ ପାରେ ।

"ଠିକ୍ ଅଛି! ମୋର ଅନୁରୋଧ ତୁମେ ତୁମ ବାପାଙ୍କୁ ଏ କଥା କୁହ ।"

"ନା ବାବା ନା ସେ କାମ ମୋ ଦ୍ୱାର୍ ହୋଇ ପାରିବ ନାହିଁ ।" ମୁଁ ବାପାଙ୍କ ସାମ୍ନାରେ କେବେବି ମୁହଁ ଉଠାଇ କହିନାହିଁ । ଜେଜେବାପା ଆଉ ଜେଜେମା ଅତିମାତ୍ରାରେ ରକ୍ଷଣଶୀଳ । ମୋ ବାପା ଶୁଣିଲେ ଘରେ ଅଶାନ୍ତିର ଝଡ ଉଠିବ । ସେମାନେ ମୋ ଉପରେ ବର୍ଷିଯିବେ । ତେଣୁ ସେ କାମ ମୋ ଦ୍ୱାର୍ ହୋଇପାରିବ ନାହିଁ । ଏକଥା ଶୁଣି ସୁମନ ପଗ୍ୱରିଲ୍?" ତେବେ କଥା ଆଗକୁ କପରି ବଢିବ?"

"ଭଗବାନ ଜାଣନ୍ତି, "ତାଙ୍କର ଯାହା ଇଚ୍ଛା ତାହାହିଁ ହେବ କହି ଜୟନ୍ତୀ ଫୋନ ରଖି ଦେଇଥିଲ୍ । ତା ର ଠିକ୍ ଦୁଇ ମାସ ପରେ ସୁମନ ଜୟନ୍ତୀ ର ବିବାହ ନିମନ୍ତ୍ରଣ ପତ୍ର ପାଇଥିଲ୍ । ଜୟନ୍ତୀ ତାକୁ ବିବାହ ଉତ୍ସବରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲ୍ । ଜୟନ୍ତୀକୁ ହରାଇବା ଦୁଃଖରେ ସେ ପୁରାଦିନ କାନ୍ଦି କାନ୍ଦି ବିତାଇ ଦେଇଥିଲ୍ । ସେ ଜୟନ୍ତୀକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲ୍ ତାହା ଗୋଟିଏ କ୍ଷଣରେ ଚୁରମାର୍ ହୋଇଯାଇଥିଲ୍ । ତଥାପି ସେ ଭାଙ୍ଗି ନପଡି ତା ପାଖକୁ ଉପହାର ପଠାଇ ଶୁଭକାମନା

ଜଣାଇଥିଲା । ଜାଣି ଜାଣି ସେ ତାର ଅନୁରୋଧ ରକ୍ଷା କରି ପାରିନଥିଲା । ଭଗବାନଙ୍କ ଦୟାରୁ ଦୁଃଖର ବଳୟ ଭିତରୁ ବାହାରି ଆସି ନିଜକୁ ସହଜ କରି ନେଇଥିଲା ।

ବିବାହର ଅଳ୍ପଦିନ ପରେ ଜୟନ୍ତୀଠାରୁ ସେ ଚିଠି ଖଣ୍ଡିଏ ପାଇଥିଲା । ମୋର ଅନୁପସ୍ଥିତିକୁ ସେ ଉପଲବ୍ଧି କରି ଦୁଃଖ ପ୍ରକାଶ କରିଥିଲା । ସେ ଲେଖିଥିଲା, କଲେଜରେ ପାଠ ପଢିବାବେଳୁ ସେ ତାକୁ ଭଲ ପାଇଥିଲା । ତାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲା, ହେଲେ ବିଧିର ବିଧାନକୁ ମାନିନେଇ ସେ ଆଉ ଜଣକୁ ପତି ରୂପରେଗ୍ରହଣ କରିଛି । ବାଧ ଶିଶୁଟିଏ ପରି ଗୁରୁଜନଙ୍କ କଥାକୁ ମାନି ନେଇଛି । ସାନ୍ତ୍ୱନା ଦେଇ ଜୟନ୍ତୀ ଲେଖିଥିଲା ଭଲପାଇବାର ଶେଷ ପରିଣତି ବିଦାୟ ନୁହେଁ। ତେବେ ଆମରଭଲ ପାଇବାକୁ ସ୍ମୃତି କରି ବଞ୍ଚିପାରିବା ବନ୍ଧୁ ହିସାବରେ ।

ଏହା ଭିତରେ ତିରିଶିବର୍ଷ ବିତି ଯାଇଛି । ସୁମନ ମଧ ନିଜ ଜୀବନରେ ଆଗକୁ ବଢି ଯାଇଛି । ଶତରୂପା ଭଳି ବୁଦ୍ଧିମତୀ ସ୍ତ୍ରୀଟିଏ ପାଇଛି । ହେଲେ ଆଜି ଜୟନ୍ତୀ ଦାସକ ନାମଟି ଦେଖିଲା ପରେ ତା ର କଲେଜ ବେଳର କଥା ମନେ ପଡିଗଲା । ସାରା ଜୀବନ ସେ ଶତରୂପା ପାଖରେ ଭଲ ସ୍ୱାମୀଟିଏ ହେବାପାଇଁ ଶତଚେଷ୍ଟା କରିଛି । ହେଲେ ସବୁ ସୁଖ ଓ ପରିପୂର୍ଣ୍ଣତା ଭିତରେ ନିଜର ପ୍ରଥମ ପ୍ରେମକୁ ହରାଇବାର ଦୁଃଖ ତାକୁ ପାଉଁଶତଳେ କୁହୁଳଥିବା ନିଆଁପରି ସାରା ଜୀବନ ଜଳାଇ ଆସିଛି ।

ୟୁନିଟ- ୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଏହି ଇ-ପତ୍ରିକାକୁ ଆପଣ ନିଜ ନିଜର ଗ୍ରୁପ୍ ରେ ଶେୟାର୍ କରନ୍ତୁ ଆଉ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାରରେ ସହଯୋଗ କରନ୍ତୁ ।

## ସମଲପୁରି କବିତା

# ଶିଖ୍ ଆଏଁଖ୍ ମେଲି



ଆଶୁତୋଷ ମେହେର

ଫୁଲଟେ ଫୁଟଲେ କାଏଁ
ବାନ୍ଧିରଖସି ନଜର୍
ସୁନ୍ଦର୍ ମହକ୍ ଗୁନ୍
ଚେରେ ଚରଗୁନ୍ ଗଛେ
ବସିକରି କାଏଁ ଏକଲା
ଶୁନୁଥିସନ ନଜର ଧୁନ୍ ? ?



ଯେନ୍ ଆଡେ ଦେଖବୁ
ସେ ଆଡେ ପାଏବୁ
ପରକୃତି ମାଁ'ର ଦାନ ନଆର୍
ସଭିଁକୁ ସାଥେ ନେଇ
ବାଣ୍ଟି ଖାଏସନ୍ ମିଶି
ଫଏଲେଇକରି ଖୁସିର୍ ସୁଖଧାର୍ ।

ହେଲେ ମୁନୁଷ୍ ଜନମ୍ ପାଇ
ତୁଇ ସବୁକେ ଗଣ୍ଡାସୁ
ସବକରନ୍ନୁ ହେସୁ କେନ୍ତା ନଉନ୍
ଏନତା କଥା ଦେଖୁଥିସୁ ଖାଲି
ଶିଖ ଇଠାନ୍ନୁ ଆଏଁଖ ମେଲି
ନେ ରହିକରି ଆର୍ ମଉନ୍ ।

* ଇନେ ସରଲ୍*

ଆର୍ଯ୍ୟପଲ୍ଲୀ, କଟ୍ ଛକ, ପଟିଆ, ଭୁବନେଶ୍ୱର

# ଭ୍ରମଣ ସାହିତ୍ୟ

## ପରିଭ୍ରମଣ

ପ୍ରିୟବ୍ରତ ପାଢ଼ୀ

ଭ୍ରମଣ ସାହିତ୍ୟ, ଓଡିଆ ଭାଷା- ସାହିତ୍ୟରେ ଏକ ନବୀନ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୮୦ ପୂର୍ବରୁ ଅନେକ ସାହିତ୍ୟକୃତିକୁ ଉପନ୍ୟାସ ଓ ଅନୁଭୂତିଧର୍ମୀ ସାହିତ୍ୟ ବୋଲି ଧରାଯାଉଥିଲା । ପରବର୍ତ୍ତୀ କାଳରେ ସେସବୁକୁ ଭ୍ରମଣ ସାହିତ୍ୟର ଅନ୍ତର୍ଭୁକ୍ତ କରାଯାଇଛି ।

ଭ୍ରମଣ ସାହିତ୍ୟରେ ଅତ୍ୟନ୍ତ ଜରୁରୀ ବିଷୟ ହେଉଛି, ଜଣେ ବ୍ୟକ୍ତି ସ୍ଥୁଳଭାବେ ହେଉ କ ସୂକ୍ଷ୍ମଭାବେ ହେଉ ବୁଲି ବାହାରିଥିବ ଏବଂ ସେଥିରେ ତା ର ବ୍ୟକ୍ତିଗତ ଅନୁଭୂତି ନିଷ୍ଠିତରୂପେ ପ୍ରକାଶ ହେଉଥିବ । ଏହି ସର୍ବନିମ୍ନ ଆବଶ୍ୟକତାକୁ କେନ୍ଦ୍ରକରି ଗୁରିପାଖରେ ଗଢିଉଠିଥାଏ ଭାବନା, ଆବେଗ, ତତ୍ତ୍ୱ, ତଥ୍ୟ, ଆଦର୍ଶ, ବର୍ଣ୍ଣନା, ସୃଜନଶୀଳତା, ମାନବିକତା, ଦୂରଦର୍ଶିତା, ସୌନ୍ଦର୍ଯ୍ୟ ଭାବନା ଆଦିର ଉର୍ମିମାଳା । କେଉଁ ବିଷୟକୁ କେତେ ଗୁରୁତ୍ୱ ଦିଆଇବ - ତାହା ନିର୍ଭର କରିଥାଏ ଲେଖକର ବ୍ୟକ୍ତିଗତ ରୁଚ, ଅଭ୍ୟାସ ତଥା ଚେତନାର ସ୍ତର ଉପରେ । କେବଳ କିଛି ତଥ୍ୟକୁ ନେଇ ମଧ୍ୟ ସାହିତ୍ୟ ଆତ୍ମପ୍ରକାଶ କରିପାରେ । ଏଥିରେ ବ୍ୟକ୍ତିଟି ଉହ୍ୟ ଥାଏ, ଅଦୃଶ୍ୟରେ ରହି ସବୁକିଛି ସଂଗ୍ରହ କରିଥାଏ ଏବଂ ପାଠକଙ୍କ ଆଗରେ ପରିବେଷଣ କରିଥାଏ । ଏହିପରି ନାନା ରଙ୍ଗର, ନାନା ସ୍ତରର ଭ୍ରମଣ କାହାଣୀ ପ୍ରକାଶ ପାଇଥାଏ, ଯେଉଁଥିରେ ଭରି ରହିଥାଏ ଲେଖକର ଆଶା, ନିରାଶା, ସତର୍କତା, ଭୟ, ଭ୍ରାନ୍ତି, ଆନନ୍ଦ ତଥା ଅଭିଳାଷର ପ୍ରତିକ୍ରିୟା ।

ଥରେ ପଣ୍ଡିଚେରୀସ୍ଥିତ ରୋମାଁ ରୋଲାଁ ପାଠାଗାରରେ ବସି O'Women ବୋଲି ବିଚିତ୍ର ବହିଟିଏ ପଢିଥିଲି । ଜଣେ ଇଉରୋପୀୟ ପରିବ୍ରାଜକଙ୍କ ବିଭିନ୍ନ ଦେଶ ବୁଲିବାରେ ଆଗ୍ରହ ଥିଲା । ବିଭିନ୍ନ ଦେଶର ବିଭିନ୍ନ ଭାଷାଭାଷୀ, ଧର୍ମ ତଥା ସଂସ୍କୃତିର ବେଶ୍ୟାମାନଙ୍କ ସହ ରାତି କଟେଇବା ତାଙ୍କର ଏକ ପ୍ରମୁଖ ନିଶା ଥିଲା । ଏହି କ୍ରମରେ ଭାରତ, ବର୍ମା, ବାଙ୍ଗ୍ଲାଦେଶ, ପାକିସ୍ତାନ, ଇଂଲଣ୍ଡ, ଆମେରିକା ଇତ୍ୟାଦି ବିଭିନ୍ନ ଦେଶର ମହିଳାମାନଙ୍କ ସହ ସେ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କ ହସକାନ୍ଦ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ପ୍ରତାରଣା ତଥା

ସେମାନଙ୍କ ପରିବାର, ପରିବେଶ ସମ୍ପର୍କରେ ବହୁତ କିଛି ସମ୍ବେଦନାପୂର୍ଣ୍ଣ ଖବର ସେ ସଂଗ୍ରହ କରିଥିଲେ । ସତେଜ ତାଙ୍କର ସମ୍ପର୍କରେ ନୈର୍ବ୍ୟକ୍ତିକତାର ପରିସ୍ଫୁରକ ଘଟୁଥିଲା । ପରିଶେଷରେ ସେହି ପରିବ୍ରାଜକ ଜଣକ O'Women ବୋଲି ବହିଟି ଲେଖିଥିଲେ । ମତେ ଲାଗିଥିଲା, ତାହା ଥିଲା ଏକ ବିସ୍ମୟକର ଭ୍ରମଣକାହାଣୀ । ମଣିଷର ଆଦିମ କ୍ଷୁଧା, ଆଦିମ ସଂଘର୍ଷ ତଥା ଅସହାୟତାକୁ ନେଇ ଯେଉଁ ଅନ୍ତରଙ୍ଗ ଅନୁଭୂତି ସେଥିରେ ବର୍ଣ୍ଣିତ, ତାହା କୌଣସି ବୁଦ୍ଧିଜୀବୀ ବା ଭାବବାଦୀଠାରୁ କେବେ ମଧ୍ୟ ଆଶା କରାଯାଇ ପାରେନା । ଭ୍ରମଣ ସାହିତ୍ୟର ପ୍ରକାରଭେଦକୁ ନେଇ ଓଡିଆ ସାହିତ୍ୟରେ ଏଯାବତ୍ କୌଣସି ବିଧିବଦ୍ଧ ଗବେଷଣା ହୋଇନାହିଁ । ୨୦୧୫ ମସିହା ସୁଦ୍ଧା ଓଡିଆ ଭାଷାରେ ଲେଖାଯାଇଥିବା ସମସ୍ତ ଭ୍ରମଣକାହାଣୀ ପୁସ୍ତକର ସଂଖ୍ୟା ଖୁବ୍ ବେଶୀରେ ଦେଢଶହ । ମୁଖ୍ୟତଃ ଦୁଇଟି ଅଲଗା ଅଲଗା ଦୃଷ୍ଟିକୋଣକୁ ନେଇ ଏହି ପୁସ୍ତକ ସବୁକୁ ବିଭିନ୍ନ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ଗୋଟିଏ ହେଲା ପରିସ୍ଥିତିର ବିଭିନ୍ନତାକୁ ନେଇ ବର୍ଗୀକରଣ, ଅନ୍ୟଟି ହେଲା ସାହିତ୍ୟ ଦୃଷ୍ଟିରୁ ରଚନାର ପ୍ରକାରଭେଦ ।

## ପରିସ୍ଥିତିର ବିଭିନ୍ନତାକୁ ନେଇ ଭ୍ରମଣକାହାଣୀ ବର୍ଗୀକରଣ:

ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ, ଭିନ୍ନ ଭିନ୍ନ ଅନୁଷ୍ଠାନ ତରଫରୁ ପ୍ରୋତ୍ସାହନ ପାଇ, ବିଭିନ୍ନ ପରିସ୍ଥିତି ବା ପରିବେଶରେ ଜଣେ ଲେଖକ ପରିଣତି ସ୍ୱରୂପ ନୂଆ ଜାଗାରେ ନିଜକୁ ଆବିଷ୍କାର କରିଥାଏ । ନିଜର ଅପୂର୍ବ ଗ୍ରହଣଶୀଳତାର ମନୋବୃତ୍ତି ନେଇ ଅନେକ କଥା ଦେଖିଥାଏ, ଅନୁଭବ କରିଥାଏ । ସଂଗୃହୀତ ତଥ୍ୟ, ସାହିତ୍ୟ ଓ କାହାଣୀ କିମ୍ବଦନ୍ତୀରୁ ସାର ସଂଗ୍ରହ କରି, ନିଜ ଅନୁଭବରେ ସେସବୁକୁ ଯୋଡି ଲେଖକ ନିଜ ଭ୍ରମଣ ସାହିତ୍ୟରେ ଜୀବନ୍ୟାସ ଦେଇଥାଏ ।

କିଭଳି ପରିସ୍ଥିତିରେ ଲେଖକ ଜଣକ ଅନ୍ୟତ୍ର ଯାଇଥିଲେ, କେତେ ସମୟ ପାଇଁ ଯାଇଥିଲେ, ତାହା ଉପରେ ପ୍ରଚଣ୍ଡ ଭାବେ ନିର୍ଭରଶୀଳ ଭ୍ରମଣ ସାହିତ୍ୟ । ତାକୁ ନେଇ ପ୍ରକାର ଭେଦର ବର୍ଣ୍ଣନା ନିମ୍ନରେ ଦିଆଗଲା ।

**୧. ତୀର୍ଥାଟନ:** ଆମ ଓଡିଶାରେ ସର୍ବାଧିକ ଲୋକ ଭ୍ରମଣ କହିଲେ କେବଳ ତୀର୍ଥାଟନକୁ ବୁଝିଥାନ୍ତି । କର୍ମମୟ ଜୀବନରୁ ଅବସର ନେଲାପରେ ଲୋକେ ଚାରିଧାମରେ ବାହାରି

ପଡନ୍ତି । ସେମାନଙ୍କ ଚାହିଦାକୁ ଦେଖି ତୀର୍ଥଗାଡିର ବ୍ୟବସ୍ଥା ଚାଲିଛି । କୋଡିଏ ପଚିଶି ଦିନରେ, ତୀର୍ଥଟ୍ରେନ୍ ଯୋଗେ ସେମାନେ ଭାରତର ଗୋଟିଏ ବଡ ଅଂଶ ବୁଲି ଆସି ପାରୁଛନ୍ତି । ଇସ୍କନ୍ ଭଳି ଅନେକ ସଂସ୍ଥା ଏବେ ପ୍ୟାକେଜ୍- ତୀର୍ଥାଟନରେ ମନ ବଳେଇଲେଣି । ତାଙ୍କ ଭିତରୁ କିଛି ତୀର୍ଥଚାରୀ ବହି ଲେଖୁଛନ୍ତି । ସାହିତ୍ୟ ଦୃଷ୍ଟିରୁ ସେ ଭିତରେ ଅଛି ଭାକ୍ତିକ - ଭ୍ରମଣର କଥା, ଅନୁସନ୍ଧିତ୍ସାର କଥା, କାହାଣୀ କମ୍ବଦନ୍ତୀର କଥା, ଆଧ୍ୟାତ୍ମିକତାର କଥା ।

ଭାକ୍ତିକ ଦର୍ଶନାର୍ଥୀ ଜଣକ ଭକ୍ତି ଗଦ୍ ଗଦ୍ ହୋଇ ବୁଲିଥାଏ । ପୁରାଣରେ ପଢିଥିବା ଅନେକ ଲୀଳାଭୂମିକୁ ମନେ ପକେଇ ସେ ମାଟିରେ ଗଡିଯାଏ, କାନ୍ଦି ପକାଏ, ଆହା- ଆହା ବୋଲି କହି କେଉଁ ଏକ ଭାବରାଜ୍ୟରେ ବୁଡିଆଏ । ପୁରୀ ଆସିଲେ ଏ ଧରଣର ଦର୍ଶନାର୍ଥୀ ଚୈତନ୍ୟଙ୍କ ପଦରୁଣୁରେ ଧନ୍ୟ ହୋଇଥିବା ବଡଦାଣ୍ଡକୁ ଦେଖନ୍ତି, ଶରଧାବାଲିକୁ ମୁଣ୍ଡରେ ଲଗାନ୍ତି, ଜଗନ୍ନାଥ ଦାସ ବା ବଳରାମ ଦାସଙ୍କ ଆଶ୍ରମକୁ ଯାଇ କୃତାର୍ଥ ଅନୁଭବ କରନ୍ତି । ଅଥଚ ପୁରୀର ଅସୁମାରି ଦୃଶ୍ୟ ତାଙ୍କର ଅଣଦେଖା ହୋଇ ରହିଯାଏ । ଓଡିଆରେ ଅନୁବାଦ ହୋଇଥିବା "ବୃନ୍ଦାବନରେ ଅଲୌକିକ କୃପା" ଏପରି ଏକ ଭାକ୍ତିକ ଭ୍ରମଣ କାହାଣୀ ।

ଆଉ କିଛି ଦର୍ଶନାର୍ଥୀ ଅଛନ୍ତି ଯେଉଁମାନେ ଅନୁସନ୍ଧିତ୍ସୁ । ସେମାନେ ଯଦି କୁରୁକ୍ଷେତ୍ର ଯାଆନ୍ତି, ସ୍ତବ୍ଧ ହୋଇ କଳ୍ପନା କରନ୍ତି - ଏଠାରେ କେମିତି ମହାଭାରତ ଯୁଦ୍ଧ ହୋଇଥିଲା ! ଶ୍ରୀକୃଷ୍ଣ ଆସିଥିଲେ ଦ୍ୱାରକାରୁ, କିରାତମାନେ ସୁଦୂର ନାଗାଲାଣ୍ଡରୁ, ଶକୁନ ଆସିଥିଲା ଆଫଗାନସ୍ଥାନରୁ - ଏସବୁ କଥା ଭାବି ଭାବି ସେମାନେ ଆହୁରି ଚନ୍ତାମଗ୍ନ ହୋଇ ପଡନ୍ତି, ଶିହରିତ ହୁଅନ୍ତି । କିନ୍ତୁ ସେମାନଙ୍କ ସମସ୍ତ ଅନୁସନ୍ଧାନ ଓ କଳ୍ପନାଜଳ୍ପନା କେବଳ ପୌରାଣିକ ବା ଧାର୍ମିକ କଥାବସ୍ତୁକୁ ନେଇ । ଓଡିଆ ଭ୍ରମଣକାହାଣୀର ପିତାମହ ଆର୍ତ୍ତତ୍ରାଣ ମିଶ୍ରଙ୍କ ଦ୍ୱାରା ଲିଖିତ ସମସ୍ତ ଭ୍ରମଣ କାହାଣୀ ଏହି ବର୍ଗର । "ଦେବପୀଠ ହିମାଳୟ", ମରୁପ୍ରାନ୍ତେ ରାଜସ୍ଥାନ", "ତିନିସାଗର ସଂଗମ", "ଦେବଭୂମି ଦାକ୍ଷୀଣାତ୍ୟ", "ଦ୍ୱାରକା ପ୍ରଭାସ", "ଅପରୂପ ନେପାଳ", "ତୁଷାରତୀର୍ଥ ଅମରନାଥ" - ଏଗୁଡିକ ଶ୍ରୀ ମିଶ୍ରଙ୍କ ଅମରକୃତି । କାହାଣୀ, କମ୍ବଦନ୍ତୀ, ବେଦ ଓ ପୁରାଣ ଚନ୍ଦନଆଦିରେ ଭରପୁର ଏସବୁ କାହାଣୀ । ଶ୍ରୀ ମିଶ୍ରଙ୍କ ଜ୍ଞାନର ଗଭୀରତା ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡିଥାଏ । ଏହି

କ୍ରମରେ ଲାଲମୋହନ ପଟ୍ଟନାୟକଙ୍କ "ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ", ଗୋଲକ ବିହାରୀ ଧଳଙ୍କ "ଗଙ୍ଗାରୁ ଗୋଦାବରୀ" ଶରତ ଚନ୍ଦ୍ର ନାୟକଙ୍କ ଲିଖିତ "ଦକ୍ଷିଣ- ପଶ୍ଚିମ ଭାରତ ଭ୍ରମଣ", "ନେପାଳ ପରିଭ୍ରମଣ", "ଭାରତ ଭ୍ରମଣ"– ଏସବୁ ଦୃଷ୍ଟିରୁ ପାଠକଙ୍କ ବହୁତ କାମରେ ଆସିଥାଏ ।

ଯେଉଁମାନେ କୌଣସି ନିର୍ଦ୍ଦିଷ୍ଟ ଆଧ୍ୟାତ୍ମିକ ଗୁରୁଙ୍କ ଶରଣାପନ୍ନ ହୋଇଥାନ୍ତି, ସେମାନେ ପୌରାଣିକ ତୀର୍ଥ ଅପେକ୍ଷା ଆଧୁନିକ ଆଶ୍ରମ ସବୁକୁ ବୁଲିବାକୁ ପସନ୍ଦ କରିଥାନ୍ତି । ଋଷିକେଶର ଶିବାନନ୍ଦ ଆଶ୍ରମ, ବେଲୁଡ଼ୁମଠର ରାମକୃଷ୍ଣ ଆଶ୍ରମ, ଗୌହାଟୀର ନିଗମାନନ୍ଦ ଆଶ୍ରମ, ପ୍ରୟାଗର ଭାରତ ସେବାଶ୍ରମ, ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମ, ପୁଟପର୍ତ୍ତିର ଶ୍ରୀ ସତ୍ୟସାଇ ବାବା ଆଶ୍ରମ, ହରିଦ୍ୱାରର ପତଞ୍ଜଳୀ ଆଶ୍ରମ, ଅରୁଣାଚଳମ୍ ର ରମଣ ମହର୍ଷି ଆଶ୍ରମ, ଧର୍ମଶାଳାର ଚିନ୍ମୟାନନ୍ଦ ଆଶ୍ରମ, ଦେଓଘରରେ ଅନୁକୂଳଚନ୍ଦ୍ର ଆଶ୍ରମ, ସାବରମତି ବା ସେବାଗ୍ରାମରେ ଗାନ୍ଧୀ ଆଶ୍ରମ – ଏମିତି ସାରା ଭାରତରେ ବିକ୍ଷିପ୍ତ ହୋଇ ରହିଛି କେତେ ଆଶ୍ରମ । ଆଶ୍ରମ ଦର୍ଶନରେ ଯାଉଥିବା ବ୍ୟକ୍ତିମାନଙ୍କ ଭିତରୁ କିଛି ଲେଖନ୍ତି । ମାତ୍ର ସେସବୁ ସାହିତ୍ୟ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଭିତରେ ସୀମିତ ହୋଇ ରହିଯାଏ, ସାର୍ବଜନୀନ ହୋଇ ପାରେନା । ସେ ସମସ୍ତ କୃତିକୁ ସଂଗ୍ରହ କରି ସଂକଳନ କଲେ ଓଡିଆରେ ଚମତ୍କାର ଭ୍ରମଣକାହାଣୀ ବହିଟିଏ ହୋଇପାରନ୍ତା । ପଞ୍ଚାନନ ମହାନ୍ତିଙ୍କ "ତପୋଭୂମି ପଣ୍ଡିଚେରୀ", ନାରାୟଣ ସ୍ୱାମୀଙ୍କ "ସାଧନା ପଥେ ହିମାଳୟ" ଏହି କିସମର ଦୁଇଟି ଉପାଦେୟ ବହି ।

### ୨. ଅନୁଷ୍ଠାନ ଭିତ୍ତିକ ଭ୍ରମଣ:

ବିଭିନ୍ନ ଅନୁଷ୍ଠାନ ତରଫରୁ ନିର୍ବାଚିତ ହୋଇ କିଛି ବ୍ୟକ୍ତି ଅନ୍ୟତ୍ର ଯିବାପାଇଁ ସୁଯୋଗ ପାଇଥାନ୍ତି । ଦୁର୍ଭାଗ୍ୟ, ସେଇ ବ୍ୟକ୍ତିମାନଙ୍କ ପାଖରେ ଯେଥେଷ୍ଟ ପଇସା ନଥାଏ ବା ସମୟ ନଥାଏ, ସେଇ ନୂଆ ଭୂଖଣ୍ଡଟିରେ ମନଭରି ବୁଲିବା ପାଇଁ । ଅନୁଷ୍ଠାନମାନଙ୍କ ତଣ୍ଟିଚିପା ସିଡୁଲ୍ ଭିତରେ ଲେଖକଙ୍କୁ ଆଦୌ ଫୁରୁସତ୍ ନଥାଏ । ନିଜ ରହିବା ଲଜ୍ ବା ହୋଟେଲ୍ ରେ ସକାଳୁ ଉଠି, ନିତ୍ୟକର୍ମ ସାରି, ଆନୁଷ୍ଠାନ ନିର୍ଦ୍ଧାରିତ ଖସଡା ମୁତାବକ ସଭାସମିତିରେ ଯୋଗଦେଇ, ସେଠାରେ ପ୍ରସ୍ତୁତ ଖାଦ୍ୟଖାଇ ରୁମ୍ କୁ ଫେରିଲା ବେଳକୁ ରାତି । ବିଚରା ଲେଖକଟି କରିବ କଣ? ନୂଆ ଜାଗାଟିର ଇତିହାସ, ସଂସ୍କୃତି, କାହାଣୀ କିମ୍ବଦନ୍ତୀ

ସମ୍ବଳିତ କିଛି ପୁସ୍ତକ ବା ବ୍ରୋଚର ସଂଗ୍ରହ କରି ନିଜର ସ୍ୱଳ୍ପ ଅନୁଭୂତିରେ ସେସବୁକୁ ଯୋଡିଯାଡି କାହାଣୀ ପ୍ରସ୍ତୁତ କରିବାକୁ ହେଇଥାଏ । ଯେହେତୁ ସ୍ୱାଧୀନତା ନଥାଏ, ମୁକ୍ତ ଚିନ୍ତନ ପାଇଁ ପରିବେଶ ନଥାଏ, ଦର୍ଶନ ପାଇଁ ଫୁରୁସତ୍ ନଥାଏ – ତେଣୁ ସେହିଳି ଲେଖାରେ ପ୍ରଚୁର ଜ୍ଞାନ ଥାଇପାରେ, କିନ୍ତୁ ଅନୁଭବ ଅଂଶଟି ଅତି ଦୁର୍ବଳ ଥାଏ । ଲେଖକ ରହିଥାନ୍ତି ଗ୍ଚରିଦିନ ପାଇଁ, ଲେଖିଥାନ୍ତି ଦୁଇଶହ ପୃଷ୍ଠାର ବହି ଏବଂ ବଡ ଚମତ୍କାର ଭାବେ ଲେଖକ ନିଜ ରହିବା ସମୟଟିକୁ ଗୁପ୍ତ ରଖିଦିଅନ୍ତି । ହଁ, ଯଦି ଫୁରୁସତ୍ ପ୍ରଚୁର ଥାଏ ଏବଂ ଲେଖକଙ୍କୁ ଭରପୂର ସ୍ୱାଧୀନତା ମିଳିଥାଏ ତେବେ ସୃଷ୍ଟି ହୋଇଥାଏ ଚମତ୍କାର ଆଲେଖ୍ୟ । ସୁରେନ୍ଦ୍ର ମହାନ୍ତିଙ୍କ "ପେକିଂ ଡାଏରୀ", ଗୌରହରି ଦାସଙ୍କ "ଚହ୍ଲା ଅଚହ୍ଲା ଚୀନ", ରେଖା ମହାନ୍ତିଙ୍କ ଦ୍ୱାରା ଅନୂଦିତ ଅନ୍ନଦା ଶଙ୍କର ରାୟଙ୍କ "ଜାପାନରେ", ସୀତାକାନ୍ତ ମହାପାତ୍ରଙ୍କ"ଅନେକ ଶରତ", ଅକ୍ଷୟ ମହାନ୍ତି ଙ୍କ "ବା""ବା"ରେ ଆମେରିକା", ମନୋଜ ଦାସଙ୍କ "ଅଦୂର ବିଦେଶ", "ଦୂରଦୂରାନ୍ତର", ବ୍ରଜକିଶୋର ସ୍ୱାଇଁଙ୍କ ଅନୂଦିତ ବଛେନ୍ଦ୍ରୀ ପାଲଙ୍କ "ଏଭେରେଷ୍ଟ, ମୋ ଶିଖରକୁ ଯାତ୍ରା", ଉମେଶ ପଟ୍ଟୀଙ୍କ "ପ୍ରାଚ୍ୟ ଦୃଷ୍ଟିରେ ପାଶ୍ଚାତ୍ୟ", "ଯୀଶୁଙ୍କ ଦେଶରେ ଜଣେ ହିନ୍ଦୁ ତୀର୍ଥଯାତ୍ରୀ", ଚିତ୍ତରଞ୍ଜନ ଦାସଙ୍କ "ଏରତାଜ୍ ଇସ୍ରାଏଲ୍", ଗୋବିନ୍ଦ ଦାସଙ୍କ "ଦେଶେଦେଶେ", କୁଞ୍ଜ ବିହାରୀ ଦାସଙ୍କ "ଆମେରିକା" ହିରଣ୍ମୟୀ ମିଶ୍ରଙ୍କ "କେତେ ଦୂରେ ମୋ ପ୍ରିୟ ଦେଶ" ଏଭଳି ଏକ ପରିସ୍ଥିତିରେ ଲେଖାଯାଇଥିବା କିଛି ଚମତ୍କାର ଭ୍ରମଣ କାହାଣୀ ।

### ୩. ନିର୍ଭେଜାଳ ଭ୍ରମଣ:

ଭ୍ରମଣ ପାଇଁ ଭ୍ରମଣ ଏକ ନିର୍ଭେଜାଳ ବିଗ୍ଚରର କଥା । ଏଥିପାଇଁ ଅର୍ଥ ସହ ପ୍ରଚୁର ସମୟର ଆବଶ୍ୟକତା ରହିଥାଏ । ବ୍ୟକ୍ତି ନିଜ ସ୍ୱାଧୀନତାରେ ଜାଗାଟିଏ ବା ଜାଗାସମୂହକୁ ବୁଲିଯିବାକୁ ନିଷ୍ପତ୍ତି ନେଇଥାଏ ଏବଂ ନିଜ ଇଚ୍ଛାରେ ସମୟ କଟାଇଥାଏ । ତେଣୁ ଲେଖକ ନିଜ ଅନୁଭୂତିରୁ ସଂଗୃହୀତ ତଥ୍ୟ, ଇତିହାସ ଓ ସାଂପ୍ରତିକ ଜନଜୀବନର ଖବର ସହ ଫେଣ୍ଟାଫେଣ୍ଟି କରି ଭ୍ରମଣ ସାହିତ୍ୟ ରଚନା କରିଥାନ୍ତି । ଅନୁଷ୍ଠାନମାନଙ୍କ କାର୍ଯ୍ୟସୂଚୀର ଅଯଥା ହସ୍ତକ୍ଷେପ ଏହି ସାହିତ୍ୟକୁ ପ୍ରଭାବିତ କରିନଥାଏ । ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଅନୁଦୀତ ଉମା ପ୍ରସାଦ ମୁଖୋପାଧ୍ୟାୟଙ୍କ"ମଣିମହେଶ", ସ୍ୱାମୀ ତପୋବନ ଜୀ

ମହାର୍‌ଜାଙ୍କ "ହିମଗିରୀ ବିହାର", ଶ୍ରିପତି ମିଶ୍ରଙ୍କ "ସିମଲ୍ ଯାତ୍ରା", ବିକ୍ରମ ସେଠ୍ ଙ୍କ "ସ୍ୱର୍ଗୀୟ ସରୋବରରୁ", ଅନୁବାଦକ- ଗୋଲକ ବିହାରୀ ମିଶ୍ର, ଚିତ୍ତରଞ୍ଜନ ଦାସଙ୍କ "ଶିଳାତୀର୍ଥ", "ଗଞ୍ଜାମ ମାଳରେ ସାତଦିନ", ଜଗନ୍ନାଥ ମହାନ୍ତିଙ୍କ "ପର୍ଯ୍ୟଟନ ପଥେ", ଶ୍ରୀହର୍ଷ ମିଶ୍ରଙ୍କ "ବିପୁଳାଚ ପୃଥ୍ୱୀ", ମହାପାତ୍ର ଯତୀନ୍ଦ୍ର କୁମାରଙ୍କ "ନର୍ମଦା-କନ୍ୟାକୁମାରୀ", ଅନୀଲ ଦେ ଙ୍କ "ଆନନ୍ଦ ସନ୍ଧାନେ", "ଅମୃତ ସନ୍ଧାନେ", ପ୍ରିୟବ୍ରତ ପାତ୍ରଙ୍କ "ଅନୁଭବୀର ଭାରତ", "ଆଭିଯାତ୍ରୀକ- ୧", "ଆଭିଯାତ୍ରୀକ- ୨", "ଭାରତ ଏକ ଦୃଷ୍ଟା", ବିଜୟ କୁମାର ପ୍ରଧାନଙ୍କ ଦ୍ୱାରା ଅନୂଦିତ ମନମୋହନ ସିଂଙ୍କ "ଜଙ୍ଗଲ ଜଙ୍ଗଲ ପର୍ବତ ପର୍ବତ" ଆଦି ଏହି ପର୍ଯ୍ୟାୟର ଭ୍ରମଣ କାହାଣୀ । ଗୋପିନାଥ ମହାନ୍ତିଙ୍କ "ଲୟ ବିଲୟ" ଏକ କାଳ୍ପନିକ ଉପନ୍ୟାସ ହେଲେ ମଧ୍ୟ ଏହା ଏକ ନିଛକ ଭ୍ରମଣ କାହାଣୀ, ଯେଉଁଠି ଗୋଟିଏ ବଙ୍ଗାଳୀ ପରିବାର ପୁରୀ ଆସି ମାତ୍ର ଚାରିଦିନ ପାଇଁ ରହିଛନ୍ତି ।

### ୪. ସୁଯୋଗ ବା ଅବସର ଭିତ୍ତିକ:

ଆଜିକାଲି ବହୁ ଓଡିଆଙ୍କ ପୁଅଝିଅମାନେ ବିଭିନ୍ନ ଦେଶରେ ବା ଦୂରଜାଗାରେ ରହୁଛନ୍ତି । ସେମାନଙ୍କ ସାନପିଲାଙ୍କୁ ପାରେଇ ନେବା ବହାନାରେ ହେଉ, କ ଅବସର ସମୟ କଟାଇବା ପାଇଁ ହେଉ ବୟସ୍କ ପିତାମାତାମାନେ ଢେର ସମୟ ଧରି ଅନ୍ୟତ୍ର ରହିବାକୁ ସୁଯୋଗ ପାଇଥାନ୍ତି । ରହୁରହୁ ଅନେକ କିଛି ସଂଗ୍ରହ କରି ପକାନ୍ତି, ଅନେକ ଅନ୍ତରଙ୍ଗତାରେ ବାନ୍ଧିହୋଇ ପଡନ୍ତି । ସେସବୁ ସ୍ମୃତି ସାଉଁଟା କାହାଣୀକୁ ନେଇ ସୃଷ୍ଟି ହୁଏ ଭ୍ରମଣ କାହାଣୀ । ରାସ ବିହାରୀ ବେହେରାଙ୍କ "ଅନନ୍ୟ ସୃଷ୍ଟି କାନାଡା", ଭୁବନେଶ୍ୱର ବେହେ "ପଶ୍ଚିମ ଆଫ୍ରିକାରେ ଓଡିଆ ଢେଙ୍କି", ସୁସ୍ମିତା ବାଗଚୀଙ୍କ "ଝରକା ସେ ପାଖର ପୃଥିବୀ", କଶୋରୀ ଚରଣ ଦାସଙ୍କ "କାନାଡା ଡାଏରୀ", ଗୋକୁଳ ଚନ୍ଦ୍ର ମାହାପାତ୍ରଙ୍କ "ନୀଳଚକ୍ରବାଳ ସେପାରେ", ଗଣେଶ ମିଶ୍ରଙ୍କ "ସମୁଦ୍ର ସେପାଖେ", ଶକୁନ୍ତଳା ବଳଆର ସିଂଙ୍କ "ଭିନ୍ନ ମାଟି ଭିନ୍ନ ଆକାଶ", ପ୍ରମୋଦ କୁମାର ମହାପା "ଆଜିର ଆମେରିକା", ବିଦ୍ୟୁତ୍ ମହାନ୍ତିଙ୍କ "ଗଲି ଅଇଲି, ଭ୍ରମଣରୁ କାହାଣୀ", ଚିତ୍ତରଞ୍ଜନ ଦାସଙ୍କ "ଆମେରିକାରୁ ଆସିଲି", ଶାନ୍ତନୁ ଆଚାର୍ଯ୍ୟଙ୍କ "ମୋ ଆମେରିକା ଅନୁଭୂତି ଡାଏରୀ" ଆଦି ଏଭଳ ସୁଯୋଗରୁ ସୃଷ୍ଟି ହୋଇଥିବା ସାହିତ୍ୟ ।

ବେଳେବେଳେ ଅନ୍ୟ ଏକ ଲକ୍ଷ୍ୟ ନେଇ ଲେଖକ ଜଣକ ଯାଇଥାନ୍ତି, ଭ୍ରମଣକେବଳ ଏକ ଉପଲକ୍ଷ୍ୟ ହୋଇ ରହିଥାଏ । ବନ୍ଧୁ ପରିଜନଙ୍କ ସହାୟତାରେ ଆଖପାଖ ଜାଗାକୁ ମନଭରି ବୁଲିବା ପାଇଁ ସୁଯୋଗ ମିଳଯାଏ । ମନୋଜ ଦାସଙ୍କ "ଦୂର ଦୂରାନ୍ତର", "ଅନ୍ତରଙ୍ଗ ଭାରତ" ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ, ମୀନକେତନ ପାଠୀଙ୍କ "ନଇକେ ବାଙ୍କ୍", ଲେନନ୍ କୁମାରଙ୍କ ଦ୍ୱାରା ଅନୂଦିତ "ଜଙ୍ଗଲନାମା" ଆଦି ଏହି ପର୍ଯ୍ୟାୟର ଲେଖା ।

### ୫. ବୃତ୍ତିଭିତ୍ତିକ:

ନିଜର ବୃତ୍ତିଦାୟରେ ଲେଖକ ଜଣେ ଭିନ୍ନ ଏକ ଜାଗାରେ ରହିବାକୁ ସୁଯୋଗ ପାଇଥାଏ । ଏହି ଅବସରରେ ସେ ଯାହା ଲେଖେ ତାକୁ ଆମେ ବୃତ୍ତିଭିତ୍ତିକ ଭ୍ରମଣ କାହାଣୀ କହି ପାରିବା । ସ୍ମରଣ ରହେ ଯେ ଏଠାରେ ସାହିତ୍ୟର ପ୍ରକାରଭେଦ କଥା କହୁନାହୁଁ, ବରଂ କୋଉ ପରିସ୍ଥିତିରେ ଲେଖା ଯାଇଥିଲା ତାକୁ ନେଇ ବର୍ଗୀକରଣର କଥା କୁହାଯାଉଛି । ଲେଖକ ଜଣକ ସୃଜନମନସ୍କ ହୋଇଥିବା ଯୋଗୁଁ ବୃତ୍ତିଗତ ଜୀବନର ଧରାବନ୍ଧା ନିୟମରୁ ମୁକ୍ତହୋଇ ନିଜସ୍ୱ ଢଙ୍ଗରେ ଲେଖିବାକୁ ସମର୍ଥ ହେଇଥାନ୍ତି । ସୂର୍ଯ୍ୟକାନ୍ତ ଦାସଙ୍କ "ନାଗାରାଇଜ", ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ଅନୂଦିତ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ "ବନଗ୍ରାମୀ", ଅବସର ବେଉରୀଆଙ୍କ "ମ୍ୟାନମାର୍ ରୁ ମାଡାଗାସ୍କର", ଅଶ୍ୱିନୀ କୁମାର ମିଶ୍ରଙ୍କ "ଦୂରେ ସୁଦୂରେ", ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ "ପାଶ୍ଚାତ୍ୟ ଅନୁଭୂତି", ଭୂପେନ ମହାପାତ୍ରଙ୍କ "ଅପୂର୍ବ ପୂର୍ବ", "ଉପତ୍ୟକାର ଉପକଥା", ଆଦି ଏହି ବର୍ଗର ଲେଖା ।

### ୬. ଶିକ୍ଷାକାଳୀନ ଭ୍ରମଣ:

ପ୍ରତିବର୍ଷ ଓଡିଶାରୁ ଦଳଦଳ ପିଲାଙ୍କୁ ନେଇ ଶିକ୍ଷକମାନେ ଭ୍ରମଣରେ ଯାଉଛନ୍ତି । ସେସବୁକୁ ସାହିତ୍ୟ ରୂପ ଦେବା କ୍ୱଚିତ ଦେଖିବାକୁ ମିଳନାହିଁ । ବରଂ ପଢିବାକୁ ଯାଇଥିବା ଓ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥିବା କତିପୟ ଓଡିଆ ଛାତ୍ରଙ୍କ ଦ୍ୱାରା ଚମତ୍କାର ଭ୍ରମଣ ସାହିତ୍ୟ ସବୁ ସୃଷ୍ଟି ହୋଇଛି । ବଳରାମ ସାହୁଙ୍କ "ଗୋଟିଏ ଜର୍ମାନୀ ଗାଁରେ ଦଶଦିନ" । କେମ୍ବ୍ରିଜ୍ ପଢିବାକୁ ଯାଇଥିବା ଦେବାଶିଷ ପାଣିଗ୍ରାହୀଙ୍କ "ପଡର ଫାଙ୍କର ସୂର୍ଯ୍ୟ" ଓ ସୀତାକାନ୍ତ ମହାପାତ୍ରଙ୍କ "କେମ୍ବ୍ରିଜ୍ ସ୍ମୃତି" ଉପନ୍ୟାସ ପରି ଲାଗୁଥିବା ଏକ ଏକ ଚମତ୍କାର

ଭ୍ରମଣ କାହାଣୀ । ଛାତ୍ରାବସ୍ଥାରୁ ନଜର ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଇଥିବା ଚିତ୍ତରଞ୍ଜନ ଦାସଙ୍କ "ଡେନମାର୍କ ଚିଠି", "ନେପାଳ ପଥେ", "ସାଗର ଯାତ୍ରୀ", "ସାଗର ପଥ", "ଭାରତରୁ ଚୀନ" ଆଦି ଏହି ଶ୍ରେଣୀୟ ଭ୍ରମଣ ସାହିତ୍ୟ ।

### ୭. ସହଯୋଗ ଭିତ୍ତିକ ଭ୍ରମଣ:

ଗୋଟିଏ ଅନୁଷ୍ଠାନ, କମ୍ପାନୀ ବା ରାଷ୍ଟ୍ର ଜଣେ ଲେଖକର ଭ୍ରମଣକାଳୀନ ସମସ୍ତ ସୁବିଧା ଯୋଗାଇଥାଏ, ଖର୍ଚ୍ଚ ଉଠାଇଥାଏ ଏବଂ ଲେଖକ ଜଣକ ବେଶ କିଛିଦିନ ମୁକ୍ତ ଭାବେ ରହିବାକୁ, ବୁଲିବାକୁ ସୁଯୋଗ ପାଇଥାନ୍ତି । ଆଜି ମଧ୍ୟ ଓଡିଶା ସରକାର, ଓଡିଶାର କୌଣସି ପୁଞ୍ଜିପତି ବା କମ୍ପାନୀ ଏ ଦିଗରେ ଖର୍ଚ୍ଚ କରିବାକୁ ଆଗ୍ରହ ଦେଖେଇ ନଥାନ୍ତି । ଇସ୍ରାଏଲ୍ ଦେଶରେ ପ୍ରତି ଶିକ୍ଷାର୍ଥୀଙ୍କୁ ଶିକ୍ଷା ଶେଷରେ, ତା ପସନ୍ଦ ଅନୁସାରେ ଜାଗାଟିଏ ବୁଲିବାକୁ ସୁଯୋଗ ଦିଆଯାଇଥାଏ ଏବଂ ସରକାର ସେଥିପାଇଁ ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ର ସବୁରେ ଏପରି କମ୍ପାନୀ ଅନୁଦାନରେ ବହୁଲୋକ ବୁଲିବାକୁ ଓ ଲେଖିବାକୁ ସୁଯୋଗ ପାଇଥାନ୍ତି । ଏପରି କିଛି ସ୍ପନସର୍ ମାଧ୍ୟମରେ ସୁବିଧା ପାଇ, ପ୍ରତିଭା ରାୟ ପୃଥିବୀର ଅନେକ ଦେଶ ବୁଲି ଆସିଛନ୍ତି ଓ ଆମ ଓଡିଶା ସାହିତ୍ୟରେ ସୃଷ୍ଟି କରିଛନ୍ତି ଅନେକ ଚମତ୍କାର ଭ୍ରମଣ କଥା । ତାଙ୍କ ଦ୍ୱାରା ଲିଖିତ ବହି ସବୁ ହେଲେ –"ମୈତ୍ରୀ ପାଦପର ଶାଖା ପ୍ରଶାଖା", "ଦୂର ଦ୍ୱିବିଧ", "ଅପରାଧୀର ସ୍ୱେଦ", "ରକ୍ତାକ୍ଷର", "ଅଦୂର ଆମେରିକା", ଫିନଲାଣ୍ଡରୁ ଡେନମାର୍କ", ଓ "ସ୍ୱପ୍ନର ଆଲାସ୍କା", ଆଦି ଏଯାବତ୍ ଦଶଖଣ୍ଡ ଭ୍ରମଣ କାହାଣୀ । ଶାନ୍ତି ମହାପାତ୍ର (ବଳ)ଙ୍କ "ଭାରତ: ଦୃଶ୍ୟ ଦୃଶ୍ୟାନ୍ତର" ଓ "ସ୍ମୃତି ଅନୁଭୂତିରେ ଆମେରିକା", ସୁରେନ୍ଦ୍ର ନାୟକଙ୍କ "ପଦ୍ମାନଦୀର ଦେଶ" ମଧ୍ୟ ଏଭଳି ସହଯୋଗ ଭିତ୍ତିକ ଭ୍ରମଣ ।

### ୮. ତଥ୍ୟ ଭିତ୍ତିକ ଭ୍ରମଣ:

ଏଥିପାଇଁ ଲେଖକଙ୍କୁ ବିଭିନ୍ନ ଜାଗାଯାଇ ବ୍ୟକ୍ତିଗତ ଭାବେ ଅନୁଭୂତି ସଂଗ୍ରହର ଆବଶ୍ୟକତା ନଥାଏ । ବରଂ ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ କରି ଜଣେ ନିଜ ଘରେ ବସି ଲେଖିପାରେ । ବେଳେବେଳେ ଲାଗେ, ଲେଖକ ଜଣକ ଅଦୃଶ୍ୟ ରହି, ପାଠକଙ୍କୁ ଜଣେ ଗାଇଡ୍ ଭ ଆଗକୁ ଆଗକୁ ନେଉଛନ୍ତି । ଏଥିରେ ବ୍ୟକ୍ତିଗତ ପ୍ରତିବେଦନ ନଥାଏ, ଆବେଗ ନଥାଏ,

ହସକାନ୍ଦ ନଥାଏ । ଥାଏ ତଥ୍ୟ ଓ ପରିସଂଖ୍ୟାନ, ଭୂଗୋଳ, ଇତିହାସ, ନୃତତ୍ତ୍ୱ ଓ ସଂସ୍କୃତିର କଥା ।

କେରଳରେ ମେ ମାସରେ କେତେ ବର୍ଷା ହୁଏ, ଓନାମ୍ ପର୍ବ ବେଳେ କେତିକ ଭିଡ ହୁଏ,ଆଲପୁସାରୁ ଷ୍ଟିମର୍ ଯୋଗେ କେଉଁ ଜାଗାକୁ ଯାଇହେବ – ଏସବୁ କଥା ଜାଣିବା ପରେ ଜଣେ ପର୍ଯ୍ୟଟକ ପାଇଁ କେରଳ ଯାତ୍ରା ସହଜ ହୋଇଥାଏ । ଓଡିଆରେ ଅନୂଦିତ ହୋଇଥିବା "ଶ୍ରୀଲଙ୍କା", "ମରିସସ୍", "ଜାପାନ" ଆଦି ପୁସ୍ତକ ଏହି ଶ୍ରେଣୀୟ । ଅଜୟ ସାହୁଙ୍କ ସଂଗୃହୀତ "ଆମ କୋରାପୁଟ", ହରିହର ପଣ୍ଡାଙ୍କ "ଅନ୍ତରଙ୍ଗ ଓଡିଶା ସିରିଜ୍", - ଏହି କ୍ରମରେ ଲେଖାଯାଇଥିବା ପୁସ୍ତକ । ଖଣ୍ଡ ଖ୍ବେଦ ମିଶ୍ରଙ୍କ ଦ୍ୱାରା "ଭାରତ ଭ୍ରମଣ ସିରିଜ୍" ରେ ପାଖାପାଖି ତିରିଶି ଖଣ୍ଡ ଛୋଟବହି ପ୍ରକାଶିତ । ଏଥିରେ ପ୍ରତି ରାଜ୍ୟ, ପ୍ରତି କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଖଣ୍ଡିଏ ଖଣ୍ଡିଏ ଛୋଟବହି ବିଭିନ୍ନ ଲେଖକଙ୍କ ଦ୍ୱାରା ଲେଖାଯାଇଛି । ଲେଖକ ଦେବେନ୍ଦ୍ର ନାଥ ମହାନ୍ତି, ରବି ନାରାୟଣ ମହାପାତ୍ର ଆଦି ଯେଉଁ ଉପାଦେୟ ତଥ୍ୟ ଦେଇଛନ୍ତି, ତାହା ଓଡିଆ ସାହିତ୍ୟପ୍ରେମୀ ତଥା ପର୍ଯ୍ୟଟକଙ୍କ ପାଇଁ ଅତି ଉପାଦେୟ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ। ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com& editor.vedantimagazine@gmail.com.

Whatsapp & Mobile: 9594993733

# ମନେ ପଡ଼େ ଯେବେ ପିଲ୍ ଦିନ କଥା



ସୁଦାମ ଗୌଡ଼

ମନେ ପଡ଼େ ଯେବେ ପିଲ୍ ଦିନ କଥା ।
ଭାବି ଭାବି ମୋର ଘୁରି ଯାଏ ମଥା ॥
ସାଙ୍ଗ ସାଥି ମେଳେ କେତେ ଯେ ଖେଳ ।
ଧୂଳ ମାଟି ଘର ବରଗଛ ଓହୋଳ ॥

ମିଛି ମିଛିକା ବର କନ୍ୟା ବାହାଘର ।
ତା ସାଙ୍ଗରେ ପୋଲିସ୍ ଚୋର ॥
ଖରା ଛୁଟିରେ ମାମୁଁ ଘର ଗାଁ ।
ଖୁସିରେ କଟୁଥିଲା ସେ ଦିନ ॥



ରଥଯାତ୍ରା ଦୋଳପୂର୍ଣ୍ଣିମା ଗଣେଶ ପୂଜା ।
ସେ ଦିନ କେତେ ଲାଗୁଥିଲା ଆନନ୍ଦ ମଜା ॥
ବୁଢ଼ିମାଆର କେତେଯେ ଗପ ।
ଚତୁର ବିଲୁଆ ବଉଳା ଗାଈ ମଣୀ ନାଗସାପ ॥

ମାଆ ଛଣା ପୁଣି ଆରିଷା କାକରା ପିଠା ।
ଗାଁଆ ହରି ମଉଶାଙ୍କ ପକୋଡ଼ି ସିଙ୍ଗଡ଼ା ମିଠା ॥
ଗାଁ ଚାରିପଟେ ଘେରି ହଇଥିବା ଲତା ବଣ ।
କୁଳୁ କୁଳୁ ନାଦରେ ଭାସି ଯାଉଥିବା ଝରଣା ॥

ପାଖରେ ଥିଲେକି ଦୂରରେ ଥିଲେ ।
ମନେ ପଡ଼େ ଗାଁ କଥା ସବୁବେଳେ ॥
ସେ ଗାଁ ମାଟି ମୋର ଜନମ ମାଟି ।

ତାରି ପୁଅ ମୁଁ ସୁଦାମ ଗୌଡ଼ ନାଁ ଟି ॥ ସୁଦାମ ଗୌଡ଼, ବୁଢ଼ାବାହାଲ, ଜି : ସୁନ୍ଦରଗଡ଼

# ବିହଙ୍ଗ ପକ୍ଷ

ବନ୍ଦନା ପଣ୍ଡା

"ଆଜି କ'ଣ ଚ୍ୟୁହା ମିଳିବନି?" କହି ସୁବ୍ରତ ଶୋଇବା ଘରୁ ବାହାରି ଚ୍ୟୁଲିଗଲେ। ମୁଁ ରେଜେଇ ଭିତରୁ ଧଡପଡ ହୋଇ ଉଠି ବାହାରକୁ ଚ୍ୟୁଲିଆସିଲି। ମୋ'ର ଚ୍ୟୁହା ବନେଇବାକୁ ଇଚ୍ଛା ହେଉନି କହି ମୁଁ ପୁଣି ଦାଣ୍ଡ ଘର ଖଟ ଉପରେ ଗଡି ପଡିଲି।

ମହାର୍‌ଣୀଙ୍କର ଆଜି ଚ୍ୟୁହା ବନେଇବାକୁ ଇଚ୍ଛା ହଉନି କାହି ଶାଶୁ ଗରଗର ହେଇ ମୁହଁ ମୋଡି ଚ୍ୟୁଲିଗଲେ। ସୁବ୍ରତ ନ ଶୁଣିବାର ଛଳନା କରି ଖବର କାଗଜ ପଢାରେ ଲ୍‌ଗିଲେ। ମୁଁ ଭିଡିମୋଡି ହେଇ ଉଠି ବାଲକୋନି କୁ ଚ୍ୟୁଲିଲି। ଆରେ! କେହି କ'ଣ କଛି ପଚ୍ୟୁରୁନାହାନ୍ତି ମତେ? ନ ପଚ୍ୟୁରନ୍ତୁ। ବାଲକୋନି ରୁ ପାର୍‌ ଦି' ଟା ବି ଉଡି ଚ୍ୟୁଲିଗଲେ। ଇସ୍..... ଥାଆନ୍ତା ଯଦି ମୋର ବିହଙ୍ଗ ପକ୍ଷ.......

ସତରେ ମୋ'ର ଦୁଇଟା ଡେଣା ଅଛି! ମୁଁ ଉଡି ଚ୍ୟୁଲିଲି। ଉଡିଲି......ଉଡିଲି......ଉଡିଲି ସୀମାହୀନ ଆକାଶ ଆଡେ। ହସି ହସି ଉଡିଗଲି।

କ'ଣ ମତେ କହିଲେ ଆପଣ? ମହାର୍‌ଣୀ? ନୁହେଁ କ ମୁଁ ମହାର୍‌ଣୀ......ମୁଁ ଇଛା ନ କଲେ ମୋ' ସାମ୍ରାଜ୍ୟ ଭିତରେ ଆପଣମାନେ କେହି ପଶିପାରିବେନି। ହଁ ମୁଁ ମହାର୍‌ଣୀ........ମୁଁ ସୀତା ........ମୁଁ ଦ୍ରୌପଦୀ........ଆଉ ମୁଁ ନର୍ଭୟା।

ସ୍ୱୟମ୍ବର ରେ "ମୁଁ" ଆପଣଙ୍କୁ ଚୟନ କରିଥିଲି। ଆପଣ ପିତାମାତାଙ୍କ ଆଦେଶରେ ବନବାସୀ ହେଇଥିଲେ କନ୍ତୁ "ମୁଁ" ମୋ ନଜ ଇଛା ରେ। ମୋର ଦୃଢ ମନୋବଳ ଆଗରେ ର୍‌ବଣ ନତମସ୍ତକ ହେଇଥିଲ୍‌। ଆପଣଙ୍କ ଇଚ୍ଛାକୁ ସମ୍ମାନ ଦେଇ "ମୁଁ" ଅଗ୍ନି ରେ ପ୍ରବେଶ କରିଥିଲି। ହେଲେ ଆପଣ ତ ର୍‌ଜା ଥିଲେ। ଗୋଟେ ପ୍ରଜାର ସନ୍ଦେହ ଦୂର କରି ପାରିଲେନି? ନା ଆପଣଙ୍କ ବିଜ୍ଞତା କାମ ଦେଲ୍‌ ନା ଆପଣଙ୍କ ବାହୁବଳ। ମୋ ପାଖରେ

ନା ଲକ୍ଷ୍ମଣ ଥିଲେ ନା ବିରାଟ ରାଜ ପରିଷଦ; କିନ୍ତୁ ଆକାଶ, ପାତାଳ, ପୃଥିବୀ ର ସାମ୍ରାଜ୍ଞୀ ଥିଲି ମୁଁ। ସେଥିପାଇଁ ତ ପୃଥ୍ୱୀ ମାତା ବିନା ଦ୍ୱିଧାରେ ବିନା ପ୍ରଶ୍ନ ରେ ମୋତେ ଗ୍ରହଣ କଲେ। ମୋ' ଭଲ ପାଇବାକୁ ମୋ' ବିବଶତା କେମିତି ଭାବିନେଲେ ଆପଣ??

"ଅନ୍ଧ ର ପୁତ୍ର ଅନ୍ଧ" ସତ ରେ କ'ଣ ଏଇ ବାକ୍ୟ ଟି ମହାଭାରତ ଯୁଦ୍ଧ ର ପୃଷ୍ଠଭୂମି ଥିଲା? ଆପଣ ତ ମହା ଋଷି ଥିଲେ। ତ୍ରିକାଳଦର୍ଶୀ। ରାଜମାତାଙ୍କୁ ମାନସ ସନ୍ତାନ ପ୍ରାପ୍ତି ର ଆଶୀର୍ବାଦ ଦେଇ ପାରି ନଥାନ୍ତେ, ସଂସାର ତ୍ୟାଗୀ ଋଷୀ ହୋଇ ସମ୍ଭୋଗ କୁ ଉଚିତ୍ ଭାବିଲେ? ଥରେ ନୁହେଁ ତିନ ତିନ ଥର? ଧର୍ମ କ୍ଷେତ୍ର ରେ କୁରୁକ୍ଷେତ୍ରର ଭିତ୍ତି ସେବେ ଠୁ ହିଁ ପଡିଗଲା। ମୋ' ର ବସ୍ତ୍ର ହରଣ ତ ନିମିତ୍ତ ମାତ୍ର। ଅଗ୍ନି ରୁ ଜାତ, ଦ୍ରୁପଦ ନନ୍ଦିନୀ, ପାଣ୍ଡବ ପତ୍ନୀ ଦ୍ରୌପଦୀ କେବଳ ମୋ'ର ପରିଚୟ ନୁହେଁ। ମୋ' ସହନଶୀଳତା କୁ ବିବଶତା ଭାବିବାର ଅପଚେଷ୍ଟା କେହି ନ କରୁ........ଏହା ହିଁ ଆଗାମୀ ପିଢି ପାଇଁ ମୋ ବାର୍ତ୍ତା ମୁଁ ଛାଡି ଆସିଲି।

ମୁଁ ପୁଣି ବାଲକୋନି ବାଟ ଦେଇ ଦାଣ୍ଡ ଘରକୁ ଆସିଲି। କି ଆଶ୍ଚର୍ଯ୍ୟ! ଆଜି କ'ଣ ମୋ' ଦୁର୍ଗୁଣ ସବୁ ସମସ୍ତଙ୍କ ମୁହଁ ରୁ ସୁଗୁଣ ହେଇ ବାହାରି ଆସୁଛି?!" ହଜାରେ ସାବୁନ ଲଗାଇ ଘଣ୍ଟା ଘଣ୍ଟା ଧରି ଗାଧୋଇଲେ କାଳି ଚମଡା କ'ଣ ଗୋରୀ ହେଇଯିବ...." ବୋଲି କହୁଥିବା ମୋ' ବଡ ଜା କହୁଛନ୍ତି "ଶାନ୍ତା ନଖ ମୁନରେ ମଳି ଟିଏ ବି ମିଳିବନି। ଘର ଯେମିତି ସଫା ସଫି କରି ରଖିଥାଏ ନିଜେ ବି ସେମିତି ସବୁବେଳେ ଟିପ୍ ଟପ୍ ହେଇ ରହିଥାଏ।" ମୁଁ ହସିଲି ହସିଲି ଆହୁରୁ ହସିଲି.......ଅପା ଏ ସବୁ କଥା ତ ନଖର ମଳି। ମୁଁ ସେଥିପାଇଁ ଘସି ମାଜି ବାହାର କରିଦିଏ। ମୋର ଗୁଣ ଉପରେ "ସୁ" କିମ୍ବା "ଦୁଃ" ର ମୋହର ମାରିବାକୁ ଆପଣ ମାନେ କିଏ?

ସବୁବେଳେ ବାପଘର ବାପଘର ହେଇ ଧାଉଁଥା। ଝିଅ ବାହା ହେଲା ପରେ ବାପଘର ସଉକ ଗୋଟେ କ'ଣ? କହୁଥିବା ଶାଶୁ ପାଟି ରେ ଲୁଗା ଦେଇ କହୁଛନ୍ତି "ଦି ପଟ ରେ ବୁଢା ବୁଢୀ ଙ୍କୁ ଭଲ ସମ୍ମାନ କି ରଖିଥିଲା।" ସେଇ କଥା କହି କହି ତ ମୁଁ ଥକିଯାଇଥିଲି। ଯୋଉଁ ଧୈର୍ଯ୍ୟ, ସେବା, ଦୟା, ଗୁଣ ଦେଖି ମତେ ବୋହୂ କରି ଆଣିଥିଲେ ସେଇଟା ମୁଁ ଭୁଲି

ଯାଇଥାନ୍ତି କେମିତି? ପାରିଲେ କ ମୋ ସାମ୍ରାଜ୍ୟ କୁ ଭାଙ୍ଗି ଦେଇ? ନୁହେଁ କ ମୁଁ ମହାରାଣୀ?

ପିଲାମାନଙ୍କୁ ଅଯଥା ରେ ମୁଣ୍ଡ ରେ ଚଢେଇଛ । କ ବିଶ୍ୱାସ ଯେ ପୁଅ ଠିକ୍ କରିଥିବା ଝିଅ ଟିଏ ଘର ପାଇଁ ଯୋଗ୍ୟ.....ବୋଲି କହି ବୁଲୁ ଥିବା ସୁବ୍ରତ ଆଜି ଚୁପ୍ ହେଇ ବସିଛନ୍ତି । ମୁଁ ମାନୁଛି କୃଷ୍ଣ ବି ଯଶୋଦା ଙ୍କୁ ବିଶ୍ୱାସ ଦେବା ପାଇଁ ପାଟି ଆଁ କରିଥିଲେ । ଦେଖେଇଥିଲେ ସାରା ବ୍ରହ୍ମାଣ୍ଡ ସାରା ବିଶ୍ୱ । "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମ୍ୟନ୍ତେ ତତ୍ର ଦେବତା" ରେ ବିଶ୍ୱାସ ରଖୁଥିବା ସମାଜ ଆଜି କେମିତି ନାରୀ ପୀଡନ ର ଅଧିକାରୀ କୁ ମାନ ନେଇଛି? ତେତିଶ କୋଟି ଦେବ ଦେବୀଙ୍କୁ ନିଜ ବାହନ ସହ ପୂଜା କରୁଥିବା ସମାଜ କେମିତି ଅନ୍ଧ ଭାବରେ ତୁଳସୀ ଦାସ ଙ୍କୁ ମାନ ନେଇଛି? ମୁଁ କ'ଣ ଏ ଭଳି ଏକ ପୃଥିବୀ ଦେଖିବାକୁ ଚାହୁଁଛି? ସ୍ୱୟମ୍ବରକୁ ମାନ ନେଇଥିବା ସମାଜ ଆଜି ନାରୀ କୁ ନିଜ ପସନ୍ଦ ର ଜୀବନସାଥିଟିଏ ଖୋଜିଲେ ନିଜର ଅପମାନ କେମିତି ଭାବିପାରୁଛି? ଦ୍ରୌପଦୀଙ୍କର ତ ପ୍ରିୟ ସଖା କୃଷ୍ଣ ଥିଲେ । ଆଜି ମୋ' ପ୍ରିୟ ସାଙ୍ଗ କେମିତି ଚକ୍ଷୁଶୂଳ ହେଉଛି? ଦେଖିପାରିବି କ ଏପରି ଏକ ପୃଥିବୀ?

ହଁ ମୁଁ ନିର୍ଭୟା । କିନ୍ତୁ ଏ ସମାଜ ବନେଇଥିବା ନିର୍ଭୟା ନୁହେଁ । ଡେଣା କାଟି ସାରିବା ପରେ ଡେଣାକୁ କ'ଣ ପୁଣି ଲଗେଇ ହୁଏ? କିନ୍ତୁ ମୁଁ ନିର୍ଭୟା ହେବି । ଡେଣାକୁ ପୁର୍ନଜୀବିତ କରିବି । ମୁକ୍ତ ଆକାଶରେ ଉଡିବି । ଲୋଡା ନାହିଁ ମୋର ଏ ଭଳି ପୃଥିବୀ । ନୂଆ ପୃଥିବୀ ଗଢିବି । ମୋ ବଂଶଧର ଗର୍ବର ସହିତ ମୋ ପୃଥିବୀ ମତେ ଦେଖେଇବେ ।

ଆରେ ଏ କ'ଣ? ମୁଁ କ'ଣ ଘଣ୍ଟା ଉପରେ ବସିଛି? ଉଡିଗଲି ପଙ୍ଖା ଉପରକୁ । ଘଣ୍ଟା ଟି ଭାଙ୍ଗି ଚୁରମାର ହେଇଗଲା । ପଙ୍ଖା ଦୋହଲି ଉଠିଲା । ମୋର ପୁର୍ନଜୀବିତ ପଙ୍ଖକୁ ଦେଖି ଧରିତ୍ରୀ, ଆକାଶ, ପାତାଳ କମ୍ପି ଉଠିଲା କ ଆଉ!!! ନାଚ ନାଚ ଗଲି ରୋଷେଇ ଘରେ ଝଣଝଣ କରି ବାସନପତ୍ର ପକେଇଲି । ଲୋଡାନାହିଁ ମୋର ସଣ୍ଢଣା । ପୁଣି ଆସି ଆଲମାରୀ ଖୋଲି ପକେଇଲି । ବାହାରି ପଡିଲା ମୋ ହାତ ତିଆରି କେତୋଟି ଜିନିଷ । ନିରେଖି ଚାହିଁଲି । ଟେବଲ୍ କ୍ଲଥ ଟା ମତେ ଚାହିଁ ହସିଲା । ସେଥିରେ ଥିବା ଚେନ୍ ଷ୍ଟିଚ୍ ଗୁଡା ମୋ

ଗୋଡ ରେ, ବେକ ରେ, ହାତ ରେ ଶୃଙ୍ଖଳ ହେଇ ଗୁଡେଇ ହୋଇ ଯାଉଥିଲା । ଫୋପାଡି ଦେଲି । ପୁଣି ଉଠେଇ ଗୃହିଁଲି । ଶୃଙ୍ଖଳ କେବେ ବି ମନ୍ଦ ନୁହେଁ । କିନ୍ତୁ ଠିକ୍ ଜାଗାରେ ଗୁନ୍ଥି ହୋଇ ରହିଛି ବୋଲି ଟେବଲ୍ କ୍ଲଥ ଟି ସୁନ୍ଦର ଦିଶୁଛି । ମୁଁ ପରିବାର ସମାଜକୁ ବାନ୍ଧି ରଖିବା ପାଇଁ ବେଡି ପିନ୍ଧିଛି । ଡୋର କିନ୍ତୁ ଅନ୍ୟ ହାତରେ କାହିଁକି? ତ୍ୟାଗ କଲି.....ତ୍ୟାଗ କଲି..... କହି ମୁଁ ଜୋର ରେ ହସି ଉଠିଲି । ପୁରା ଘର କମ୍ପି ଉଠିଲା । ଶାଶୁ ସୁବ୍ରତଙ୍କୁ କହିଲେ "ବ୍ରାହ୍ମଣକୁ ଡାକ ପୂଜା କରିବାକୁ ପଡିବ । ନହେଲେ ଶାନ୍ତା ଏମିତି ଭୂତ ହେଇ ବୁଲୁଥିବ ।"

ଭୂତ? କିଏ ଭୂତ? ମୁଁ ତ ଭବିଷ୍ୟତ । କହି ହସି ହସି ମୁଁ ବାଲକୋନି ବାଟେ ଆକାଶମୁହାଁ ହେଲି ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଏ ମନ ମାନେନାଁ ?



ପର୍ଶୁରାମ ଶଗରିଆ

ଏମନ ମାନେନାଁ କାହିଁକ
ଜାଣିପାରେନାଁ ।
ଖୋଜୁଛି ଜଣକୁ ଖୋଜି ପାଉନାଁ
ସେ କଏ ମୁଁ ଜାଣିପାରେନା
ହୃଦୟ ଭିତରେ ବିସ୍ମିତ ଭାବନା କମ୍ପନ
ହେଉଛି ।
ଜୀବନଟା ମୋର ଅଣନିଃସ୍ୱାସି ହୋଇ
ଝୁରୁଝୁରି ମରୁଛି ।
କାହାପାଇଁ ଆଜି ହୃଦୟ ମୋର
ଉହଳ ବିକଳ ହେଉଛି ।
ଅନ୍ତରଙ୍ଗ ଜିବନର ବିତୁଥିବା ମୂହୁର୍ତ୍ତ
କଳ୍ପନାଭାବନା ଛାନଆ ହେଉଛି ।
ମନେମନେ ଜଣକୁ ମୋ ହୃଦୟ
ନତିଦିନ ଖୋଜି ବୁଲୁଛି ।
ଖୋଲି କହିଦେବି ହୃଦୟର କଥା ।
ତା ସହିତ ହେଲେ ମୋର ଦେଖା ।
କି ବିଳମ୍ବନା ଏସ୍ୱପ୍ନ ମୋର
ମୁଁ ତ ଜାଣି ପାରେନାଁ ।
ଖୋଲି କହିଦେବି ହୃଦୟର କଥା
ହେବ କି ନାହିଁ ତା ସହିତ ମୋର ଦେଖା ।
ତା ଅପେଖ୍ୟାରେ ଦିନରାତି ବିତିଯାଏ ।
ଏମିତି ଭାବନା ମୋ ମନରେ ବାରମ୍ବାର
ହୁଏ ।
ଏମନ ମାନେ ନାଁ କାହିଁକ
ମୁଁ ଜାଣି ପାରେନା,
ମୁଁ ଜାଣି ପାରେନାଁ ।

ଗ୍ରାମ- କ୍ରିଷ୍ଣା, ଖଡିକାରପଡା

# ସୀମରନ୍......



ପୁଷ୍ପିତା ଭୂୟାଁ

ଭଗବାନ ଙ୍କ ସୃଷ୍ଟିର ପଟ୍ଟାନ୍ତର ନାହିଁ । ସେ କେଉଁଠି କଣ, କାହାକୁ କେଉଁଥି ପାଇଁ ସୃଷ୍ଟି କରିଛନ୍ତି, ତାର ହିସାବ କେବଳ ତାଙ୍କ ପାଖରେ ଅଛି । ତାଙ୍କର ସୃଷ୍ଟି କୁ ସମ୍ମାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ । ମଣିଷ ଚାହିଁ ଲେ ବି କେବେ ତାକୁ ବଦଳାଇ ପାରିବ ନାହିଁ ।

ହିଂଜିଡ଼ା ମଣିଷ ଭଗବାନଙ୍କ ର ଏପରି ଏକ ସୃଷ୍ଟି । ଏହା ଗୋଟେ ରୋଗ ନୁହେଁ। ଏହାର କିଛି ଚକିତ୍ସା ବି ନାହିଁ ।କିନ୍ତୁ ସମାଜରେ ହିଂଜିଡ଼ା ମାନଙ୍କ ପ୍ରତି ଲୋକଙ୍କ ଦୃଷ୍ଟିକୋଣ ଟିକେ ଅଲଗା । କେଜାଣି କାହିଁ କି ସେମାନଙ୍କୁ ସମସ୍ତେ ହୀନ ଦୃଷ୍ଟି ରେ ଦେଖନ୍ତି । ହିଂଜିଡ଼ା ହୋଇ ଜନ୍ମ ନେବା କଣ ସେଇ ବ୍ୟକ୍ତି ର ଦୋଷ ? ନା ତାକୁ ଜନ୍ମ ଦେଇଥିବା ତାର ବାପା ମା ଙ୍କ ର ଦୋଷ ? ତେବେ ଏମାନଙ୍କୁ ଆପଣେଇବାକୁ ସମାଜର ଲୋକ ମାନଙ୍କ ପକ୍ଷେ କାହିଁକି କଷ୍ଟ କର ହୁଏ ? ଯଦିଓ ସରକାର ଏ ସମାଜକୁ ତୃତୀୟ ଲିଙ୍ଗ ଭାବରେ ମାନ୍ୟତା ଦେଇସାରିଛନ୍ତି। ନାଗରିକ ହିସାବରେ ସମସ୍ତେ ସରକାରଙ୍କ ଆଦେଶ କୁ ମାନିବା ଉଚିତ୍ ।

ଆଜି ସୀମରନ୍ ଯେଉଁଠାରେ ପହଞ୍ଚିଛି ସେ ନିଜକୁ ଗର୍ବିତ ମନେ କରୁଛି । ଦିନ ଥିଲା ସେ ନିଜକୁ ଏତେ ଅସହାୟ ମନେ କରୁଥିଲା ଯେ ଜୀବନ ହାରିବାର ନିଷ୍ପତି ବି ନେଇଥିଲା । ମୁମ୍ବାଇ ର ଗୋଟେ ଗାଁ ରେ ତାର ଜନ୍ମ । ପିଲା ଦିନଟି କଟିଥିଲା ପରିବାର ସହିତ ମହା ଆନନ୍ଦରେ ସବୁ ପିଲାଙ୍କ ପରି ।ଗାଁ ପିଲାଙ୍କ ସହିତ ଖେଳ ପଢି ସେ ବଡ଼ ହୋଇଥିଲା ।

ଆଠ ନ ବର୍ଷ ବେଳକୁ ସେ ତା ଭିତରେ କିଛି ପରିବର୍ତ୍ତନ ଅନୁଭବ କଲା । ସେତେବେଳେ ସେ ନିଜକୁ ଝିଅ ମାନଙ୍କ ପରି ସଜେଇବାକୁ ଭଲ ପାଉଥିଲା। ସବୁବେଳେ ତା ଭଉଣୀର ସଜବାଜ ଜିନିଷ ନେଇ ସଜେଇ ହେଉଥିଲା । ପୁଅ ମାନଙ୍କ ସହିତ ନିବିଡ଼ ହେବାକୁ ଭଲ ପାଉଥିଲା । ତାର ଏପରି ବ୍ୟବହାର ଘର ଲୋକଙ୍କୁ ଅଜବ ଲାଗିଲା । ବାପା ମା ଭାଇ ଭଉଣୀ ତାକୁ ଏପରି ନକରିବାକୁ କହିଲେ ବାରମ୍ବାର । କିନ୍ତୁ ତାକୁ ଏଥିରେ ବହୁତ ଆନନ୍ଦ ମିଳୁଥିଲା । ତେଣୁ ସମସ୍ତଙ୍କ ବାରଣ ସତ୍ତ୍ୱେ ସେ କାହାରି କଥାକୁ କାନ ଦେଉ ନଥିଲା । ସ୍କୁଲରେ ସାଙ୍ଗ ସାଥିମାନେ ତାକୁ ଚିଡାଇବାକୁ ଆରମ୍ଭ କଲେ । ଘରେ ସମସ୍ତେ ଗାଳି କରୁଥିଲେ, ଏପରି କହି ଯେ ତୋ ପାଇଁ ଆମେ ଲଜ୍ୟା ବୋଧ କରୁଛୁ ବାହାରେ । ବାପା ବିରକ୍ତ ହୋଇ ଦୁଇ ଚାପୁଡ଼ା ମାରିବାକୁ ପଛାଉ ନଥିଲେ । ସମୀରକୁ ବହୁତ ବାଧୁଥିଲା। ସେତେ ବେଳେ ସେ କଣ କରିବ କିଛି ଜାଣି ପାରୁ ନଥିଲା । ମନେ ମନେ ଭାବୁଥିଲା "ଯେଉଁଥିରୁ ମୋତେ ଏତେ ଆନନ୍ଦ ମିଳୁଛି, ଅନ୍ୟ ମାନଙ୍କୁ ଏତେ ଖରାପ କାହିଁ କି ଲାଗୁଛି ।” ତାର ଚପଳ ମନରେ ଏହାର ଉତ୍ତର ସେ ପାଉ ନଥିଲା । ବେଳେବେଳେ ସେ ମାନସିକ ଭାରସାମ୍ୟ ହରାଇ ବସୁଥିଲା । ଘରେ କାହାରି ପାଖରୁ ତାକୁ ସହାନଭୂତି ମିଳୁ ନଥିଲା । ତାର ମା ଯିଏ ତାକୁ ଜନ୍ମ ଦେଇଛନ୍ତି, ଯାହାକୁ ସିଏ ଜୀବନ ଠାରୁ ଅଧିକ ଭଲ ପାଉଥିଲା, ସେ ବି ତା ଉପରେ ସବୁ ବେଳେବେଳେ ବିରକ୍ତ ହେଉଥିଲେ, ଭଲ କରି କଥା ପଦୁଟିଏ ବି କହୁ ନଥିଲେ । ଧୀରେ ଧୀରେ ସ୍କୁଲ ଯିବା ତାର ବନ୍ଦ ହୋଇଗଲା । ବାପା ବିରକ୍ତ ହୋଇ ଘରୁ ବାହାରି ଯା ବୋଲି ବି କହି ପକାଉଥିଲେ । ସମୀର ବିଚରା କେମିତି ନିଜକୁ ସେସବୁ କାମରୁ ନିବୃତ ରଖି ପାରନ୍ତା, ସେ ସବୁ କରିବା ପାଇଁ ତତାକୁ ଯେପରି ଅନ୍ତର ରୁ ଆହ୍ୱାନ ଆସୁଥିଲା । ସେ ନିଜକୁ ନିଜେ ପଚାରୁଥିଲା, ମୁଁ ଗୋଟେ ପୁଅ ନା ଝିଅ? ଝିଅ ପରି ସଜେଇ ହେବାରେ ଯେଉଁ ଆନନ୍ଦ ତାକୁ ମିଳୁଥିଲା, ପୁଅ ପରି ପ୍ୟାଣ୍ଟ ସାର୍ଟ ପିନ୍ଧିବାରେ ନ ଥିଲା । ସେ ଭାବୁଥିଲା ସେ ଯଦି ପୁଅ, ତା ଦେହଟା ଯଦି ପୁଅ, ତା ମନ ଟା କାହିଁ କି ଝିଅ ପରି ସଜେଇ ହେବାକୁ ମନେ ହେଉଛି ।କିଛି ବୁଝି ପାରୁ ନ ଥିଲା, ସମସ୍ତଙ୍କର ଟାହି ଟାପରା ଶୁଣି ଘରୁ ବାହାରକୁ ଯିବା ବି ବନ୍ଦ ହୋଇଗଲା ତାର ।ଘର ଭିତରେ ରହି ରହି ନିଜ ସହିତ ନିଜେ ସଂଘର୍ଷ କରୁ ଥିଲା ଯେପରି । ମନେ ମନେ ସ୍ଥିର

କଲା, ନା ଏପରି ଅବସ୍ଥାରେ ଆଉ ଘରେ ରହି ହେବନି। ନିଜ କୁ ଦୃଢ଼ କଲା ଓ ୧୫ବର୍ଷ ବୟସରେ ଘର ଛାଡିବା ପାଇଁ ସ୍ଥିର କଲା ସେ। ଯେଉଁ ବୟସରେ ପିଲା ପାଠ ପଢ଼ା, ଖେଳ, କସରତ ରେ ସମୟ କାଟନ୍ତି, ସେ ବୟସରେ ସେ ଘର ଛାଡିବ କିପରି ? ପିଲା ମନ ତଥାପି ବାପାଙ୍କୁ ପଚାରିବାକୁ ଶ୍ରେୟ ମନେକଲା, କାଳେ ବାପା କହିଦେବେ ନା ଯାଆନି ବୋଲି । ସେ ରହିଯିବ । ରକ୍ତର ସମ୍ପର୍କ ଠାରୁ କଣ ଏମିତି ଦୂରେଇ ଯାଇ ହୁଏ ।ଜନ୍ମ କରିଥିବା ପୁଅ କୁ କିଏ କଣ ଘରୁ ବାହାର କରି ପାରେ !

କିନ୍ତୁ ତାର ସବୁ ଆଶା ପାଣି ଫୋଟକା ପରି ମିଳେଇ ଯାଇଥିଲା। ବାପା ତାର କ୍ରୁର ଭାବରେ କହି ଦେଇଥି,"ଯା ତୁ ମଲେ କେତେ ଗଲେ କେତେ, ମୋର ତୋ ପରି ପୁଅ ଆଉ ଦରକାର ନାହିଁ ।" ସତେ କଣ ଏମିତି କହି ଦେଲେ ବାପାଙ୍କ ର ସମ୍ପର୍କ ତା ଠାରୁ ଛିଡି ଯିବ। କିନ୍ତୁ ସେ ନିରୁପାୟ ଥିଲା । ଘରୁ ବାହାରି ସେଦିନ ସେ କାନ୍ଦି କାନ୍ଦି ପହଞ୍ଚି ଥିଲା ମୁମ୍ବେଇ ଷ୍ଟେସନ ରେ। କୁଆଡେ ଯିବ କଣ କରିବ, ଚାରିଆଡ଼ ଅନ୍ଧାର ଦିଶୁ ଥିଲା ତାକୁ । ନା ପାଖରେ ଥିଲା ପଇସା, ନା କିଛି ଜଣା ଥିଲା ତାକୁ ।

ଏତେ କମ୍ ବୟସ ତାର, ବାହାର ଦୁନିଆ ପ୍ରତି ପୁରା ଅନଭିଜ୍ଞ। କୁଆଡେ ଯିବ କେଉଁଠି ରହିବ, କଣ କରିବ, ବସି ବସି କାନ୍ଦିବାକୁ ଲାଗିଲା । ଭୋକ ଲାଗିବାରୁ ପକେଟ ଅଣ୍ଡାଳି ପାଇଥିଲା ଜମା ପନ୍ଦର ଟଙ୍କା। ସେଥିରେ ବଡ଼ା ପାବ କିଣି ଖାଇଥିଲା ।ରାତି ଘନେଇ ଆସିଲା, ମନଟା ଭୟ ଓ ଆଶଙ୍କାରେ ଥରି ଉଠୁଥାଏ ତାର। ସମସ୍ତେ ତା ଆଡ଼କୁ ଯେପରି ତାଚ୍ଛଲ୍ୟ ଦୃଷ୍ଟି ରେ ଟିକିଏ ଅନାଇ ପଳାଉ ଥିଲେ । କେତେ ଭୟଙ୍କର ସେ ରାତି ଥିଲା ତା ପାଇଁ । ଷ୍ଟେସନ ର ଗୋଟେ କୋଣକୁ ଆଉଜି ତାର ଆଖି ଲାଗି ଯାଇଥିଲା। ଏତିକି ବେଳେ କିଏ ଜଣେ ତା କାନ୍ଧ ରେ ହାତ ରଖିଲା, ଚମକି ପଡି ପଛକୁ ଚାହିଁ ଦେଖିଲା ଜଣେ କିନ୍ନର ସମାଜର ଲୋକ ତା ପିଠିରେ ହାତ ରଖି ଥିଲା । ତା ସହିତ ଯିବା ପାଇଁ କହିଥିଲା ସେ । କିଛି ଉପାୟ ନ ପାଇ ତା ସହିତ ତା ଠିକଣା କୁ ଯାଇଥିଲା ସେଦିନ ସିଏ । ଲୋକଟି ତା ଠାରୁ ସବୁ ଶୁଣି ତାକୁ ପାଖରେ ରଖିଥିଲା ।

କିନ୍ନର ସମାଜରେ ତାଙ୍କର ଗୋଟେ ପରମ୍ପରା ଅଛି। ସମସ୍ତଙ୍କୁ ସେଇ ପରମ୍ପରା ହିସାବରେ ଚାଲିବାକୁ ହୁଏ । ପରମ୍ପରା କୁ ଶିଖିବାକୁ ହୁଏ ଓ ମାନିବାକୁ ହୁଏ । ସେଠାରେ ସେ ନିଜକୁ ପ୍ରଥମେ ଏଡଜଷ୍ଟ କରିଥିଲା । ୪/୫ ମାସ ରହି ତାର ବାଳ ବଢ଼େଇଥିଲା ଏବଂ ଭିକ ମାଗିବାର ସମସ୍ତ କୌଶଳ ଶିଖି ଥିଲା । କେମିତି ତାଳି ମରିବ, କେମିତି ନିଜକୁ ସଜେଇବ କିଛି ଉପାର୍ଜନ କରିବା ପାଇଁ ।

କିନ୍ତୁ ଭଲ ଘରେ ଜନ୍ମ ହୋଇଥିବାରୁ ଭିକ୍ଷା ବୃତ୍ତି କରିବା ପାଇଁ ତା ପକ୍ଷେ କେତେ ଯେ କଷ୍ଟ ସାଧ୍ୟ ଥିଲା, ସେ ନିଜେ ହିଁ ଜାଣିଥିଲା । ସେ କାମ କରିବା ପାଇଁ ତାକୁ ଭଲ ଲାଗୁ ନଥିଲା । ଦେବା ଲୋକ ତ ଅକ୍ଳେଶ ରେ ମନା କରି ଦେଇପାରେ, କିନ୍ତୁ ହାତ ପତାଇବା ଲୋକ ପାଖରେ ବହୁତ କଷ୍ଟ । କିନ୍ତୁ କିଛି ଉପାୟ ନଥିଲା ତା ପାଖରେ, ନ ମାଗିବ ଯଦି ଖାଇବ କଣ ? ନିଜ ବାପା ମା ତାକୁ ପାଖରୁ ଦୂରେଇ ଦେଲେ, ଅନ୍ୟ ମାନେ ତାକୁ କେତେ ଦିନ ଖାଇବାକୁ ଦେବେ । ଯାହା ହେଲେବି ତାକୁ ଧନ୍ଦା ( ସେମାନଙ୍କ ଭାଷାରେ ) କରିବାକୁ ପଡିବ, ତାଙ୍କ ସମାଜ ରେ ରହିବା ପାଇଁ। ଦ୍ୱିତୀୟ ପନ୍ଥା ତା ପାଖରେ କିଛି ନାହିଁ । ଧନ୍ଦା ପାଇଁ ଛକ, ଷ୍ଟେସନ, ବସ ଷ୍ଟାଣ୍ଡ ରେ ଛିଡା ହେବାକୁ ପଡୁଥିଲା ଅନିଚ୍ଛା ସତ୍ତ୍ୱେ ।

କିଛି ଦିନ କାଟି ଯାଇଥିଲା ତାର ଏପରି ଭାବେ । ଧୀରେ ଧୀରେ ଅଭ୍ୟସ୍ତ ହେବାକୁ ଲାଗିଲା। କିଛି ଦିନ ପରେ ତାକୁ ଗୋଟେ ବାର ଡ୍ୟାନ୍ସ ରେ ନାଚିବାର ସୁଯୋଗ ମିଳିଗଲା ସେଥିରେ ତାର ଭଲ ରୋଜଗାର ହେଲା । ୪/୫ ବର୍ଷ ମଧ୍ୟରେ ସେଥିରୁ କିଛି ପଇସା ଜମା କଲା ସିଏ। ମନେ ମନେ ସ୍ଥିର କଲା ସେ ଆଗକୁ ପଢିବ । ପାଠ ପଢିଲେ ଭବିଷ୍ୟତ ରେ କାମ ରେ ଲାଗିବ ବୋଲି ଭାବିଲା । ତେଣୁ ସ୍ଥିର କଲା କଲେଜ ରେ ପଢିବ ସେ । କିନ୍ତୁ ପାଠ ପଢିବା ପାଇଁ, ତାକୁ ପୂର୍ବ ସେର୍ଟିଫିକେଟ ଦରକାର, ଅଭିଭାବକ ଦରକାର । ଏମିତି ତ କୋଉ କଲେଜ ନେଇଯିବେନି । କଣ ତାର ପରିଚୟ, କିଏ ତାର ବାପା ମା ? ଆଉ ଏକ ସମସ୍ୟା ତା ଆଗରେ ମୁଣ୍ଡ ଟେକିଲା। କଥାରେ ଅଛି ମନ ଦୃଢ ଥିଲେ ଉପାୟ ଆପେ ଆପେ ଆସେ ।

ଭଗବାନ ଙ୍କ ଦୟାରୁ ତା ନାଚ ଦେଖିବାକୁ ଆସୁଥିବା ଗ୍ରାହକ ମାନଙ୍କ ଭିତରୁ ଜଣେ ତାର ଏଇ ଅଭିଳାସା ପୂରଣ କଲେ । ଜଣେ ତାର ଅଭିଭାବକ ହେଲେ, ନକଲି ସାର୍ଟିଫିକେଟ ବି ଯୋଗାଡ଼ ହେଲା । ସେ ଗୋଟେ ଭଲ କଲେଜ ରେ ନା ଲେଖାଇଲା । କହନ୍ତି ମହତ୍ତ୍ୱ ଉଦ୍ଦେଶ୍ୟ ପାଇଁ ଭୁଲ କାମ କଲେ, ଭୁଲ ଟା ଧାର୍ଯ୍ୟ ଯାଏନ ।

ଦିନରେ କଲେଜ ଓ ରାତିରେ ବାର ଡ୍ୟାନ୍ସ । କଠୋର ପରିଶ୍ରମ ଭିତରେ ସୀମରନ୍ ର କଟିଗଲା ୪/୫ ବର୍ଷ । ସେ B. A. ପାସ କଲା । ଗ୍ରାଜୁଏଟ ହେଲା । ମନ ଭିତରେ ଆସିଲା ତାର ଅଦମ୍ୟ ସାହାସ । ନିଜକୁ କିଛି କରି ଦେଖେଇବାର ଦୃଢ଼ ମନୋବଳ । ଭଗବାନ ତାକୁ ଆଉ ଏକ ସୁଯୋଗ ଦେଲେ । ବାର ଡ୍ୟାନ୍ସ ରେ H. I. V. ର ପ୍ରଚାର କରିବା ପାଇଁ ଅନେକ N. G. O. ରୁ ଲୋକ ମାନେ ଆସନ୍ତି । ସେମାନଙ୍କ ଠାରୁ ପାଇଲା ଅଫର N. G. O ରେ କାମ କରିବା ପାଇଁ । ତା ମନରେ ଖୁସି ଦୁଇ ଗୁଣ ହୋଇ ଗଲା । ନିଜକୁ ପ୍ରତିପାଦନ କରିବାର ସୁଯୋଗ ଆସି ପହଁଚିଲା ତା ପାଖରେ ।

ସେ ସମାଜର ଅଲୋଡ଼ା ଅଙ୍ଗ ଭାବରେ ଦିନେ ଘରୁ ପାଇଥିଲା ବହିଷ୍କାର ।କେତେ ଭାଙ୍ଗି ପଡି ଥିଲା ସେଦିନ ସେ ।ନିଜ କୁ ନଷ୍ଟ କରିବା ପାଇଁ ବି ଭାବିଥିଲା ଦିନେ ସିଏ । ହିଂଜିଡ଼ା ହେବାରେ ତାର ଦୋଷକେଉଁଠିରହିଥିଲା । ସେ ତ ଭଗବାନ ଙ୍କର ଏକ ସୃଷ୍ଟି । ମଣିଷ ହୋଇ ଭଗବାନଙ୍କର ସୃଷ୍ଟି କୁ ଘୃଣା କରିବା ସାହାସ କିଏ ଦେଲା ଏ ମଣିଷ ମାନଙ୍କୁ? ଖୁସିରେ ପାଗଳ ହୋଇ ସେଦିନ ସେ ଫୋନ ଲଗାଇଥିଲା ଘରକୁ, ମନରେ କେତେ ଆଶା ରଖି, ଏବେ ତ ବାପା ମାଆ ମୋତେ ଅପଣାଇ ନେବେ । ମୋ ହଜିଲା ଦୁନିଆକୁ ମୁଁ ଫେରି ପାଇବି । ପଛ କଥାକୁ ଭୁଲି ମୋ ପରିବାର ବୋଲି ମୁଁ ଗର୍ବ କରିବି । ବାପା, ମାଆ, ଭାଇ, ଭଉଣୀ ସମସ୍ତେ ତ ମୋ ନିଜର । କିନ୍ତୁ ଏ କଣ ହେଲା, ସେ ପଟୁ ଫୋନ ଧରିଲେ ବାପା, ମୋ ନାଁ ଶୁଣି ଏତେ ବର୍ଷ ପରେ ବି ତାଙ୍କ ମନରେ ମୋ ପାଇଁ ଘୃଣା ଭାବ କମି ନଥିଲା । ଓଲଟା ଗୋଟେ ଠୋକ ଶୁଣାଇ ଦେଲେ, "କିଏ ସମୀର, କୋଉ ସମୀର, ସମୀର ମରିଯାଇଛି ଆମ ପାଇଁ ବହୁତ ଦିନ ତଳୁ ।" ରିସିଭରଟାକୁ କଚାଡି ଦେଇଥିଲେ । ସେଦିନ ସୀମରନ୍ ଆକାଶରୁ ଛିଣ୍ଡିଲା ପରି ତଳେ କଚାଡି ହୋଇ ପଡ଼ିଥିଲା ।

ପିଲା ଦିନର ସେ ସମୀର ତ କେବେଠାରୁ ମରିଯାଇଥିଲା । ତା ଜାଗାରେ ଜନ୍ମ ନେଇଥିଲା ସୀମରନ୍ । ସବୁ ଆଶାର ବନ୍ଧ ଭାଙ୍ଗି ଯାଇଥିଲା ତାର । ସେ ଦିନ ଠାରୁ ସେ ନିଜକୁ ବୁଝାଇ ଦେଇଥିଲା, ନା ତାର ଘର ନାହିଁ, ବାପା, ମା, ଭାଇ, ଭଉଣୀ କେହି ନାହାଁନ୍ତି। ସେ ସ୍ୱାଧୀନ, ସେ ଅନ୍ୟ ଏକ ସମ୍ପ୍ରଦାୟର । ସେ କିନ୍ନର ସମ୍ପ୍ରଦାୟର। ସେମାନେ ତା ଭାଇ ବନ୍ଧୁ କୁଟୁମ୍ବ । ସେମାନେ ତା ପାଇଁ ଚିନ୍ତା କରୁଛନ୍ତି । ତା ଫେରିବା ବାଟକୁ ଗୁହିଁ ବସୁଛନ୍ତି। ତା ଭଲ ମନ୍ଦ ଖବର ବୁଝୁଛନ୍ତି। ଜ୍ୱର ହେଲେ ମୁଣ୍ଡରେ ପାଣି ପଟି ପକାଉଛନ୍ତି । ଏମିତି ପରିବାର ଅପେକ୍ଷା ଏମାନେ ଶହେ ଗୁଣ ଭଲ । ଏମାନେ ସମ୍ପର୍କ ରେ ତା ପାଇଁ ବାପା, ମା, ଭାଇ, ଭଉଣୀ ଠାରୁ ଢେର ଊର୍ଦ୍ଧରେ ।

ସୀମରନ୍ ଏବେ ଜାତୀୟ ସ୍ତରରେ N.G.O. ଚଲାଉଛି । ଦେଶ ବିଦେଶରେ ଭ୍ରମଣ କରୁଛି। କେତେ ଲୋକଙ୍କୁ H.I.V. କଥା ବୁଝାଇ ମୃତ୍ୟୁ ମୁଖରୁ ରକ୍ଷା କରୁଛି । ସମସ୍ତଙ୍କ ସୁଖ ଦୁଃଖ ରେ ସାଥୀ ହେଉଛି । ସବୁ ଆଡେ ତାର ଆଦର । ସମସ୍ତେ ତାକୁ କେତେ ଭଲ ପାଉଛନ୍ତି। ସେ ଆଜି ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସମାଜରେ ପ୍ରତିଷ୍ଠିତ ହୋଇଛି । ସେ କେବେ ଫେରି ଗୁହିଁ ବନି ତାର ଅତୀତକୁ । ସେ ବର୍ତ୍ତମାନ ରେ ଆଜି ଭାରି ଖୁସି । ଏବେ ତାକୁ ହିଞ୍ଜଡ଼ା ବୋଲି ଲାଜ ଲାଗୁନି । ବରଂ ସେ ନିଜକୁ ଗର୍ବିତ ମନେ କରୁଚୁଛି । ଯେଉଁ କର୍ତବ୍ୟ ଭଗବାନ ତାକୁ ଦେଇଛନ୍ତି, ସେଥିପାଇଁ ସେ ଭଗବାନ ଙ୍କ ପାଖରେ କୃତଜ୍ଞ । ମରିବା ଯାଏଁ ଭଗବାନଙ୍କ ଇଛାକୁ ସେ ପୁରଣ କରିବ ନିଶ୍ଚୟ ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା

ବେଦାନ୍ତୀ ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବା ପଇଁ ୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ ଆଗକୁ ବଢିବା ପାଇଁ ସହଯୋଗ କରନ୍ତୁ ।

# ମୁଁ ମହାନଦୀ କାନ୍ଦୁଛି

ମାନସ କୁମାର ପାତ୍ର

ଅମର କଣ୍ଟକ ପଥର ଖୋଲରେ
ଜନମ ମୋହର ହୋଇଛି
କଳ କଳ ନାଦେ କେତେ ପଥ ଡେଇଁ
ନାଚ ନାଚ ମୁହିଁ ଧାଇଁଛି ।
କେତେ ବାଧା ବିଘ୍ନ ଆସିଅଛି ପଥେ
ପଥରୋଧ ମୋର ହୋଇଛି
ତଥାପି କେବେ ମୁଁ ଅଟକ ଯାଇନ
ଲକ୍ଷ୍ୟ ମୋର ସ୍ଥିର ରହିଛି ।
ଚଲାପଥେ ମୋର ହୋଇଛନ୍ତି ମିତ
କେତେ କେତେ ମୋର ଭଗିନୀ
ସଭିଙ୍କୁ ମୋ ଦେହେ କରିଅଛି ଲୀନ
ହୋଇଛି ଚର ପ୍ରସବିନୀ ।
କଳେବର ମୋର ଯାଇଅଛି ବଢ଼ି
ବେଗ ହୋଇଅଛି ପ୍ରଖର
ସାଗର ବେଳାରେ ଲୀନ ହୋଇଛି ମୁଁ
ସୃଷ୍ଟି ମୋ ହୋଇଛି ସାକାର ।
ଉପକୂଳ ମୋର ହୋଇଛି ସମୃଦ୍ଧ
ସୁନା ଫଳଅଛି କ୍ଷେତରେ



କଳ କାରଖାନା ଗଢ଼ି ଉଠିଅଛି
ବନ୍ଧ ବାନ୍ଧି ମୋର ଛାତିରେ ।
କାର୍ପଣ୍ୟ କରିନ କେବେ କାହାଠାରେ
ପାତର ଅନ୍ତର କରିନ
କେଉଁ ଗ୍ରଇଜର ଅଟ ତୁମେ ବାବୁ
କାହାକୁ କେବେ ପଗ୍ଭରିନ ।
ତେବେ କଆଁ ତୁମେ ମୋ ପାଇଁ ଲଢୁଛ
ସମ୍ପର୍କ ଦେଉଛ ବିଗାଡି
ମୋ ପଣତ କାନ କୁରୂପ କରନ
ହୁଅନ କେବେ ଭିଡାଭିଡ଼ି ।
ମୁହିଁ ମହାନଦୀ ବିଳପି କାନ୍ଦୁଛି
ମୋ ସନ୍ତାନ ମାନଙ୍କୁ ଦେଖି
ଭାଇ ସାଜେ ଆଜି ଭାଇର ଭଗାରୀ
ମାଆ କଥା କଏ ବୁଝୁଛି ।

ଅରଳା, ଗୋପାଳପୁର, ବାଲେଶ୍ୱର



# ଓଡିଆ ଚମ୍ପୂ ସାହିତ୍ୟର ଏକ ବିସ୍ମୟ "କଶୋର ଚନ୍ଦ୍ରାନନ୍ଦ ଚମ୍ପୂ"



ଦିପୁନ ପୁହାଣ

ସେହି କଦମ୍ବ ମୂଳଆ- କାଇଁଚ ମାଳଆ- କେଳୀ ପୁଚ୍ଛ ଗୃରୁ ଚୁଳଆ, ନବଦୁର୍ବାଦଳ ଶ୍ୟାମ- ଲଳତ- କଳତ ପୀତ ଦୁକୂଳୀଆ ନଟରାଜ ଶ୍ରୀକୃଷ୍ଣଙ୍କର ଭୁବନମୋହନ ଅପରୂପ ତନୁଶ୍ରୀର ଦର୍ଶନରେ ପରମା କଶୋରୀ- ବ୍ରଜପୁରେଶ୍ୱରୀ- ଆହ୍ଲାଦିନୀ ଶ୍ରୀରାଧାଙ୍କ ହୃଦବନ ହୋଇଉଠିଛି କାମାଗ୍ନୀରେ ଜର୍ଜରିତ । ଆପଣାର ଅଂତରଂଗ ବାନ୍ଧବୀ ଲଳତା ନକଟରେ ନଜର ପ୍ରେମଭାବ ତଥା ପ୍ରେମଜନତ ଆକୁଳତାକୁ ପ୍ରକାଶ କରିବାକୁ ଯାଇ ବୃଶଧନୁସୁତା ଶ୍ରୀରାଧା କହୁଛନ୍ତି –

"କ ହେଲାରେ,
କହିତ ନୁହଁଇ ଭାରତୀରେ
କାଲି ଜା ଦୂରରୁ ଦେଖି
କଳନା କଲି ମୋ ଆଖି
କଳାଇଦିବର ଆରତୀରେ ॥"

ଏହିପରି ଏକ ନାଟକୀୟ ସଂଳାପଧର୍ମୀ ଉପସ୍ଥାପନା କୌଶଳ, ବିଷୟ ବିନ୍ୟାସରେ ଗଦ୍ୟ ଓ ପଦ୍ୟର ମଧୁମଧୁର ସମ୍ମିଶ୍ରଣ ଘଟାଇ ବୈଷ୍ଣବୀୟ ଧର୍ମୋଦଧିର ତରଙ୍ଗାୟିତ ଜୁଆରରେ ଓଡିଶାର ପ୍ରତିଟି ଜନତାକୁ ରସସିକ୍ତ କରିପାରିଥିବା ଏକ ଅନନ୍ୟ – ଅଦ୍ୱୈତୀୟ – ଅଦୃଷ୍ଟପୂର୍ବ କାବ୍ୟ ହେଉଛି "କଶୋର ଚନ୍ଦ୍ରାନନ୍ଦ ଚମ୍ପୂ"। ଚମ୍ପୂକାର ବଳଦେବ ରଥଙ୍କର ସର୍ବଶ୍ରେଷ୍ଠ କାବ୍ୟ ରୂପେ ଏହି କାୟର ପ୍ରସିଦ୍ଧି ସର୍ବଜିନାଦୃତ । ଯଦିଓ ଓଡିଆ ଭାଷାରେ,

ଚମ୍ପୂ ସାହିତ୍ୟର ସ୍ରୋତସ୍ୱିନୀ ଅଷ୍ଟାଦଶ ଶତାବ୍ଦୀରୁ ପ୍ରବାହିତ ହୋଇ ପରିବର୍ତ୍ତନର ଧାରେ ଧାରେ ଏଯାବତ୍ ଏକବିଂଶ ଶତାବ୍ଦୀର ଲେଖକମାନଙ୍କୁ ଚମ୍ପୂ ସାହିତ୍ୟରେ ମନୋନିବେଶ କରିବା ପଇଁ ଆକର୍ଷିତ କରି ପାରୁଛି ଏବଂ ବହୁ ଚମ୍ପୂକାର ଚମ୍ପୂ ସାହିତ୍ୟର କୋଷକୁ ବିବିଧ ଭାବରେ ନଜର ବହୁମୂଲ୍ୟ କାବ୍ୟକୃତି ଉତ୍ସର୍ଗିକୃତ କରି ଆସୁଛନ୍ତି; ତଥାପି, କବିସୂର୍ଯ୍ୟ ବଳଦେବ ରଥଙ୍କର "କିଶୋର ଚନ୍ଦ୍ରାନନ୍ଦ ସଚମ୍ପୂ", ଚମ୍ପୂ ସାହିତ୍ୟର ଏକ ଅଂମ୍ଳାନ- ଅମୃତ- ବିସ୍ମୟ କାବ୍ୟ କୃତି ।

ଆଳଙ୍କାରିକ ବିଶ୍ୱନାଥ କବିରାଜ ସାହିତ୍ୟ ଦର୍ପଣର ଷଷ୍ଠ ପରିଚ୍ଛଦରେଚମ୍ପୂ ର ସଜ୍ଞା ନିରୂପଣ କରି ଲେଖିଛନ୍ତି, -

"ଗଦ୍ୟ ପଦ୍ୟମୟଂ କାବ୍ୟ ଚଂପୂରିତ୍ୟ ଭିଧୀୟତେ ।"

ଅର୍ଥାତ, - ଗଦ୍ୟ- ପଦ୍ୟର ମିଶ୍ର ରଚନା ହିଁ ଚମ୍ପୂ ।

ପୁନଶ୍ଚ "ଚମ୍ପୟରେ ଇତି ଚମ୍ପୂ"

ଅର୍ଥାତ, - ହୃଦୟକୁ ଯାହା ଦୀପ୍ତିମାନ କରେ ତାହା ଚମ୍ପୂ ।

"ଚମତ୍କୃତ ପୁନାତି ସୁହୃଦୟମାନ ବିସ୍ମୟୀକୃତ୍ୟ ପ୍ରସାୟତି ଇତି ଚଚମ୍ପୂ ।"

ଅର୍ଥାତ – ଯାହା ହୃଦୟକୁ ଚମତ୍କୃତ କରେ, ସୁହୃଦୟତା ସୃଷ୍ଟି କରେ, ବିସ୍ମୟ ଭାବ ସୃଷ୍ଟିକରେ ଓ ପ୍ରସାଦ ଗୁଣ ଲାଭ କରାଏ ତାହା ଚମ୍ପୂ ଭାବରେ ପରିଚିତ ।

ଏଥିରୁ ସ୍ପଷ୍ଟ ଯେ – ପଦ୍ୟର ଝର୍ଝରିତ ନିର୍ଝରିଣୀ ସୁର ଓ ତାଳର ପ୍ରସ୍ତରରେ ମୁଣ୍ଡ ପିଟି ପିଟି ଶବ୍ଦର ଚମକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ନିର୍ବାଣୋନ୍ମୁଖୀ ପ୍ରଦୀପ ପରି ଗଦ୍ୟ ଗାମ୍ଭିର୍ଯ୍ୟ- ସଂଳାପର ମହୋଦଧିରେ ମହା ସଙ୍ଗମ ଘଟାଇ ଯେଉଁ ସାରସ୍ୱତ ବିସ୍ମୟ, ସୃଷ୍ଟିକରେ ସେହି, ପ୍ରତିକ୍ରିୟାର ପ୍ରତିଫଳନ ରୂପେ ଚମ୍ପୂ ସାହିତ୍ୟର ସୃଷ୍ଟି ଓ ବ୍ୟାପ୍ତି ।

ଚମ୍ପୂ ର ଏହି ସୃଷ୍ଟି ବୈଚିତ୍ର୍ୟ ମଧ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କର କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ହେଉଛି ସର୍ବଶ୍ରେଷ୍ଠ କାବ୍ୟକୃତି । ଆଠଗଡର ସଙ୍ଗୀତପ୍ରେମୀ ରାଜା ହରିଚନ୍ଦନଙ୍କ ପ୍ରୋତ୍ସାହନ ଏହି ଅଦ୍ୱିତୀୟ କାବ୍ୟ ରଚନା କରିବା ପାଇଁ ତାଙ୍କୁ ଅନୁପ୍ରେରିତ କରିଥିଲା ।

ଫଳରେ ଊନବିଂଶ ଶତାବ୍ଦୀର ଦ୍ଵିତୀୟ ଦଶକର ଅୟମାରମ୍ଭରେ ଆଠଗଡର ଏକ୍ତଡିଶାଳରୁ ଜନ୍ମନଏ କଶୋର ଚନ୍ଦ୍ରାନନ୍ଦ ଚମ୍ପୂ । ସମୟକ୍ରମେ ବଳଦେବ ଏକାଧିକ ରାଜ୍ୟରେ ଅବସ୍ଥାନ କରି ରାଜାନୁକମ୍ପାରୁ ବହୁ ସାହିତ୍ୟ କୃତି ସର୍ଜନ କରିଥିଲେ ମଧ୍ୟ କଶୋର ଚନ୍ଦ୍ରାନନ୍ଦ ଚମ୍ପୂ କବି ପ୍ରତିଭାର ଅଙ୍ଗୀରସ ସୃଷ୍ଟି। ଗଦ୍ୟ ଓ ପଦ୍ୟର ସଂଯୋଗୀକରଣ ନୁହେଁ, ତତ୍ ସହିତ ସଂସ୍କୃତ ଓ ଓଡିଆ ଭାଷାର ସମ୍ମିଶ୍ରଣରେ ରଚତ ହୋଇ ଏହି କାବ୍ୟଶ୍ରୀ ନଜର ସ୍ଵତନ୍ତ୍ର ସନକୁ ପ୍ରତିଷ୍ଠିତ କରିଛି। ଏହାର ପଦ୍ୟାଂଶ ଓଡିଆ ଭାଷାରେ ଏବଂ ଗଦ୍ୟାଂଶ ସଂସ୍କୃତ ଭାଷାରେ ରଚତ। ଏହାର ପଦ୍ୟାଂଶ ଚଉତିଶା –ରୀତିରେ "କ" ରୁ "କ୍ଷ" ପର୍ଯ୍ୟନ୍ତ ୩୪ଟି ବ୍ୟଞ୍ଜନ ବର୍ଣ୍ଣର କ୍ରମ ରକ୍ଷା କରି ଓ ପ୍ରତ୍ୟେକ ଗୀତର ପରିଚରଣର ଆଦ୍ୟରେ ଏକ ବର୍ଣ୍ଣାଢ୍ୟ ଶବ୍ଦାବଳୀ ବ୍ୟବହାର କରି ଉକ୍ତି ପ୍ରତ୍ୟୁକ୍ତି ମୂଳକ ଯେଉଁ ୩୪ ଗୋଟି ଗୀତ ସଂଯୋଜିତ ହୋଇଛି, ତାହା ଓଡିଶାରେ ବେଶ୍ ଜନପ୍ରିୟତା ଅର୍ଜନ କରିଛି ।

ସମଗ୍ର କାବ୍ୟରେ ଘଟିଛି ବୈଷ୍ଣବୀୟ ଧର୍ମର ଅଖଣ୍ଡ ପ୍ରବାହ। ପରକୀୟା ପ୍ରୀତିର ବାହ୍ୟ ରୂପ ପ୍ରତିମାର ଆଢୁଆଳରେ ଅନ୍ତରୀଣ ଶାଶ୍ଵତ ସମର୍ପଣ ଧର୍ମୀ ସକାମ ପ୍ରେମ ତତ୍ତ୍ଵର ପ୍ରତୀକ ଶ୍ରୀରାଧା ସାଜିଛନ୍ତି ପ୍ରଗଲ୍ଭା କେବଳ ସେହି ଜୀବରୂପୀ ପରମଙ୍କ ଲେଲିହାନ୍ ଐଶୀ ଶକ୍ତିରେ ନଜ ଚନ୍ତା- ଚନ୍ତନ, ଭାବ- ଅନୁଭାବ ସବୁକଛି କୁ ଏକାତ୍ମ୍ କରିଦେବା। ଅବତାରୀ ପୁରୁଷୋତ୍ତମ ରାଧିକାବଲ୍ଲଭଙ୍କ ସହିତ ରାଧିକାଙ୍କ ମିଳନ ଜନତ ଉତ୍କଣ୍ଠା ପ୍ରକାଶ ପାଇଛି ଚତୁରୀ ଲଳତା ସମ୍ମୁଖରେ। ତେଣୁ କଶୋର- କଶୋରୀଙ୍କ ମଧ୍ୟରେ ଲଳତା ସାଜିଛି ସଂଯୋଗର ସେତୁ। ହେଲେ ଏଠି ସାଧାରଣ ଭାବରେ ନୁହେଁ ବରଂ ଉଭୟଙ୍କ ମଧ୍ୟରେ ମିଳନର ଆବେଗକୁ ବୁଝି- ପରଖି, ଉଭୟଙ୍କୁ ପ୍ରେମାଗ୍ନୀ ରେ ଆହୁରି ସନ୍ତପିତ କରି ଏହି ମହା ମିଳନକୁ ମହାର୍ଘ କରିପାରିଛି ଲଳତା। ଉଭୟଙ୍କୁ ତତାଇଛି ଯେତିକ ମତାଇଛି ମଧ୍ୟ ସେତିକ, ହଟହଟା କରିଛି ଯେତିକ ପାଖାପାଖି କରିବାର ପ୍ରତିଶ୍ରୁତି ଦେଇ ବାଧାବିଘ୍ନ ହଟେଇଛି ମଧ୍ୟ ସେତିକ।

ତେଣୁ ଶ୍ରୀରାଧାଙ୍କ ମନକୁ ବିଡିବା ପାଇଁ ଶ୍ରୀକୃଷ୍ଣଙ୍କୁ ପାଇବାର ଆଶା ପରିତ୍ୟାଗ କରିବାକୁ କହି ଲଳତା ମୁଖରେ କବି କହିଛନ୍ତି –

"ଖଗ୍‌ପ ତୁ ହେଲୁରେ,
ଖଳଲୋ୍‌ଳା ଖଞ୍ଜନାକ୍ଷୀ କ ସାହାସ କଲୁରେ!
ଖର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲୁ ରେ
ଖେଦ- ବୀଜ ନଜ ହୃଦ- କେଦାରେ ବଞ୍ଚିଲୁରେ"

ବାମନ ହୋଇ ଚନ୍ଦ୍ରକୁ ହାତ ବଢାଇବାର ଦୁଃସାହାସ କରିବା କଣ ଉଚତ୍ କ? ଯିଏ ଦୁଃସ୍ପ୍ରାପ୍ୟ ତାକୁ ପାଇବାର ଆଶାରଖି ବିରହାନଳରେ ହନ୍ତସନ୍ତ ହେବା ବା କାହିଁକ? ଏହିପରି ଗୃଟୁକ୍ତି ଯୁକ୍ତ ନୈର୍‌ଶ୍ୟବାଣୀରେ ଲଳତା ଦ୍ୱିଗୁଣିତ କରିଛି ଶ୍ରୀର୍‌ଧାଙ୍କର ଉକ୍‌ଣ୍ଠା ଓ ଆବେଗକୁ । ପ୍ରଣୟ ପ୍ରାଣା- ଶ୍ରୀମତି ଲଳତାର ନର୍‌ଶାଭର୍ ଉତ୍ତରରେ ବ୍ୟତିବ୍ୟସ୍ତ ହୋଇ ଅତ୍ୟନ୍ତ ଆକୁଳ କଣ୍ଠରେ କହିଛନ୍ତି -

"ଗଲ୍‌ଣି ତ ଗଲ୍ କଥାରେ ସଙ୍ଗାତ
ଗଲ୍‌ଣି ତ ଗଲ୍ କଥା,
ଗୁପତେ ସିନା ମୁଁ ତୋତେ ପଗ୍ଚରିଲି
ବଳ ପଡି ବାରୁ ବ୍ୟଥା ॥
ଗଂଗାରୁ ବିଷଦ ଗଭୀର ତୋ ହୃଦ
ଗଣ୍ଠିଧନ ତୋର ସ୍ନେହ
ଗୋଡ ଖସି ଖେଦ ହେବାରୁ ଦରଦ
ଯିବାର ଉପାୟ କହ ॥"

ଶ୍ରୀ ର୍‌ଧାଙ୍କ ଭ୍‌ବବେଗର ଅଥଳ ତରଙ୍ଗିଣୀକୁ ମହାମହୋମ୍ବୋଧି ଶ୍ରୀକୃଷ୍ଣଙ୍କ ସହ ଅକାମ୍ କରିବାର ମୂଖ୍ୟ ଭୂମିକା ନେଇଛି ଲଳତା। ଶ୍ରୀର୍‌ଧାଙ୍କ ପରେ ଶ୍ରୀକୃଷ୍ଣଙ୍କ ହୃଦକନ୍ଦରରେ ମଧ ସମ ଅନଳନ, ଉକ୍‌ଣ୍ଠା ଓ ଅଧିରତାର ବୀଜ ବପନ କରିବାରେ ସେ ସଫଳ ହୋଇଛି । ଏବଂ ଶେଷରେ ଅତି ଚତୁରତାର ସହିତ ଜୀବ ସହିତ ପରମର, ଆତ୍ମା ସହିତ

ପରମାତ୍ମାର, ଶିବ ସହିତ ମଙ୍ଗଳର, ପ୍ରକୃତି ସହିତ ପୁରୁଷର, ସୌନ୍ଦର୍ଯ୍ୟ ସହିତ ସୌର୍ଯ୍ୟର, ଭକ୍ତ ସହିତ ଭଗବାନର ତଥା ଐଶୀଶକ୍ତି ସହିତ ଆହ୍ଲାଦିନୀ ଶକ୍ତିର ଆକର୍ଷଣରେ ବୈଷ୍ଣବୀୟ ନାୟିକା ଶ୍ରୀରାଧାଙ୍କୁ କେଳିକୁଞ୍ଜରେ ଅପେକ୍ଷାରତ ନଟରାଜ ଶ୍ରୀକୃଷ୍ଣଙ୍କ ଦିବ୍ୟ ଦୁର୍ଲଭ ଅଙ୍ଗସଙ୍ଗ ଲାଭ କରାଇବାରେ ସକ୍ଷମ ହୋଇଛି ଲଳୀତା । ଦିବ୍ୟ ରାସୋତ୍ସବରେ ଗଗନ ପବନ ହୋଇଛି ଉତ୍ସବ ମୁଖର । ପାଉଁଜୀ ଓ କଙ୍କଣର ନିକ୍ୱଣ ରେ ଭାଙ୍ଗିଛି ନିକୁଞ୍ଜର ନୀରବତା । କୋଟି କଦମ୍ବର ରୋମାଞ୍ଚରେ ଶିହରି ଯାଇଛି କୁଞ୍ଜବନର ତରୁଲତା । କିଶୋର, କିଶୋରୀଙ୍କର ଘଟିଛି ଦିବ୍ୟ ମିଳନ –

"ମିଶିଲା ଗୋରି ଲୋଚନ ବାରି – ରୁହ ମଦନୁ ଲଭି ଲାଗୁରି
ମିଳିଲା ଶ୍ୟାମ ଗଉରଦୁଇ ଦେହ
ମଧୁପ ଯୁବା ଲଭିଲା ଅବା ନବ ସରସୀ ରୁହ ।

ମହା ପ୍ରଣୟର ଅବସାନ ପରେ ରତିକ୍ଳାନ୍ତ ଶ୍ରୀରାଧାଙ୍କର ସ୍ନାନ ନିମନ୍ତେ ଯମୁନା ଗମନ ଓ ସଖିମାନଙ୍କ ଥଟ୍ଟା ପରିହାସ ଓ ଶ୍ରୀକୃଷ୍ଣଙ୍କର ରତିକ୍ଳାନ୍ତ ଅବସ୍ଥାକୁ ମଧୁମଙ୍ଗଳର ଆବିଷ୍କାର; ଏହିପରି ଘଟଣା କ୍ରମରେ ଚମ୍ପୂଟିର ବିଷୟବସ୍ତୁ ରେ ପରିସମାପ୍ତି ଘଟିଛି । ଉକ୍ତି- ପ୍ରତ୍ୟୁକ୍ତି ଧର୍ମୀ, ଗଦ୍ୟପଦ୍ୟଧର୍ମୀ, ଓ ଦିବ୍ୟ ଅଦିବ୍ୟ ଭାଷାର ସମନ୍ୱୟ ଧର୍ମୀ ଉକ୍ତ କାବ୍ୟଟିରେ ରାଧାକୃଷ୍ଣଙ୍କର କେଳି ବର୍ଣ୍ଣନା ର ମାଧୁର୍ଯ୍ୟତା ପରିଲକ୍ଷିତ ହୁଏ ଆଦ୍ୟରୁ ପ୍ରାନ୍ତ ଯାଏଁ । ମାତ୍ର ୩୪ଟି ଗୀତ ଓ ଗଦ୍ୟର ସଂଯୋଜନାରେ ଆପଣାର କ୍ଷୁଦ୍ର ଅବୟବ ମଧରେ ଏହି କାବ୍ୟଟି ଯେତିକି ପସିଦ୍ଧି ଅର୍ଜନ କରିଛି କିଶୋର କିଶୋରୀଙ୍କ ଦିବ୍ୟରାସର ମଧୁର ପ୍ଲାବନରେ ହୋଇ ଉଠିଛି ସେତିକି ରସସିକ୍ତ ।

ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ତୁମେ ମୋର ମୁଁ ତୁମର

ଦୟାନନ୍ଦ ଶବର

ତୁମେ ସୌନ୍ଦର୍ଯ୍ୟ ର ଅଟ ଚମତ୍କାର
ତୁମେ ମିଠା ସୁଗନ୍ଧ ସେଫାଳି ଫୁଲର
ତୁମେ ସୁନେଲି ଜହ୍ନ ସରଗର
ତୁମେ ରାଣୀ ଟିଏ ପରି ରାଇଜର
ତୁମେ ଭଗବାନଙ୍କ ସୁନ୍ଦର ଆବିଷ୍କାର
ତୁମେ ଗୋଟେ ଫୁଲ ପ୍ରେମ ବଗିଚ୍ଚର
ତୁମେ ଗୋଟେ ମୁକ୍ତ ପକ୍ଷୀ ଆକାଶର
ତୁମେ ଗୋଟେ ସୁନା ହରିଣୀ କାନନର
ତୁମେ ଗୋଟେ ବାସ୍ନା ଚଲ୍ ପଥର
ତୁମେ ଗୋଟେ ମିଠା ସ୍ମୃତି ସପନର
ତୁମେ ଗୋଟେ ଗୀତ ଏଇ ପୃଥିବୀର
ଆସ ଚାଲୁଥିବା ବାଟ ଜୀବନର ଜୀବନର
ତୁମେ ପାଇଁ ଗଢ଼ିଛୁ ମୁହିଁ ରାଜ ନଅର
ତୁମେ ପାଇଁ ତିଆରିଛି ମୋତି ମାଣିକ ହାର
ମୋ ଜୀବନେ ତମ ଅପେକ୍ଷା ଆସିବାର
ତମ କଥା ମନେ ପଡେ ମତେ ବାରମ୍ବାର

ନୂଆପଡା, ପଲସିପାଣି, ଓଡିଶା

# ହସ ଲୁଚଗଲା ଆଖି ଲୁହରେ



ପ୍ରଶାନ୍ତ କୁମାର ନାଥ

ପପୁର ସବୁବେଳେ ହସ ହସ ମୁହଁ। କେତେବେଳେ ତାକୁ କେହି ଦେଖି ନାହାନ୍ତି କେବେ ସିଏ ମନ ଦୁଃଖ କରିବାର । ତାକୁ ଯିଏ ଯାହା ପଚାରିଲେ ବି ସ୍ମିତ ହସଟିଏ ହସି ଦେଇ ତାର ଉତର ଦେଇଥାଏ । ତାର ଏହି ହସ ଦେଖି ତାକୁ ସମସ୍ତେ ଭଲ ପାଆନ୍ତି । ତାକୁ କିଏ ଗାଳି କଲେବି ସିଏ ହସିଦିଏ ଏମିତିକି ଯଦି ତାକୁ କିଏ ମାଡ ମାରେ ତଥାପି ସିଏ ହସି ଦେଇଥାଏ । କେତେବେଳେ କାନ୍ଦିବାର କେହି ଦେଖି ନାହାନ୍ତି ତାକୁ କିନ୍ତୁ ଆଜି କଣ ପାଇଁ ତାର ଆଖିରେ ଲୁହ ।

ତାର ହସ ହସ ମୁହଁ ଦେଖି ସବୁ ଝିଅ ନିଜର ପ୍ରେମ ଜାଲରେ ଫସେଇବାକୁ ଚେଷ୍ଟା କରନ୍ତି। ଏମିତିକି ବହୁତ ଝିଅ ତା ସହିତ ଥଟାମଜ୍ଜା କରନ୍ତି ଆଉ ଅନେକ ମଧ୍ୟ ଜିଦି ମରାମରି ହୁଅନ୍ତି ତା ମନରେ ଦୁଃଖ ଭରିଦେବାକୁ କିନ୍ତୁ କେହିବି ଏଥିରେ ସଫଳ ହୋଇ ପାରନ୍ତିନି ।

ପପୁ ମଧ୍ୟ ଭଲ ପାଠ ପଢୁଥିଲା । ଆଉ ସମସ୍ତଙ୍କ ହୃଦୟ ରାଜ୍ୟରେ ରାଜୁତି କରୁଥିଲା । କିନ୍ତୁ ସିଏ ନିଜେ ଜାଣି ପାରିଲା ନାହି କେତେବେଳେ କେମିତି ସିଏ ବବିତାର ପ୍ରେମରେ ପଡିଗଲା ।

ପପୁ ପିଲାଟି ବେଳରୁ କବିତା ଲେଖୁଥିଲା ଆଉ ଅନେକ ପତ୍ରପତ୍ରିକା ଖବର କାଗଜ ଗୁଡିକରେ ତାର ଲେଖା ପ୍ରକାଶ ପାଉଥିଲା । ସେଦିନ ମକର ସଂକ୍ରାନ୍ତି ଉପଲକ୍ଷେ ହେଉଥିଲା ଏକ କବି ସମ୍ମିଳନ । ଯେଉଁଠାରେ ତାର ଦେଖା ହୋଇଥିଲା ବବିତା ସହ । ବବିତା ଥିଲା ଏକ କବୟିତ୍ରୀ ଆଉ ସେହି କବି ସମ୍ମିଳନୀରେ ବବିତା ଏକ କବିତା ଆବୃତି କରିଥିଲା ଯାହାର ଶୀର୍ଷକ ଥିଲା “ମୋ ସ୍ୱପ୍ନର ରାଜକୁମାର”। କବିତାଟି ସେମିତି ଦମଦାର ଥିଲା । ଆଉ ପପୁ ସେଦିନ ତାର କବିତା “ମୋ ମନ ମଇନା”ପାଠ କରିଥିଲା । ଯାହାକୁ

ପାଠକ ମାନେ ବହୁତ ପ୍ରଶଂସା କରିଥିଲେ ଆଉ ଏହି କବିତା ପାଇଁ ମଧ୍ୟ ସିଏ ଶ୍ରେଷ୍ଠ ଯୁବ କବିର ପୁରସ୍କାର ପାଇଥିଲା । ଅନ୍ୟମାନଙ୍କ ପରି ବବିତା ମଧ୍ୟ ସେଦିନ ପପୁକୁ ଜଣାଇ ଥିଲା ସ୍ୱାଗତ । ପପୁ କହିଥିଲା ଆପଣଙ୍କ କବିତା ମଧ୍ୟ ବହୁତ ସୁନ୍ଦର ଥିଲା । ଦୁଇ ଗ୍ଚରି ପଦ କଥା ପରେ ଦୁହେଁ ଫୋନ୍ ନମ୍ବର ଦିଆନିଆ କରିଥିଲେ । ଆଉ ତାପରେ ଫୋନ ରେ କଥାବାର୍ତା ହେଉଥିଲେ । ଆଉ ଦୁହେଁ ସାଥି ହୋଇ ଯାଉଥିଲେ ବିଭିନ୍ନ କବି ସମ୍ମିଳନକୁ । ତା ପରେ ଦୁହିଁଙ୍କ ମଧ୍ୟରେ ଗଢି ଉଠିଥିଲା ବନ୍ଧୁତା । ଆଉ କେତେବେଳେ ସେହି ବନ୍ଧୁତା ପ୍ରେମରେ ପରିବର୍ତନ ହୋଇଗଲା ଦୁହେଁ ଜାଣିପାରିଲେ ନାହିଁ । ଦୁହେଁ ଦୁହିଁକୁ ଏତେ ଭଲ ପାଉଥିଲେଯେ କେହି କାହାରକୁ ଛାଡି ରହି ପାରୁନଥିଲେ । ବବିତାକୁ ପାଇଲା ପରେ ପପୁର ହସ ଦ୍ୱିଗୁଣିତ ହୋଇଗଲା ।

ଏମିତି ହସଖୁସିରେ ସେମାନଙ୍କ ପ୍ରେମ ସମ୍ପର୍କ ଗଢି ଗ୍ଚଲିଥିବା ବେଳେ ହଠାତ୍ ସେମାନଙ୍କ ଜୀବନକୁ ଏକ ଅଦିନଆ ଝଡ ମାଡି ଆସିଲା । ହଠାତ୍ ପପୁର ଏକ ଦୁର୍ଘଟଣାରେ ପପୁର ଏକ ଗୋଡ ଭାଙ୍ଗିଗଲା । ଆଉ ତାକୁ ଠିକ୍ ହେବାକୁ କିଛି ଦିନ ସମୟ ଲାଗିଲା । ଆଉ ସେହି ସମୟ ଭିତରେ ସେମାନେ ଠିକ ରେ କଥାବାର୍ତା ହୋଇ ପାରୁନଥିଲେ । ପପୁର ଗୋଡ ଠିକ୍ ହେଲା ପରେ ପପୁ ଫୋନ୍ କରିଥିଲା ବବିତାକୁ । ଆଉ ବବିତାର ଭାଇ ଫୋନ୍ ରିସିଭ୍ କରି କହିଲା ବବିତାର ବାହାଘର ହୋଇ ସାରିଛି । ଦୟାକରି ଆପଣ ଆଉ କେବେ ଫୋନ୍ କରିବେ ନାହିଁ ।

କେହି ଜାଣିନଥିଲେ ପପୁ ଆଉ ବବିତାର ପ୍ରେମ ସମ୍ପର୍କ ବିଷୟରେ ତେଣୁ କେହି ଜାଣି ପାରିଲେ ନାହିଁ ପପୁର ଦୁଃଖର କାରଣ । ସବୁବେଳେ ହସୁଥିବା ପପୁ ମନରେ ଆଜି କଣ ପାଇଁ ଭରି ଯାଇଛି ଏତେ ଉଦାସ । କଣ ପାଇଁ ପପୁର ଆଖିରେ ଆଜି ଭରି ଯାଇଛି ଲୁହର ଧାର ।

ସତରେ ଆଜି ପପୁର ହସ ଲୁଚଯାଇଛି ତାର ଆଖି ଲୁହରେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ଅମ୍ଳାନ ବ୍ୟକ୍ତିତ୍ୱ



ପ୍ରବୋଧ ଚନ୍ଦ୍ର ମୁଦ୍ରା

[ ରାଜ ବାହାଦୁଙ୍କର ସ୍ମୃତିରେ ରଚୟିତା]

ଭାରତ ଭୂଖଣ୍ଡେ- ଉତ୍କଳ ପ୍ରଦେଶେ- ଗଞ୍ଜାମ ଯେ ବିଦ୍ୟମାନ ।
ଗଡଜାତ ମଧ୍ୟେ ଖଲ୍ଲିକୋଟଗଡ ହୋଇଅଛି ଅଧିଷ୍ଠାନ ।।
ମର୍ଦ୍ଦରାଜ କୀର୍ତ୍ତି- କରୀଟମଣ୍ଡିତା ଏମାଟି ହୋଇଛି ଧନ୍ୟ।
ବିଶ୍ୱଦରବାରେ ରାଜାଙ୍କ ସୁଯଶଉଡିଛି ଜୟ କେତନ ।।
ଏ ଭଞ୍ଜ ମାଟିର ଅମୂଲ୍ୟ ରତନ ଥିଲେ ଅମୃତ ସନ୍ତାନ।
ନଳନାକ୍ଷ- ରାମକୃଷ୍ଣ- ଜଗନ୍ନାଥ ରାଜା ବାହାଦୁର ଗଣ ।।
ବାଲକେଶ୍ୱର ସିଂ- ନାରାୟଣ ଦେଓ- ମର୍ଦ୍ଦରାଜ ହରିହର ।
ପ୍ରତାପୀ ଓ ବାହାଦୁର ରାମଚନ୍ଦ୍ର- ପୂର୍ଣ୍ଣଚନ୍ଦ୍ର ମହାବୀର ।।
ମର୍ଦ୍ଦରାଜ ବଂଶ ଅନ୍ତିମ ପ୍ରଦୀପ ଯୁବରାଜ ପୂର୍ଣ୍ଣଚନ୍ଦ୍ର ।
ଅକାଳବିୟୋଗେବିଦାୟ ହୋଇଲେ ଲୁପ୍ତ କରି ରାଜତନ୍ତ୍ର ।।
ରାଜକୁଳ ଲକ୍ଷ୍ମୀସୁଜ୍ଞାନ କୁମାରୀ ହୋଇଲେ ରାଣୀସାହେବା ।
ଗଣତନ୍ତ୍ରର ପୂଜାରିଣୀ ରୂପେ କରିଲେ ମାନବର ସେବା ।।
ନାରାୟଣଙ୍କର ସୁଯୋଗ୍ୟ ସନ୍ତାନ ଅଟନ୍ତି ଯେ ହରିହର ।
ହରିହରଙ୍କର ସନ୍ତାନରତ୍ନ ଯେ ସ୍ୱୟଂ ରାମଚନ୍ଦ୍ର ବୀର ।।
ଊନବିଂଶ ଶତ ତେର- ଜାନୁୟାରୀ, ଜନ୍ମ ହେଲେ ଶୁଭକ୍ଷଣେ ।
ଅଂଶୁମାଳ ସମ ଥିଲେ ତେଜିୟାନ ନପୁଣ ସେ ସର୍ବଜ୍ଞାନେ ।।

ବୀରତ୍ୱପଣରେ ଅପ୍ରତିଦ୍ୱନ୍ଦୀ ସେ ନିଷ୍ଠା ଓ ଆଦର୍ଶବାନ ।
ପ୍ରଚଣ୍ଡ ଶକ୍ତିର ଥିଲେ ଅଧିକାରୀ ବୁଦ୍ଧିରେ ସେ ବିଚକ୍ଷଣ ।।
ଯୁବରାଜ ରୂପେ ହୋଇ ଅଧିଷ୍ଠିତ ରାମଚନ୍ଦ୍ର ମର୍ଦ୍ଦରାଜ ।
ରାଜକାର୍ଯ୍ୟ ସହ ପ୍ରଜାଙ୍କ ସେବାରେ କଲେ ଜନହିତ କାର୍ଯ୍ୟ ।।
ଅଷ୍ଟାଦଶ ବର୍ଷେ ଯୁବ ରାମଚନ୍ଦ୍ର ହୋଇଲେ ପାଣିଗୃହୀତ ।
ଷୋଡ଼ଶକଳାର ଦେବୀ ରାଜଜେମା ଚନ୍ଦ୍ରପ୍ରିୟାଙ୍କ ସହିତ ।।
ଦୃଢ଼ ଦାବିବଳେ ଊନବିଂଶ ଶତ ଏକୋଇଶ ମସିହାରେ ।
ବ୍ରିଟିଶଙ୍କ ଠାରୁ ଇଷ୍ଟେଟ ଗ୍ରହଣ କରିଥିଲ ସୁଚତୁରେ ।।
ଦ୍ୱାବିଂଶତି ବର୍ଷେ ମାନ୍ଦ୍ରାସଷ୍ଟେଟର ସଭ୍ୟ ହେଲ କାଉନସିଲର ।
ଉତ୍କଳର ମାନ ମହତ ରଖିଲ ରାଜା ରାମଚନ୍ଦ୍ର ବୀର ।।
ଆଠାଇଶ ସାଲେ ରମ୍ଭା ପ୍ରାସାଦରେ ଆତିଥ୍ୟ ଦେଲ ଗାନ୍ଧୀଙ୍କୁ ।
ଗାନ୍ଧୀଜୀ ସମେତ କଲ ଆପଣାର ସମ୍ମାନ ଦେଇ ସଭିଙ୍କୁ ।।
ଶୁଭ ଲଗ୍ନେ ତବ ଔରସୁ ସମ୍ଭୂତ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ।
ପୂର୍ଣ୍ଣଚନ୍ଦ୍ର ସମ ଜ୍ୟୋତିପ୍ରକାଶିଣ ହୋଇଗଲେ ଯୁବରାଜ ।।
ଊନବିଂଶ ଶତ ବତିଶ ସାଲରେ ଗୋଲ ଟେବୁଲ ସଭାରେ ।
ଯୋଗଦାନ କରି ରାଜା ରାମଚନ୍ଦ୍ର ଲଢିଲେ ରାଜ୍ୟ ସ୍ୱାର୍ଥରେ ।।
ଲଣ୍ଡନସ୍ଥ ଜଏଣ୍ଟ ପାର୍ଲିଆମେଣ୍ଟାରୀ ବୈଠକରେ ତଥ୍ୟ ପ୍ରଦାନ ।
ଏ ମାଟି ମାଆର ଶ୍ରେଷ୍ଠ ବରପୁତ୍ର ରଖିଲ ଉତ୍କଳ ମାନ ।।
ଓଡିଶାର ଉପଦେଷ୍ଟା ପରିଷଦେ ସଭ୍ୟ ରୂପେ ମନୋନୀତ ।
ବିଧାନ ସଭାର ପୁଣି ହେଲ ସଭ୍ୟ କରିଣ ମହତ କାର୍ଯ୍ୟ ।।
ସଭ୍ୟ ରୂପେ ପୁନଃ ହେଲ ବିବେଚତ କେନ୍ଦ୍ରୀୟ ଆସେମ୍ଲି ଠାରେ ।
ଓଡିଶା ପକ୍ଷରୁ ହେଲ ପ୍ରତିନିଧି ଜାତୀୟ ନିରାପତ୍ତାରେ ।।

ବିଧାନ ସଭାର ନିର୍ବାଚିତ ସଭ୍ୟ ଊନବିଂଶ ବାଉନରେ ।
ଓଡିଆ ଜାତିର ଗର୍ବ- ଗୌରବ ତୁମେଥିଲ ବାସ୍ତବରେ ।।
ସତାବନ ସାଲେ ହେଲ କେନ୍ଦ୍ର ମନ୍ତ୍ରୀ ହେ ବୀର କେଶରୀ ! ରାମ ।
ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ହୋଇ ରଖିଲ ସୁନାମ ।।
ପୁନଃ ସଭ୍ୟହେଲ ବିଧାନ ସଭାରେ ଏକଷଠୀ ମସିହାରେ ।
ରାଜ୍ୟ ପ୍ରଗତିରେ ସହାୟକ ହୋଇ ଯଶ ଅର୍ଜିଲ ମହୀରେ ।।
ଉତ୍କଳର ସୂର୍ଯ୍ୟ ଚିର ଅସ୍ତମିତ ହୋଇଗଲା ଏ ଧରାରେ ।
ଗଞ୍ଜାମ ମାଟିର ଏ ମହାମାନବ ମିଶିଲେ ପରମାତ୍ମାରେ ।।
ଊନବିଂଶ ଶତ ତେଷଠୀ ସାଲର ଜାନୁୟାରୀ ତେଇଶରେ ।
ଚିରକାଳ ଲାଗି ହୋଇଲ ଅମର ମହାକାଳ ଇଙ୍ଗିତରେ ।।
ଧନ୍ୟ- ଧନ୍ୟ ତୁମେ ହେ ମହାନାୟକ ! ତୁମର ଯଶ- ପୌରୁଷ ।
ମୃତ୍ୟୁଞ୍ଜୟ ତୁମେ ଉତ୍କଳ ଭୁବନେ ହୋଇଲ ଚିର ନମସ୍ୟ ।।
ପ୍ରାତଃସ୍ମରଣୀୟ- ଚିରବନ୍ଦନୀୟ- ପୁଣ୍ୟଶ୍ଳୋକ- ରାମଚନ୍ଦ୍ର !
କୃତାଞ୍ଜଳି ପୁଟେ ଶତ ପ୍ରଣିପାତ ଘେନ ଏ ବିପ୍ର ମୁଦ୍ରାର ।।

ସାଙ୍କୁଡା, ଗଞ୍ଜାମ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଶାଶୁଘରକୁ ଯାଉପଛେ ଝିଅ ଜନମ ହେଉ



ଆନନ୍ଦ ପ୍ରଧାନ

ଗୋବିନ୍ଦ ମୋହନପୁର ଗ୍ରାମର ସକଳ ଯୁବକ ଓ ଯୁବତୀ ବୃଦ୍ଧ ଓ ବୃଦ୍ଧା, ପୁରୁଷ ଓ ମହିଳା, ବାଳକ ଓ ବାଳିକା ଆଦି ସମସ୍ତେ ଗୋଟିଏ ବିଷୟରେ ଚର୍ଚ୍ଚା କରୁଛନ୍ତି –"ଆମର ଗ୍ରାମର ସନ୍ତୋଷ ବାବୁ ସମସ୍ତ କାର୍ଯ୍ୟରେ ସମସ୍ତଙ୍କୁ ସାହାଯ୍ୟ କରୁଛି, ପ୍ରତ୍ୟେକ ସୋମବାରରେ ଶିବ ମନ୍ଦିର ଯାଇ ତିନିଓଳ ଉପବାସ ବ୍ରତ ପାଳନ କରୁଛି, ନିତି ପରି ପ୍ରାତଃ କାଳରୁ ସ୍ନାନସାରି ଭଗବାନଙ୍କୁ ପ୍ରାର୍ଥନା କରୁଛି, ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ମିଷ୍ଟାନ୍ନ ଭୋଜନ ଦେଉଛି, ଗୋପାଳସହସ୍ର" ନାମଯଜ୍ଞ କରୁଛି । ହେଲେ ଭଗବାନ! ତାର ଡାକ ଶୁଣୁନାହାନ୍ତି । ଏହି ଚର୍ଚ୍ଚା ଗ୍ରାମର ସମସ୍ତ ସ୍ଥାନରେ ଆଲୋଚନା ଚାଲିଛି ।

ପୁନଶ୍ଚ କେହି କେହି କହନ୍ତି, - "ଭଗବାନ ତ ପଥର ଓ ଦାରୁ ଅଟନ୍ତି, ତାଙ୍କର ଜୀବନ ନାହିଁ, ସେଥିପାଇଁ ଭକ୍ତର ଅର୍ଥାତ୍ ସନ୍ତୋଷର ଡାକ ଶୁଣୁ ନାହାନ୍ତି ।" ପୁଣି କେତେକ କହନ୍ତି –"ଆହା! ଭଗବାନ କେତେ ନିଷ୍ଠୁର କହତ, କାହାକୁ ଚାରି ଚାରିଟା ପୁଅ ଦେଇଛନ୍ତି ତ କାହାକୁ ଚାରି ଚାରିଟା ଝିଅ ଦେଉଛନ୍ତି । କହିଲ ମାଧବ ଭାଇ! ସନ୍ତୋଷକୁ ଭଗବାନ ଚାରିଟା ଝିଅ ଦେଉଛନ୍ତି, ସେ କିପରି ଭାବରେ ତାର ଝିଅମାନଙ୍କୁ ସେମାନଙ୍କ ଶାଶୁ ଘରକୁ ପଠାଇବେ । ଆଧୁନିକ ଯୁଗରେ ଗୋଟିଏ ଝିଅକୁ ବାହା କରାଇବା ବହୁତ କଷ୍ଟ ଦାୟକ । କାରଣ ପୁଅଘର ଲୋକେ ବହୁତ ଯୌତୁକ ଦାବି କରୁଛନ୍ତି, ଯାହାଦ୍ୱାରା ଗୋଟିଏ ଝିଅକୁ ବାହା କରାଇବା ଫଳରେ ଅତି କମ୍ ରେ ତିନିଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଛି । ହେଲେ ସନ୍ତୋଷର ଚାରୋଟି ଝିଅ । ସେ କିପରି ଭାବରେ ତାର ଝିଅମାନଙ୍କୁ ବିବାହ କରାଇବ କହିଲ ଭାଇ ?

ଏହିପରି ଖବରେ ସମସ୍ତେ ସଦା ସର୍ବଦା ସନ୍ତୋଷ ପରିବାରକୁ ନେଇ ଚର୍ଚ୍ଚା କରନ୍ତି । କାରଣ ତାର କୌଣସି ପୈତୃକ ସମ୍ପତ୍ତି ନାହିଁ । ସେ ଭୂମିହୀନ ଓ ଅତି ଗରିବ । ତାଙ୍କୁ କେହି ସହାୟକ ହେବାପାଇଁ କେହି ନାହାନ୍ତି । ତାଙ୍କର ଅର୍ଥର ଅନଟନ, ପୁନଶ୍ଚ ଗୁଡ଼ାଏ ଝିଅ ଏବଂ ପାଞ୍ଚ ନମ୍ବର ସନ୍ତାନ ଜନ୍ମ ନେବାକୁ ଯାଉଅଛି ।

ସେଇ ସନ୍ତୋଷବାବୁ ବହୁତ କର୍ମଠ ବ୍ୟକ୍ତି । ସେ ସର୍ବଦା କଠୋର ପରିଶ୍ରମ କରନ୍ତି । ଯେ କୌଣସି ମତେ ପରିବାର ପରିପୋଷଣ କରନ୍ତି । କେବେହେଲେ ସେ କ୍ଲାନ୍ତ ହୋଇ ପଡନ୍ତି ନାହିଁ । ତାଙ୍କର ମନରେ କେବଳ ଗୋଟିଏ ଚିନ୍ତା -"ମୁଁ କିପରି ମୋର ଝିଅମାନଙ୍କୁ ଉଚ୍ଚ ଶିକ୍ଷିତା କରାଇବି! ବହୁତ ପାଠ ପଢାଇବି । ଯେପରି ଝିଅମାନେ ବଡ ହୋଇ ବଡ ମଣିଷ ହେବେ, ନିଜ ଗୋଡରେ ନିଜେ ଅର୍ଥୋପାର୍ଜନ କରିବେ ଓ ପିତାମାତାଙ୍କର ନାମ ରଖିବେ ।" ଏହା କେବଳ ମନରେ ଚିନ୍ତା ଥାଏ । ଝିଅ ହେଲେ ମଧ୍ୟ ତାଙ୍କ ମନରେ ତିଳେମାତ୍ର ହେଲେ ଶୋକ ନାହିଁ । ପାଞ୍ଚ ନମ୍ବର ମଧ୍ୟ ତାଙ୍କର ଝିଅଟିଏ ହେଲା । ତଥାପି ସେ ତିଳେମାତ୍ର ଅସନ୍ତୋଷ ପ୍ରକାଶ କରି ନାହାନ୍ତି । ସେ ଭଗବାନଙ୍କୁ କହନ୍ତି -"ହେ ପ୍ରଭୁ! ମୋର ପାଞ୍ଚଟି ଝିଅ ହେଲେ ମଧ୍ୟ ଆମେ ଦୁଃଖ ପ୍ରକାଶ କରୁନାହୁଁ । କେବଳ ଆପଣଙ୍କ ଆଶୀର୍ବାଦ ଆମେ ଭିକ୍ଷା କରୁ । ଯେପରି ଝିଅମାନେ ବଡମଣିଷ ହୋଇ ଆମ ଗ୍ରାମର, ଜାତିର, ଦେଶର ତଥା ବିଶ୍ୱର କଲ୍ୟାଣ ପାଇଁ ସଦା କାର୍ଯ୍ୟ କରିବେ ।

ହେଲେ ସନ୍ତୋଷର ସ୍ତ୍ରୀ ମେନକା ବହୁତ ଦୁଃଖୀ! ସେ ଚିନ୍ତା କରେ ଓ ସ୍ୱାମୀଙ୍କ ଆଗରେ ଦୁଃଖ ପ୍ରକାଶ କରେ । ସ୍ୱାମୀ! ଆମେ ଝିଅମାନଙ୍କୁ କିପରି ବଡ ମଣିଷ କରିବା? ଖାଇବା ପାଇଁ ପେଟକୁ ଦାନା ନାହିଁ । ଭଗବାନ ସାହା ହେବେ । ସ୍ୱାମୀ ଉତ୍ତର ଦିଅନ୍ତି ।

ଅନ୍ୟପଟରେ ସନ୍ତୋଷର ବଡ ଭାଇ ଅନାଦି ବାବୁଙ୍କର ଦୁଇଗୋଟି ପୁଅ ଓ ଗୋଟିଏ ଝିଅ । ଏହାଙ୍କର ପୈତୃକ ସଂପତ୍ତି ନ ଥିଲେ ମଧ୍ୟ ନିଜସ୍ୱ ବୁଦ୍ଧି ବଳରେ ସେ ଅନେକ ଜମିବାଡି, ଯାନବାହାନ, ଟଙ୍କା ପଇସା ରଖିଛି । ସେ ବହୁତ ଆରାମରେ ସପରିବାର ପରିପୋଷଣ କରୁଛି । ଦୁଇ ପୁଅଙ୍କୁ ଉଚ୍ଚଶିକ୍ଷିତ କରାଇବା ପାଇଁ ବଡ ସହରରେ ଡାକ୍ତର ଓ ଇଞ୍ଜିନିୟର ପାଠ ପଢାଉଛି । ହେଲେ ଗୋଟିଏ ବୋଲି ଝିଅ, ତାଙ୍କୁ ଉଚ୍ଚଶିକ୍ଷିତ କରାଇବା ପାଇଁ ପାଠ ପଢାଇଛି କିଏ? ଏହାର ନା ମଧ୍ୟ ପାରୁନାହାନ୍ତି । ତାଙ୍କୁ ଗୃହ କାର୍ଯ୍ୟରେ ନିୟୋଜିତ କରୁଛି ।

କାରଣ ଅନାଦି ଚନ୍ତା କରେ –"ମୋର ଦୁଇ ଦୁଇଟା ପୁଅ ଅଛନ୍ତି । ସେମାନେ ବଡ ହୋଇ ଜଣେ ଡାକ୍ତର ଓ ଅନ୍ୟ ଜଣେ ଇଞ୍ଜିନିୟର ହେବେ । ଏ ଝିଅଟ ତାର ଶାଶୁ ଘରକୁ ଯିବ । ତାଙ୍କୁ କାହିଁକ ପାଠ ପଢାଇବି ? ଅଜଥା ତା ପାଇଁ କାହିଁକ ଖର୍ଚ୍ଚାନ୍ତ କରିବି ?

କଛି ବର୍ଷାନ୍ତେ.....ଅନାଦି ତାଙ୍କର ଝିଅକୁ ଭଲ ପାତ୍ର ଦେଖି ବାହା ଦେଇଛି । ଦୁଇ ପୁଅକୁ ମଧ ବାହା କରି ସାରିଛି । ସ୍ତ୍ରୀ ମୃତ୍ୟୁ ଶଯ୍ୟାରେ ପତିତ । ଦୁଇ ପୁଅ ବିଦେଶରେ କାର୍ଯ୍ୟରତ । ସେମାନେ ନଜ ନଜ ସ୍ତ୍ରୀ ପାଇଁ ଚନ୍ତିତ । ପିତାମାତାଙ୍କ ପାଇଁ ସେମାନେ ଚନ୍ତା କରନ୍ତି ନାହିଁ । ସେମାନେ କେବେହେଲେ ନଜ ଗୋବିନ୍ଦମୋହନପୁର ଜନ୍ମସ୍ଥାନକୁ ବୁଲିତ ଆସିବା ଦୂର କଥା, ଯଦି କେବେ କଏ ବିଦେଶ ଯାଏ ଓ ସେମାନଙ୍କ ସହିତ ସାକ୍ଷାତ ହୁଏ, ସେ ଦୁଇ ଭାଇ ଏ ଗାଉଁଲି ଲୋକଙ୍କୁ ନ ଚହ୍ନିଲା ପରି ଅଭିନୟ କରନ୍ତି । ସେଥିପାଇଁ ଗ୍ରାମର ସମସ୍ତ ଲୋକେ ଅନାଦି ବାବୁଙ୍କର ଦୁଇ ପୁଅଙ୍କୁ ଅନେକ ନନ୍ଦା କରନ୍ତି ଓ କହନ୍ତି – ପୁଅ ପାଇଁ ଅନାଦି କଣ ସୁଖ ପାଇ ପାରିଲା ? ତାଙ୍କର ସ୍ତ୍ରୀ ମୃତ୍ୟୁ ଶଯ୍ୟାରେ ପତିତ । ହେଲେ ଦୁଇ ପୁଅ – ଡାକ୍ତର ଓ ଇଞ୍ଜିନିୟର ହେଲେ କଣ ହେଲା ? ସେମାନେତ ନଜ ଜନ୍ମ କଲା ପିତାମାତାଙ୍କୁ ପଗ୍ଭରୁ ନାହାନ୍ତି, କ ଟଙ୍କା ପଇସା କଛି ଦେଉନାହାନ୍ତି । ଛି- ଛି- ଏପରି ପୁଅ ପାଇ ଲାଭ କଣ ? ଏହିପରି ଭାବରେ ଲୋକେ ଅନାଦିଙ୍କ ପୁଅମାନଙ୍କୁ ନେଇ ଚର୍ଚ୍ଚା କରାନ୍ତି ।

ହେଲେ ସେ କଣ କରିବେ ? ବହୁତ କଷ୍ଟୋପାର୍ଜନ କରି ପୁଅମାନଙ୍କୁ ବଡମଣିଷ କଲା । ସେମାନଙ୍କୁ ବିବାହ କରାଇ ଦେଲା । ହେଲେ ସେମାନେ ନଜ ନଜ ସ୍ତ୍ରୀଙ୍କ ପାଖେ ସୁଖରେ ଦିନ ପିତାଇଲେ । ଆଉ ପିତାମାତାଙ୍କ ପାଇଁ କାର୍ଯ୍ୟ କଣ ? ହେଲେ ଅନାଦି ବାବୁ ତାଙ୍କ ଧର୍ମପତ୍ନୀଙ୍କୁ ସୁସ୍ଥ ଓ ସବଳ କରିବା ପାଇଁ ନଜର ଜମିବାଡି, ଯାନବାହାନ ଆଦି ବିକ୍ରୟ କରି ସୁସ୍ଥ କରିବା ପାଇଁ ଚେଷ୍ଟା କଲେ । କନ୍ତୁ ତାଙ୍କ ସ୍ତ୍ରୀ କଛି ଦିନାନ୍ତେ ମୃତ୍ୟୁ ବରଣ କଲେ । ଫଳରେ ସେ ଦୁଃଖରେ ଭାଙ୍ଗି ପଡିଲେ । ନଜ ସ୍ତ୍ରୀଙ୍କ କ୍ରିୟାକର୍ମ ସମ୍ପାଦନ ଶେଷଲେ । ତଥାପି ଏହି କାର୍ଯ୍ୟରେ ତାଙ୍କ ପୁଅମାନେ ମଧ ଆସିଲେ ନାହିଁ । ଫଳରେ ସେ ଦୁଃଖ ଅଧିକ ଅଧିକ କଲେ ଓ ଶୋକରେ ଭାଙ୍ଗିପଡିଲେ । ଏକାକ ଜୀବନ ଯାପନ କଲେ ଏବଂ ବୁଲି ବୁଲି ଭିକ୍ଷା କରି ଜୀବନ ଅତିବାହିତ କଲେ ।

ଅନ୍ୟ ପଟରେ ସନ୍ତୋଷବାବୁ କଠିନ ପରିଶ୍ରମ କରି, ଝାଳବୁହା ଅର୍ଥୋପାର୍ଜନ କରି ପାଞ୍ଚଗୋଟି ଝିଅଙ୍କୁ ପାଠ ପଢାଇ ବଡ ମଣିଷ କରିଛନ୍ତି । ତାଙ୍କର ଚାରୋଟି ଝିଅ ଶିକ୍ଷୟିତ୍ରୀ ହୋଇ ଗୋଟିଏ ପରେ ଗୋଟିଏ ଭଲ ବର ପାତ୍ର ଦେଖି ବିବାହ ହୋଇଛନ୍ତି । କନିଷ୍ଠ ଝିଅ କଲେଜରେ ଅଧ୍ୟାପନା କରୁଛି । ବର୍ତ୍ତମାନ ସନ୍ତୋଷର ଆଉ କିଛି ଦୁଃଖ କଷ୍ଟ ନାହିଁ । ତାଙ୍କ ସାନଝିଅଙ୍କ ଟଙ୍କାରେ ପରିବାର ପରିପୋଷଣ କରୁଛନ୍ତି । ତାଙ୍କର କୌଣସି ଚିନ୍ତା ନାହିଁ । ପିତା- ମାତା, ବନ୍ଧୁବାନ୍ଧବ, ସାଇପଡିଶା ସମସ୍ତେ ସନ୍ତୋଷଙ୍କ ଝିଅମାନଙ୍କ ପାଇଁ ଗର୍ବ ପ୍ରକାଶ କରୁଛନ୍ତି । ପୁନଶ୍ଚ ସମସ୍ତେ କହନ୍ତି –"ଶାଶୁ ଘରକୁ ଯାଉପଛେ ଝିଅ ଜନମ ହେଉ ।"

ପ୍ରକୃତରେ ନାରୀଙ୍କୁ ଛୋଟ ବୋଲି ଭବି ସେମାନଙ୍କୁ ଶିକ୍ଷା କ୍ଷେତ୍ରରୁ ବଞ୍ଚିତ କରାଯାଇ ନପାରେ । ସେମାନଙ୍କୁ ଅଧିକରୁ ଅଧିକ ଶିକ୍ଷା ପ୍ରଦାନ କଲେ ଆଧୁନିକ ସମସ୍ତ କ୍ଷେତ୍ରରେ ସେମାନେ ଆଗକୁ ଯାଇପାରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

(ଏହା ଥିଲା ଏକ କାଳ୍ପନିକ ଲେଖନୀ । କାହାକୁ ଆକ୍ଷେପ କରି ଲେଖନୀ ଚାଳନା କରାଯାଇନାହିଁ । ନାରୀଶିକ୍ଷାର ଉନ୍ନତି ପାଇଁ ଲିଖିତ)

ବଡଖମାର, ସୁବର୍ଣ୍ଣପୁର, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତୁମ ପାଇଁ.....



ପ୍ରଦେଶ କୁମାର ପ୍ରଧାନ

ହେ ମାନ୍ତ୍ରିକ
ହେ ଯାନ୍ତ୍ରିକ
କଲୁ ମୋତେ ତୁ ବାଇ,
ଆନମନା ହୁଏ
ଏ ବ୍ୟସ୍ତ ଜୀବନେ
ପାରେନା ଶାନ୍ତିରେ ଶୋଇ ।
ନୀରଦ ଉହାଡେ
ଦିଶେ ତୋର ଛବି
ଅମା ଅନ୍ଧାରରେ ପୁଣି ଦିଶେ,
ଧାଇଁ ଧାଇଁ ଆଜି
ପଡିଲିଣି ଥକ
ଦେଖ ସକାଳ ସୂରୁଜ ହସେ ।
ପିନ୍ଧା ବସନ ମୋ ହଜେ
ଜଳରେ ଚନ୍ଦ୍ରମା ଖୋଜେ
ଦିନ ସରେ ନାମ ତୋର ଗାଇ,
ଦିଏ ଆଖି ଠାର
ଦୂର ବହୁ ଦୂର
ସପନ କ ସତେ ମୋ ପାଇଁ ।

ବିଛଣା କହୁଛି
ହୋଇଛି ସେ ବାସି
ତୋର ପଥ ଗୃହିଁ ଗୃହିଁ,
ତୋ କଳା ରଙ୍ଗକୁ
ଶରୀରେ ମାଖିଛି
ସାଥି କେବଳ ମୁଁ ତୋ ପାଇଁ ।
ହେ ମାନ୍ତ୍ରିକ
ହେ ଯାନ୍ତ୍ରିକ
କଲୁ ମୋତେ ତୁ ବାଇ,
ଆନମନା ହୁଏ
ଏ ବ୍ୟସ୍ତ ଜୀବନେ
ପାରେନା ଶାନ୍ତିରେ ଶୋଇ ।

ନଈଗୁଆଁ, ଅସ୍ତରଙ୍ଗ, ପୁରୀ

# ସମୁଦ୍ରରୁ ମୋତି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ଉଦ୍ଦେଶ୍ୟ - ଦୈନନ୍ଦିନ ଜୀବନରେ ଘଟିଥିବା ସୀକର ଓ ରୌଦ୍ର ମିଶ୍ରିତ କେତେ ଗୁଡିଏ ଅନୁଭୂତିକୁ ଲେଖିବାର ଦୁଃସାହସ କରୁଛି । ଅନ୍ୟ ମନରେ ଆଘାତ ଦେବା ଭଳି ବିଷୟ ଗୁଡିକୁ ଉଲ୍ଲେଖ ନ କରିବା ପାଇଁ ଯଥା ସାଧ୍ୟ ପ୍ରୟାସ କରିଥିଲେ ମଧ୍ୟ ଯଦି କାହା ପାଇଁ ଅନୁପଯୋଗୀ ଥାଏ କ୍ଷମା ପ୍ରାର୍ଥନୀୟ ।

ପ୍ରାକ୍‌ଭାଷା - ବହୁ କ୍ଷେତ୍ରରେ ଜୀବନକୁ ଏକ ନୌକା ସହିତ ତୁଳନା କରାଯାଇଥାଏ । ତାହାର ଉଦାହରଣ ହେଲା, ନାଉରୀଆଟି ଯେତେ କୁଶଳ ହୋଇଥିଲେ ମଧ୍ୟ ବିନା ଜଳରେ ନାଆଟିକୁ ଚଳାଇବା କେବଳ ଅସମ୍ଭବ ନୁହେଁ, ତାହା ମଧ୍ୟ ଭାବନା ବାହାରେ ମଧ୍ୟ । ଯେମିତି ଶରୀର ବିନା ଜୀବନ ।

"ପଞ୍ଚ" ଶବ୍ଦଟିର ବିଶେଷତା ଖୁବ୍ ବେଶୀ । ଯେମିତିକି ପଞ୍ଚ ଦେବତା ଅର୍ଥାତ୍ ପାଞ୍ଚ ମୁଖ୍ୟ ଦେବତା, "ପଞ୍ଚତତ୍ତ୍ୱ" ପାଞ୍ଚଟି ମୌଳିକ ଉପାଦାନ, "ପଞ୍ଚେନ୍ଦ୍ରିୟ" ମଣିଷର ପାଞ୍ଚଟି ଅପରିହାର୍ଯ୍ୟ ଅଙ୍ଗ, "ପଞ୍ଚକର୍ମ" ପାଞ୍ଚ ପ୍ରକାର ପଦ୍ଧତି, "ପଞ୍ଚ ପଲ୍ଲବ" ପାଞ୍ଚ ବୃକ୍ଷ, "ପଞ୍ଚସଖା" କହିଲେ ଓଡ଼ିଶାର ପାଞ୍ଚଜଣ ବରପୁତ୍ରଙ୍କୁ ସୂଚିତ କରାଯାଇଥାଏ ।

ସେଇମିତି ଆଜିର ପୁସ୍ତକ "ସମୁଦ୍ରରୁ ମୋତି", ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ । ଅପରରେ ହାନି ନ କରି ପଞ୍ଚକର୍ମ ଦ୍ୱାରା ମଣିଷକୁ କେମିତି (କିପରି) ଜୀବନ ପଥରେ ପ୍ରଗତି କରିବାକୁ ହୁଏ ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ପଦ୍ଧତିରେ ତା ଉପରେ ଆଲୋକ ପାତ କରାଯାଇଛି । ସେ ଗୁଡିକ ହେଲା "ଏକାଗ୍ରତା " "ଅଧ୍ୟବସାୟ " "ଶିକ୍ଷା " ମୋଟାମୋଟି "ଦୁଃଖେଷ୍ୱନୁଦ୍ୱିଗ୍ନ ମନାଃ, ସୁଖେଷ୍ୱବିଗତସ୍ପୃହଃ, ବୀତରାଗ ଭୟ କ୍ରୋଧଃ

ସ୍ଥିତଧୀର୍ମୁନିରୁଚ୍ୟତେ" ପଦ୍ଧତିରୁ ଅନୁଗତ ହେଲେ ଦୁନିଆର କୌଣସି ଶକ୍ତି ମଣିଷରୁ ସୁଦୃଢତା ଭଂଗ କରି ପାରେନା ।

ଏଇ ବିଷୟାବଳୀ ଗୁଡିକୁ ପାଠକ ପାଠିକା ମାନଙ୍କ ସାମ୍ନାକୁ ଆଣିବା ପଛରେ ଯାହାର ଏକାଗ୍ରତା ଥିଲା ସେ ହେଲେ ରୂପଲିନ୍ ।

# ଛୋଟ ମୋର ନାଆଟି

୧- ବିଷୟ ବସ୍ତୁର ପ୍ରାଧାନ୍ୟ - ଅକ୍ଷୁର୍ଣ୍ଣ ନାଆଟିଏ ଗଢିବାକୁ ହେଲେ ବହୁଜଣଙ୍କର ସାହା ସୌହାର୍ଯ୍ୟର ଆବଶ୍ୟକ ହୋଇଥାଏ । ପ୍ରଥମ ହେଲା କାଠ ଚୟନି । କେଉଁ କାଠ ନାଆ ଗଢିବା ପାଇଁ ଉପଯୋଗୀ । ଗଛଟିକୁ କାଟି କାଠ ନେଇ ଆସିଲେ ଯେ ଯଥେଷ୍ଟ ତାହା ନୁହେଁ, କାଠ ଗୁଡିକ କେତେ ଶୁଖିବା ଦରକାର ତାହା କେବଳ ଅନୁଭବୀ ମାନେ ହିଁ କହି ପାରିବେ । ନିପୁଣ ବଢେଇଟିକୁ ଆମେ ଡାକି ଆଣିଲେ, ଯାହାର ହାତରେ କଳା ଅନୁପମ । କେବଳ ସେତିକି ହେଲେ ତ କାମ ଚଳିବନି । ନାଆଟିର ଲମ୍ବା, ଚଉଡା, ଉଚ୍ଚତାର ଭଗମାପ ଉପରେ ମଧ୍ୟ ଅଧିକ ଜ୍ଞାନ ଥିବା ଉଚିତ୍ ।

ଜଳର ସନ୍ଧାନ : - ଆଖି ଆଗରେ ଆମର ରଖାଯାଇଛି ଖୁବ୍ ସୁନ୍ଦର ଅକ୍ଷୁର୍ଣ୍ଣ ନାଆ । ଭିଡ଼ ଜନତା ମଧ୍ୟରୁ ଖୋଜି ଆଣିଛୁ ଏକ ସୁଦକ୍ଷ ନାଉରୀଆ । ହେଲେ ନାଆଟିକୁ ଗ୍ଭଲିବାକୁ ହେଲେ ଆବଶ୍ୟକ ପ୍ରଚୁର ଜଳ । ପରିସ୍ଥିତି ଉପଯୋଗୀ ଥିଲେ ନାଉରୀଆ ସହ ନାଆଟିକୁ ବିସ୍ତୃତ ଦରିଆରେ ଛାଡି ଦେବୁ,ଅଥବା ନିଜ ପରିଶ୍ରମରେ ବିସ୍ତୃତ ଜଳର ବ୍ୟବସ୍ଥା କରିବୁ।ମୋର ଯାହା ମନେ ହୁଏ ଦ୍ଵିତୀୟ ପଦ୍ଧତିଟି ଆମକୁ ବିଶେଷ କରି ଆତ୍ମତୃପ୍ତି ଯୋଗାଇ ପାରିଥାଏ ।

ଲାଳିତ୍ୟ ଓ ଦୁର୍ବୋଧ ପଥ:- ଆମ ଭିତରୁ କମ୍ ସେ କମ୍ ତିରିଶ ପ୍ରତିଶତ ସମୁଦ୍ର ପାଣି ଭିତରେ ପ୍ରବେଶ କରିବାର ଅନୁଭବ ଲାଭ କରିଥିବେ । ତେଣୁ ସେଇ ପାଣି ମିଶ୍ରିତ ବାଲିର ଦୁର୍ବୋଧତା ମଧ୍ୟ ଅଳ୍ପ ବହୁତେ ଜଣାଥିବ ।ଜଳ ମିଶ୍ରିତ ବାଲି ଯାହା ଭିତରେ ପାଦ

ପଶିଗଲେ ବାହାର କରିବା କଷ୍ଟ ସାପେକ୍ଷ ।ବାଲି ନ ହୋଇ ତାହା ଯଦି ପଙ୍କ ହୋଇଥାଏ!!! ସେଇ ସମୟର ମନୋଭବନାକୁ ଆମେ କେବେ ବିଶ୍ଳେଷଣ କରିବାର ପ୍ରୟାସ କରିଛୁ!!!

**୨. ଅଦୃଶ୍ୟ ପଙ୍କ:-** ନଦୀ ହେଉ ବା ପୁଷ୍କରିଣୀ- - ରୌଦ୍ର ତାପରେ ଜଳମାତ୍ରା ହ୍ରାସ ହୋଇଯାଇଥାଏ । ମାତ୍ର ବର୍ଷାର ପ୍ରାରମ୍ଭେ ପୁଣି ସେଗୁଡିକ ପୁନଗର୍ଭ ହୋଇଉଠିଥାଏ । ସେତେବେଳେ ନାଉରୀଆ ଟି ଅଦୃଶ୍ୟ ପଙ୍କ ବିଷୟରେ ଅଣୁ ମାତ୍ରେ ହିଁ ଚନ୍ତା କରି ନଥାଏ । ତାର କାରଣ ହେଲା ନାଆଟି ସୁରୁଖୁରିରେ ଗ୍ଭଲିଛି,ସେଇମିତି, ଜୀବନ ନଉକା ଯେ ପର୍ଯ୍ୟନ୍ତ ଅନାୟାସରେ ଗ୍ଭଲିଥାଏ,ଦୁଷ୍କରତା ବିଷୟରେ କେହି କେବେ ଚନ୍ତା ବି କରନ୍ତି ନ ।

**୩. ପଙ୍କରୁ ପଙ୍କଜ:-** ବହୁ ସମୟରେ ଜନମତ ଲବ୍ଧ ହୋଇଥାଏ,ଏଇ ନଦୀ,ପୋଖରୀ ମାନଙ୍କରେ ପଙ୍କର ମାତ୍ରା ଅଧିକ ଥିବାରୁ ପାଣି ଗୋଳଆ ମନେ ହୁଏ ।ଯଦି ପଙ୍କ ନଥାନ୍ତା ପାଣି ନଶ୍ଚିତ ଭବେ ସ୍ୱଚ୍ଛ ଦେଖାଯାଆନ୍ତା । କଥାଟା ଅନେକ ପରିମାଣରେ ସତ ହୋଇଥିଲେ ମଧ୍ୟ ଆମେ ସେତେବେଳେ ଭୂଲିଯାଇଥାଉ ପଙ୍କ ନ ଥିଲେ ପଙ୍କଜ ଫୁଟିବ କେଉଁଠୁ? ତେଣୁ ଆକ୍ଷେପ ଲଗାଇବା ପୂର୍ବରୁ ଏଇ ବିଷୟଟିକୁ ଥରେ ଭଲ ଭବେ ଚନ୍ତା କରିନେବା ଉଚତ୍ ।

**୪. ପଙ୍କରେ ଗଜରାଜ:-** ନଜୀ ବିଷୟ ବାସନାରେ ବୁଡି ରହି ବହୁ ସମୟରେ ଆମେ ସେଇ ଅଦୃଷ୍ଟ ଶକ୍ତିଟିକୁ ପାଶୋରି ଦେଇଥାଉ । ହୁଏ ତ ସେଇ ଶକ୍ତିର ସ୍ମରଣ"ଅବର୍ଜନୀୟ" ଏହା ସୂଚତ କରିବା ପାଇଁ ଆମ ଚଲା ବାଟରେ ବହୁ ବାଧା,ବିଘ୍ନ ତଥା ବିପଦ ଆସିଥାଏ।ତାହାକୁ ସଂପୂର୍ଣ୍ଣ ଭବେ ହୃଦୟଙ୍ଗମ କରି ପାରିଲେ ଦୁଃଖ ଆମକୁ ସ୍ପର୍ଶ କରି ପାରିବନ ।

**୫. ମନ୍ଥର ସ୍ରୋତ:-** ସ୍ରୋତସ୍ୱିନୀରୁ ଜଳର ଭଗ ବହୁପରିମାଣରେ ହ୍ରାସ ହେଇଗଲେ ସ୍ରୋତର ଗତି ମନ୍ଥର ହେବା ସ୍ୱାଭବିକ ।"ଦୁଃଖେଷ୍ୱନୁଦ୍‌ବିଗ୍ନ ମନାଃ ସୁଖେଷ୍ୱବିଗତସ୍ପୃହା", ବିଷୟଟିକୁ ଆଦରି ନେବା ବୁଦ୍ଧିମାନର ଲକ୍ଷଣ ।

ବେଦାନ୍ତୀ

ଗ ପ୍ରେରଣା:- ୧୨.୫.୧୩:-

ଜଣେ କେହି ଅପରିଚତାଙ୍କର ଫୋନ୍ କଲ ଥିଲା । ଉଠାଇଲି ।ଆର ପଟରୁ ଶୁଣାଗଲା"ଆପଣଙ୍କୁ ଧନ୍ୟବାଦ ଜଣାଇବାକୁ ଫୋନ୍ କରିଥିଲି ମାମ୍" ।

ଧନ୍ୟବାଦ! ମାତ୍ର କାହିକ? ଟିକଏ ଆଶ୍ଚର୍ଯ୍ୟ ଭାବରେ ପ୍ରଶ୍ନ କଲି ମୁଁ ରୂପଲିନ୍, ଆପଣ ବୋଧେ ମୋ ନାମଟା ଆପଣଙ୍କ ମୋବାଇଲ୍ ରେ ସେଭ୍ କରି ନାହାନ୍ତି ।

"ଓଃ, ରୂପଲିନ୍ - ଜାଣି ପାରିଲିନ, ଆଚ୍ଛା କହିଲ, ଧନ୍ୟବାଦ କାହିଁକି? ତୁମ ହିତରେ ସେମିତି କଛି ତ ମୁଁ କରିନ । ତେବେ ଧନ୍ୟବାଦର କାରଣଟା? " ଉତ୍କଣ୍ଠାର ସହ ପଗ୍ଭରିଲି ।

"ମୋ ପଠାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଆପଣ ଏତେ ପ୍ରାଞ୍ଜଳ ଭାବେ ବୁଝାଇ ଲେଖିଛନ୍ତି ଯେ ମୋ ପାଇଁ ଆଉ କଛି ସଂଶୋଧନ କଂବା ଦୂରୀକରଣ କରିବାକୁ ନଥିଲା । ପୁରା ସାକ୍ଷାତକାରଟି ପ୍ରକାଶ ପ୍ରତୀକ୍ଷାରେ, ଆପଣଙ୍କ ପାଖକୁ ମେଲ୍ କରି ଦେଇଛି ।"

ଅର୍ଥାତ ମୋର ତୁମକୁ ଧନ୍ୟବାଦ ଦେବା କଥା, ଏମିତି କହି ଆପଣ ଆପଣଙ୍କର ବଡପଣିଆକୁ ଆହୁରି ବଢାଇଦେଲେ ମାମ୍ । ଯାହା ମୁଁ ପ୍ରାରମ୍ଭରେ ଆପଣଙ୍କୁ ଥରେ କହିଥିଲି ବର୍ତ୍ତମାନ ସାକ୍ଷାତ କାରରେ ଆପଣଙ୍କର ସଂପୂର୍ଣ୍ଣ ଆତ୍ମଲିପି ନାହିଁ, ଯଦି ଆପଣ ନଜେ ନଜର ଆତ୍ମଲିପିଟି ଲେଖନ୍ତେ ତାହା ବହୁ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିପାରନ୍ତା।ନଜେ ଲେଖିବା ପାଇଁ ନ ଗ୍ଭହୁଁଛନ୍ତି ଯଦି ମୁଁ ଦିଲ୍ଲୀସ୍ଥିତ ମୋର କୌଣସି ବଂଧୁଙ୍କୁ ଅନୁରୋଧ କରିବି ।

ତାର ସଠିକ୍ ଉତ୍ତର ତ ମୁଁ ତୁମକୁ ସେ ଦିନ ଦେଇ ସାରିଛି ରୂପଲିନ୍ । ଆତ୍ମଲିପି ଅର୍ଥାତ ସଂପୂର୍ଣ୍ଣ ଜୀବନର କାହାଣୀ । ଲେଖାଟି ଶେଷ ହେବା ପରେ କେତେଦିନ ଯେ ମୁଁ ବଂଚ ରହିବି ତାହା ମୁଁ କହି ପାରିବି ନା ତୁମେ!ଅର୍ଥାତ ଅସୂର୍ଣ୍ଣ ଆତ୍ମଲିପି । ତୁମେ ତ ମୋର ଖୁବ୍

ବଡାଇ କରି କହିଚା ଘଟଣାବଳୀ ଲେଖି ସାରିଛ । ତେବେ ପୁଣି କାହିଁକ ଅନ୍ୟ ଏକ ଅସ୍ପୂର୍ଣ୍ଣ ଆତ୍ମଲିପି!

ବିଶ୍ୱାସ କରନ୍ତୁ ମାମ୍, ଏହା ସମାଜ ପାଇଁ କେବଳ ବହୁ ଉପଯୋଗୀ ହେବ ନହିବିନ, ଆବଶ୍ୟକ ମଧ୍ୟ ।ମୁଁ ଲେଖିଛି ଗୋଲାପଟି ବହୁ ସୁନ୍ଦର ତାର ମନଲୋଭା ବାସ୍ନା ଅନ୍ୟକୁ ମୁଗ୍ଧ କରେ । ଅର୍ଥାତ ଆପଣଙ୍କର ଜ୍ଞାନ ସମାଜକୁ କେମିତି ପ୍ରଭାବିତ କରିଛି । ମାତ୍ର ସେଇ ଗୋଲାପଟିର ଗୁରିପାଖେ କେତେ ଯେ କଣ୍ଟା ଭରି ରହିଛି, ତାହାର ଆଭାସ ସମାଜକୁ ଦେଇପାରିନ । ମୋ ମତରେ ତାହା ମଧ୍ୟ ଦୁନିଆ ଆଗରେ ସ୍ପଷ୍ଟ ହେବା ଉଚତ୍ । ସ୍ରୋତର ଅପରପକ୍ଷରୁ ଯାତ୍ରା କରି ମଧ୍ୟ କ ଭଳ ଗୋଲାପଟି ନଜର ମହକକୁ ବହୁଦୂରକୁ ନେଇ ପାରିଛି ସେଇ ହେବ ଆପଣଙ୍କ ଆତ୍ମଲିପିର ଅନନ୍ୟତା ।

"ସତ କହିବାକୁ ଗଲେ ମୁଁ ତୁମ କଥା ଉପରେ ବହୁ ଚନ୍ତା କରି କଛି ଏକ ସିଦ୍ଧାନ୍ତରେ ଉପନୀତା ହୋଇଛି ରୂପଲିନ୍"

ଅର୍ଥାତ ଆପଣ ଲେଖିବେ! ଆଇ ଆମ ସୋ ହାପି, କେଉଁ ଭାଷାରେ? ଇଂରାଜୀ ନା ଓଡିଆ- ଇଂରାଜୀରେ ଲେଖିଲେ ମତେ ସଂଶୋଧନ କରିବାର ମଉକା ନିଶ୍ଚୟ ଦେବେ ।

"ଖାଲି ମଉକା ନୁହେଁ ତୁମକୁ ନଉକା ପାଖରେ ପହୁଞ୍ଚାଇ ଦେବି," ଅଳ୍ପ ହସି କହିଲି ।

ବୁଝି ପାରିଲିନ ମାମ୍- - - ସେ ଯାହା ହେଉ ଆପଣଙ୍କର ଆତ୍ମଲିପି ଅଗଣିତ ଯୁବଗୋଷ୍ଠୀ ମାନଙ୍କର ପଥ ପ୍ରଦର୍ଶକ ହେବ । ଆପଣଙ୍କ ଲେଖା ମାନଙ୍କର ନାମ ଖୁବ୍ ଚତ୍ତାକର୍ଷକ, ୟାର ନାମ କ'ଣ ରଖିବେ?

ନତ୍ୟଲିପିର ସ୍ବର ।

ଅର୍ଥାତ ଡାଏରୀ ବିଷୟରେ?

ନାଁ, ଡାଏରୀ ବିଷୟରେ ନୁହେଁ, ଡାଏରୀରେ ଉଲ୍ଲେଖିତ ଘଟଣା, ଯାହା ମୁଁ ଛଅବର୍ଷ ଦିନଠାରୁ ଲେଖି ଆସୁଛି । ଜୀବନର ଗତାନୁଗତିକ ପଥରେ ବହୁତ କଛି ଘଟି ଯାଇଥାଏ । ଯାହା କୌଣସି କାରଣରୁ ପ୍ରତିରୋଧ କରି ହୁଏନା କଂବା ଅନ୍ୟ ସାମ୍ନାରେ ପ୍ରକାଶ ମଧ କରି ହୁଏନା ।ଯାହା ତୁମ କହିବା ଅନୁସାରେ ଆତ୍ମଲିପିର ଏକାଂଶ । ସେଇ ଅବର୍ଣ୍ଣନୀୟ ବିଷୟ ଗୁଡିକୁ ତ ଆତ୍ମଲିପିରେ ଲେଖି ହେବନ ।ଯଦି ନ ଲେଖାଯାଏ ତାହା ମଧ ଭୁଲ୍ । ସେଇମିତି ବହୁ କଛି ଘଟଣାବଳୀକୁ ମୁଁ ଡାଏରୀରେ ଲେଖି ମୋର ତତ୍କାଳୀନ ମାନସିକ ଗ୍ଲାପକୁ ଲାଘବ କରି ପାରିଥିଲି । ତା ଛଡା ବହୁ କଛି ଘଟଣାରୁ ମତେ ଅନେକ ଶିକ୍ଷା ଆରହଣ କରିବାର ସୌଭାଗ୍ୟ ମିଳଛି ମଧ ଡାଏରୀରୁ ସେମିତି କଛି କଛି ଅଂଶ ଯାହା ସମାଜ ପାଇଁ କଛି ବାର୍ତ୍ତା ଯୋଗାଇପାରିବ ନେଇ ମୁଁ ହୁଏତ ଲେଖିବାର ପ୍ରୟାସ କରିପାରେ।ମାତ୍ର ନଶ୍ଚିତ ଭାବେ ଆତ୍ମଲିପି ନୁହେଁ ।

ଅର୍ଥାତ ଆପଣ କହିବାକୁ ଗ୍ଲହାନ୍ତି ଅପ୍ରୀତିକର ବିଷୟବସ୍ତୁ ଗୁଡିକୁ ବାଦ୍ ଦେଇ କେବଳ ଶିକ୍ଷଣୀୟ ଘଟଣା ଗୁଡିକର ଉଲ୍ଲେଖିତ କରିବେ?

ଠିକ୍ ସେଇଆ ନୁହେଁ । ମାତ୍ର ସବୁ ଗୁଡିକ ପ୍ରକାଶ କଲେ ହୁଏତ କାହାକୁ ସମାଜ ଦୃଷ୍ଟିରେ ତଳକୁ ଯିବାକୁ ପଡିପାରେ କଂବା ବହୁ ବର୍ଷ ପରେ ସେଇ କଥା ଗୁଡିକ ମାନସିକ ଆଘାତ ପହୁଞ୍ଚାଇ ପାରେ ।ତେଣୁ ନଶ୍ଚିତ ଭାବେ ସେ ଗୁଡିକ ଗୋପ୍ୟ ରଖିବି । ଏଇ ଲୁଗ୍ଲଇବାରେ ମତେ ପାପ ଲାଗିବନ କଂବା ଅସମ୍ପୂର୍ଣ୍ଣ ଆତ୍ମଲିପି ହେବନ ।ଯେ ହେତୁ ମୁଁ ଡାଏରୀର ବିଷୟ ବସ୍ତୁକୁ କୟତାଂଶରେ ମଧ ପ୍ରକାଶ କରିପାରେ ।ତା ଚ୍ଛ

ଛଡା ମୁଁ ଅନୁଭବ କରେ ଜୀବନର ସଂଘର୍ଷ ପଥରେ ବହୁ କଛି ଘଟଣାବଳୀ ମଣିଷକୁ ସୁଦୃଢ କରିବାରେ ନଶ୍ଚିୟ ସାହାଯ୍ୟ କରେ । ଅବଶ୍ୟ ସେଥିପାଇଁ ଆବଶ୍ୟକ ଧୈର୍ଯ୍ୟ ଏବଂ ନଷ୍ଠା । ଚର ଉଲ୍ଲାସିତ ରହୁଥିବା ମଣିଷଟିର ଭିତରେ ମଧ ଲୁଚ ରହିପାରିଥାଏ ଅସୁମାରୀ ଦର୍ଦ୍ଦ । ତୁମକୁ "ଗଜଲ" ଭଲ ଲାଗେ ରୂପଲିନ୍?

ସ୍ୱର ବଦଳାଇ ପ୍ରଶ୍ନ କଲି ।

ହଁ, ମାତ୍ର ବୁଝିବା କଷ୍ଟ ହୁଏ ।

ପ୍ରଖ୍ୟାତ'ଗଜଲ' ଗାୟକ ଜଗଜିତ୍ ସିଂହଙ୍କର ଏଇ ଗଜଲଟି ଶୁଣିଛ?

"ତୁମ ଇତନା ଯୋ ମୁସ୍କରା ରହେ ହୋ,

କ୍ୟା ଗମ୍ ହେ ଜିସିକୋ ଛୁପା ରହେ ହୋ ।

ଆଖୋଁ ମେଁ ନମୀ, ହସୀ ଲମ୍ବୋ ପର

କ୍ୟା ହାଲ୍ ହେଁ, କ୍ୟା ଦିଖା ରହେ ହେ!"

ଆମ ସମାଜରେ ନାରୀକୁ ଖୁବ୍ ଉପର ସ୍ତରକୁ ଉଠିବାକୁ ହେଲେ, ତାକୁ ଏଇ ପ୍ରଥା ଅନୁସରଣ କରିବାକୁ ହୁଏ ।"ଗଜଲ"ବିଷୟରେ କଛି ଆଇଡିଆ ଥାଉ କ ନଥାଉ, ଆପଣଙ୍କର ଶେଷ ଉକ୍ତିଟି ମୁଁ ଆପଣଙ୍କ ଠାରେ ଦେଖିବାକୁ ପାଇ ହିଁ ଆପଣଙ୍କ ବିଷୟରେ କଛିଟା ଲେଖିବାକୁ ଦୁଃସାହାସ କରିଥିଲି ।

ଦୁଃସାହାସ ନୁହେଁ ରୂପଲିନ୍, ସତ କହିବାକୁ ଗଲେ ତୁମେ ମୋର ଲେଖିବାର (ଉତ୍ସାହ) ବଢାଇଛ । ମୁଁ ନତ୍ୟଲିପିର ବିଷୟ ଲେଖିବା ସମୟରେ ପୂର୍ବାପର ସଂଗତି ଦେବାକୁ ଭୂଲି ଵିନ ମାତ୍ର ସଂପୂର୍ଣ୍ଣ ଆତ୍ମଲିପି ନୁହେଁ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀ ଇ- ପତ୍ରିକା ପଢନ୍ତୁ ଏବଂ ପଢାନ୍ତୁ ଆଉ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାରରେ ନିଜର ସହୋଯୋଗ କରନ୍ତୁ । ବେଦାନ୍ତୀ ଇ- ପତ୍ରିକା ହେଉଛି ଏକମାତ୍ର ପତ୍ରିକା ଯାହାକି ପୃଥିବୀର ପ୍ରତ୍ୟେକ କୋଣରେ ରହୁଥିବା ଓଡିଆ ମାନଙ୍କ ପାଖରେ ପ୍ରତିମାସ ୧ ତାରିଖରେ ପହଞ୍ଚିଥାଏ

# ମୋର୍ ଗାଁ



ହେମକାନ୍ତ ସାହୁ

ଇଫାଲ୍ ସେଫାଲ୍ ପୁର୍ଥି ଯାକର ବୁଲି ବୁଲି
ହେଇଗଲି ମୁଇଁ ଅଥା,
ମୋର ଗାଁ ବଗିର ଗାଁ ଟେ ଅଛେ ବଳ
କାହାରିର୍ ଟୁଣ୍ଡୁ ନାଇଁ ସୁନଲି ପଦେ କଥା ॥
ଗାଁ ର ନା ମୋର୍ ଝରଣି ପାଲୀ
ଗୃରିଆଡେ ଗୃଷ୍ ଜମି ଅଛେ ଖାଲି,
ବର୍ଷା ହେଲେ ହେସି ଗୃଷ୍
ସବୁ ଚଷା ପାନର୍ ଆସ୍ ॥
ଗାଁ ଥି ମୋର୍ କୁଲତା, ତେଲି, ସଅର୍,
ବିଂଝାଲ
ଅଛନ କେତନ କେତେ ଜାତି,
ଭେଦ୍ ଭାବ୍ ଛୁଆଁ ଅଛୁଆଁ ନାଇନ ଇନ
ସଭେ ତ ଆନ୍ ମୁନୁଷ୍ ଜାତି ॥
ଗାଁ ର ପାସେ ଅଛେ ଝରନ
ବାର ମାସେ ସେନୁ ବାହାର ସି ପାନ,
ଥରେ ଦେଖଲେ ଭୁଲି ନାଇପାର
ତୁମର ମନକେ ନେବା ଘିନ ॥

ଗାଁ ର ଦେବୀ ତେଲିଆପାଟ
ତାର ଲ୍ଗି ଲେ୍କ ଗୃଲସନ ବାଟ,
ଦୁଃଖ ଯାକ ଘିଚ ନେସି
ସୁଃଖ ଯାକ ଅଜାଡେ ଦେସି ॥
ଗାଁ ର ନା ମୋର୍ ଝରଣି ପାଲି,
ଥରେ ଦେଖଲେ ନାଇପାର ଭୁଲି ॥

ଝରଣିପାଲି(ଉପରପଡା),
ଆଗଲପୁର, ବଲ୍ଙ୍ଗୀର



# ମୁ ତୁମ ଅପେକ୍ଷ୍ୟାରେ ..



ଉମେଶ କୁମାର ବେହେରା

ଆଜି ମୁ ଶୋଇନ
ତୁମ ଅପେକ୍ଷ୍ୟାରେ
କେତେବେଳୁ ଶୋଇ ସାରିଛି
କୋଳାହଳ ଦୁନଆଁ
ହେମାଳର ଗୃଦର ଘୋଡେଇ
କେତେବେଳୁ ଶୋଇ ସାରିଛି
ସବୁଜ ପରିବେଶ
ମୁଁ ମୋ ବେଡ଼ରୁମରେ
କବିତା ମୁ ତୁମ ଅପେକ୍ଷ୍ୟାରେ ..
ଗୃରିଆଡେ ଶୁନଶାନ
କାନ୍ଥ ଘଣ୍ଟାର ଟିକଟିକ ଶବ୍ଦ
ଇଟା କାନ୍ଥ ଭେଦି
ଶୀତ ମୋଦେହକୁ ଦସ୍ତକ ଦେଉଛି
ମୁଁ ଏକ ଏକ ବସିଛି
ମୋ ବେଡ଼ରୁମରେ
ଟିକିଏ ଅନ୍ଧାର ଟିକିଏ ଆଲୁଅ ଭିତରେ
କବିତା ମୁ ତୁମ ଅପେକ୍ଷ୍ୟାରେ ..

ମୁଁ ଏମିତି ଅନେକ ର୍ତି
ଜଗିଛି ତମ ଆସିବା ବାଟକୁ
ତମେ କିନ୍ତୁ ଅନେକ ର୍ତି
ମୋତେ ଠକ ଦେଇଛ
ଆଜି କିନ୍ତୁ ଶୋଇନ
ଆଉ ଶୋଇବି ନାହିଁ
ତମେ ନ ଆସିବା ପର୍ଯନ୍ତ
ଏମିତି ଜଗି ବସିଥିବି
କଲମ ଧରିଥିବି ହାତରେ
କବିତା ମୁ ତୁମ ଅପେକ୍ଷ୍ୟାରେ ..

କର୍ଲବହାଲି, କଣ୍ଟାବାଞ୍ଜି, ବଲାଙ୍ଗୀର

# ବିଜ୍ଞାନ କ୍ଷେତ୍ରରେ ଭାରତ ପଛୁଆ କାହିଁକ?



ବାଲ୍ମୀକ ନାୟକ

ପିଲାଟି ଦିନୁ ଆମେ ଶୁଣି ଆସିଛୁ –"ଭାରତୀୟ ଧର୍ମଶାସ୍ତ୍ରମାନଙ୍କରେ ବିଶ୍ୱର ସମସ୍ତ ରହସ୍ୟ ଲିପିବଦ୍ଧ ହୋଇ ରହିଛି । ସ୍ୱର୍ଗରୁ ମର୍ତ୍ତ୍ୟ ଓ ପାତାଳ(?) ପର୍ଯ୍ୟନ୍ତ କେଉଁଠି କ'ଣ ଅଛି ସବୁ ତଥ୍ୟର ବର୍ଣ୍ଣନା ରହିଛି ।" ତାର ଭାଷା ହେଉଛି ମୁଖ୍ୟତଃ ସଂସ୍କୃତ ।

ପ୍ରଶ୍ନ ଉଠୁଛି – ମର୍ତ୍ତ୍ୟ ଅର୍ଥାତ ଏହି ପୃଥିବୀକୁ ଆମେ ଦେଖି ପାରୁଛୁ ଏବଂ ଅନୁଭବ ମଧ୍ୟ କରି ପାରୁଛୁ । କିନ୍ତୁ ତଥାକଥିତ ସ୍ୱର୍ଗ ଆଉ ପାତାଳ କେଉଁଠି ଅଛି ଆଜିଯାଏଁ ମଣିଷ ଖୋଜି ପାଇଲା ନାହିଁ କାହିଁକ? ତେଣୁ ସେହି ସ୍ଥାନ ମାନଙ୍କରେ କ'ଣ ଅଛି, କ'ଣ ନାହିଁ, ଜାଣିବାର ପ୍ରଶ୍ନ ଉଠୁନାହିଁ । ମହାକାଶରେ ବିଜ୍ଞାନ ଦ୍ୱାରା ନିର୍ମିତ କେତେ କେତେ ଉପଗ୍ରହ ବୁଲି ଆସିଲେଣି, କିନ୍ତୁ ସ୍ୱର୍ଗର ସନ୍ଧାନ ପାଇନାହାନ୍ତି । ସେହିଭଳି ପୃଥୀବିର କେଉଁ ତଳରେ ପାତାଳ ଅଛି ତାହାର ମଧ୍ୟ ସନ୍ଧାନ ମିଳୁନି ।

ଧର୍ମଶାସ୍ତ୍ର ମାନଙ୍କରେ ଲେଖାଥିବା କିଛି ତଥ୍ୟ ଆଜିର ବିଜ୍ଞାନ ସମ୍ମତ ବୋଲି କହୁଛନ୍ତି, କିନ୍ତୁ ସେତେବେଳେ ହୁଏତ ଏଗୁଡିକ ବୈଜ୍ଞାନିକ ତଥ୍ୟ ବୋଲି କେହି ଜାଣିନଥିଲେ । ବର୍ତ୍ତମାନ ଅନେକ ସଂସ୍କୃତ ପଣ୍ଡିତ ଦୃଢତାର ସହ ଦାବି କରୁଛନ୍ତି - ଶାସ୍ତ୍ରଗ୍ରନ୍ଥ ଗୁଡିକରେ ବୈଜ୍ଞାନିକ ତଥ୍ୟ ଭରିରହିଛି । ତାହା ଯଦି ସତ, ପ୍ରଶ୍ନ ଉଠୁଛି – ସେହି ଜ୍ଞାନ କେଉଁ କାମରେ ଲାଗୁଛି? ସେମାନେ ଯୁକ୍ତି କରି କହୁଛନ୍ତି – ଆମ ଦେଶର ଲୋକମାନେ ପଢି ବୁଝି ପାରୁନାହାନ୍ତି । ବିଦେଶର ଲୋକମାନେ ସେହି ଶାସ୍ତ୍ରଜ୍ଞାନ ଅନୁସାରେ ବିଭିନ୍ନ ପ୍ରଯୁକ୍ତି ବିଦ୍ୟା ଶିକ୍ଷାକରି ଯାନ, ବାହାନ, ଉଡାଜାହାଜ, କ୍ଷେପଣାସ୍ତ୍ର, ରେଡିଓ, ଟିଭି ଇତ୍ୟାଦି ତିଆରି

କରିପାରିଛନ୍ତି । ଏଇଠି ପ୍ରଶ୍ନ – ଅନ୍ୟ ଲୋକ ସିନା ବୁଝିପାରୁନାହାନ୍ତି, କିନ୍ତୁ ଯେଉଁମାନେ ଲେଖୁଥିଲେ, ସେମାନେ ତ ବୁଝିଥିବେ । ସେମାନେ ସେହି ଜ୍ଞାନକୁ ପ୍ରୟୋଗ କରି ଯାନ, ବାହାନ, ଅସ୍ତ୍ର, ଶସ୍ତ୍ର, ଇତ୍ୟାଦି ନିର୍ମାଣ କଲେନାହିଁ କାହିଁକି? ଆଜି ଯେଉଁମାନେ ଶାସ୍ତ୍ରଜ୍ଞାନ ବୁଝି ପାରୁଥିବାରୁ ଏହି ଦାବି କରୁଛନ୍ତି ସେମାନେ, ଦେଶୀ କଳ, କାରଖାନା ନିର୍ମାଣ କରୁନାହାନ୍ତି କାହିଁକି? ଦ୍ୱିତୀୟରେ କୌଣସି ଶାସ୍ତ୍ରରେ ବିଜ୍ଞାନ ଶବ୍ଦର ଉଲ୍ଲେଖ ନାହିଁ କାହିଁକି? ରାବଣ ପୁଷ୍ପକ ଯାନରେ ଆକାଶରେ ଉଡି ପାରୁଥିଲା ବୋଲି ଲେଖା ଅଛି କିନ୍ତୁ ପୁଷ୍ପକ ଯାନର ନିର୍ମାଣ କୌଶଳ ନାହିଁ । ମହାଭାରତ ଯୁଦ୍ଧ ବେଳେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧ ବିବରଣୀ ରାଜ ଉଆସରେ ବସି ଶୁଣାଉଥିଲେ କିନ୍ତୁ ଅନ୍ୟ କାହାରି ପାଖରେ ସେହି ଜ୍ଞାନ ବା ଟେକ୍ନୋଲୋଜି ନଥିଲା ।

ଏହା ବ୍ୟତୀତ ଆହୁରି ଅନେକ ଅବୈଜ୍ଞାନିକ, ଅବିଶ୍ୱାସନୀୟ କାହାଣୀ ଲେଖାଯାଇଛି ଯାହାକୁ ଆଜି ବି କିଛି ଲୋକ ବିଜ୍ଞାନ ସମ୍ମତ ବୋଲି କହୁଛନ୍ତି । ଯଥା: ମଣିଷ ଦେହରେ ହାତୀ ମୁଣ୍ଡ ଯୋଡିବା ସେତେବେଳର ପ୍ଲାଷ୍ଟିକ ସର୍ଜରୀ । ଗାନ୍ଧାରୀଙ୍କର ଶହେ ପୁତ୍ର ଗୋଟିଏ ଗର୍ଭାଶୟରୁ ଜନ୍ମ ଏହା ସେତେବେଳରେ ଷ୍ଟିମସେଲ୍ ପ୍ରକ୍ରିୟା ।

ଆଜିର ଯୁଗରେ ବିଦେଶମାନଙ୍କରେ ବିଜ୍ଞାନର ଅଦ୍ଭୁତପୂର୍ବ ପ୍ରଗତି ହୋଇଛି । ଆଗକୁ ଆହୁରି ହେବ । କିନ୍ତୁ ଭାରତରେ ବିଜ୍ଞାନକୁ ବିକାଶ କରିବାପାଇଁ ଯେଉଁ ଅତ୍ୟାଧୁନିକ ଭିତ୍ତିଭୂମି ଦରକାର ତାହା ରାଜନୈତିକ କାରଣରୁ ଆଜିଯାଏଁ ପ୍ରସ୍ତୁତ ହୋଇ ପାରିଲାନାହିଁ । ଏହାର କାରଣ ସମ୍ପର୍କରେ ବାବର ନିଜର ଆତ୍ମକଥା "ବାବରନାମାରେ" ଲେଖି – ଭାରତର ଲୋକ ନୂତନ ଜିନିଷ ପ୍ରତି ଆଗ୍ରହୀ ନୁହନ୍ତି । ସେମାନେ ଯଥାସ୍ଥିତ ବାଦକୁ ବିଶ୍ୱାସ କରନ୍ତି । ଆଗରୁ ଯାହା ଯେମିତି ଅଛି ଠିକ୍ ଅଛି, ପରିବର୍ତ୍ତନ କଲେ କାଳେ ଦେବୀ ଦେବତା ଅସନ୍ତୁଷ୍ଟ ହୋଇଯିବେ ବୋଲି ଭୟ କରୁଛନ୍ତି ।"

ହୁଏତ ଏହି କାରଣରୁ ଭାରତ ବିଜ୍ଞାନ କ୍ଷେତ୍ରରେ ପଛରେ ପଡି ରହିଲା । ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଆଜି ବି ସୂର୍ଯ୍ୟକୁ ଗ୍ରହ, ଚନ୍ଦ୍ରକୁ ଗ୍ରହ, ରାହୁ- କେତୁଙ୍କୁ ଗ୍ରହ ମାନୁଛି ।

ବିଜ୍ଞାନ ଏହାକୁ ମାନୁନାହିଁ । ଭାରତୀୟ ଆଧ୍ୟାତ୍ମବାଦ ଭୌତିକ ଜ୍ଞାନ ଅପେକ୍ଷା ଆଧିଭୌତିକ ଜ୍ଞାନ ଆହରଣ କରିବାପାଇଁ ବେଶୀ ବ୍ୟସ୍ତ । ବାସ୍ତବ ଜୀବନ ଅପେକ୍ଷା ମୃତ୍ୟୁ ପରବର୍ତ୍ତୀ ଜୀବନ ପାଇଁ ବେଶୀ ଚିନ୍ତିତ । ସେଥିପାଇଁ ଭାରତୀୟ ଶିକ୍ଷିତ ବର୍ଗ ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ କରିପାରୁ ନାହାନ୍ତି। ଭାରତୀୟ ଭାଷାରେ ବୈଜ୍ଞାନିକ ତଥ୍ୟ ସମ୍ବଳିତ ଗ୍ରନ୍ଥ ବେଶୀ କିଛି ନାହିଁ । ଆଜିକାଲି Google Search କଲେ ଇଂରାଜୀ ଭାଷାରେ ଯେତିକି ବୈଜ୍ଞାନିକ ତଥ୍ୟ ମିଳୁଛି କୌଣସି ଭାରତୀୟ ଭାଷାରେ ନାହିଁ । ସଂସ୍କୃତ ଭାଷାରେ ତ କିଛି ବି ନାହିଁ ।

ଗତ ପନ୍ଦରଶ ଶତାବ୍ଦୀରେ ବାବର କହି ଯାଇଥିବା କଥା, ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ପ୍ରମାଣିତ ହେଉଛି । ଉଦାହରଣ ଦେଖନ୍ତୁ – ଆଜି IIT ଭଳି ବିଜ୍ଞାନ ଓ ବୈଷୟିକ ଶିକ୍ଷା ସଂସ୍ଥାନ ମାନଙ୍କରେ ଛାତ୍ରଙ୍କ ସଂଖ୍ୟା କମ ରହୁଛି । IIT, NIT, GFITର ଦେଶରେ 79 ସଂସ୍ଥାନ ଅଛି । ଏଥିରେ ୩୬,୨୦୮ ସିଟ୍ ଅଛି । କେବଳ IITର ୧୦,୯୮୮ ସିଟ୍ ଅଛି । ଏହି ସଂଖ୍ୟା ଭାରତର ଜନସଂଖ୍ୟା ତୁଳନାରେ ଏକ ପ୍ରତିଶତ ବି ନୁହେଁ । ତଥାପି ଏହି ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପଢିବା ପାଇଁ ଛାତ୍ରଙ୍କ ସଂଖ୍ୟା କମ ରହୁଛି । ଚଳିତ ବର୍ଷ ଦେଶର ଉଦ୍ୟୋଗ ଟ୍ରେନିଙ୍ଗ୍ କଲେଜ ମାନଙ୍କରେ ୪୨୧ ସିଟ୍ ଖାଲି ରହି ଯାଇଛି । ଗତ ବର୍ଷ ୭୬ ସିଟ୍ ଖାଲି ଥିଲା । ଉଚ୍ଚଶିକ୍ଷା ସ୍ତରର ୨୦୧୫ ମସିହାର ଏକ ସର୍ଭେ ରିପୋର୍ଟ ଅନୁସାରେ ବିଶ୍ୱ ସ୍ତରର ଶିକ୍ଷା ଅନୁଷ୍ଠାନ ତାଲିକାରେ ଭାରତର ଗୋଟିଏ ବି ସ୍ଥାନ ନାହିଁ । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ "ଇଣ୍ଡିଆନ୍ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ" ପାଇଁ ୩୧ ଗୋଟି ସଂସ୍ଥାନରୁ ୮ ଗୋଟିରେ ଜଣେ ବି ସ୍ଥାୟୀ ନିର୍ଦ୍ଦେଶକ ନାହାନ୍ତି । ଏହି ସଂସ୍ଥାନର ସମସ୍ତେ ମିଶି ଗତ ଦୁଇ ବର୍ଷରେ ମାତ୍ର ୪୩ ପେଟେଣ୍ଟ ହାସଲ କର୍ ପାରିଛି । ସେଥିରୁ ମାତ୍ର ୧୬୮୫ ଶୋଧପତ୍ର ପ୍ରକାଶିତ ହୋଇଛି । ଗତ ୨୭ ସେପ୍ଟେମ୍ବର ୨୦୧୬ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆମର କେନ୍ଦ୍ରୀୟ ମାନବ ସଂସାଧନ ମନ୍ତ୍ରୀ ପ୍ରକାଶ ଜାବେଦକର କହିଲେ –"ଯଦିଓ ବିଶ୍ୱର ଅନେକ ବଡ ବଡ ଗବେଷକ ଦଳରେ ଯଥେଷ୍ଟ ଭାରତୀୟ ବୈଜ୍ଞାନିକ ରହିଛନ୍ତି, ତଥାପି ଭାରତର ନାମ ପେଟେଣ୍ଟ ହୋଇପାରୁନି" ।

ନୋବେଲ ପୁରସ୍କାର ଘୋଷଣାର ଏକ ଶହ ବର୍ଷର ଇତିହାସ କହୁଛି – ବିଜ୍ଞାନ କ୍ଷେତ୍ରରେ ଭାରତର ମାତ୍ର ୪ ଜଣ ନୋବେଲ ପୁରସ୍କାର ପାଇଛନ୍ତି । ସେଥିରେ ଭୌତିକ ଶାସ୍ତ୍ରୀ ଚନ୍ଦ୍ରଶେଖର ଭେଙ୍କଟରମଣ ହିଁ ଭାରତୀୟ ନାଗରିକ । ଅନ୍ୟ ତିନିଜଣ ହରଗୋବିନ୍ଦ ଖୁରାନା, ସୁବ୍ରମନ୍ୟମ ଚନ୍ଦ୍ରଶେଖର ଓ ଭେଙ୍କଟରମଣ ରାମକୃଷ୍ଣନ ଆମେରିକାର ନାଗରିକ ।

ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ ନାୟର ଥରେ କହିଥିଲେ –"ଭାରତର ପ୍ରଶିକ୍ଷିତ ବୈଜ୍ଞାନିକ ବହୁତ କମ ।" ଭାରତର ଯୁବକ ବର୍ଗ ବିଜ୍ଞାନ କ୍ଷେତ୍ରରେ ଆସିବାକୁ ଚାହୁଁନାହାନ୍ତି। ଆଜି ଅଧିକାଂଶ ଛାତ୍ର ଆଇ.ଟି. କ୍ଷେତ୍ରରେ ଡିଗ୍ରୀଟିଏ ପାଇ କମ ପରିଶ୍ରମ କରି ଅଧିକ ଧନ ରୋଜଗାର କରିବା ପଛରେ ପାଗଳ । ନୋବେଲ ପୁରସ୍କାର ପ୍ରାପ୍ତ କରିଥିବା ଭେଙ୍କଟରମଣ ରାମକୃଷ୍ଣନ ୨୦୧୬ ରେ ଭାରତୀୟ ବିଜ୍ଞାନ କଂଗ୍ରେସର ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେବାକୁ ମନା କରି କହିଲେ –"ସେଇଠି ବିଜ୍ଞାନ ନାଁ ରେ କେବଳ ସର୍କସ ଚାଲିଛି ।"

ଆମେ "ମେରା ଭାରତ ମହାନ" କିମ୍ବା "ସବସେ ଆଛା ହିନ୍ଦୁସ୍ତାନ ହମାରା" କହି ଦୁନିଆରେ ଧେଣ୍ଡୁରା ପିଟିଲେ କଣ ହେବ? ଅପ୍ରିୟ ସତକଥା ହେଉଛି – ଆମେ ଆଜି ପର୍ଯ୍ୟନ୍ତ "ଶୂନ୍ୟ" ବ୍ୟତୀତ ଦୁନିଆକୁ ଆଉ କିଛି ନୂଆ ଜିନିଷ ଖୋଜି ଦେଇ ନାହାନ୍ତି । ଆମେ ଖୋଜୁଛୁ – କେଉଁ ରାଜ୍ୟର, କେଉଁଠି ଦେବୀ, ଦେବତା କିମ୍ବା ମନ୍ଦିର ମାଟି ତଳେ ପୋତି ହୋଇ ରହିଛି? ଗୁପ୍ତ ଧନର ଖଜଣା କେଉଁ ଜାଗାରେ ଲୁଚ ରହିଛି କେଉଁ ସମୟରେ କିଏ ମନ୍ଦିର ଭାଙ୍ଗି ମସଜିଦ ତିଆରି କରିଥିଲା? କେଉଁ ଦୁର୍ଗମ ପାହାଡ ପର୍ବତରେ ନୂତନ ଦେବୀ ଦେବତା ଆବିର୍ଭାବ ହେଉଛନ୍ତି? କେଉଁ ଯୋଗ ବା ପ୍ରାଣାୟମ କଲେ ଶୀଘ୍ର ମୋକ୍ଷ ମିଳିବ?

ଦକ୍ଷିଣ ଆଫ୍ରିକାର ଗୋଟିଏ ବିଶ୍ୱବିଦ୍ୟାଳୟ ଆଗରେ ଲାଗିଥିବା ବୋର୍ଡରେ ଲେଖା ଅଛି – "ଗୋଟିଏ ଦେଶକୁ ନଷ୍ଟ କରିବାପାଇଁ ଆଧୁନିକ ମାରଣାସ୍ତ୍ର ଆବଶ୍ୟକ ନାହିଁ । ସେହି ଦେଶର ଶିକ୍ଷାସ୍ତର ଓ ବ୍ୟବସ୍ଥାକୁ କମ କରିଦିଅ । ପିଲାମାନଙ୍କୁ କପି କରି ପାସ କରିବାକୁ ସୁଯୋଗ ଦିଅ । ସେ ଦେଶ ଆପେ ଆପେ ନଷ୍ଟ ହୋଇଯିବ ।"

କାରଣ ଅର୍ଦ୍ଧ- ଶିକ୍ଷିତ ଡାକ୍ତରଙ୍କ ଦ୍ୱାରା ଚକିତ୍ସିତ ହେଉଥିବା ରୋଗୀ ଶୀଘ୍ର ମରିଯିବ । ଅର୍ଦ୍ଧ– ଶିକ୍ଷିତ ଇଂଜିନୟରଙ୍କ ଦ୍ୱାରା ନର୍ମିତ କୋଠା ବାଡି ଶୀଘ୍ର ଭୁଷୁଡି ପଡିବ । ଅର୍ଦ୍ଧ- ଶିକ୍ଷିତ ଅର୍ଥଶାସ୍ତ୍ରୀ ମାନଙ୍କ ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ବିଗିଡି ଯିବ । ଅର୍ଦ୍ଧ- ଶିକ୍ଷିତ ନ୍ୟାୟପାଳକ ମନଙ୍କ ଦ୍ୱାରା ନ୍ୟାୟ ବ୍ୟବସ୍ଥା ବିଗିଡି ଯିବ । ଅର୍ଥାତ ସବୁ କ୍ଷେତ୍ରରେ ଶିକ୍ଷାର ଅଭାବ ରହିଲେ ଦେଶଟି ନଷ୍ଟ ହୋଇଯିବ ।

ଆଜିର ଯୁଗରେ ମଧ ଆମ ଦେଶର ଶିକ୍ଷା ବ୍ୟବସ୍ଥା ସେହି ସ୍ତରକୁ ଉଠି ପାରୁନାହିଁ କାହିଁକି? ଆମକୁ ପ୍ରଗତି କରିବା ପାଇଁ ଆଜି ବୈଦିକ ଜ୍ଞାନର ନା ବୈଜ୍ଞାନକ ଜ୍ଞାନର ଆବଶ୍ୟକତା ବେଶୀ ଚନ୍ତା କରିବାର କଥା ।

କେ.ଆର. ପୂରମ, ବାଙ୍ଗାଲୋର

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।**

# ଗୁଲାପ୍ ଫୁଲ୍



ଶୁଭମ ନାୟକ

ଲାଲ୍ ଜର୍ ଜର୍ ଗୁଲାପ୍ ଫୁଲ୍
ହଁସୁଛେ କଲେ କଲେ ମୁଲ୍ ମୁଲ୍
ଆଏଜ୍ ତାର୍ ମନ୍ କେତେ ଖୁସ୍
ରସିଆ ମନେ ଟୁଲି ନେମେ ବଲି କରିଛେ ମନ୍ ଦୁଖ୍ ।

ଦୁନଆଁ ନ ଅଛେ କେତେ ଫୁଲ୍
ସବୁନୁ ବେଶି ଗୁଲାପ୍ ର ମୂଲ୍
ରସିଆ ଟୁଲି ଗୁଲାପ୍ ଫୁଲ୍
ସଜନୀ କେ ଦେସି ପ୍ରେମ୍ ର ମୂଲ ।

ଦୁନଆଁ ସାର୍ ଖୁଜଲେ ହେଁଲେ
ନାଇଁ ନ ତାର୍ ଲେଁଖେ ଫୁଲ୍
ପ୍ରେମ୍ କଲେ ନାଇଁ ହୁଲବ୍
ପ୍ରେମ୍ ର ଚହ୍ନା ଗୁଲାପ୍ ଫୁଲ୍ ।



ତସଲାଡିହି, ସୁନ୍ଦରଗଡ, ଓଡିଶା

# ବୃହତ୍ ସ୍ୱାର୍ଥୀ



ଶୁଭକାନ୍ତ ସାହୁ

ପିଲାଟି ପ୍ରତ୍ୟେହ ମନ୍ଦିରକୁ ଯାଇ ନିଷ୍ଠାର ସହ ଠାକୁରଙ୍କୁ ଡ଼ାକୁଥିଲା।କ୍ରମଶଃ ବସ୍ତୁବାଦୀ ହୋଇପଡୁଥିବା ପୃଥିବୀରେ ସନ୍ତୁମାନେ ଯେଉଁଠି ଭୌତିକ ବସ୍ତୁ ସଂଗ୍ରହର ପ୍ରତିଯୋଗିତାରେ ବ୍ୟସ୍ତ, ପିଲାଟିର ଭକ୍ତି କିନ୍ତୁ ଥିଲା ନିଷ୍କାମ।ନିଜ ପାଇଁ କେବେ କିଛି କାମନା କରିନି।ଖୁସିରେ ଥିଲେ କହେ "ହେ ଠାକୁର, ଏହସ ସାରା ସଂସାରେ ବ୍ୟାପିଯାଉ। ଆଉ ଦୁଃଖରେ କହେ,ଏମିତି ଦୁଃଖ କେହି ବି କେବେ ନ ପାଆନ୍ତୁ।"

ଦିନେ ତା' ଭକ୍ତିରେ ପ୍ରସନ୍ନ ହୋଇ ଠାକୁର ଆବିର୍ଭୂତ ହୋଇ କହିଲେ "ସବୁ ଦିନେ ତ ସାରା ଦୁନିଆର ମଙ୍ଗଳ କାମନ କରୁଛୁ, ଏବେ ନିଜ ପାଇଁ କିଛି ମାଗ୍"। ପିଲାଟି ସହର୍ଷେ ଉତ୍ତରିଲା,"ମୁଁ ତ ପ୍ରତିଦିନ କେବଳ ନିଜ ପାଇଁ ହିଁ ମାଗି ଆସିଛି।ଅନ୍ୟ ମାନଙ୍କ ସ୍ୱାର୍ଥ ତ ସଂକୀର୍ଣ୍ଣ, ହେଲେ ମୋ ସ୍ୱାର୍ଥ ତ ବୃହତ୍ତମ। ସାରା ପୃଥିବୀର ହିତରେ କ'ଣ ମୋର ହିତ ନୁହେଁ? କେବଳ ନିଜ ହିତ କାମନା କରିବା ଆନ ପ୍ରତି ଇର୍ଷାପରାୟଣତାନୁହେଁ କି? ଅନ୍ୟମାନେ ଦୁଃଖରେ ବଞ୍ଚୁଥିବା ବେଳେ ମୁଁ କ'ଣ ସତରେ ସୁଖୀ ହୋଇ ପାରିବି? ? ତା'ର ପ୍ରଶ୍ନ ରୂପୀ ଉତ୍ତରରେ ଠାକୁର ଅତ୍ୟନ୍ତ ପ୍ରସନ୍ନ ହୋଇ ଇଚ୍ଛା କରୁଥିଲେ ଏକାଦଶାବତାର ନିମନ୍ତେ କି ପୃଥିବୀ ପୃଷ୍ଠରେ ଏଇ ପିଲାଟି ପରି ଏକ ଦରଦୀ ହୃଦୟ ତଥା ଉଦାର ମନଯୁକ୍ତ ସାଧାରଣ ମାନବ ହୋଇ।

@@@

# ତଥାପି କାହିଁକି? ? ?

ଜାଣିଛି ଦିନେ ମୁଁ ମରିବି ତଥାପି
ମରଣେ କଆଁ ମୋ ଭୟ?
ବୁଦ୍ଧଙ୍କ ସିଦ୍ଧାନ୍ତ ଦୁଃଖମୟ ଧରା
ତଥାପି ମୋ ନେତ୍ରେ ଲୁହ।
ଜାଣିଛି ବିବେକ ଦିଏ ଯହିଁ ରୋକ
ସେ କାର୍ଯ୍ୟ ଉଚତ ନୁହେଁ,
କ୍ଷଣ ସୁଖ ଆଶେ ନତାନ୍ତ ବିବଶେ
ଭୁଲ୍ କାହିଁ କରୁଥାଏ?
ନଶ୍ୱର ଶରୀର ବିନଷ୍ଟ ହୋଇବ
ଅପେକ୍ଷିତ ସେ ସମୟ
ତଥାପି କଆଁ ମୁଁ ନାକ ଟେକେ ଆନେ
ସୁନ୍ଦର ବୋଲି ମୋ ଦେହ?
ସଞ୍ଚିତ ଧନ ମୋ ଯିବନାହିଁ ସାଥେ
ଯେବେ ଯିବି ମୁହିଁ ମରି,
ଆନହିତେ କଆଁ ନକରେ ନଯୋଗ
ବଢାଏ ଅନ୍ୟାୟ କରି।
ମୋର ସ୍ୱୈର ବୃତ୍ତି କେହି ନଜାଣନ୍ତି
ଯେତେ ନଜକୁ ବୁଝାଏ,
ନଜ ପାଖେ ନଜେ ହେଉଥାଏ ଦୋଷୀ
ପୁଣି ସ୍ୱୈରି କରୁଥାଏ।
କଟୁ କଥା ମୁହିଁ କହେ ଯଦି କାରେ
ତା ମନେ ଲାଗିବ କଷ୍ଟ
ତଥାପି ମୁଁ ରୋକ ପାରେନାହିଁ ଜିହ୍ୱା
ଭୁଲି ଶାଳନତା ଶିଷ୍ଟ।



ଜାଣିଛି ମୁଁ "ମିଛ" ନଶିର ତମସା
ଉଇଁବ ସତ୍ୟର ସୂର୍ଯ୍ୟ,
ତଥାପି କାହିଁକ ମିଛ କହୁଥାଏ
ନଥାଇବି ଅନର୍ବାର୍ଯ୍ୟ।
ଜାଣେ ମୁଁ ପାପୀଙ୍କୁ ସମାଜର ଘୃଣା
ତଥାପି କରେ ମୁଁ ପାପ,
ସଭ୍ୟ ଛଦ୍ମ ବେଶେ ଅସଭ୍ୟ ମୋ କାର୍ଯ୍ୟ
ନାହିଁ ମୋର ଅନୁତାପ।
ନଜର ପ୍ରଶଂସା ନଜ ମୁଖେ ଶୋଭି
ପାଏ ନାହିଁ ମୁହିଁ ଜାଣେ,
ଆନେ ନନ୍ଦୁଥାଏ ନଜ ଗୁଣ ଗାଇ
ନଜକୁ ମୁଁ ଶ୍ରେଷ୍ଠ ମଣେ।
ମିଛେ ମୁଁ ବିଳପେ ଦୁଃଖୀରଙ୍କିପାଇଁ
ସଭିରେ ଝରିଇ ଲୁହ,
ଅଭିବୀଙ୍କ ଅର୍ଥ ଲୁଟି ଖାଉଥାଏ
ଉଠୁଥାଉଁ ଦୀନ କୋହ।
ପ୍ରତିଶ୍ରୁତି ଦିଏ ମୁଁ ଜନ ସେବକ
ଜନ ପ୍ରତିନଧି ନେତା,
ଭୁଲେ କଆଁ ତାଙ୍କୁ ପଦବୀ ପରେ ମୋ
ଭୁଲେ ଦେଇଥିବା କଥା।ପିତୃ ମାତୃ ଋଣ ହୁଏନ ପୂରଣ
ଯେତେ ସେବା କରିଲେ ବି
ସ୍ୱୟଂ ସୁଖ ପାଇଁ ତାଡେ କଆଁ ତାଙ୍କୁ
ଜାଣେ ଯଦି ପାପୀ ହେବି।

ଗୋପବନ୍ଧୁ ହାଇସ୍କୁଲ୍‌ପୋଲସରା, ଗଂଜାମ।

# ରାଜା କିଏ ?

ଶ୍ରୀ ଅଖଣ୍ଡ

ମୁଣ୍ଡରେ ଠେକା

ହାତରେ ହଳ

ଘରେ ଲୁଣ ଲଂକା ପଖାଳ

ଦୁନିଆକୁ ଦାନା ଦେଉଥିବା ଲୋକ ।

ନା . . .

କେବେ ପିନ୍ଧିନଥିବା


ମୁଣ୍ଡରେ ମୁକୁଟ

ଚଳାଇ ଜାଣି ନଥିବା ହାତରେ ତଲୱାର

ଆଉ ବରାଦିଆ ପୂଜକ

ଦେଖାଣିଆ ଅଭିଷେକ

କରୁଥିବା ଲୋକ ?



କମଳାସାଗର ପାଟଣା, ପିପିଲି, ପୁରୀ

# ତୁ ପାଗେଳୀ ନା ମୁଁ ପାଗଳ



ଫିରୋଜ କୁମାର ପଟେଲ

ଆଖି ଆଗକୁ ଖସି ପଡୁଥିବା
କୁଞ୍ଚିତ କେଶକୁ ସଜାଡି ଦେଇ
ତୋର ମନଖୋଲା ଚୁଲବୁଲି ହସ
ଭୁଲ୍ ଠିକ୍ ର ଛକରେ ତୋର ମୋର
ମନାନ୍ତର ଏବଂ ଅବଶୋଷ
ସବୁ ବୁଝି, ସବୁ ଯାଣି ବି
ଶତ ପ୍ରଶ୍ନ ର ପଥର ଫିଙ୍ଗି
ଅବୁଝାପଣର ଅଭିନୟ କରୁ ଅବିକଳ
କହ କହ.....
ତୁ ପାଗେଳୀ ନା ମୁଁ ପାଗଳ ।

କଥା ଛଳରେ କଥା ପଡିଗଲେ
ନିଜ ସବୁ ଭୁଲକୁ ମାନିଯିବା
କିଛି ଅକୁହା ରହିଗଲେ
ପୁଣି ଅବୁଝା ହେବା....
ଅଚହ୍ନା ହୋଇ ବି ଆମେ ଚହ୍ନା
ଚହ୍ନି ସାରିଲା ପରେ ପୁଣି
ଅଚହ୍ନାଭଳି ଗ୍ଭଲୁଥାଏ ପ୍ରଶ୍ନଖେଳ
କହ କହ.....
ତୁ ପାଗେଳୀ ନା ମୁଁ ପାଗଳ ।

ପାଗଳ କେବେ କଣ କହେ
ମୁଁ ପାଗଳ ବୋଲି,
ଗ୍ଭଲିଥାଉ ଏ ପାଗଲାମି
ଭାଙ୍ଗୁ ପୁଣି ମିଶୁ ମନ
ଉଙ୍କି ମାରୁ ଆମ ନୂଆଁ ସକାଳ
କହ କହ....
ତୁ ପାଗେଳୀ ନା ମୁଁ ପାଗଳ ।

ଅବନକେଲା, ସୁନ୍ଦରଗଡ, ଓଡିଶା

# ମୋ ପ୍ରେମ କାହାଣୀ



ଅନୁପମ ବେହେରା

ପ୍ରତିଦିନ ତା'ର ମୋର ଦେଖାହୁଏ । ସେ ଟିକେ ହସିଦିଏ । ମୁଁ ଟିକେ । ସେ ମୁହଁ ତଳକୁ ପୋତି ଚାଲିଯାଏ । ମୁଁ ଠିଆହୋଇ ଚାହିଁ ରହିଥାଏ ସେ ମୋ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ଏମିତି ଧିରେଧିରେ ଆମଭିତରେ ହୁଏ ବନ୍ଧୁତା । ପ୍ରତିଦିନ ତା'ର ମୋର ଦେଖାହୁଏ । ସେ ଟିକେ ହସିଦିଏ । ମୁଁ ଟିକେ । ସେ କଛି କୁହେନା । "ହଁ" ଓ "ନାଁ" ରେ ସରିଯାଏ ଆମ କଥାବାର୍ତ୍ତା । "ଆସୁଛି!" କହି ମୁହଁ ତଳକୁ ପୋତି ଚାଲିଯାଏ ସେ । ମୁଁ ଠିଆହୋଇ ଚାହିଁ ରହିଥାଏ ସେ ମୋ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ଆମ ଭିତରେ ଗଢିଉଠେ ପ୍ରେମ ସଂପର୍କ । ପ୍ରତିଦିନ ତା'ର ମୋର ଦେଖାହୁଏ । ସେ ଟିକେ ହସିଦିଏ । ମୁଁ ଟିକେ । ସେ ଅର୍ନଗଳ ଗପି ଚାଲେ । ମୁଁ ଚୁପ୍‌ଚାପ୍ ଦେଖୁଥାଏ ତାକୁ ଓ ଶୁଣୁଥାଏ ତା କଥା । ହଜିଯାଏ ତା ଭାବନାରେ । "ଆସୁଛି!" କହି  ମୁହଁ ତଳକୁ ପୋତି ଚାଲିଯାଏ ସେ । ମୁଁ ଠିଆହୋଇ ଚାହିଁ ରହିଥାଏ ସେ ମୋ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

କାହା ନଜର କନ୍ତୁ ଲାଗିଯାଏ ଆମ ଭଲ ପାଇବାରେ । ପ୍ରତିଦିନ ତା'ର ମୋର ଦେଖାହୁଏ । ତା ସନ୍ଦେହୀ ଆଖି ଖୋଜୁଥାଏ କଛି ଅବାସ୍ତବ, ଭିତ୍ତିହୀନ ପ୍ରଶ୍ନର ଉତ୍ତର । ମୋ ନିରୁତ୍ତର ମୁହଁ ପୋତି ହେଇଯାଏ ତଳକୁ । ସେ କହିଯାଏ ବହୁତକଛି । ମାଟି ଖସିଯାଏ ମୋ

ପାଦତଳୁ । "ଯାଉଛି!" କହି ସେ ଗ୍ଭଲିଯା ମୁହଁ ଛିଞ୍ଚାଡି । ମୁଁ ଠିଆହୋଇ ଗ୍ଭହିଁ ରହିଥାଏ ସେ ମୋ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ପ୍ରତିଦିନ ତା'ର ମୋର ଦେଖାହୁଏ । ସେ ଖ୍ଵଗି ଗ୍ଭହିଁଦିଏ । ମୁଁ ଚେଷ୍ଟାକରେ ତା'କୁ ବୁଝେଇବାକୁ । ସେ ଗ୍ଭଲିଯାଏ । ମୁଁ ଠିଆହୋଇ ଗ୍ଭହିଁ ରହିଥାଏ, ସେ ମୋ ଲୁହ ଛଳଛଳ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ପ୍ରତିଦିନ ତା'ର ମୋର ଦେଖାହୁଏ । ସେ ମୋତେ ଭୁଲି ସାରିଥାଏ । ମୁଁ ମନେରଖିଥାଏ ତା'କୁ । ସେ ଗ୍ଭଲିଯାଏ ଭସା ମେଘ ଖଣ୍ଡଟିଏ ପରି । ମୁଁ ଗ୍ଭତକଭଳ ଗ୍ଭହିଁ ରହିଥାଏ ତା' ଫେରିବା ବାଟକୁ ।

ବଘିଆପଡା, ବୌଦ୍ଧ, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।

# ତୁମର ସୁରତା ଥି



ଅନନ୍ତ ବାଗ

ତୋର୍ ନୁ ଦୂରେ ରହେଲେ ଭିଲ୍
କେଭେ ମୁଇଁ ଦୂରେ ରହି
ପାରିଛେଁ ଭିଏଲ୍ ?
ତୁଇ ସିନା କେଭେ ମୋତେ
ଜାନ ନାଇଁପାରି
ହେଲେ ତୋର ବିନା
ମୁଇଁ କେନ୍ତା କରି ଜିଇଁମି
ତୁଇ କହତ.....?
ମୋର୍ ଆଖିନୁ ଲୁହୁ ଝରୁଛେ
ବଏଲେ ଖାଲି ତୋର୍ ଲାଗିରେ
ମୋର୍ ସାଙ୍ଗର୍ ଜୁଲି
ଇସେଅକା ତୋର୍ କଥା ହାଲି ହଲି
ଖାଲି ଝୁରି ମରୁଛେଁ....
ଯଦରଭି ତୁଇ କେଭେ ମୋର୍ ନାଇଁ
ହି ପାରୁ ତବ୍ ବି
ଇଛାତି ନେ ତୋର୍ ଛଡା
ଆରୁ କାହାକେ ଜାଗା ଦି ପାରମି
କାଇଁ ତୁଇ କହତ.....?

ପିତାମହୁଲ, ରାଣୀପୁର- ଝରିଆଲ,
ଅଲଣ୍ଡା, ବଲାଙ୍ଗୀର

# ଈଶ୍ୱର



ଏମ୍. ବିଜୟ କୁମାର

ମିଥ୍ୟା ମୟା ଜାଲ
ନା ଅଛି ସତ୍ୟତା ନା ପ୍ରମାଣ
କେବଳ ଅନ୍ଧବିଶ୍ୱାସ
ଆଜି ବିଶ୍ୱାସରେ ଅନ୍ଧ ମଣିଷ
ସରଲ ନରିହ ମଣିଷକୁ କଲ୍ ଯହା ଅନ୍ଧ
ମଣିଷ ମନରେ ଉପୁଜିଛି ଆଜି ଯା ପାଇଁ ଦ୍ୱନ୍ଦ
ପରୀକ୍ଷା କର ସତ୍ୟତା କଣ ?
ଜାଣିବାକୁ ଚେଷ୍ଟା ନା ପରୀକ୍ଷା କରିଛ
କଲ୍ପନା ପ୍ରଗ୍ୱର ମନଗଣ କଥ ମାନ ନେଉଛ
ବିଜ୍ଞାନ ସମ୍ମତ ନା ଇତିହାସ ପ୍ରମାଣିତ
ଆଛି କ ଭୌଗଳକ ତତ୍ତ୍ୱ
ଅନ୍ଧଭ୍ବରେ ମାନ ନାହିଁ
ସାବଧାନ, ପରୀକ୍ଷା କର
କାହିଁକ? ବିନା ପରୀକ୍ଷାରେ କଲ ଗ୍ରହଣ
ଈଶ୍ୱର ମିଛ ମାନନାହିଁ ଭଗବାନ
ଅନ୍ଧବିଶ୍ୱାସ ମଣିଷକୁ ଗୁମର୍ହ କରିଦିଏ
ଶିକୁଳରେ ବନ୍ଧା ହୋଇ ଅବାସ୍ତବ ପଛେ ଧାଏ
ବିର୍ୋଧାଚରଣ କରି ପ୍ରକୃତି ନୟମ

କୁହ କେଉଁଠାରେ କଏ କେବେ ହୋଇଛି ଜନମ
ଇଶ୍ୱର ମିଥ୍ୟା, ଅବାସ୍ତବ ନାହିଁ ସତ୍ୟାସତ୍ୟ
ବିଜ୍ଞାନ ପ୍ରମାଣ ବିବର୍ତ୍ତନ ଡାରଉଇନ ତତ୍ତ୍ୱ
ଇଶ୍ୱର ସତ୍ତା ଅଛି ବୋଲି ଯଦି କରୁଛ ଗ୍ରହଣ
ଗର୍ବ ସହିତ ଜୋରରେ କୁହ ଦେଇପାରିବ କ ପ୍ରମାଣ
ଶୋଷଣ, ଦମନ ଦାସ ପାଇଁ ଇଶ୍ୱର ଶବ୍ଦର ଉତ୍ପତି
ପ୍ରଭୁତ୍ୱ ସ୍ୱିକାରୀ ଦାସତ୍ୱ ବରଣ କରନ୍ତ ସ୍ୱାଭିମାନମତି
ଇଶ୍ୱର ବୋଲି ନାହିଁ କେହି
ଯା ଦ୍ୱାର୍ ହୁଏନ ପରିଚ୍ଳତ ଏ ମହୀ
ବିଶ୍ୱାସ ଭକ୍ତି ପାଇଁ ଏସବୁ ଦୁର୍ଗତି
ଦଶା ଭୋଗ କରୁଛନ୍ତି ମାନବଜାତି
ଆସ୍ତିକ କେବଳ ଯେ ଅନ୍ଧ ଓ ମୁର୍ଖ
ଜାବୁଡି ଧରେ ଅନ୍ଧ ମିଛ ଅବାସ୍ତବ ମାର୍ଗ
ମଣିଷର ଭେଦ ଅନ୍ତରରେ
ମଣିଷକୁ ବଞ୍ଚିତ ମନ୍ଦିରରେ
ନା କୁକୁର ମୁତା ଅବଳ ପଥରରେ
କେଉଁଠି ଅବା ରହନ୍ତି
ଶୂନ୍ୟ ଦେହି, ସର୍ବବ୍ୟାପି, ସର୍ବଶକ୍ତିମାନ
ଙ୍କଙ୍କଡା ଗାତରେ ଲ୍ଜେ ମୁହଁ ଲୁଚେଇ
ନା ଫସଲ ଜଗା ଛାର ପାଳଭୁତ ହୋଇ
ବିଶ୍ୱାସ ଭକ୍ତିରେ ଯଦି ମିଳେ ଭଗବାନ
ପକ୍ଷପାତି ମାନବ- ବିରୋଧି ସେ ଜନ
ମାନବିକତା କରି ମୁଳଛେଦ

ଯେ କରିପାରନ୍ତି ହିସା ଭେଦ

ଦୁଷ୍ଟଦଳନ ସନ୍ଥପାଳନ ପାଇଁ

ସଇତାନ ଯଦି ପିନ୍ଧେ ଇଶ୍ୱର ମୁଖା

ରକ୍ତର ହୋଳି ଖେଳେ ବର୍ବର ରଗା

ଜ୍ଞାନ- ବିଜ୍ଞାନ ବିରୋଧରେ କରିବ ଯେ ଧର୍ମଯୁଦ୍ଧ

ମଣିଷ କହିବ ନଷ୍ଟେ ଯୁଦ୍ଧ ନୁହେଁ ଦରକାର ବୁଦ୍ଧ

ସତ୍ୟ ଉନ୍ମୋଚନ ଇଶ୍ୱର ରହସ୍ୟ ନଗୁଢ

ମାନବମୁକ୍ତି ପାଇଁ ଭଗବାନ ବିଶ୍ୱାସ ଛାଡ

ତୃଷ୍ଣା ରହିତ ଯେ ସେହିଁ ଭଗବାନ

ଇଶ୍ୱର ନୁହେଁ ବିଷ୍ଣୁ, ରାମ, କୃଷ୍ଣ

ମହାନାସ୍ତିକ ମୂଳନବାସୀ ଏକମାନବ

ମାନବ ବିବେକ ଦର୍ଶନରେ ମାନବମୁକ୍ତି ହେଦ ॥

ଉତ୍ତର, ଗଙ୍ଗୋତ୍ରୀ ନଗର, ଭୁବନେଶ୍ୱର

# ଛୁଟି

ରୁଦ୍ରମାଧବ ସାହୁ

"କଣ ଭାଇ! ଅଫିସ୍ ଯିବା ପାଇଁ ରେଡି ହେଉଛ...ଏତେ ବଡିଭୋରରୁ କେମିତି ଗାଧୋଉଚ ଏ ହାଡଥରା ଶୀତରେ..ରେଜେଇ ତଳୁ ବି ମୁହଁ କାଢିବାକୁ ଇଚ୍ଛା ହେଉନ ଆମର...ଶୀତ କରୁନ ତୁମକୁ?" ସାମାନ୍ୟ ମଜା କରିବାକୁ ଯାଇ ଆଖିରେ ସମ୍ୟକ୍ ବିସ୍ମୟତା ଭରି ପ୍ରଶ୍ନ କଲେ ପଡୋଶୀବନ୍ଧୁ ଜଣକ ।

"ହଁ, ଥଣ୍ଡା ଲାଗୁଛି ଯେ ଟିକେଟିକେ..ହେଲେ କଣ କରିବା! ନଗଲେ ନଚଲେ.."ମଗେ ପାଣି ଢାଳ ହେଉହେଉ ତା ଆଡକୁ ଚକ୍ଷୁ ଫେରାଇନେଇ ଥରଥର କଣ୍ଠରେ ଉତ୍ତର ଦେଲି ।

"ହଁ ରେ ଭାଇ, ତମେ ସବୁ କିଛି କୁ ପଛରେ ପକାଇ ଟଙ୍କା ପଛରେ ଧାଉଁଛ ବୋଲି ତମେ ଆଜି ରୋଜଗାରିଆ..ଆଉ ଆମେ ଅଳସୁଆ ହେଇ ରହୁଚୁ ବୋଲି ବେକାରିଆ ହେଇ ଘରେ ବସିବୁ.."ଉଦାସ ଭାବେ କିଛି ଭାବିବାର ଭଙ୍ଗୀରେ ପ୍ରକାଶ କଲେ ମୋର ଅତିପ୍ରିୟ ବାଲ୍ୟବନ୍ଧୁ ।

"ନାଇଁରେ ସାଙ୍ଗ..ସେମିତି କାଇଁ ଭାବୁଚୁ..ମୋତେ ବି ପ୍ରବଳ ଶୀତ କରେ ସେଦିନ, ଯୋଉଦିନ ମୋର ଛୁଟି ଥାଏ.." ସାମାନ୍ୟ ହସି ତା କୁ କଥାରୁ ଭୁଲାଇବାକୁ ନେଇ ପୁଣି ଯୋଡିଲି," ହେଲେ ଆମ ଘରେ ଜଣଙ୍କୁ ଜମା ଶୀତ କଣ କିଛି ବି ତାକୁ ଦୋହଲାଇ ପାରେନ । ସିଏ ହେଲା ମୋ ମା...କାଇଁକି କହିଲୁ? କାହିଁକି ନା ତାଙ୍କ ଗୃହକରିରେ କେବେ ଛୁଟି ବା ଅବସର ହିଁ ନାହିଁ... ।"

ନିଜ କଥାର ପ୍ରାମାଣିକତା ଥାପିବାକୁ ଯାଇ ସାମାନ୍ୟ ନୀରବତା ପରେ, "ଏଇ ଦେଖୁନୁ, ଏତେ ସକାଳୁ ବି ଆମର ରୋଷେଇ ସରିଲାଣି, ଖାଇକି ଯିବା ପାଇଁ ମୁଁ...ଆଉ ତୁ ମତେ କହୁଚୁ..."ଈଷତ୍ ହସି ଜଣାଇଲି ।

"ହଁ, ରେ.." ଶୁଭୁଥିଲା ମୋତେ ବନ୍ଧୁଙ୍କ ଗମ୍ଭୀର କଣ୍ଠାରୁ ଆଉ ମୋର ଅନ୍ତରୁ....

ବାଘମୁଣ୍ଡା, କାକଟପୁର, ପୁରୀ

# ସେଇ ସ୍ୱପ୍ନ

ଲିନା ଗ୍ରଣୀ ଧଳ

ଆଜି ପରେ ବୋଧେ ମୁଁ ତତେ ଆଉ କେବେବି ଦେଖା କରିପାରିବିନ। ଶେଷ ଥର ଯାଇଥିଲି ତତେ ଦେଖା କରିବା ପାଇଁ। ମୋ ମନ, ହୃଦୟ, ଘର ବହାର କେଉଁଠି ବି ଯେମିତି ତୋର ଆଭାସ ମିଳବନ। ସେ ଚେଷ୍ଟା କରୁଥାଏ। କିନ୍ତୁ ତୋତେ ଦେଖା କରି ଆସିବା ପରେ ସବୁ କଛି ଓଲଟ ପାଲଟ ହୋଇଯାଇଥିଲା ମୋ ଜୀବନରେ। ମୁଁ ଦି ପ୍ରକାର ଜୀବନ ବଞ୍ଚିବା ଆରମ୍ଭ କରି ଦେଇଥିଲି। ଦୁନଆ ପାଇଁ ଗୋଟିଏ ପ୍ରକାର ଓ ମୋ ପାଇଁ ମୋର। ସମସ୍ତେ ଭବୁଥିଲେ ମୁଁ ତୋତେ ଭୁଲିଗଲି। ସମସ୍ତଙ୍କ ପାଇଁ ମୋ ଓଠ ସିନା କଛି ତୋ ବିଷୟରେ କହୁନଥିଲା, କନ୍ତୁ ମୋର ପ୍ରତିଟି ଶବ୍ଦ ତ ତୁ ପାଲଟି ଯାଇଥିଲୁ । ମୋ ମନ ସମସ୍ତଙ୍କ ଇଛା ଆଉ ତାଗିଦ କୁ ସମ୍ମାନ ଦେଉଥିଲା କନ୍ତୁ ମୋ ହୃଦୟ ସେଠିତ କେବଳ ତୋର ଶାସନ। ରାସ୍ତାରେ ହଜାର ହଜାର ଲୋକଙ୍କ ଭିତରେ ବି ତୁ ଥିଲୁ ଆଉ ଘରର ଗ୍ଳରିକାନ୍ଥ ର ନୀରବତା ମଧ୍ୟରେ କେବଳ ତତେ ହିଁ ଦେଖୁଥିଲି। ରାତିରେ ଯେବେ ଆକାଶକୁ ଦେଖୁଥିଲି, ଏତେ ତାରା ଜହ୍ନ ଭରା ଆକାଶ, କନ୍ତୁ ସେମାନେ ସେଠି କେହି ନଥିଲେ, କେବଳ ତୁ ହିଁ ଥିଲୁ। କେବେ ଗୋଲାପ ପାଖୁଡାକୁ ଗୋଟି ଗୋଟି କରି ତୁ ମୋର କ ନୁହଁ ବୋଲି ପରୀକ୍ଷା କରେ ତ କେବେ ଖାତାରେ ଗାର ଟାଣି ତୋର ଉପସ୍ଥିତି ଅନୁପସ୍ଥିତି ମଧ୍ୟ ତର୍ଜମା କରେ।

ଆଗ ଭଳ ମୁଁ ଆଉ ଚୁପ୍ ଗ୍ଳପ୍ ରହୁନଥାଏ। ସବୁବେଳେ କଛି ନା କଛି ଗୀତ ମୋର ମନ ହୃଦୟକୁ ଆଚ୍ଛାଦିତ କରି ରଖିଥାଏ। ମୁଁ ବହୁତ ଖୁସି। ଦୁଃଖ ଯେମିତି ମୋ ପାଖକୁ ଆସି ପାରୁନଥିଲା। ସବୁବେଳେ ହସୁଥିଲି। ଗୋଟେ ଗୋଟେ ମୁହୁର୍ତ୍ତକୁ ବି ମୁଁ ହାତଛଡା

କରିପାରୁନଥିଲି ତୋ କଥା ନ ଭାବି । ଭଗବାନଙ୍କ ଆଗରେ ହାତଯୋଡି ପ୍ରାର୍ଥନା କରୁଥିଲି ତୋତେ ଥରଟିଏ ଦେଖିବା ପାଇଁ ଯେମିତି ହେଉବି । ଯେଉଁଦିନ ତୋତେ ଟିକେ ଛୁଇଁବା ପାଇଁ ସମାଜ, ଦୁନିଆ ଏମିତି କି ନିଜଠୁ ବି ନିଜକୁ ଅଲଗା କରିଦେଇଥିଲି । ସେଦିନ ସମାଜର ରୀତିନୀତି ଶୃଙ୍ଖଳା, ଆଗ୍ଯରଇଗ୍ଯରର ସୀମା ଅତିକ୍ରମ କରି ଯେତେବେଳେ ତୋ ପାଖରେ ପହଞ୍ଚିବାକୁ ଚେଷ୍ଟା କଲି, ଭାବୁଥିଲି ତୁ କଣ ମୋର ଆଗଜନ୍ମର କଛି ପୁଣ୍ୟ କର୍ମ ର ଫଳ ନାଁ ମୁଁ ଏ ଜନ୍ମ ରେ କଛି ପାପ କରୁଛି ।

……ହଠାତ୍ ନିଦ ଭାଙ୍ଗିଗଲା, ସ୍ୱପ୍ନ ରୁ ଯେତେବେଳେ ବାହାରି ସିଲି ମୋ ଦେହସାରା ଝାଳ ହୋଇଯାଇଥିଲା ଏତେ ଥଣ୍ଡାରେ ବି ।

ଏସବୁ କଣ ସ୍ୱପ୍ନ, ସବୁ ମିଛ । ମୁଁ ତୁ ଆଉ ଏତେ ସୁନ୍ଦର ଆମେ ତିଆରି କରିଥିବା ଟିକି ଦୁନିଆଟା । ଏସବୁ ଯଦି ସ୍ୱପ୍ନ ତାହେଲେ ମୋ ଆତ୍ମା, ହୃଦୟ….,ସାରା ଶରୀର ସବୁ ଏତେ ଯୋରରେ ଥରୁଛି କାହିଁକି ?…..

ତୁ ଏବେ ବି ଏତେ ବର୍ଷ ପରେ ବି ମୋ ଆତ୍ମାରେ ଏକ ଅଲିଭା ଗାର ପୁଣି ଥରେ ଟାଣି ଦେଲୁନା ।

ମାର୍ଫତ ଶ୍ରୀ ଏଲ୍. କେ. ମଙ୍ଗରାଜ, ଶତାବ୍ଦୀନଗର, ଭୁବନେଶ୍ୱର

**ବେଦାନ୍ତୀ ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବା ପଇଁ ୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ ଆଗକୁ ବଢିବା ପାଇଁ ସହଯୋଗ କରନ୍ତୁ ।**

# ଜୁହାର୍

ସୁଧିର୍ ପ୍ରଧାନ (ଟିଙ୍କୁ)

ହାତ୍ ଜୁଡିକରି କରିଦେଲେ ଥରେ ଜୁହାର୍
ଅଚହ୍ନାର୍ ଭି ହେଇଯାଏସନ୍ ଚନହାର୍ ॥
ପହେଲ୍ ଦେଖାର୍ ପହେଲ୍ କରି ବେଭ୍ୱାର୍,
ବଡା ଦାମ୍ କଆ ହେଇଯାଏସି ଇ ଜୁହାର୍ ॥
ନୂଆଁ କୁନୁଆଁକେ ନାଇଁଲାଗେ ପଗ୍ଭର୍ ଉଗ୍ଭର୍
କଥା ଲମିଯାଏସି କରିଦେଲେ ଥରେ ଜୁହାର୍ ॥
ଆଶୀରବାଦ୍ ଲାଗି ଲାଗସି ଇ ଜୁହାର୍,
ଭଲ୍ ହେଇଯିବ ହେଇଥିଲେ ଯେତେ ଅସାର୍ ॥
ଜୁହାର୍ କେ ନାଇଁ ବିକେ କେନସି ବଜାର୍,
ଭରପୁର୍ ରଖିଛେ ନଜର୍ ବିବେକ୍ ଭଣ୍ଡାର୍ ॥
ମନ୍ ଭିତରେ ଲାଗ୍ ବା ଶାନ୍ତିର୍ ତିହାର୍
ଜୁହାର କେ କର ସବୁଦିନେ ବେଭ୍ୱାର୍ ॥



ଲିଟିମୁଣ୍ଡା, ପଡିଆବାହାଲ, ସମ୍ବଲପୁର

# ତତେ ଫଗୁନର କରିଆ



ବିନୋଦ ବିଶି

ଗଲ୍‌ ଫଗୁନେ କହିଥିଲୁ
ଆଇବାର ଫଗୁନେ ଯିମି ବୋଲି
ଏ ଦେତ ଫଗୁନ ଆଏଲ୍‌ନ
ତୁଇ କେନ୍ତେଇ ନାଇଁ ଆଇଲୁ ଯେ,
ଫଗୁନ ଆସି କରି ଯିମିଯିମି ହେଲ୍‌ନ
ଠୁଟା ଗଛେ ପତର ପାଆଁଲିଲ୍‌ନ
ଫଲସା ଫୁଲ ବଗ୍‌ ବଗେଇ ଫୁଟୋଇ ଗଲ୍‌ନ
ରେଙ୍ଗାଲ ଫୁଲ ଆସିକରି ଧୁକା ସାଂଗେ
ଚକା ଭଉଁରି ଖେଲୁଛେ,
କୁଡୁକା ଆମ ଗଛେ ବଉଲ ଆସିକରି
ଖୁଡିଆ ଚନା ଏଡେ ଏଡେ କଁସି ହେଲ୍‌ନ
ମହୁଲ ମାନେ ଥିପି ବସଲ୍‌ନ୍‌
ତୁଇଆରୁ କେବକେ ଆଏବୁ ଯେ
ଲିମ ଫୁଲ ଭଜା କେ ତୁଇ ବଢା ଆଦର
କରସୁ

କେନ୍ଦୁ, ଗୃହାଁର ତୁଇ ବଡା ଖାଏସୁ
ଇଥର ସବୁ ମୁଡାମୁଡା ଢେଣା ଢେଣା
ଆଇଛେ ରେ ବୁଆ, ଆ ଦେଖବୁ ଆ,
ହେ ଭୁଦେଇ ନ ଏନ୍ତେହି କଏଁଟା ପଏଲୁ
ଯେ
ତୋର ମାଆ କେ, ତୋର ଗାଁ କେ
ପଏରଛା ପାସରି ଦେଇଛୁ
ଆଏବାର କେ ମୁର ନାଇଁ କରୁଛୁ
ତୁଇ ଆମକୁ କାଣା ସତେ ପାସରି
ଦେଲୁନ କଏଁରେ ପୁତା
ତତେ ଇ ଫଗୁନର କରିଆ
ଆରେ ବାବୁ ଫିରିଆ, ଆରେ ସୁନା
ଫିରିଆ ॥

ଦେଓଗାଁ, ବଲାଙ୍ଗୀର, ଓଡିଶା

ବିଜୟ କୁମାର ଜେନା

ଏହା କୌଣସି ବିଦେଶର ଛବି ନୁହେଁ, ଏହା ହେଉଛି ଦାମନଯୋଡି, କୋରାପୁଟ, ଓଡିଶାରେ କିଛି ମନୋରମ ଦୃଶ୍ୟ, ଯାହାକୁ ନିଜ କ୍ୟାମେରାରେ ଉତାରିଛନ୍ତି ଶ୍ରୀ ବିଜୟ କୁମାର ଜେନା









ଓଡିଶାରେ ଏପରି ଆକର୍ଷଣୀୟ ସ୍ଥାନ ସବୁ ଅଛି ଯହାକ ଆଜି ପର୍ଯ୍ୟନ୍ତ ବହୁତ କମ ଲୋକ ଦେଖିଛନ୍ତି । ଆମେ ଛୁଟିରେ ଅନ୍ୟ ରାଜ୍ୟ ଏବଂ ଦେଶକୁ ଯାତ୍ରା କରୁଥିବା ସମୟରେ ଓଡିଶାରେ ଥିବା ଅନେକ ଦର୍ଶନୀୟ ସ୍ଥାନକୁ ଭୁଲି ଯାଇଥାଉ । ଏହିପରି କିଛି ସୁନ୍ଦର ସ୍ଥାନକୁ ବେଦାନ୍ତୀ ଆଣି ଦେଇଛି ଆପଣମାନଙ୍କ ପଖକୁ । ଏହି ଫଟୋ ସବୁ ପଠାଇଛନ୍ତି ଶ୍ରୀ ବିଜୟ କୁମାର ଜେନା ।

# ଶିଶୁ ବିଭାଗ



# ଜାନୁଆରୀ ଛବିଶି



ପ୍ରକାଶ ସାହୁ

ଆସ ରେ ପିଲେ ଖୁସି ବାଣ୍ଟିବା ସଭିଏଁ ମିଶି
ଆସିଅଛି ଗଣତନ୍ତ୍ର ଦିବସ ଜାନୁଆରୀ ଛବିଶି
ସଭିଏଁ ମିଶି ଭାରତ ମାତା କୁ ପ୍ରଣାମ କରିବା
ଏହି ଦେଶ ର ଆମେ ସନ୍ତାନ ତା ଗୁଣ ଗାଇବା
ଏହି ଦିନ ଆମ ଦେଶ ଗଣତନ୍ତ୍ର ଆଖ୍ୟା ପାଇଲା
ବୃହତ ସମ୍ବିଧାନ ପାଇଁ ଭାରତ ପ୍ରଥମ ହେଲା
ସମ୍ବିଧାନ ର କର୍ତ୍ତା ଆମ୍ବେଦକର ଙ୍କୁ ମନେ ପକାଇବା
ଦେଶ ପାଇଁ ତାଙ୍କ ଅବଦାନ ତାଙ୍କୁ ଅମର କରିଲା
ତାଙ୍କ ଲିଖିତ ନିୟମ ଆଜି ଆମ ରକ୍ତରେ ପ୍ରବାହିତ
ଲୋକତନ୍ତ୍ର ଶାସନ ରେ ଜନତା ଦେଶ ର ପରିଚାଳକ
ଜାତି, ଧର୍ମ, ଭାଷା ନିର୍ବିଶେଷରେ ଧର୍ମନିରପେକ୍ଷ ରାଷ୍ଟ୍ର
ଆସ ରେ ପିଲେ ଆମେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା

ଏହାର କର୍ତ୍ତା ରବୀନ୍ଦ୍ରନାଥ ଟାଗୋର ଙ୍କୁ ସ୍ମରଣ କରିବା
ସେ ସାଧାରଣ ଜନତା ଙ୍କୁ ଦେଶ ଅଧିନାୟକ କଲେ
ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠା, ଦ୍ରାବିଡ଼, ଉତ୍କଳ, ବଙ୍ଗ
ଏ ସବୁ କୁ କରିଲେ ସେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ

ଆସ ରେ ଆମେ ସେହି ବିର ସହିଦ ଙ୍କୁ ସ୍ମରଣ କରିବା
ସ୍ୱାଧୀନ ଭାରତର ସ୍ୱପ୍ନ ଦେଖି ନିଜ ଜୀବନ ହାରିଲେ
ଯାହା ଙ୍କ ପାଇଁ ଆମେ ସ୍ୱାଧୀନତା ର ସ୍ୱାଦ ଚାଖିଲେ
ସେମାନେ ଚାଲିଗଲେ ଆମ ପାଇଁ ମାର୍ଗ ଗଢ଼ିଦେଲେ
ଆସ ରେ ପିଲେ ଆମେ ସଭିଏଁ ସେହି ମାର୍ଗ ରେ ଯିବା
ହତ୍ୟା, ଲୁଣ୍ଠନ,  ଥକାମୀ କୁ ସାମଜ ରେ ସ୍ଥାନ ନ ଦେବା
ସର୍ବଦା ସତ୍ୟ କହି ସତ ବାଟ କୁ ଆମେ ଅପଣେଇବା
ଦୁଃଖୀ,  ଦରିଦ୍ର ଆଉ ଅସହାୟ ଙ୍କୁ ସାହାଯ୍ୟ କରିବା
ଆସନ୍ତା କାଲି ଆମେ ସଭିଏଁ ବଡ ମଣିଷ ହେବା
ମାତୃଭୂମି ,ଦେଶ ପାଇଁ ନିଜ କର୍ତ୍ତବ୍ୟ ଭୁଲି ନ ଯିବା
ଆସ ରେ ପିଲେ ଆମେ ସଭିଏଁ ମିଶି ଶପଥ କରିବା
ଆସିଅଛି ବୋଲି ଆମ ଦେଶ ର ଗଣତନ୍ତ୍ର ଦିବସ
ଆସ ଆମେ ଆଜି ତ୍ରିରଙ୍ଗା ପତାକା ଉଡାଇ
ପାଳନ କରିବା କହି ଭାରତ ମାତା କ ଜୟ ଜୟ..

ନାବିକ,  ଭାରତୀୟ ନୌସେନା



# ମହାଦେବ ପାଦେ କର ଭକତି



ସତ୍ୟବ୍ରତ ସାହୁ

ସଂହାର କରତା ଦେବ ଦେବ ମହାଦେବ
ଅସଂଖ୍ୟ ତାଙ୍କର ନାମ କେ ବର୍ଣ୍ଣି ପାରିବ ।
ଆସୁଚ ଜାଗର ଭକ୍ତି ଚଢେ଼ ତାଙ୍କୁ ପୂଜିବା
ତାଙ୍କ ନାମ, ଗୁଣ ଶୁଣି ଶିବାଶିଷ ପାଇବା ।
ରୁଦ୍ର, ଶିବ, ପଞ୍ଚାନନ, ଈଶାନ ଓ ମହେଶ
ଅଳ୍ପରେ ସନ୍ତୋଷ ବୋଲି ନାମ ଆଶୁତୋଷ ।
ସ୍ମଶାନ ନିବାସୀ, ଭୂତପତି, ଭୂତନାଥ
ଭସ୍ମ ଲେପିତ ତନୁ ନାମ ଭୋଳାନାଥ ।
ଗଙ୍ଗାଧର, ମହେଶ୍ୱର, ଉମାକାନ୍ତ, ଗିରୀଶ
ବିଶ୍ୱନାଥ, ମୃତ୍ୟୁଞ୍ଜୟ, ଶିବେଶ୍ୱର, ଭୈରବ ।
ଯୋଗେଶ୍ୱର, ମହାକାଳ, ଗଣପତି ଜନକ
ତ୍ରିଲୋଚନ, ଚନ୍ଦ୍ରଚୂଡ, ଗଳେ ସର୍ପ ମଣ୍ଡିତ ।
କୈଳାସ ନିଆସୀ, ସମ୍ଭୁ, ନାମ ଚନ୍ଦ୍ରଶେଖର
ନୀଳକଣ୍ଠ ନାମ ତାଙ୍କ ପାନକରି ଜହର ।
ଜଟାଜୁଟ ଧାରୀ, ଈଷ, ସଦାଶିବ, ଶଙ୍କର
ଶୂଳପାଣି, ପଶୁପତି, ହର, ଡମ୍ବରୁଧର ।
ଧୂର୍ଜଟୀ, ଅଘୋର, ବ୍ୟୁପ୍ତକେଶ, ସର୍ପେଶ୍ୱର
ସଦ୍ୟୋଜାତ, ବାମଦେବ, ଷଡାନନ ପିଅର ।
ଭକ୍ତିରେ ଡାକଲେ ତାଙ୍କୁ ଦୁଃଖ ଦୂର କରନ୍ତି
ତେଣୁ ପିଲେ ତାଙ୍କ ପାଦେ ରଖିଥିବ ଭକତି ।



ପଲ୍ଲୀସାହି, କଂଆଳପୁର, ଅହିୟାସ, ଯାଜପୁର

# ଚନ୍ଦ୍ର



ମଧୁସ୍ମିତା ସାମଲ



ବରୀ, ଯାଜପୁର, ଓଡିଶା

# ଚନ୍ଦ୍ର



ପ୍ରକାଶ ସାହୁ




ନାବିକ, ଭାରତୀୟ ନୌସେନା

# ଚିତ୍ର



ସିମ୍ରନ ମଲ୍ଲିକ (ମାମା)






କୋଲକତା, ପଶ୍ଚିମବଙ୍ଗ

# ଚିତ୍ର



ଅନ୍ୱେଶିଖା ଅଭିଲିପ୍ସା ଆଚାର୍ଯ୍ୟ




AVS, Std- X, ଟିଟିଲାଗଡ, ବଲାଙ୍ଗୀର

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୧୧/୦୨/୨୦୧୮ | ପଙ୍କୋଦ୍ଧାର ଏକାଦଶୀ, ଉପବାସ ଓ ବ୍ରତ |
| ୧୨/୦୨/୨୦୧୮ | ମାସାନ୍ତ |
| ୧୩/୦୨/୨୦୧୮ | କୁମ୍ଭସଂକ୍ରାନ୍ତି, ଶରଣ ଆରମ୍ଭ |
| ୧୪/୦୨/୨୦୧୮ | ଶିବରାତ୍ରି (ଜାଗର), ଶିବଚତୁର୍ଦ୍ଦଶୀ ଉପବାସ, ବେଢା ପରିକ୍ରମା |
| ୧୫/୦୨/୨୦୧୮ | ଅମାବାସ୍ୟା, ଚନ୍ଦ୍ରକ୍ଷୟ ଓ ନଶିପାଳନ |
| ୧୭/୦୨/୨୦୧୮ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ୧୮/୦୨/୨୦୧୮ | ଶରଣ ଶେଷ |
| ୨୫/୦୨/୨୦୧୮ | ଫଗୁ ଦଶମୀ |
| ୨୬/୦୨/୨୦୧୮ | ସର୍ବସମ୍ମତ ପାପନାଶିନୀ ଏକାଦଶୀ, ଉପବାସ ଓ ବ୍ରତ |
| ୨୭/୦୨/୨୦୧୮ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୨୮/୦୨/୨୦୧୮ | ବର୍ହ୍ମ ଦୋଳ, ରାଜାଗ୍ନି, ଶିବଚତୁର୍ଦ୍ଦଶୀ ଓ ଉପବାସ |



# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com



ଧାଡିରେ ଆମେ ହେଲେ ଠିଆ
ମାଛମାନେ ଆଉ କରିବେ କଅାଁ
ତାକୁ ଥଂଟ ରେ ଧରି ପାଣିରୁ କାଢି
ଗିଳିଯିବା ଆମେ ଆକାଶେ ଉଡି

( ବିଜେତା: ପ୍ରକାଶ ସାହୁ, ବିଶାଖାପାଟନମ୍)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ

ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com



"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:**vedantimagazine@gmail.com** ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**